ପ୍ରାଚୀ ଗ୍ରନ୍ଥମାଳା

୫୨ ଖଣ୍ଡ

ଚତୁର ବିନୋଦ

ବ୍ରଜନାଥ

ବ୍ରଜନାଥ ଗ୍ରନ୍ଥାବଳୀ — ପ୍ରଥମ ଖଣ୍ଡ

ଚତୁର ବିନୋଦ

କବିବର ବ୍ରଜନାଥ ବଡ଼ଜେନା

ପାଠାନ୍ତର, ଟୀକା ଓ ବିସ୍ତୃତ ମୁଖବନ୍ଧ ସହ

ଶ୍ରୀ ସୁଧାକର ପଟ୍ଟନାୟକ, ବି.ଏ. ଙ୍କ ଦ୍ୱାରା

ସଂକଳିତ ଓ ସମ୍ପାଦିତ

ଚତୁର୍ଥ ସଂସ୍କରଣ

ପ୍ରାଚୀ ସମିତି ପକ୍ଷରୁ

ଷ୍ଟୁଡେଣ୍ଟସ୍ ଷ୍ଟୋର୍

ଦ୍ୱାରା ପ୍ରକାଶିତ

୧୯୪୬

ମୂଲ୍ୟ ଏକଟଙ୍କା ଦୁଇଅଣା ।

ମୁଖବନ୍ଧ

ସମ୍ପାଦକର କୈଫିୟତ୍ ।

ବହୁମୁଖୀ ପ୍ରତିଭାଶାଳୀ କବି ବ୍ରଜନାଥ ବଡ଼ଜେନାଙ୍କ ଲିଖିତ ଗ୍ରନ୍ଥମାନଙ୍କ ମଧ୍ୟରେ ଚତୁର ବିନୋଦ ଖଣ୍ଡିଏ ଉପାଦେୟ ଗଦ୍ୟ ଗ୍ରନ୍ଥ । ଏପର୍ଯ୍ୟନ୍ତ ବିଭିନ୍ନ ସମ୍ପାଦକଙ୍କର ଚତୁର ବିନୋଦର ଦୁଇଗୋଟି ସଂସ୍କରଣ ପ୍ରକାଶିତ ହୋଇଅଛି । ସଙ୍ଗୀତସାଗର ଗ୍ରନ୍ଥର ପ୍ରକାଶକ ଢେଙ୍କାନାଳବାସୀ ୰ ଦାମୋଦର ପଟ୍ଟନାୟକ ସର୍ବପ୍ରଥମେ ଖ୍ରୀ ୧୯୦୪ ରେ କବି ବ୍ରଜନାଥଙ୍କ ପ୍ରଣୀତ ଓଡ଼ିଆ ଭାଷାର ଏକମାତ୍ର ସମରଗୀତିକା ସମର ତରଙ୍ଗ ପ୍ରକାଶ କରି କବିଙ୍କୁ ଉତ୍କଳ ସାହିତ୍ୟ କ୍ଷେତ୍ରରେ ପରିଚିତ କରାଇ ଉତ୍କଳ ଭାଷାର ମର୍ଯ୍ୟାଦା ବୃଦ୍ଧି କଲେ । ସେଥିଯୋଗୁଁ ସେ ଧନ୍ୟବାଦାର୍ହ । ସ୍ୱର୍ଗତଃ ଦାମୋଦର ପଟ୍ଟନାୟକଙ୍କର ପୁତ୍ର ଶ୍ରୀ ସୂର୍ଯ୍ୟନାରାୟଣ ପଟ୍ଟନାୟକ ୧୯୨୨ ସାଲରେ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ଚତୁର ବିନୋଦ ପ୍ରଥମେ ପ୍ରକାଶ କଲେ, ମାତ୍ର କେତେକ କାରଣରୁ ଏହି ବହୁମୂଲ୍ୟ ଗ୍ରନ୍ଥ ଖଣ୍ଡି ସମ୍ୟକ୍‌ଭାବରେ ପାଠକ ସାଧାରଣଙ୍କର ଗୋଚରୀଭୂତ ହେଲା ନାହିଁ । ସେ ସଂସ୍କରଣଟି ଅତି ତରତରରେ ପ୍ରକାଶିତ ହୋଇଥିଲା ପରି ମନେ ହୁଏ, ତେଣୁ ତହିଁରେ କିଛିମାତ୍ର ମୁଦ୍ରଣ ପରିପାଟୀ ନ ଥିଲା । ଦ୍ୱିତୀୟତଃ ତାହାର ଯଥେଷ୍ଟ ପ୍ରଚାର ନିମିତ୍ତ ପ୍ରକାଶକ ଦୃଷ୍ଟି ଦେଇଥିବା ପରି ବୋଧହୁଏ ନାହିଁ । ତଦୁପରି ପ୍ରାୟ ଏହି ସମୟରେ ପ୍ରିଣ୍ଟିଂକୋମ୍ପାନୀଙ୍କର ଅବସ୍ଥା ବିପର୍ଯ୍ୟୟ ଘଟିବାରୁ ବହୁସଂଖ୍ୟକ ପୁସ୍ତକ ପ୍ରକାଶକଙ୍କ ଘରେ ଓ ପ୍ରିଣ୍ଟିଂ କୋମ୍ପାନୀଙ୍କ ଛାପାଖାନା ଆଦିରେ ପଡ଼ି ରହିଲା । ବର୍ତ୍ତମାନ ସେ ସଂସ୍କରଣ ଲୁପ୍ତ ପ୍ରାୟ ।

ଚତୁର ବିନୋଦ

ପ୍ରଥମ ମୁଦ୍ରଣର ବାଇଶି ବର୍ଷ ପରେ ରାୟ ବାହାଦୂର ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ ଚତୁର ବିନୋଦର ଗୋଟିଏ ନୂତନ ସଂସ୍କରଣ ଗତ ବର୍ଷ (୧୯୪୪) ପ୍ରକାଶ କରିଅଛନ୍ତି । ସୁତରାଂ, ତାହା ପରେ ଏତେ ଶୀଘ୍ର ଏଥର ପୁଣି ଆଉ ଗୋଟିଏ ନୂତନ ସଂସ୍କରଣର କି ଆବଶ୍ୟକତା ଥାଇ-ପାରେ ? ତେଣୁ ଏ ସମ୍ବନ୍ଧରେ ବର୍ତ୍ତମାନ ସମ୍ପାଦକର ଗୋଟାଏ କୈଫିୟତ ଦେବା ଆବଶ୍ୟକ ହୋଇ ପଡ଼ିଅଛି ।

ଏହି ଗ୍ରନ୍ଥ ଖଣ୍ଡି ପ୍ରାୟ ଦୁଇଶତ ବର୍ଷ ପୂର୍ବର ଲେଖା । ସୁତରାଂ, ଓଡ଼ିଆ ଗଦ୍ୟ ସାହିତ୍ୟର କ୍ରମବିକାଶର ପ୍ରଧାନ ନିଦର୍ଶନ ସ୍ୱରୂପ ଚତୁର ବିନୋଦର ସ୍ଥାନ ସାହିତ୍ୟ କ୍ଷେତ୍ରରେ ଅତି ଉଚ୍ଚ । ଏଣୁ ସେ କାଳର କବିଙ୍କର ଭାଷା ଉପରେ ହସ୍ତକ୍ଷେପ କରିବା ଆମ୍ଭମାନଙ୍କର ଅଧିକାର ନାହିଁ ଏବଂ ତାହା କରିବା ଉଚିତ ମଧ୍ୟ ନୁହେଁ । ଯଦି କରାଯାଏ ତାହା ଅକ୍ଷମଣୀୟ । ଏହିଭାବରେ ଦେଖିଲେ ଶ୍ରୀମାନ୍ ସୂର୍ଯ୍ୟନାରାୟଣ ପଟ୍ଟନାୟକ ଚତୁର ବିନୋଦକୁ ସର୍ବପ୍ରଥମ ଉତ୍କଳର ପାଠକ ସାଧାରଣଙ୍କ ଦୃଷ୍ଟିକୁ ଆଣିଥିବା ଯୋଗୁଁ ଧନ୍ୟବାଦାର୍ହ ହେଲେ ମଧ୍ୟ ପ୍ରାଚୀନ କବିଙ୍କ ଲେଖା ଉପରେ ତଥାକଥିତ ଅଶ୍ଳୀଳତା ବର୍ଜ୍ଜନ ନାମରେ ଅଯଥାଭାବରେ ଯଥେଚ୍ଛା କଲମ ଚଳାଇ ଅନ୍ୟାୟ କରି-ଅଛନ୍ତି ।

ଦୁଃଖର ବିଷୟ ଶ୍ରଦ୍ଧେୟ ରାୟ ବାହାଦୂର ତାଙ୍କ ସଂସ୍କରଣରେ ଶ୍ରୀମାନ ସୂର୍ଯ୍ୟନାରାୟଣଙ୍କ ସଂସ୍କରଣର ଅକ୍ଷରିକ ନକଲ ଗ୍ରହଣ କରି-ଅଛନ୍ତି । ତାଙ୍କ ଭଳି ଜଣେ ସାହିତ୍ୟିକ ପୋଥି ଖଣ୍ଡିଏ ସଂଗ୍ରହ କରି ତାହା ସଙ୍ଗେ ତୁଳନା କରି ନୂତନ ସଂସ୍କରଣଟି ପ୍ରକାଶ କରିଥିଲେ ଉତ୍କଳ ସାହିତ୍ୟର ବିଶେଷ ଉପକାର ହୋଇଥାନ୍ତା । ଉତ୍କଳ ସାହିତ୍ୟ ତଥା ଉତ୍କଳଭାଷାର ଇତିହାସ ଆଲୋଚନା ବେଳେ ଉପରୋକ୍ତ କାରଣରୁ

ଏ ଉଭୟ ସଂସ୍କରଣର ମୂଲ୍ୟ ନ୍ୟୁନ ବୋଲି ଧରିବାକୁ ହେବ । ଏଣୁ ମୋତେ ପୁଣି କବିଙ୍କ ଭାଷାକୁ ବଜାୟ ରଖି ଯଥାସମ୍ଭବ ଶୁଦ୍ଧଭାବରେ ଏ ସଂସ୍କରଣଟି ସମ୍ପାଦନ କରିବାକୁ ପଡ଼ିଲା ।

କବି ପରିଚୟ ।

ଚତୁର ବିନୋଦର କବି ବ୍ରଜନାଥ ବଡ଼ଜେନା ଢେଙ୍କାନାଳବାସୀ ଥିଲେ । ବର୍ତ୍ତମାନ ସୁଦ୍ଧା ତାଙ୍କର ବଂଶଧରମାନେ ଢେଙ୍କାନାଳ ଗଡ଼ରେ ଏବଂ ମଫସଲରେ ମାଧପୁର ଓ ମହୁଲପାଳ ଗ୍ରାମରେ ବାସ କରୁଅଛନ୍ତି ।

ନିଜ ସମ୍ବନ୍ଧରେ ବ୍ରଜନାଥ ତାଙ୍କର ଅପ୍ରକାଶିତ କେଳିକଳାନିଧି ଗ୍ରନ୍ଥର ୧୬ ଶ ଛାନ୍ଦରେ ଲେଖିଅଛନ୍ତି,

'ବର୍ଣ୍ଣିରେ ଅଟୁ ଅମ୍ଭେ ଶିଷ୍ଟ କରଣ,
ରଘୁ ଅରକ୍ଷିତଙ୍କ ବଂଶେ ନପୁତ୍ର ଯେ ।'

ଶ୍ୟାମରସୋତ୍ସବରେ ମଧ୍ୟ ସେହିପରି ଲେଖିଅଛନ୍ତି,

'ଶିଷ୍ଟ କରଣ କୁଳରେ ଜନମ ଢେଙ୍କାନାଳରେ
ବାସ କରୁ କାଳୁଁ ହେଲା ବିଷୟୀବଣେ
ଶ୍ରୀନୀଳାଦ୍ରି ଥିଲା ବାସ ରଘୁ ଅରକ୍ଷିତ ବଂଶ
ମୁହିଁ ରତ୍ନାକରୁ ବିଷ ଜନ୍ମିଲା ଅଣେ
× × × × ।'

ଏସବୁରୁ ଜଣାଯାଏ ଶିଷ୍ଟକରଣ କୁଳରେ ଉତ୍କଳର ପୁରାଣପ୍ରସିଦ୍ଧ ଭକ୍ତପ୍ରବର ରଘୁ ଅରକ୍ଷିତଙ୍କ ବଂଶରେ ସେ ଜନ୍ମଗ୍ରହଣ କରିଥିଲେ ।

ଶିଷ୍ଟକରଣ କୁଳରେ ଜନ୍ମଗ୍ରହଣ କରି ସୁଦ୍ଧା ଉତ୍ତର ଓଡ଼ିଶାବାସୀ ମୁଷ୍ଟିମେୟ କେତୋଟି ପରିବାର ଛଡ଼ା ପ୍ରାୟ ସମସ୍ତ ଶିଷ୍ଟକରଣମାନଙ୍କ ପରି ଏ ବଂଶଟିରେ ମଧ୍ୟ ନିଜର କୌଳିକ ବୈଶିଷ୍ଟ୍ୟ ଉପନୟନ ପ୍ରଥା

ପରିତ୍ୟକ୍ତ ହୋଇ ସାରିଅଛି । ସମ୍ଭବତଃ କବିଙ୍କ ସମୟରେ ମଧ୍ୟ ଏ ବଂଶର ଜାତିଗତ ଅଭିମାନ ଶିଥିଳ ହୋଇ ଯାଇଥିଲା । ତେଣୁ ଆମ୍ଭେମାନେ ଦେଖୁଁ କବି ଗୋପୀବଲ୍ଲଭ ପ୍ରଣୀତ ଅନ୍ୟ କେତେକ ଖଣ୍ଡ ଗ୍ରନ୍ଥରେ ନିଜକୁ ଶିଷ୍ଟକରଣ ନ ଲେଖି କେବଳ କରଣ ବୋଲି ବର୍ଣ୍ଣନା କରିଅଛନ୍ତି ।

ମାଦଳା ପାଞ୍ଜି ଅନୁସାରେ ଯେଉଁ 'ଗୋସାଇଁମାନେ ରାଜା ପ୍ରତାପରୁଦ୍ରଙ୍କୁ ଭଗବତ୍ ଦୀକ୍ଷାରେ ଭୋଳ କରିଥିଲେ' ରଘୁ ଅରକ୍ଷିତ ସେମାନଙ୍କ ମଧ୍ୟରୁ ଏକତମ । ସେ ଶ୍ରୀଚୈତନ୍ୟଦେବଙ୍କର ସମସାମୟିକ ଥିଲେ (ମାଦଳା ପାଞ୍ଜି-ପ୍ରାଚୀ, ପୃ ୫୪ ଷ୍ଠା) । ଖ୍ରୀ ୧୫୩୩ ଅବ୍ଦରେ ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟ ଦେବଙ୍କର ତିରୋଧାନ ହେଲା ଏବଂ ତାହାର ଛଅ ବର୍ଷ ପରେ ଅର୍ଥାତ୍ ପ୍ରାୟ ୧୫୪୦ ଅବ୍ଦରେ ପ୍ରତାପରୁଦ୍ରଙ୍କର ମୃତ୍ୟୁ ହେଲା । ଏଥିରୁ ଜଣାଯାଏ ରଘୁ ଅରକ୍ଷିତ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟ ପାଦରେ ଜୀବିତ ଥିଲେ ।

କବି ସମରତରଙ୍ଗର ସପ୍ତମ ଛାନ୍ଦରେ ତାଙ୍କ ପୋଷକ ଢେଙ୍କାନାଳ ରାଜା ତ୍ରିଲୋଚନ ମହୀନ୍ଦ୍ର ବାହାଦୂରଙ୍କ ପ୍ରଶସ୍ତି ବର୍ଣ୍ଣନାରେ ଲେଖିଅଛନ୍ତି

'ଏହି ପ୍ରଭୁଙ୍କ ଆଠ ପୁରୁଷ ଲୋକ
ମୁହିଁ ଅଟଇ ଏହା ଜାଣନ୍ତି ଲୋକ ହେ ।'

ପୁଣି କେଳିକଳାନିଧିର ୧୬ଶ ଛାନ୍ଦରେ ଲେଖିଅଛନ୍ତି,

ତାଙ୍କର :—'ଶ୍ରୀକ୍ଷେତ୍ରବରେ ପୂର୍ବ ନିବାସ ଥିଲା
ବୃଦ୍ଧବଂଶରେ ସେହୁ ଅନ୍ତର ହେଲା ଯେ
ତହୁଁ କେତେ କାଳ ଗଲା ଓଡ଼ିଶାରେ
ଷଷ୍ଠ ପୁରୁଷ ହେଲା ଢେଙ୍କାନାଳରେ ଯେ ।'

ଏଣୁ ପ୍ରଥମ ଦୃଷ୍ଟିରେ ଉପରୋକ୍ତ ଦୁଇ ପଦ୍ୟାଂଶରେ କିଛି ଅସାମଞ୍ଜସ୍ୟ ଥିଲା ପରି ବୋଧହୁଏ, ମାତ୍ର ଟିକିଏ ବିଶେଷଭାବରେ ବିଚାର କରି ଦେଖିଲେ ମନେ ହୁଏ ଏ ଉଭୟ ଗ୍ରନ୍ଥରେ କବି କହିଅଛନ୍ତି ଯେ ତାଙ୍କ ପର୍ଯ୍ୟନ୍ତ ତାଙ୍କ ବଂଶର ଛଅ ପୁରୁଷ ଢେଙ୍କାନାଳରେ ବାସ କରୁଥିଲେ ଏବଂ କବିଙ୍କ ଛଅ ପୁରୁଷ ଢେଙ୍କାନାଳ ରାଜବଂଶର ଆଠ ପୁରୁଷ ଭୋଗ କରିଥିଲେ ।

ଢେଙ୍କାନାଳ ରାଜା ତ୍ରିଲୋଚନ ମହୀନ୍ଦ୍ର ବାହାଦୂର ଓ ଖୋରଧାର ଭୋଇ ବଂଶୀୟ ରାଜା ୧ମ ବୀରକିଶୋର ଦେବ ଓ ୨ୟ ଦିବ୍ୟସିଂହ ଦେବଙ୍କର ବ୍ରଜନାଥ ସମସାମୟିକ ଥିଲେ । ଓଡ଼ିଶାର ତତ୍କାଳୀନ ମରହଟ୍ଟା ସୁବାଦାର ରାଜାରାମ ପଣ୍ଡିତ ଓ ତାଙ୍କ ପ୍ରଭୁ ନାଗପୁରରାଜ ମୁଢ଼ୋଜୀ ଭୌଁସଲେଙ୍କ ପୁତ୍ର ଚିମନାଜୀ ବାପୁଙ୍କ ସହିତ ଢେଙ୍କାନାଳ ରାଜା ତ୍ରିଲୋଚନ ମହୀନ୍ଦ୍ର ବାହାଦୂରଙ୍କର ଘଟିଥିବା ଯୁଦ୍ଧର ବର୍ଣ୍ଣନା କରି ତାକୁ ସମର ତରଙ୍ଗ ନାମରେ ତ୍ରିଲୋଚନଙ୍କ ନିକଟରେ ଭେଟି ସେ ଢେଙ୍କାନାଳରୁ କୁଆଁଗାଁ ନାମକ ଗ୍ରାମ ପୁରସ୍କାର ପାଇଥିଲେ * । ଖୋରଧାର ରାଜା ୨ୟ ଦିବ୍ୟସିଂହ ଦେବଙ୍କ ଆଦେଶରେ ଶ୍ରୀକ୍ଷେତ୍ରର ଗୁଣ୍ଡିଚା ମହୋତ୍ସବର ବର୍ଣ୍ଣନା 'ଗୁଣ୍ଡିଚା ବିଜେ' ନାମରେ ସେ ହିନ୍ଦିଭାଷାରେ ଲେଖିଥିଲେ † ।

ଖୋରଧା ରାଜା ୨ୟ ଦିବ୍ୟସିଂହ ଦେବଙ୍କ ରାଜତ୍ୱକାଳ ଖ୍ରୀ. ୧୭୮୦-୮୧ରୁ ୧୭୯୮-୯୯ ପର୍ଯ୍ୟନ୍ତ ଏହା ପ୍ରାୟ ସର୍ବବାଦିସମ୍ମତ ଏବଂ ଏହା ଇଂରାଜମାନଙ୍କର ଓଡ଼ିଶା ଅଧିକାରର ଏତେ ନିକଟରେ ଯେ ତାଙ୍କର ଏହି ରାଜତ୍ୱକାଳ ନିଶ୍ଚିତ ବୋଲି ଗ୍ରହଣ କରାଯାଇପାରେ । ଢେଙ୍କାନାଳର ଇତିହାସ ଲେଖକ ଶ୍ରୀ ରାମଚନ୍ଦ୍ର ନନ୍ଦ ଭକ୍ତିବିନୋଦଙ୍କ

* ସମର ତରଙ୍ଗ, ୭ମ ଛାନ୍ଦ ।

† ଗୁଣ୍ଡିଚା ବିଜେ ଦ୍ରଷ୍ଟବ୍ୟ ।

ମତରେ ଢେଙ୍କାନାଳ ରାଜା ତ୍ରିଲୋଚନ ମହାନ୍ତ ବାହାଦୂର ଖ୍ରୀ: ୧୭୪୭ ରୁ ୧୭୮୫ ପର୍ଯ୍ୟନ୍ତ ରାଜ୍ୟପଣ କରିଥିଲେ । ୧୯୦୪ ସାଲରେ ସ୍ୱର୍ଗତ ଦାମୋଦର ପଟ୍ଟନାୟକ ତାଙ୍କ ସମ୍ପାଦିତ ସମର ତରଙ୍ଗର ନିବେଦନରେ ତ୍ରିଲୋଚନଙ୍କର ସମୟ ୧୭୬୪-୯୮ ଲେଖିଥିଲେ ଏବଂ ଶ୍ୟାମ-ସୁନ୍ଦର ସମ୍ପାଦକ ଶ୍ରୀ ରାଜକିଶୋର ପଟ୍ଟନାୟକ କବିଭୂଷଣଙ୍କ ମତରେ ତ୍ରିଲୋଚନଙ୍କର ସମୟ ୧୭୭୨-୯୫ । ସମରତରଙ୍ଗର ହିନ୍ଦୁସ୍ଥାନ ଗ୍ରନ୍ଥମାଳା ସଂସ୍କରଣର ମୁଖବନ୍ଧ ଲେଖିକା ଶ୍ରୀମତୀ ସରଳାଦେବୀ ଏବଂ ରାୟ ବାହାଦୁର ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ ଏହି ଶେଷୋକ୍ତ ସମୟକୁ ତ୍ରିଲୋଚନଙ୍କର ରାଜତ୍ୱକାଳ ବୋଲି ଗ୍ରହଣ କରିଅଛନ୍ତି ।

ଅନୁମାନ ହୁଏ ଖ୍ରୀ: ୧୭୭୨ ସାଲରେହିଁ ତ୍ରିଲୋଚନ ଢେଙ୍କାନାଳ ସିଂହାସନ ଅଧିକାର କରିଥିଲେ । ତ୍ରିଲୋଚନ ଯେ ଢେଙ୍କାନାଳ ସିଂହାସନର ନ୍ୟାଯ୍ୟ ଅଧିକାରୀ ନ ଥିଲେ ଏହା ନିଶ୍ଚିତ । କଥିତ ଅଛି ଯେ ଢେଙ୍କାନାଳର ଭୀମନଗରୀ ଦଣ୍ଡପାଟ ଅନ୍ତର୍ଗତ ମୋଟଙ୍ଗା ଗ୍ରାମ (ବର୍ତ୍ତମାନ ମେରାମଣ୍ଡଳୀ ରେଲଷ୍ଟେଶନ ନିକଟବର୍ତ୍ତୀ) ର ଜଣେ ଅଧିବାସୀ ଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ତାଙ୍କର ବଂଶଧରମାନେ ସେଠାରେ ବାସ କରୁଅଛନ୍ତି । ଢେଙ୍କାନାଳ ସିଂହାସନ ଅଧିକାର କରିବା ପୂର୍ବରୁ ତାଙ୍କର ନାମ ଥିଲା ତ୍ରିଲୋଚନ ସିଂହ । ଢେଙ୍କାନାଳର ଇତିହାସ ଅନୁସାରେ ଯାହା ତ୍ରିଲୋଚନଙ୍କର ପୂର୍ବବର୍ତ୍ତୀ ଢେଙ୍କାନାଳ ରାଜା ଦାମୋଦର ଭ୍ରମରବର ରାୟ କେବଳମାତ୍ର ବରଷେ ଆଠମାସ ରାଜତ୍ୱ କରି ତାଙ୍କର ଜଣେ ପୂର୍ବ ଶତ୍ରୁ ମୁସଲମାନ ସର୍ଦ୍ଦାର ମିଆଁ ମର୍ଜାନ୍ ହସ୍ତରେ ନିହତ ହେଲେ । ସେ ନିଃସନ୍ତାନ ଥିଲେ । କିଛିକାଳ ରାଜ୍ୟ ଅରାଜକ ରହିବାରୁ ପାତ୍ରମନ୍ତ୍ରୀମାନେ ତ୍ରିଲୋଚନ ସିଂହଙ୍କୁ ରାଜପଦରେ ନିର୍ବାଚନ କଲେ । ମାତ୍ର ଏପରି କ୍ଷେତ୍ରରେ ପାତ୍ର-

ମନ୍ତ୍ରୀମାନେ ଆପଣା ଭିତରୁ ବା ଢେଙ୍କାନାଳ ରାଜବଂଶ ସହିତ ସମ୍ପୃକ୍ତ ଅନ୍ୟ କୌଣସି ନିକଟବର୍ତ୍ତୀ ଗଡ଼ଜାତ ରାଜବଂଶରୁ କାହାକୁ ନିର୍ବାଚନ ନ କରି ମଫସଲରୁ ଜଣେ ସାମାନ୍ୟ ଲୋକକୁ ଆଣି ନିଜର ପ୍ରଭୁ ପଦରେ ବରଣ କରି ସେହି ରାଜ୍ୟର ରାଜସିଂହାସନ ପ୍ରଦାନ କରିଥିବେ ଏହା ସମ୍ଭବପର ବୋଧ ହେଉ ନାହିଁ । ପକ୍ଷାନ୍ତରେ ମୁସଲମାନ ଇତିହାସ ସୂତ୍ରରୁ ଜଣାଯାଏ ଓଡ଼ିଶା ଯେତେବେଳେ ବଙ୍ଗ ନବାବମାନଙ୍କର ଅଧୀନରେ ଏବଂ ଓ୍ୱାରେନ୍ ହେଷ୍ଟିଂସ ଯେତେବେଳେ କଲିକତାରେ ଇଷ୍ଟଇଣ୍ଡିଆ କୋମ୍ପାନୀର ଗଭର୍ଣ୍ଣର, ସେହି ସମୟରେ ଖ୍ରୀ: ୧୭୬୯ ମସିହା ଜୁନ ମାସ ତା ୧୪ ରିଖରେ ମୁରଶିଦାବାଦର ନାଏବ ନାଜିମ ମହମ୍ମଦ ରେଜା ଖାଁ ଢେଙ୍କାନାଳର ଭୂତପୂର୍ବ ରାଜା ଦାମୋଦର ସିଂହଙ୍କର ପୁତ୍ର ରାଜା ଜୟନାରାୟଣଙ୍କ ଠାରୁ ଏକ ପତ୍ର ପାଇଥିଲେ । ଉକ୍ତ ପତ୍ରକୁ ରେଜା ଖାଁ ଓ୍ୱାରେନ୍ ହେଷ୍ଟିଂସଙ୍କ ନିକଟ ଆଦେଶ ନିମନ୍ତେ କଲିକତା ପଠାଇ ଦେଲେ । ସେଥିରେ ରାଜା ଜୟନାରାୟଣ ଲେଖିଥିଲେ, "ଦୁଇମାସ ପୂର୍ବରୁ ମୋର ପିତାଙ୍କର ମୃତ୍ୟୁ ଘଟିଅଛି, ମରହଟ୍ଟାମାନେ ମୋର ରାଜ୍ୟ ଲୁଣ୍ଠନ କରିଅଛନ୍ତି । (ଓଡ଼ିଶାର ମରହଟ୍ଟା ସୁବାଦାର) ଶମ୍ଭାଜୀ ଗଣେଶ ଯେ ଯାଜପୁରରେ ଅବସ୍ଥାନ କରୁଅଛନ୍ତି ସେ ରାଜା ଜାନୋଜୀ (ନାଗପୁରର ଭୋଁସଲା)ଙ୍କ ବିରୁଦ୍ଧରେ ବିଦ୍ରୋହ କରିଅଛନ୍ତି । ଏଣୁ ଜାନୋଜୀଙ୍କ ଆଦେଶରେ ତାଙ୍କ ଲୋକେ ଶମ୍ଭାଜୀଙ୍କୁ ନାଗପୁରକୁ ଡାକି ନେବାକୁ ଦାକ୍ଷିଣାତ୍ୟରୁ ଆସିଅଛନ୍ତି । ବାଲେଶ୍ୱରରୁ କଟକ ପର୍ଯ୍ୟନ୍ତ ସମସ୍ତ ଦେଶ ଅରକ୍ଷିତଭାବରେ ରହିଅଛି ଏବଂ ଶମ୍ଭାଜୀଙ୍କର ତାହା ଲୁଣ୍ଠନ କରିବା ଉଦ୍ଦେଶ୍ୟ ଅଛି । ଯଦି ଲେଖକ ଖଣ୍ଡେ ଉତ୍ସାହଜନକ ଉତ୍ତର ପାଆନ୍ତି ତେବେ ସେ ନିଜ ରାଜ୍ୟରେ ସନ୍ତୁଷ୍ଟ ଚିତ୍ତରେ ରହିବେ । ଲେଖକ ତାଙ୍କର ଭାଇଙ୍କୁ

ମୁରଶିଦାବାଦ ପଠାଉଅଛନ୍ତି । ସେ ଯାଇ ଖାଁଙ୍କ ନକଟରେ ସମସ୍ତ ଘଟନା ନଜେ ବର୍ଣ୍ଣନା କରବେ * ।”

ଏଥିରୁ ସ୍ପଷ୍ଟ ଅନୁମାନ ହୁଏ ରାଜା ଦାମୋଦର ନଃସନ୍ତାନ ନ ଥିଲେ ବରଂ ତାଙ୍କର ଅନ୍ତତଃ ଦୁଇଗୋଟି ପୁତ୍ର ଥିବାର ନଶ୍ଚିତ ଏବ ସେମାନେ ଶକ୍ତିଶାଳୀ ନ ଥିଲେ । ଖୁବ୍ ସମ୍ଭବତଃ ତ୍ରିଲୋଚନ ସେମାନଙ୍କୁ ନହତ କର ଢେଙ୍କାନାଳ ସିଂହାସନ ଅଧିକାର କରଥିଲେ । ଏଥିରୁ ମନେ ହୁଏ ସେ ଜଣେ ରାଜ୍ୟାପହାରୀ (usurper) ଛଡ଼ା ଅନ୍ୟକଛି ନ ଥିଲେ । ମାତ୍ର ତାହା ହୋଇଥିଲେ ହେଁ ତ୍ରିଲୋଚନ ଯେ ଜଣେ ଅତ୍ୟନ୍ତ ଶକ୍ତିଶାଳୀ ରାଜା ଥିଲେ ଏଥିରେ ସନ୍ଦେହ ନାହିଁ । ରାଜା ଜୟ-ନାରାୟଣଙ୍କର ୧୭୬୯ ଜୁନ ମାସର ପତ୍ରରୁ ଅନୁମାନ କରବାକୁ ହେବ ତ୍ରିଲୋଚନଙ୍କର ରାଜତ୍ୱକାଳ ତତ୍ପୂର୍ବବର୍ତ୍ତୀ ହୋଇ ନ ପାରେ । ଜୟ-ନାରାୟଣଙ୍କର ସ୍ୱଳ୍ପକାଳ ରାଜତ୍ୱ, ଶମ୍ଭାଜୀ ଗଣେଶଙ୍କର ଆନୁମାନକ ଅତ୍ୟାଚାର ଓ ତାହାର ପରବର୍ତ୍ତୀ ଅରାଜକତା ଆଦ ବଚାର କଲେ ତ୍ରିଲୋଚନଙ୍କର ରାଜତ୍ୱ ୧୭୭୨ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିବା ଅସମ୍ଭବ ମନେ ହେଉ ନାହିଁ ।

ପୂର୍ବେ କୁହା ଯାଇଅଛୁ ବ୍ରଜନାଥଙ୍କ ସମୟରେ ଅର୍ଥାତ୍ ତାଙ୍କ ପୋଷକ ତ୍ରିଲୋଚନଙ୍କ ରାଜତ୍ୱକାଳରେ ଢେଙ୍କାନାଳରେ କବ-ଙ୍କର ଷଷ୍ଠ ପୁରୁଷ ଢେଙ୍କାନାଳ ରାଜବଂଶର ଅଷ୍ଟମ ପୁରୁଷ ଭୋଗ କର-ଥିଲେ । ସୁତରାଂ, ତ୍ରିଲୋଚନଙ୍କର ପୂର୍ବତନ ସପ୍ତମ ପୁରୁଷ ରାଜାଙ୍କ ସମୟରେ ଅର୍ଥାତ୍ ତ୍ରିଲୋଚନଙ୍କର ପ୍ରାୟ ୨୫ × ୭ = ୧୭୫ ବର୍ଷ ପୂର୍ବେ ବା ୧୭୭୨—୧୭୫ = ଆନୁମାନକ ୧୬୦୦ ଖ୍ରୀଷ୍ଟାବ୍ଦର ଆଖ-

* Calendar of Persian Correspondence, Vol. II, pp. 382-83, Nos. 1477, 1481-83.

ପାଖରେ ବ୍ରଜନାଥଙ୍କର କେହି ପୂର୍ବପୁରୁଷ ଢେଙ୍କାନାଳକୁ ଆସିଥିବା ସମ୍ଭବ।

ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟ ପାଦରେ ମହାରାଜ ପ୍ରତାପରୁଦ୍ରଙ୍କ ସମୟରେ ଭକ୍ତପ୍ରବର ରଘୁ ଅରକ୍ଷିତ ଶ୍ରୀକ୍ଷେତ୍ରରେ ବାସ କରୁଥିଲେ ବୋଲି କହନ୍ତି। ପ୍ରତାପରୁଦ୍ରଙ୍କ ମୃତ୍ୟୁର ଅତ୍ୟଳ୍ପକାଳ ପରେ ଉତ୍କଳର ବିଖ୍ୟାତ ସୂର୍ଯ୍ୟବଂଶର ଅବସାନ ହେଲା ଏବଂ ବିଶ୍ୱାସଘାତକ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ପ୍ରତାପରୁଦ୍ରଙ୍କ ବଂଶ ନିପାତ କରି ନିଜେ ଉତ୍କଳ ସିଂହାସନ ଅଧିକାର କଲେ। ସମ୍ଭବତଃ ଏହି ସମୟରେ ଅର୍ଥାତ୍ ପ୍ରାୟ ୧୫୫୦ ଖ୍ରୀଷ୍ଟାବ୍ଦର ଆଖପାଖର ଅରାଜକତା ସମୟରେ ବା ତାହାର କିଛିକାଳ ପରେ କଳାପାହାଡ଼ର ଅତ୍ୟାଚାର ସମୟରେ ରଘୁଅରକ୍ଷିତ ନିଜେ କିମ୍ବା ତାଙ୍କ ମୃତ୍ୟୁପରେ ତାଙ୍କର ବଂଶଧର ପୁରୁଷୋତ୍ତମ ଛାଡ଼ି ଖୋରଧା (ଓଡ଼ିଶା)କୁ ଉଠି ଯାଇଥିବେ। ମୁସଲମାନ ଓ ମରହଟ୍ଟାମାନଙ୍କ ଅତ୍ୟାଚାର ଯୋଗୁଁ ଉତ୍କଳ ସିଂହାସନ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଲା। ସମ୍ଭବତଃ ଖୋରଧାରେ ପ୍ରାୟ ତିନି ପୁରୁଷ ବା ଅନ୍ୟୂନ ୫୦ ବର୍ଷ ରହିବା ପରେ ୧୬୦୦ ସାଲର ଆଖପାଖରେ ଏହି ବଂଶ ଖୋରଧାରେ ରହିବା ମଧ୍ୟ ଆଉ ନିରାପଦ ମନେ ନ କରି ମହାନଦୀର ଅପରପାରରେ ଦୁର୍ଗମ ଗିରି-କନ୍ଦର ମଧ୍ୟସ୍ଥ ଢେଙ୍କାନାଳକୁ ଉଠିଯାଇ ସେଠାରେ ସ୍ଥିରଭାବରେ ବସବାସ କରିଥିବେ।

ଢେଙ୍କାନାଳର ଇତିହାସ ଏବଂ ରାୟବାହାଦୂରଙ୍କ ମତରେ ବ୍ରଜନାଥ ରଘୁ ଅରକ୍ଷିତଙ୍କର ଚତୁର୍ଥ ବଂଶଧର ଥିଲେ, ମାତ୍ର ଉପରି-ଲିଖିତ ପ୍ରମାଣ ଦୃଷ୍ଟିରେ ଏହା ଠିକ୍ ବୋଲି ଗ୍ରହଣ କରାଯାଇ ନ ପାରେ। ପ୍ରକୃତ ପକ୍ଷରେ ବ୍ରଜନାଥ ରଘୁ ଅରକ୍ଷିତଙ୍କର ଅଧସ୍ତନ ନବମ ବା ଦଶମ ବଂଶଧର ଥିଲେ।

ଶ୍ୟାମସୁନ୍ଦରଙ୍କର ସମ୍ପାଦକ ତାହାର ମୁଖବନ୍ଧରେ ଶ୍ରୀକୃଷ୍ଣ ମହାପାତ୍ରଙ୍କୁ ରଘୁ ଅରକ୍ଷିତଙ୍କର ଅଧସ୍ତନ ତୃତୀୟ ବଂଶଧର ବୋଲି ଲେଖିଅଛନ୍ତି ଏବଂ ହିନ୍ଦୁସ୍ଥାନ ଗ୍ରନ୍ଥମାଳା ସଂସ୍କରଣ ସମର ତରଙ୍ଗରେ ତାହାହିଁ ଗ୍ରହଣ କରାଯାଇଅଛି, ମାତ୍ର ଏହା ମଧ୍ୟ ଠିକ୍ ବୋଲି ଗ୍ରହଣ କରାଯାଇ ନ ପାରେ । ଏ ସମ୍ବନ୍ଧରେ ଏକମାତ୍ର ପ୍ରାମାଣିକ ଗ୍ରନ୍ଥ ଦାର୍ଢ୍ୟ-ଭକ୍ତିରସାମୃତ (୧ମ ଭାଗ ୮ମ ଅଧ୍ୟାୟ—ରଘୁ ଅରକ୍ଷିତ ପ୍ରସଙ୍ଗ) । ଏହା ଖୋରଧା ରାଜା ପ୍ରଥମ ବୀରକିଶୋରଦେବଙ୍କ ରାଜତ୍ୱକାଳରେ ଅନୁମାନିକ ୧୭୬୦-୭୦ ଖ୍ରୀଷ୍ଟାବ୍ଦରେ ଲିଖିତ, ଏଣୁ ଏହା ବ୍ରଜନାଥଙ୍କର ସମସାମୟିକ । କୃଷ୍ଣ ମହାପାତ୍ର ଭକ୍ତପ୍ରବର ରଘୁ ଅରକ୍ଷିତଙ୍କର ପିତା ଥିଲେ, ନପ୍ତା ନ ଥିଲେ ଏହା ଦାର୍ଢ୍ୟରସାମୃତରୁ ସ୍ପଷ୍ଟ ଜଣାଯାଏ* ।

ଏ ବଂଶର କୌଳିକ ଉପାଧି କଅଣ ଥିଲା ଠିକ୍ କୁହା ଯାଇ ନ ପାରେ । ରଘୁ ଅରକ୍ଷିତଙ୍କର ପିତାଙ୍କର ମହାପାତ୍ର ପଦବୀ କୌଳିକ ପଦବୀ ନ ହୋଇ ରାଜଦତ୍ତ ପଦବୀ ହୋଇ ଥିବାର ଅଧିକ ସମ୍ଭବ । କୃଷ୍ଣ ମହାପାତ୍ରଙ୍କର ପୁତ୍ର ଭକ୍ତପ୍ରବର ରଘୁ ପିତାଙ୍କର ମହାପାତ୍ର ପଦ ଗ୍ରହଣ ନ କରି ବୈଷ୍ଣବୀୟ ଦୈନ୍ୟ ସ୍ୱୀକାର ପୂର୍ବକ ନିଜକୁ ରଘୁ ଅରକ୍ଷିତ ବୋଲି ପ୍ରକାଶ କରିବାକୁ ଅଧିକ ପସନ୍ଦ କଲେ ଏବଂ ସେହି ନାମରେ ସେ ଉତ୍କଳରେ ସର୍ବତ୍ର ପରିଚିତ ଏବଂ ତାଙ୍କ ପରେ ତାଙ୍କର ବଂଶଧରମାନେ ମଧ୍ୟ ବହୁକାଳ ପର୍ଯ୍ୟନ୍ତ ଅରକ୍ଷିତ ଉପାଧିରେ ପରିଚିତ ହେଉଥିଲେ ଓ ସେ ବଂଶରେ ଶିବ ଅରକ୍ଷିତ, ବଣ୍ଠ ଅରକ୍ଷିତ ଓ ତ୍ରିବିକ୍ରମ ଅରକ୍ଷିତ ନାମରେ ତିନିଜଣ ବ୍ୟକ୍ତି ଥିଲେ ବୋଲି ତାଙ୍କ ବଂଶଧରମାନଙ୍କ ମୁଖରୁ

---

* 'ନାମ ତା କୃଷ୍ଣ ମହାପାତ୍ର, ତାହାର ଏକ ଗୋଟି ପୁତ୍ର,
ପତ୍ନୀର ନାମ ତା କମଳା, ସଦା ଅନନ୍ଦ ମତି ଭୋଳା,
ପୁତ୍ରର ନାମ ରଘୁନାଥ ଭକ୍ତର ଅଂଶେ ସେହୁ ଜାତ ।'

ଅଦ୍ୟାପି ଶୁଣାଯାଏ । ବହୁକାଳ ପରେ ବ୍ରଜନାଥଙ୍କର ପିତା ବାଲୁଙ୍କେଶ୍ୱର ଢେଙ୍କାନାଳ ରାଜାଙ୍କଠାରୁ ଉପାଧି ପାଇଲେ 'ପଟ୍ଟନାୟକ' ଏବଂ ତାହା ଦ୍ୱାରା ସେ ବଂଶର ସମ୍ଭବତଃ ସେ ପର୍ଯ୍ୟନ୍ତ ପ୍ରଚଳିତ 'ଅରକ୍ଷିତ' ପଦବୀ ପରିବର୍ତ୍ତିତ ହୋଇଗଲା । ଗୋପୀଭଲାପର ୨ୟ ବୋଲରେ କବି କହିଅଛନ୍ତି

'ପିତାଙ୍କ ନାମ ବାଲୁଙ୍କେଶ୍ୱର
ପଟ୍ଟନାୟକ କଲେ ନରେଶ୍ୱର ।'

ଏହିପରି ମୋଟାମୋଟି ଭାବରେ କବିଙ୍କ ପର୍ଯ୍ୟନ୍ତ ତାଙ୍କର ନିମ୍ନଲିଖିତ ବଂଶାବଳୀ ସଂଗଠନ କରାଯାଇପାରେ ।

କୃଷ୍ଣ ମହାପାତ୍ର
|
ରଘୁ ଅରକ୍ଷିତ
:
ଶିବ ଅରକ୍ଷିତ
:
ବଣ ଅରକ୍ଷିତ
:
ତ୍ରିବିକ୍ରମ ଅରକ୍ଷିତ
:
ବାଲୁଙ୍କେଶ୍ୱର ପଟ୍ଟନାୟକ

ଗୋପୀନାଥ ପଟ୍ଟନାୟକ	ଜଗନ୍ନାଥ ପଟ୍ଟନାୟକ (କବିଭୂଷଣ)	ବ୍ରଜନାଥ ପଟ୍ଟନାୟକ (ବଡ଼ଜେନା)	ଲୋକନାଥ ପଟ୍ଟନାୟକ (ରାଉତରା)

କୃଷ୍ଣ ମହାପାତ୍ରଙ୍କ ପୁତ୍ର ରଘୁ ଅରକ୍ଷିତ ଓ ବାଲୁଙ୍କେଶ୍ୱରଙ୍କ ପୁତ୍ର ବ୍ରଜନାଥ ଆଦି ଚାରିଜଣଙ୍କ ବିଷୟରେ ପ୍ରମାଣ ଅଛି । ରଘୁ ଅରକ୍ଷିତଙ୍କ ଠାରୁ ବାଲୁଙ୍କେଶ୍ୱରଙ୍କ ପର୍ଯ୍ୟନ୍ତ ୨-୨ ଜଣଙ୍କ ମଧ୍ୟରେ କେବଳ

୭ ଜଣଙ୍କ ନାମ ଜଣା ଯାଇଅଛି । ସେମାନଙ୍କ ମଧ୍ୟରେ କିଏ କାହାର ପୁତ୍ର ଓ ଅଉ ୭-୪ଜଣ କିଏ ସନ୍ଧାନ ମିଳିନାହିଁ ।

ଖ୍ରୀ: ୧୭୬୦ ସାଲରେ ଖୋରଧା ରାଜା ପ୍ରଥମ ବୀରକିଶୋର-ଦେବ ମରହଟ୍ଟାମାନଙ୍କ ସାହାଯ୍ୟରେ ଖେମଣ୍ଡୀ ରାଜା ନାରାୟଣଦେବଙ୍କୁ ଖୋରଧାରୁ ବିତାଡ଼ିତ କଲେ, ମାତ୍ର ସେଥିପାଇଁ ଅଙ୍ଗୀକୃତ ଅର୍ଥ ମରହଟ୍ଟାମାନଙ୍କୁ ଦେଇ ନ ପାରିବାରୁ ସେ ନିଜ ରାଜ୍ୟର ଲେମ୍ବାଇ, ରାହାଙ୍ଗ, ସିରାଇ ଓ ଚବିଶକୁଦ ପ୍ରଗନାମାନ ଏବଂ ୧୪ ଗଡ଼ଜାତର ସ୍ୱତ୍ୱ ସେମାନଙ୍କୁ ଛାଡ଼ି ଦେଲେ । ଏହି ସୂତ୍ରରେ ମରହଟ୍ଟାମାନଙ୍କର ଗଡ଼ଜାତ ସହିତ ସମ୍ପର୍କ ସ୍ଥାପିତ ହେଲା ।

ରାଜାରାମ ପଣ୍ଡିତ ଖ୍ରୀ: ୧୭୭୮ ସାଲରେ ଓଡ଼ିଶାର ମରହଟ୍ଟା ସୁବାଦାର ପଦରେ ନିଯୁକ୍ତ ହେଲେ । ଏହାର ପର ବର୍ଷ ୧୭୭୯ ସାଲ ଅକ୍ଟୋବର ତା ୧୧ ରିଖ ଦଶହରା ଦିନ ନାଗପୁର ରାଜା ମୁଢୋଜୀ ଭୋଁସଲା ତାଙ୍କର ପୁତ୍ର ସପ୍ତଦଶ ବର୍ଷୀୟ ବାଳକ ଖାଣ୍ଡୋଜୀ ଓରଫ ଚମନାଜୀ ବାପୁଙ୍କୁ ଅନ୍ଦାଜ ତିରିଶ ଚାଳିଶ ହଜାର ଅଶ୍ୱାରୋହୀ ସୈନ୍ୟସହ ବଙ୍ଗଦେଶ ଆକ୍ରମଣ କରିବାକୁ ପଠାଇଲେ, ସେମାନେ ଅନିଚ୍ଛୁକଭାବରେ ଧୀରେ ସୁସ୍ଥେ ଆସି ୧୭୮୦ ସାଲ ମେ ମାସରେ କଟକରେ ପହଞ୍ଚି ସେଠାରେ କିଛିକାଳ ବିଶ୍ରାମ ନେଲେ । ୧୭୮୧ ସାଲ ଜାନୁଆରୀ ମାସରେ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ଗଭର୍ଣ୍ଣର ଜେନେରାଲ ଓ୍ୟାରେନ୍ ହେଷ୍ଟିଂସ୍ ବଙ୍ଗଦେଶରୁ ଏକଦଳ ସୈନ୍ୟ ଓଡ଼ିଶା ଦେଇ ମାନ୍ଦ୍ରାଜ ପଠାଇବାକୁ ସ୍ଥିର କଲେ ଏବଂ ଓଡ଼ିଶା ମଧ୍ୟରେ ଗଲାବେଳେ ମରହଟ୍ଟା ସୈନ୍ୟଙ୍କ ସଙ୍ଗେ ଯେପରି କୌଣସି ସଙ୍ଘର୍ଷ ନ ଘଟେ ତହିଁର ବନ୍ଦୋବସ୍ତ କରିବା ପାଇଁ ଆଣ୍ଡରସନ୍ ନାମକ ଜଣେ କର୍ମଚାରୀଙ୍କୁ କଟକ ପଠାଇଲେ । ଆଣ୍ଡରସନ୍ ଜାନୁଆରୀ ମାସ ତା ୨୨ ରିଖରେ ବାଲେଶ୍ୱରରେ ପହଞ୍ଚି

ଶୁଣିଲେ ଯେ ଚମନାଜୀ ଫେରିବେଳେ ଢେଙ୍କାନାଳର ଦୁରନ୍ତ ରାଜାଙ୍କୁ ଶାସନ କରିବା ନିମିତ୍ତ ଗଡ଼ଜାତ ଭିତରକୁ ଯାଇଥିଲେ * । ଏଥିରୁ ସ୍ପଷ୍ଟ ଜଣାଯିବ ଯେ ସମରତରଙ୍ଗ ବର୍ଣ୍ଣିତ ଯୁଦ୍ଧ ୧୭୮୦ ଡିସେମ୍ବର ବା ୧୭୮୧ ଜାନୁଆରୀର ଘଟଣା ।

ଚମନାଜୀ ଓଡ଼ିଶାରେ ଏକବର୍ଷ ରହି ନାଗପୁର ଫେରିଗଲେ † । ସୁତରାଂ, ସେ ସମ୍ଭବତଃ ୧୭୮୧ ମେ ଜୁନ ମାସ ଆଡ଼କୁ ନାଗପୁର ଯିବାକୁ ବାହାରିଥିବେ । ଢେଙ୍କାନାଳରେ ପ୍ରଚଳିତ ଜନଶ୍ରୁତି ଅନୁସାରେ ନିର୍ଭୀକ କବି ବ୍ରଜନାଥ ଯୁଦ୍ଧର କିଛି ସମୟ ପରେ ସମରତରଙ୍ଗ ଘେନି କଟକ ଯାଇ ଚମନାଜୀଙ୍କୁ ତାହା ଶୁଣାଇଲେ । ସେ ପ୍ରଥମେ ପ୍ରଥମେ ଏହା ଶୁଣି ଅତ୍ୟନ୍ତ ପ୍ରୀତ ହେଲେ, ମାତ୍ର ୬ଷ୍ଠ ଛାନ୍ଦ ୨୦ଶ ପଦରେ ଯେଉଁଠାରେ ପ୍ରତିପକ୍ଷ ଚମନାଜୀଙ୍କୁ 'ଲଡ଼କା' ବୋଲି କହି ବୀର ତ୍ରିଲୋଚନ ନିଜ ସୈନ୍ୟମାନଙ୍କୁ ଉତ୍ସାହ ଦେଉଥିବାର ବର୍ଣ୍ଣନା ଅଛି, ତାହା ଶୁଣି ଚମନାଜୀ ରାଗାନ୍ୱିତ ହୋଇ ଉଠିଲେ ‡ । ଏହା ଯଦି ସତ୍ୟ ହୁଏ ତେବେ ସମରତରଙ୍ଗ ୧୭୮୧ ଜାନୁଆରୀଠାରୁ ମେ ଜୁନ ମଧ୍ୟରେ କେବେ ଲିଖିତ ହୋଇଥିବ ।

କଥାରେ ଅଛି 'ରାଜା ଯୋଗୀ', ରାଜାମାନେ କ୍ଷଣେ ତୁଷ୍ଟ କ୍ଷଣେ ରୁଷ୍ଟ । ସମରତରଙ୍ଗ ଲେଖି ବ୍ରଜନାଥ ଢେଙ୍କାନାଳ ରାଜା ବୀର ତ୍ରିଲୋଚନଙ୍କଠାରୁ କୁଆଗାଁ ଗ୍ରାମ ଓ ଅନ୍ୟ ପୁରସ୍କାର ପାଇଥିଲେ ସୁଦ୍ଧା କବିଙ୍କ ଉପରେ ତ୍ରିଲୋଚନଙ୍କର ନିରବଚ୍ଛିନ୍ନ ଅନୁଗ୍ରହ ଦୀର୍ଘକାଳ ରହି-ଥିଲା ବୋଲି ମନେ ହୁଏ ନାହିଁ । ସମରତରଙ୍ଗ ଲେଖାର କିଛିକାଳ

* R. D. Banerjee's Orissa Vol II, pp. 201—02.

† Ibid, p. 203

‡ ୰ ଦାମୋଦର ପଟ୍ଟନାୟକଙ୍କ ସମରତରଙ୍ଗ 'ନିବେଦନ ଦ୍ରଷ୍ଟବ୍ୟ ।

ପରେ ସେ କୌଣସି କାରଣରୁ ତ୍ରିଲୋଚନଙ୍କର ବିରାଗଭାଜନ ହୋଇଥିଲେ ବୋଲି ତାଙ୍କର ସମରତରଙ୍ଗର ପରବର୍ତ୍ତୀ ଲେଖା 'ରାଜନଙ୍କୁ ଛଉଲୋକ୍ତି' ନାମକ ପୁସ୍ତିକାରୁ ଜଣାଯାଏ । ତହିଁରେ କବି ଲେଖିଅଛନ୍ତି,

ସାତ ବରଷ ହୋ—ଇଲା ସାତ ପଣ ଶ୍ରୀଛାମୁରୁ ନ ପାଇଲି,
ନିମକ ହରାମ ହୋଇ କେଉଁ କାମ କୋଠରେ ବା ହାନି କଲି । ୨୫ ।

× × × ×

ଷାଠିଏ ବରଷ କାଳରେ ମୋହର ଉଠିବାକୁ ନାହିଁ ବଳ,
ପିଠିଅଣ୍ଟା ବେକ ଲାଗି ଗଲାଣି ମୋ ପୋଥି ଲେଖାରୁ କେବଳ । ୩୫ ।

ଉଦ୍ଧୃତାଂଶରୁ ମନେହୁଏ ସମରତରଙ୍ଗ ପାଇଁ ପୁରସ୍କୃତ ହେବାର କିଛି-କାଳ ପରେ କବି ତ୍ରିଲୋଚନଙ୍କର ବିରାଗଭାଜନ ହେଲେ ଏବଂ ଏହି ଅବସ୍ଥା ସାତବର୍ଷ କାଳ ରହିଲା । ଏଥିରୁ ମୋଟାମୋଟି ଧରାଯାଇପାରେ ଯେ ସମରତରଙ୍ଗଜନିତ ପୁରସ୍କାର ପ୍ରାପ୍ତିର ଅନ୍ୟୂନ ଆଠ ନଅ ବର୍ଷ ପରେ 'ରାଜନଙ୍କୁ ଛଉଲୋକ୍ତି' ଲେଖା ହୋଇଥିଲା ଏବଂ କବିଙ୍କର ନିଜ କଥା ଅନୁସାରେ ସେତେବେଳେ ଅର୍ଥାତ୍ ଖ୍ରୀ: ୧୭୮୧ + ୯ = ୧୭୯୦ ସାଲରେ ତାଙ୍କର ବୟସ ଷାଠିଏ ବର୍ଷ । ଏଥିରୁ ସେ ୧୭୯୦ – ୬୦ = ଅନୁମାନିକ ଖ୍ରୀ: ୧୭୩୦ ସାଲର ଆଖପାଖରେ ଜନ୍ମଗ୍ରହଣ କରିଥିଲେ ବୋଲି ସହଜରେ ଧରାଯାଇପାରେ ।

ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କର ଚାରି ପୁତ୍ର ଥିଲେ । ସେଥି-ମଧ୍ୟରୁ କବି ତୃତୀୟ । ଚାରି ଭାଇଯାକ ସମସ୍ତେ ଗୁଣୀ ଥିଲେ । କବି ଗୋପୀବିଳାପ ଗ୍ରନ୍ଥ ବୋଲରେ ଲେଖିଅଛନ୍ତି

ଅଟଁ କରଣ ଯେ ଅମ୍ଭେ ଜାତିରେ
ବିରଚିଲି କବି ନାନା ଭାତିରେ ।

ଜ୍ୟେଷ୍ଠ ଗୋପୀନାଥ ପଟ୍ଟନାୟକ
ଇଷ୍ଟ ତାଙ୍କର ନୀଳାଦ୍ରି ନାୟକ ।
ମଧ୍ୟ ଜଗନ୍ନାଥ ପଟ୍ଟନାୟକ
କବି ଭୂଷଣ ପଦ ତ ନାୟକ ।
ସର୍ବ କନିଷ୍ଠ ନାମ ଲୋକନାଥ
ରାଉତରାୟ୍ହିଁ କଲେ ନରନାଥ ।
ବ୍ରଜନାଥ ବୋଲଣ ମୋର ଯେ ନାଁ
ରାଜପଦ ଅଟଇ ବଡ଼ଜେନା ।

ଶ୍ୟାମସୁନ୍ଦରୋତ୍ସବ ସମ୍ପାଦକଙ୍କ ମତରେ ବ୍ରଜନାଥ ଖୋରଧା ରାଜାଙ୍କଠାରୁ 'ବଡ଼ଜେନା' ପଦ ପାଇଥିବେ, ମାତ୍ର ସେ ନଜେ କୌଣସି-ଠାରେ କହି ନାହାନ୍ତି କେଉଁ ରାଜାଙ୍କଠାରୁ ସେ ବଡ଼ଜେନା ପଦ ପାଇଲେ । ଏ ସମ୍ପର୍କରେ ସେ ଯେଉଁଠାରେ କିଛି କହିଅଛନ୍ତି କେବଳ କହିଅଛନ୍ତି 'ବଡ଼ଜେନା ପଦ ମୋ ରାଜଦତ୍ତ' (କେ. କ. ୧୬ଶ ଛାନ୍ଦ), 'ରାଜପଦ ଅଟଇ ବଡ଼ଜେନା' (ଗୋ. ବ. ୬ଷ୍ଠ ବୋଲି) ଇତ୍ୟାଦି । ସମରତରଙ୍ଗ ୭ମ ଛାନ୍ଦରେ କବି ଲେଖିଅଛନ୍ତି

ଲକ୍ଷ ଲକ୍ଷ ଲୋକଙ୍କୁ କାଟିବ ପଡ଼ି
ବରଜନାଥ ବଡ଼ଜେନାଙ୍କୁ ଛାଡ଼ି ଯେ । ୪୦ ।

ଏଥିରୁ ଜଣାଯାଏ ସମରତରଙ୍ଗ ଲେଖା ହେବା ବେଳକୁ ସେ ବଡ଼ଜେନା ହୋଇ ସାରିଥିଲେ । ଏଥିରୁ ଏବଂ ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥମାନଙ୍କର ମଧ୍ୟ ତାଙ୍କର ପଦ ରାଜଦତ୍ତ ପଦ ଥିବାରୁ ଆମ୍ଭେମାନେ ମନେକରୁଁ ବଡ଼ଜେନା ପଦ ମଧ୍ୟ ଢେଙ୍କାନାଳ ରାଜାଙ୍କ ପ୍ରଦତ୍ତ, ବିଶେଷତଃ ଖୁବ୍ ସମ୍ଭବତଃ ତ୍ରିଲୋଚନ ମହେନ୍ଦ୍ରବାହାଦୁରଙ୍କ ମୃତ୍ୟୁ ପରେ

ଯାଇ କବି ଖୋରଧା ରାଜାଙ୍କର ଅନୁଗ୍ରହପ୍ରାର୍ଥୀ ହୋଇଥିବେ ଏବଂ ଗୁଣ୍ଡିଚାବିଜେ ଲେଖି ତାଙ୍କୁ ଭେଟିଥିବେ, ତତ୍ପୂର୍ବରୁ ନୁହେଁ, ତେଣୁ ବଡ଼ଜେନା ପଦ ଖୋରଧା ରାଜାଙ୍କ ପ୍ରଦତ୍ତ ବୋଲି ମନେ ହୁଏ ନାହିଁ ।

କବିଙ୍କ ଲିଖିତ ଗ୍ରନ୍ଥାବଳୀ ।

ବ୍ରଜନାଥ ଯେ ଜଣେ ବହୁଭାଷାରେ ସୁପଣ୍ଡିତ ଅତ୍ୟନ୍ତ ଶକ୍ତିଶାଳୀ କବି ଓ ଶିଳ୍ପୀ ଥିଲେ, ଏଥିରେ ସନ୍ଦେହର ଅବକାଶ ନାହିଁ । ନିଜର କୃତିତ୍ୱ ଓ ଲିଖିତ ଗ୍ରନ୍ଥାଦି ସମ୍ବନ୍ଧରେ କବି ବିଭିନ୍ନ ଗ୍ରନ୍ଥରେ ନିମ୍ନଲିଖିତ ପ୍ରକାରେ କହିଅଛନ୍ତି

ସମରତରଙ୍ଗ—୭ମ ଛାନ୍ଦ ।

ସଂସ୍କୃତ ପରାକୃତ ଖୋରଠା ବୋଲି,
ନାନା ଭାଷାରେ ଗୀତ କବିତା କଲି ହେ,
ବିବିଧ ଚଉପଦୀ ଚଉତିଶାହିଁ,
ବୋଲି ଛାନ୍ଦ ପ୍ରବନ୍ଧ ବୋଲିଛି ମୁହିଁ ହେ । ୧୮ ।

ଶକାର ଛାନ୍ଦ ମାତ୍ରା ବୃତ୍ତ ଚୂର୍ଣ୍ଣିକ,
କଥା ବର୍ଣ୍ଣନା ନାନାଦି କଉତୁକ ହେ,
ଢଗ ଢମାଳୀମାନ ଶ୍ଳୋକ ଗୀତ,
ବ୍ରଜମୋହନ କେଳିଯୁକ୍ତ କବିତ୍ୱ ହେ । ୧୯ ।

ଚିତ୍ର କଲମେ ପୁଣି କରିଛି ଶ୍ରମ,
ତାଳପତ୍ରେ କାଗଜେ ଅକ୍ଷର କମ ହେ,
ରୂପ ଚିତ୍ରରେ ନାନା ପଠ ପୁସ୍ତକ,
ଲେଖା ଦେଖି ଆନନ୍ଦ ହୁଅନ୍ତି ଲୋକ ହେ । ୨୦ ।

କେଳି କଳାନିଧି—୧୭ଶ ଛନ୍ଦ ।

ଅମ୍ଭେ ଗୃହହେଁ * କବି ନାନା ଜାତିରେ,
ସଂସ୍କୃତ ପରାକୃତ ହିନ୍ଦୁସ୍ଥାନୀରେ ଯେ,
ଓଡ଼ିଆ ବଙ୍ଗଳା ତେଲଙ୍ଗୀ ଭାଷାରେ,
ହାସରସ କୌତୁକ ଉକ୍ତି ଖଟରେ ଯେ । ୬୭ ।

ରାଜସଭା :—

ବର୍ତ୍ତମାନ ଯେତେ ଗୁଣ   କହନ୍ତି ଗୋସାଇଁ ଶୁଣ
ସଂସ୍କୃତ ପ୍ରାକୃତ ହିନ୍ଦୁସ୍ଥାନୀ ବଙ୍ଗଳା
ତେଲଙ୍ଗୀ ଭାଷାରୁ କହି   ଏରୂପେ ଗୀତ କରନ୍ତି
ଚଉପଦୀ ଚଉତିଶା ବିବିଧ ଲୀଳା,
ଛନ୍ଦ ବୋଲି ଯୋଉ ପ୍ରବନ୍ଧ
ଦଣ୍ଡକ ଚୂର୍ଣ୍ଣିକ ଆଜ୍ଞା ଶକାର ବନ୍ଧ । ୭୧ ।
ଏ ଅକ୍ଷର ନିୟମ   ଅମ୍ବିକା ବିଳାସ ନାମ
କୁମାର ଚରିତ ଶିବ ଉମା ବିବାହ
ଛଳ ଶ୍ଲେଷ ଅନୁପ୍ରାସ   ଅକ୍ଷର ଅବନା ନ୍ୟାସ
ଶୃଙ୍ଗାର କୁତୁକ ରସସନ୍ଦର୍ଭ ଉହ †
ଅଳଙ୍କାର କାବ୍ୟଲକ୍ଷଣ
ପ୍ରଶ୍ନୋତ୍ତର ଭଙ୍ଗୀ ଅର୍ଥ ବହୁଭାଷଣ । ୭୨ ।
ଅଦଭୂତ ଆଭାଷଣ   ବିଶେଷ ନିନ୍ଦାରୁ ପୁଣ
ମହିମା ପ୍ରତାପ ଯଶ ପୁଣ୍ୟ ବୈରାଗ୍ୟ

---

* ଅମ୍ଭେ ଗୃହହେ—କବି ଓ ଗାୟକର ଅନ୍ୟ ଛନଗାଉ ।

† ଉହ—ତର୍କଣା ।

ଋତୁ କାଳ ଚନ୍ଦ୍ରୋପମା ଉଦାହରଣ ସୁଷମା
ଦୃଷ୍ଟାନ୍ତର ସ୍ୱର ମିଶ୍ରାକ୍ଷର ସଂଯୋଗ,
ବାଲ୍ୟଯୁବା ବୟସ ସନ୍ଧି
ରତି ରତାନ୍ତ ସୁଷମା ବେଶ ଯେ ବନ୍ଧି । ୨୩ ।

ଗରବ କରି ମୁଁ ଏହା କହୁ ନାହିଁ ମାତ୍ର ମହା—
ରାଜ ମୋ କର୍ତ୍ତବ୍ୟ* ଅନୁସାରେ କରିଛି
ନାମ ଶ୍ୟାମସିପୋହ୍ରବ ବାର ଛନ୍ଦ ଏ ତାଲବ୍ୟ
ଶକାରେ ବୋଲିଛି ରାସଲୀଳାକୁ ରଚି
ବିଚକ୍ଷଣା ପନ୍ଦର ଛନ୍ଦ
ବ ବା ବି ବୁ ବେ ବୈ ବୋ ବୌ କ୍ରମେ ପ୍ରବନ୍ଧ । ୨୪ ।

ଏ ଉତ୍କଳ ପଠ ଲେଖା ଗୁଣ ତ ଛମୁରେ ଦେଖା
କରି ଦେଇଅଛି ଥିବ ବିଦ୍ୟାବିଧାନେ
କାକ ଚଞ୍ଚୁ ତ ଶଙ୍ଖ କାଂଶ କଟକଣ୍ଟା ଆଉ
ବଉଳ ପାଞ୍ଜରେ ଲେଖିଅଛି ଯତନେ
ଲୁହା କାଂଶ ତମ୍ବ କଲମ
ଦିନଠାରେ ଶକ୍ତି ଜାଣି କରିଛି ଶ୍ରମ । ୨୫ ।

ଏ ସବୁରୁ ଜଣାଯାଏ କବିଙ୍କର ଓଡ଼ିଆ ବଙ୍ଗଳା ହିନ୍ଦୀ ସଂସ୍କୃତ ପ୍ରାକୃତ ଓ ତେଲଗୁ ଅନ୍ତତଃ ଏହି ଛଅଗୋଟି ଭାଷାରେ ଗ୍ରନ୍ଥ ରଚନା କରିବା ଭଳି ଶକ୍ତି ଥିଲା । ତାହା ଉପରେ ତାଙ୍କର ଲିଖିତ ଗ୍ରନ୍ଥମାନଙ୍କ ମଧ୍ୟରୁ ଖଣ୍ଡ କେତେ ବର୍ଣ୍ଣିତ ବିଷୟରେ ଓଡ଼ିଆ ଭାଷାରେ

* କର୍ତ୍ତବ୍ୟ—ଶକ୍ତି ।

ଖଣ୍ଡିଏ ଖଣ୍ଡିଏ ରହି । ସମର ବର୍ଣ୍ଣନାରେ ସମରତରଙ୍ଗ ଏପର୍ଯ୍ୟନ୍ତ ସୁଦ୍ଧା ଓଡ଼ିଆ ଭାଷାରେ ଏକମାତ୍ର ସମରଗୀତିକା । କ୍ଷୁଦ୍ର କାବ୍ୟ ଗ୍ରନ୍ଥଟି ବିଜେ ତତ୍କାଳୀନ ଜଣେ ଉତ୍କଳବାସୀ ଲିଖିତ ବୋଧହୁଏ ଏକମାତ୍ର ହିନ୍ଦୀ ଲେଖା ଏବଂ କଥା ବର୍ଣ୍ଣନାରେ ଚତୁର ବିନୋଦ ଓଡ଼ିଆ ଭାଷାରେ ପ୍ରଥମ ନିୟମିତ (regular) ଗଦ୍ୟସାହିତ୍ୟ । ଦୁଇଶତ ବର୍ଷ ତଳର ତମସାଚ୍ଛନ୍ନ ସୁଯୋଗ ସୁବିଧା ହୀନ ଗଡ଼ଜାତର ଜଣେ ଅଧିବାସୀ ପକ୍ଷରେ ଏସବୁ କମ୍ ଗୌରବର କଥା ନୁହେଁ ।

ଆମ୍ଭେମାନେ ଦେଖିଅଛୁଁ ପ୍ରାୟ ୧୭୩୦ ଖ୍ରୀଷ୍ଟାବ୍ଦରେ କବିଙ୍କର ଜନ୍ମ । ସେତେବେଳେ ଢେଙ୍କାନାଳବାସୀ ଅନ୍ୟ ଜଣେ ବିଖ୍ୟାତ କବି ରସକଲ୍ଲୋଳକାର ଦୀନକୃଷ୍ଣ ଦାସ, ସମ୍ଭବତଃ ଜୀବିତ ଥିବେ ବା ଅଳ୍ପଦିନ ପୂର୍ବରୁ ମୃତ ହୋଇଥିବେ ଏବଂ ଉତ୍କଳର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମଧ୍ୟ କୋଡ଼ିଏ ପଚଶ ବର୍ଷ ପୂର୍ବରୁ ମୃତ ହୋଇଥିବେ । ତତ୍କାଳୀନ ସମାଜ, ବିଶେଷତଃ ରାଜୋଦ୍ୱାର ଗ୍ରୀତି ନୀତିରୁ ମନେହୁଏ କବି ତାଙ୍କର ବାଲ୍ୟବୟସରେ ଏହି ପୂର୍ବାଚାର୍ଯ୍ୟମାନଙ୍କ ଲିଖିତ ଗ୍ରନ୍ଥାବଳୀ ପାଠ ଓ ଆଲୋଚନା କରିବାର ସୁଯୋଗ ପୂର୍ଣ୍ଣ ଭାବରେ ପାଇଥିବେ । ତତ୍ପ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କର ଗଦ୍ୟ ପଦ୍ୟମୟ ରୁଦ୍ରସୁଧାନିଧି ଗ୍ରନ୍ଥ ମଧ୍ୟ ସେ ଉତ୍ତମରୂପେ ଅଧ୍ୟୟନ କରିଥିବେ । ସମ୍ଭବତଃ କେଳି-କଳାନିଧି, ବିଦଗ୍ଧ ଓ ବିଦେଶୀକୁଟଳାର ଚଉତିବର୍ଣ୍ଣନା, ବିଦଗ୍ଧ ଅମ୍ବିକାବିଳାସ ଏବଂ ଶ୍ୟାମରାସୋତ୍ସବ ଆଦିର ଅକ୍ଷରନିୟମଗ୍ରୀତି ଓ ଚତୁର ବିନୋଦର ତରଳ ଗଦ୍ୟ ପଦ୍ୟମୟ ଭାଷା ନିମିତ୍ତ ସେ ଉଲ୍ଲିଖିତ ପୂର୍ବାଚାର୍ଯ୍ୟମାନଙ୍କ ନିକଟରେ ଋଣୀ ।

ଶିବଦାସଙ୍କର ବତ୍ରିଂଶ ସିଂହାସନ କଥା ମଧ୍ୟ ବ୍ରଜନାଥଙ୍କ ଚତୁର ବିନୋଦ ପରି ଖଣ୍ଡିଏ କ୍ଷୁଦ୍ର ଗଦ୍ୟ କଥା ସାହିତ୍ୟ । ଏହାର

ଭାଷା ଓ ଚତୁର ବିନୋଦର ଭାଷା ମଧ୍ୟରେ ସାମଞ୍ଜସ୍ୟ ଦେଖାଯାଏ । ରାୟ ବାହାଦୂର ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଶିବଦାସଙ୍କ ବତ୍ରିଂଶ ସିଂହାସନ କଥା ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ବା ଅଷ୍ଟାଦଶ ଶତାବ୍ଦୀର ଆରମ୍ଭରେ ଲେଖା ହୋଇଥିଲା । ସମ୍ଭବତଃ ବ୍ରଜନାଥ ଓ ଶିବଦାସ ସମସାମୟିକ ବା ସ୍ୱଳ୍ପକାଳ ଅଗ୍ର ପଶ୍ଚାତ୍‌ବର୍ତ୍ତୀ ଥିଲେ ।

କବିଙ୍କର ଏପର୍ଯ୍ୟନ୍ତ ପ୍ରାପ୍ତ ଗ୍ରନ୍ଥସମୂହକୁ ନିମ୍ନଲିଖିତ ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

୧ । କଥା ବର୍ଣ୍ଣନା —ଚତୁର ବିନୋଦ

୨ । କାଳ୍ପନିକ କାବ୍ୟ —କେଳିକଳାନିଧି
ବିଚକ୍ଷଣା
ବିଦେଶୀକୁଚନ୍ଦ୍ରା

୩ । ପୌରାଣିକ କାବ୍ୟ—ଅମ୍ବିକାବିଳାସ
ଚଣ୍ଡୀମାଳଶ୍ରୀ (ଦେବୀସ୍ତୁତି)
ଗୋପୀବିଳାପ (ବୋଲି)
ଶ୍ୟାମରାସୋତ୍ସବ

୪ । ରାଜନୈତିକ —ସମରତରଙ୍ଗ

୫ । ହିନ୍ଦୀ —ଗୁଣ୍ଡିଚା ବିଜେ

୬ । ବିବିଧ କବିତା —ଦଶପୋଇ
ରାଜନଙ୍କୁ ଛଳୋକ୍ତି
ରାଜସଭା

ସମରତରଙ୍ଗ ଓ କେଳିକଳାନିଧିର ଉପର ଉଦ୍ଧୃତ ପଦ୍ୟାଂଶରୁ ଦେଖାଯାଏ ଯେ ଉକ୍ତ ଦୁଇ ଗ୍ରନ୍ଥ ରଚନା ପୂର୍ବରୁ କବି ନାନାଦ ଢ଼ଙ୍ଗ-ଢ଼ମାଳୀ, କୌତୁକ ଓ ହାସରସ କଥା ବର୍ଣ୍ଣନା କରି ଗ୍ରନ୍ଥ ଲେଖିଥିଲେ ।

ଏହାଦ୍ୱାରା ନିଶ୍ଚୟ ଚତୁର ବିନୋଦକୁ ଲକ୍ଷ୍ୟ କରାଯାଇଅଛି । ଚତୁର-ବିନୋଦ ସୁତରାଂ ସମରତରଙ୍ଗ ଓ କେଳିକଳାନିଧିର ପୂର୍ବବର୍ତ୍ତୀ । ମାତ୍ର କେତେ ପୂର୍ବବର୍ତ୍ତୀ ? ଲେଖାଲେଖି ଆରମ୍ଭ କରିବା ସମୟରେ କବି ପ୍ରଥମେ ସହଜ ସରଳ ବିଷୟ ଧରି ହାତ ବଳାଇ ଥିବେ ଏହା ସ୍ୱତଃସିଦ୍ଧ । ମାତ୍ର ଚତୁର ବିନୋଦ ପରି ହାସପରିହାସାଦିପୂର୍ଣ୍ଣ ଗ୍ରନ୍ଥ ଲେଖିବା ପୂର୍ବରୁ ଲେଖକଙ୍କର କିଛି ପରିପକ୍ୱତା ଆସିଥିବ । ତେତେବେଳେ ସେ କଦାପି ନିତାନ୍ତ ଅଳ୍ପବୟସ୍କ ଅନୁଭୂତିବିହୀନ ତରୁଣ ନ ଥିବେ । ସମ୍ଭବତଃ ତେତେବେଳେ ତାଙ୍କର ବୟସ ତ୍ରିଶ ଯଦି ଅତିକ୍ରମ କରି ନ ଥାଏ ତେବେ ତିରିଶର ଉପରେ ନିଶ୍ଚୟ ହୋଇଥିବ । ତାକୁ ସହଜରେ ଅନ୍ତତଃ ପଞ୍ଚତିରିଶ ଧରାଯାଇ ପାରେ । ବୋଧହୁଏ ବି ବା ବି ବୁ ଆଦି କସରତପୂର୍ଣ୍ଣ ବିଚକ୍ଷଣା ଗ୍ରନ୍ଥ ତାଙ୍କର ସର୍ବପ୍ରଥମ ଲେଖା । କବିଙ୍କ କହିବା ମତେ ଏହାର ପନ୍ଦର ଛାନ୍ଦରୁ ବର୍ତ୍ତମାନ କେବଳ ଦଶ ଛାନ୍ଦ ମିଳୁଥିବା କଥା ମଧ୍ୟ ଏ ଅନୁମାନକୁ କେତେକ ପରିମାଣରେ ସମର୍ଥନ କରେ । ଅବଶ୍ୟ ରାଜସଭାରେ ସେ ଅମ୍ବିକାବିଳାସ ଓ ଶ୍ୟାମରାସୋତ୍ସବ ପରେ ବିଚକ୍ଷଣାର ଉଲ୍ଲେଖ କରିଅଛନ୍ତି । ମାତ୍ର ଅମ୍ବିକାବିଳାସ ପ୍ରଭୃତି ପରି ଗ୍ରନ୍ଥ ଯେ ତାଙ୍କର ପ୍ରଥମ ଲେଖା ହୋଇଥିବ ଏହା ସନ୍ଦେହଜନକ । ଚତୁର ବିନୋଦ ବୋଧହୁଏ ବିଚକ୍ଷଣା ପରେ ଲେଖା । ସେ କାଳର ରୀତି ଅନୁସାରେ ଚତୁର ବିନୋଦ ଲେଖିସାରି କବି ପୁଣି କାବ୍ୟରଚନା କରିବାର ଲୋଭ ସମ୍ବରଣ କରିପାରି ନ ଥିବେ । କେଳିକଳାନିଧି ଓ ବିଦେଶାକୁଚନ୍ଦ୍ରା ନାମକ କାଳ୍ପନିକ କାବ୍ୟଖଣ୍ଡମାନ ତେତେବେଳେ ଲିଖିତ ହୋଇଥିବ । ଭଞ୍ଜୀୟ ପ୍ରଭାବାନ୍ୱିତ ଯୁବକ କବି କେଳିକଳାନିଧିରେ ଭଞ୍ଜଙ୍କ ପ୍ରେମସୁଧାନିଧି ଅନୁକରଣରେ ପୁଣି ବିବିଧ କାବ୍ୟ କସରତ ପ୍ରଦର୍ଶନ କରିବାର ସୁଯୋଗ ଗ୍ରହଣ କରିଅଛନ୍ତି । ଏଣୁ ଆମ୍ଭେମାନେ

ଦେଖଁ ତାହାର ୧ମ ଛାନ୍ଦ ଅଦ୍ୟ ଯମକଦ୍ୱାରା, ୨ୟ—ଅବନା, ୩ୟ—ପ୍ରାନ୍ତ ଯମକ, ୪ର୍ଥ—ଅଦ୍ଭୁତ, ୫ମ—ବିରୋଧ ରୂପକ, ୬ଷ୍ଠ—ଏକା ଯମକ, ୭ମ—ସିଂହାବଲୋକନ, ୮ମ—ନରୋଷ୍ଠକ, ସରୋଷ୍ଠକ ଅବ, ୯ମ—ଆଦ୍ୟପ୍ରାନ୍ତ ଯମକ, ୧୦ମ—ଆଶୟ, ୧୧ଶ—ଦୃଷ୍ଟାନ୍ତର, ୧୨ଶ—ତ୍ରିଭଙ୍ଗୀ, ୧୪ଶ—ଆଦ୍ୟପ୍ରାନ୍ତ ଲୋମ ବିଲୋମ, ୧୫ଶ—ଶୃଙ୍ଖଳା ଓ ୧୬ଶ ଛାନ୍ଦ—ପ୍ରାନ୍ତ ଯମକଦ୍ୱାରା ଅଲଙ୍କୃତ ।

ବିଚକ୍ଷଣା ଓ ଚଉୁର ବିନୋଦ ଲେଖ ସରିବା ବେଳକୁ କବିଙ୍କର ବୟସ ବୃଦ୍ଧି ସଙ୍ଗେ କେତେକ ପରିମାଣରେ ପରିପକ୍ୱତା ମଧ୍ୟ ଆସିଯାଇ-ଥିବ । ଏଣୁ ଦେଖାଯାଏ ଏହାପରେ ରଚିତ ଗ୍ରନ୍ଥମାନ ନୈତିକତା ଦୃଷ୍ଟିରୁ କ୍ରମଶଃ ଉଚ୍ଚତର ସ୍ତରର ଅଟେ ଏବଂ ସେସବୁରେ ଧର୍ମଭାବ ମଧ୍ୟ ସୁସ୍ପଷ୍ଟ । କେଳିକଳାନିଧି ଓ ବିଦେଶୀକୁଚନ୍ଦ୍ରା ପରେ ତାଙ୍କର ସର୍ବଶ୍ରେଷ୍ଠ କାବ୍ୟଗ୍ରନ୍ଥ ଅମ୍ବିକାବିଳାସ, ଗୋପୀବିଳାପ ଓ ଶ୍ୟାମରାସୋତ୍ସବ ଲିଖିତ ହୋଇଥିବ । ଦେବୀସ୍ତୁତି ଚଣ୍ଡୀମାଳଶ୍ରୀ ମଧ୍ୟ ଅମ୍ବିକାବିଳାସର ସମକାଳୀନ ହୋଇଥିବ ।

ସମ୍ଭବତଃ ତ୍ରିଲୋଚନ ମହୀନ୍ଦ୍ର ବାହାଦୁରଙ୍କ ପୂର୍ବବର୍ତ୍ତୀ ଢେଙ୍କା-ନାଳର ଦୁର୍ବଳ ରାଜା ଦାମୋଦର ଭ୍ରମରବରଙ୍କ ସମୟରେ ବା ତାଙ୍କ ପରବର୍ତ୍ତୀ ଅରାଜକତା ସମୟରେ ବ୍ରଜନାଥ ଢେଙ୍କାନାଳ ଛାଡ଼ି କେନ୍ଦୁଝର କାଳିଆହତାରେ ଯାଇ ବାସ କରୁଥିଲେ । ତେତେବେଳେ ସେ କେନ୍ଦୁଝର ରାଜା ପ୍ରତାପ ବଳଭଦ୍ର ଭଞ୍ଜଙ୍କର ସଭାପଣ୍ଡିତ ଥିଲେ ଏବଂ ଏହି ସମୟରେ ଅମ୍ବିକାବିଳାସକୁ କେନ୍ଦୁଝର ରାଜାଙ୍କ ନାମରେ ଭଣି ତାଙ୍କୁ ଭେଟିଥିଲେ, ମାତ୍ର ତତ୍ପରେ କୌଣସି କାରଣରୁ କେନ୍ଦୁଝର ପତିଙ୍କ ସଙ୍ଗେ ତାଙ୍କର ମନୋମାଳିନ୍ୟ ଘଟିବାରୁ ସେ ପୁଣି ଢେଙ୍କାନାଳ ଫେରି ଆସିଲେ ଏବଂ କିଛିକାଳପରେ ପୁଣି ଅମ୍ବିକାବିଳାସକୁ ନିଜ ନାମରେ

ଭଣି ପ୍ରକାଶ କଲେ । କାହାର କାହାର ମତରେ ଅମ୍ବିକାବିଳାସ ପ୍ରକୃତରେ କେନ୍ଦୁଝରାଧିପତି ପ୍ରତାପ ବଳଭଦ୍ର ଭଞ୍ଜଙ୍କ ଲିଖିତ, ମାତ୍ର ଏହା ଠିକ୍ ନୁହେ । ଏହା ପ୍ରକୃତରେ ବ୍ରଜନାଥଙ୍କ ଲିଖିତ ଏବଂ ପ୍ରଥମରେ କେନ୍ଦୁଝର ପତିଙ୍କ ନାମରେ ଭଣିତ ହୋଇଥିଲା ମାତ୍ର (ସମ୍ପାଦକଙ୍କ ଲିଖିତ 'ଅମ୍ବିକାବିଳାସ ଓ କବି ବ୍ରଜନାଥ ବଡ଼ଜେନା' ପ୍ରବନ୍ଧ-ସହକାର, ୨୧ଶ ଭାଗ, ୭ମ—୧୨ଶ ସଂଖ୍ୟା ଦ୍ରଷ୍ଟବ୍ୟ) । ଅମ୍ବିକାବିଳାସ ଓ ଚଣ୍ଡୀ ମାଳଶ୍ରୀ ପରେ ଗୋପୀବିଳାପ ଓ ଶ୍ୟାମରାସୋତ୍ସବ ଲିଖିତ ହୋଇଥିବାର ସମ୍ଭବ । ସେତେବେଳକୁ ବ୍ରଜନାଥ ବେଶ ପରିଣତବୟସ୍କ ପ୍ରୌଢ଼ । ସ୍ୱଭାବତଃ ଧର୍ମପ୍ରବଣ କବିଙ୍କର ସେତେବେଳକୁ ପରକାଳଚିନ୍ତା ମନ ମଧ୍ୟରେ ଉଦିତ ହୋଇଥିବା ପରି ବୋଧହୁଏ ।

ଗୋପୀବିଳାପର ୬ଷ୍ଠ ବୋଲିରେ ଆମ୍ଭେମାନେ ଦେଖୁଁ କବି ଗାଇ ଅଛନ୍ତି ।

ଅତି ଅଧମ ମୋ ଛାର କୃତ୍ୟରେ,
ବୋଲି ପାରନ୍ତି କି କଦାଚିତରେ ।
କୃପାସିନ୍ଧୁ କୃପା କଲେ ଚିତ୍ତରେ,
ଏହି ପଦ ସ୍ଫୁରିଲା ମୋ ଚିତ୍ତରେ । ୧୮୪ ।
ଆନ ଗୀତ ଯେ ଏପରି ନୁହଇ,
ଏହା ଗାଇଲେ ପାତକ ଦହଇ । ୧୮୫ ।
ଭକ୍ତଜନମାନଙ୍କ ଅଙ୍ଗୀକାରେ,
ଗୀତ କରିଛି ମୁଁ ନାନାପ୍ରକାରେ । ୧୮୬ ।
ନାନାଜାତି ନୟମ ନାନା ରସେ,
କେତେ ଛନ୍ଦମାନ କଲି ହରଷେ । ୧୮୭ ।

ସେ ତ ସବୁର ନୋହିଲା ବୋଧକ,
ପରମାର୍ଥରେ ନୋହିଲା ବୋଧକ । ୧୮ ।

ଏହା ଯେମନ୍ତ କୃତାର୍ଥ ହେବ ବୋଲି,
ଦେଶ ଭାଷାରେ କୋଇଲି ଏ ବୋଲି । ୧୯ ।

ଶ୍ୟାମରସୋତ୍ସବର ୪ର୍ଥ ଛାନ୍ଦରେ କବି ଆହୁରି ସୁସ୍ପଷ୍ଟଭାବରେ ଲେଖି ଅଛନ୍ତି'

ଶେଷ ହେଲା ବୟସ ବିଷୟାବଳେ,
ଶମନ ଭୁବନକୁ ଗମନ କାଳେ ଯେ ।
ଶରଣ ନାହିଁ କେହି ବ୍ରଜନାଥର,
ଶ୍ୟାମସୁନ୍ଦର ଦୟା କର ଏଥର ହେ । ୧୬ ।

ଆମ୍ଭେମାନେ ଦେଖିଅଛୁଁ ସମରତରଙ୍ଗର ସପ୍ତମ ଛାନ୍ଦରେ ନିଜର କବିତ୍ୱ, କୃତିତ୍ୱ ଓ ଲିଖିତ ଗ୍ରନ୍ଥାଦିର ବର୍ଣ୍ଣନା ପ୍ରସଙ୍ଗରେ କବି କହି-ଅଛନ୍ତି, ଅନ୍ୟାନ୍ୟ ମଧ୍ୟରେ

'ଭଗ ତ୍ରିମାଳୀମାନ ଗ୍ରଳକ ଗୀତ
ବ୍ରଜମୋହନ କେଳିଯୁକ୍ତ କବିତ୍ୱ'

ମାନ ମଧ୍ୟରେ ସେ ଲେଖିଅଛନ୍ତି । 'ବ୍ରଜମୋହନ କେଳିଯୁକ୍ତ କବିତ୍ୱ'ରେ ଶ୍ୟାମରସୋତ୍ସବ ଓ ଗୋପୀବିଳାପ ଛଡ଼ା ଅନ୍ୟ କିଛି ଲକ୍ଷ୍ୟ କରାଯାଇ ନାହିଁ । ଏଣୁ ସମରତରଙ୍ଗ, ଅମ୍ବିକା ବିଳାସ, ଶ୍ୟାମରସୋତ୍ସବ ଓ ଗୋପୀବିଳାପର ପରବର୍ତ୍ତୀ ରଚନା ବୋଲି ଧରା ଯାଇପାରେ । ଅବଶ୍ୟ ଗୋପୀବିଳାପ ଓ ଶ୍ୟାମରସୋତ୍ସବର ଧର୍ମ ପିପାସା ଓ ପରକାଳ-ଚିନ୍ତାଧାରାରୁ ଏ ଦୁଇ ଗ୍ରନ୍ଥ ସମରତରଙ୍ଗ ପରି ବୀରରସାତ୍ମକ ଗ୍ରନ୍ଥର ପୂର୍ବବର୍ତ୍ତୀ ହୋଇଥିବ ବୋଲି ସନ୍ଦେହ ମଧ୍ୟ ହୋଇପାରେ, ମାତ୍ର ଏହା ବିରୁଦ୍ଧରେ ଅନ୍ୟ ବିଶେଷ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ସମରତରଙ୍ଗର

ଉପର ଉଦ୍ଧୃତ ପଦ୍ୟାଂଶରୁ ଅନ୍ୟକିଛି ଅନୁମାନ କରା ଯାଇ ନ ପାରେ ; ହୋଇପାରେ ସ୍ୱାଭାବିକ ଧର୍ମପ୍ରବଣ କବି ଗୋପୀବିଳାପ ଓ ଶ୍ୟାମରାସୋତ୍ସବ ଲେଖି ସାରିବା ପରେ ଆଖି ଆଗରେ ସମରତରଙ୍ଗ ବର୍ଣ୍ଣିତ ଘଟନାବଳୀ ଦେଖି ଏବଂ ତାଙ୍କର ପୋଷକ ବିଲ୍ଲୋଚନଙ୍କର ଅଗ୍ନି-ବର୍ଷୀ ଉତ୍ସାହବାଣୀ ଶ୍ରବଣ କରି କବି ପ୍ରୌଢ଼ ବୟସରେ ମଧ୍ୟ ବୀରହର ବ୍ୟଞ୍ଜନା ଅନୁଭବ କରିଥିବେ ଏବଂ ତାହାଦ୍ୱାରା କେନ୍ଦୁଝର ପତିଙ୍କ ସହିତ ତାଙ୍କର ପୂର୍ବ ଅସଦ୍ଭାବ ଦ୍ୱାରା ଉଦ୍ଦୀପିତ ହୋଇ ସମରତରଙ୍ଗ ଲେଖି-ବାର ସ୍ୱାଭାବିକ ପ୍ରେରଣା ପାଇଥିବେ ।

ସମରତରଙ୍ଗ ୧୭୮୧ ମସିହାର ପ୍ରଥମାର୍ଦ୍ଧରେ ଲିଖିତ । ତେଣୁ ଅମ୍ବିକାବିଳାସ, ଗୋପୀବିଳାପ ଓ ଶ୍ୟାମରାସୋତ୍ସବ ୧୭୮୧ ପୂର୍ବର ଲେଖା । ଏହିପରି 'ରାଜନଙ୍କୁ ଛୁଲୋକ୍ତି' ସମରତରଙ୍ଗର ପ୍ରାୟ ଆଠ ନଅ ବର୍ଷ ପରେ ଲିଖିତ ହୋଇଥିଲା । 'ରାଜସଭା' ଖୁବ୍ ସମ୍ଭବତଃ ତାହାର କିଛିକାଳ ପରବର୍ତ୍ତୀ ଏବଂ 'ଗୁଣ୍ଡିଚା ବିଜେ' ତାଙ୍କର ସର୍ବଶେଷ ଲେଖା ।

ଶ୍ୟାମରାସୋତ୍ସବର ସମ୍ପାଦକଙ୍କ ମତରେ ୧୭୯୫ ମସିହାରେ ବିଲ୍ଲୋଚନଙ୍କର ମୃତ୍ୟୁ ହେଲା, ମାତ୍ର ଆମ୍ଭେମାନେ ମନେ କରୁଁ ତାହାର ଦୁଇ ତିନବର୍ଷ ପୂର୍ବରୁ ବିଲ୍ଲୋଚନ ମୃତ୍ୟୁମୁଖରେ ପତିତ ହୋଇଥିବେ । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରାଜମାନେ ଓଡ଼ିଶା ଅଧିକାର କଲେ ଏବଂ ୧୮୧୪ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର କମିଶନର ଓ ଟ୍ରିବ୍ୟୁଟରି ମାହାଲର ସୁପରିଣ୍ଟେଣ୍ଡେଣ୍ଟ୍ ଓଡ଼ିଶାର ଗଡ଼ଜାତ ରାଜା ଓ ଜମିଦାରୀ ମାହାଲର ଜମିଦାରମାନଙ୍କୁ ସେମାନଙ୍କ ସାମାଜିକ ରୀତି ନୀତି, ବୈବାହିକ ଓ ଉତ୍ତରାଧିକାର ପ୍ରଥା ଆଦି ବିଷୟରେ ୨୫ଗୋଟି ପ୍ରଶ୍ନ ପଚାରିଥିଲେ । ଏହିସବୁ ପ୍ରଶ୍ନ ଓ ଉତ୍ତରାବଳୀ ପୁସ୍ତକାକାରରେ 'ପଚଶ ସଓଆଲ' (twenty-five questions) ନାମରେ ପରିଚିତ । ପଚଶ ସଓଆଲ

ପତିଷ୍ଠ ହେଲାବେଳେ ଢେଙ୍କାନାଳରେ ରାଜା ଥିଲେ କୃଷ୍ଣଚନ୍ଦ୍ର ମହୀନ୍ଦ୍ର ବାହାଦୁର ଓ ଖୋରଧାର ରାଜା ମହାରାଜ ମୁକୁନ୍ଦ ଦେବ । ଢେଙ୍କନାଳର ପ୍ରଥିତଯଶା ରାଜା ଭଗୀରଥ ମହୀନ୍ଦ୍ର ବାହାଦୁରଙ୍କ ସମ୍ପର୍କରେ ପ୍ରକାଶିତ "ଭଗୀରଥ କୀର୍ତ୍ତିକଲାପ" ନାମକ ଖଣ୍ଡିଏ ପୁସ୍ତକରୁ ଦେଖାଯାଏ ଯେ, ଉପରୋକ୍ତ ରାଜା କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା,

'ଦଶ ବରଷ ଚୈତ୍ରମାସରେ   ରାମଚନ୍ଦ୍ରଙ୍କ ସାତ ଅଙ୍କରେ
ମୀନ ଛବିଶ ଦୋଳ ଦିନରେ   ରବି ଅର୍ଦ୍ଧରେ ଯେ ।'

ରାମଚନ୍ଦ୍ର ଦେବ ୧୮୧୭ ସାଲରେ ଉପରୋକ୍ତ ମହାରାଜା ମୁକୁନ୍ଦ ଦେବଙ୍କ ପରେ ଖୋରଧାର ରାଜା ହେଲେ । ତାଙ୍କର ସାତ ଅଙ୍କ ମୀନ ଛବିଶ ଦିନ ପଡୁଛି ଇଂରାଜି ୭-୪-୧୮୨୨ । ଉପରୋକ୍ତ ଉଦ୍ଧୃତାଂଶରୁ ସେଦିନ ଦୋଳପୂର୍ଣ୍ଣିମା ଥିଲା ବୋଲି ପ୍ରକାଶ । ୭-୪-୧୮୨୨ ଯେ ଗୋଟିଏ ପୂର୍ଣ୍ଣିମା ପଡ଼ିଥିଲା, ଏହା ନିଶ୍ଚିତ *। ଚଳିତ ବର୍ଷ ପରି ସେ ବର୍ଷ ଯଦି ଫାଲ୍ଗୁନ ମାସରେ ଅଧିବସ୍ତର ହୋଇଥିବ, ତେବେ ଏପ୍ରିଲ ମାସରେ ଦୋଳପୂର୍ଣ୍ଣିମା ହେଲେ ହୋଇ ଥାଇ ପାରେ ଏବଂ ସେହି ଦିନ କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିବ ବୋଲି ଗ୍ରହଣ କରା ଯାଇପାରେ । ଢେଙ୍କାନାଳ ଇତିହାସ ଓ ଭଗୀରଥ କୀର୍ତ୍ତିକଲାପର ସମର୍ଥନ ଅନୁସାରେ ତ୍ରିଲୋଚନଙ୍କ ପରେ ନିମ୍ନଲିଖିତ ରାଜାମାନେ କ୍ରମଶଃ ଢେଙ୍କାନାଳ ସିଂହାସନ ଅରୋହଣ କରିଥିଲେ,

ଦୟାନିଧି ମହୀନ୍ଦ୍ର ବାହାଦୁର		ବ ୧୦ । ୪ ମାସ
ରାମଚନ୍ଦ୍ର	,,	ବ ୧୦ । ୭ ମାସ
କୃଷ୍ଣଚନ୍ଦ୍ର	,,	ବ ୧୦ । ୪ ମାସ
		ବ ୩୧ । ୨ ମାସ

* Indian Ephimeris—Swami Kannu Pillai, Vol. 7—p 46.

ମୁଖବନ୍ଧ

ଓଡିଶାର ଇଂରାଜ ଶାସନାରମ୍ଭର ଏହି ଅଳ୍ପକାଳ ମଧ୍ୟର ଘଟନାବଳୀ ସମ୍ବନ୍ଧରେ ପ୍ରଦତ୍ତ ଏ ସମୟ ସତ୍ୟମୂଳକ ହୋଇଥିବ ବୋଲି ଧରା ଯାଇ-ପାରେ । ଏଣୁ ୬-୪-୧୮୨୨ ର ବ ୩୧ । ୨ ମାସ ପୂର୍ବେ ଅର୍ଥାତ୍ ୭-୨-୧୭୯୧ ରେ ବା ୧୭୯୧ ସାଲର ଆରମ୍ଭରେ କୌଣସି ସମୟରେ ବିଲୋଚନଙ୍କର ମୃତ୍ୟୁ ହୋଇଥିବ ଏହା ଅସମ୍ଭବ ବୋଧ ହେଉ ନାହିଁ ।

କବଡା ପର ତାହାର କବି ମଧ୍ୟ ଆଶ୍ରୟବିହୀନ ହୋଇ ରହି-ପାରନ୍ତି ନାହିଁ । ୧୭୯୧ ସାଲରେ ତାଙ୍କର ପୋଷକ ବିଲୋଚନଙ୍କର ମୃତ୍ୟୁ ପରେ କୌଣସି ସମୟରେ ଖୁବ୍ ସମ୍ଭବତଃ ବ୍ରଜନାଥ ଖୋରଧାର ତତ୍କାଳୀନ ରାଜା ଦିବ୍ୟସିଂହଦେବଙ୍କର ଅନୁଗ୍ରହପ୍ରାର୍ଥୀ ହୋଇଥିବେ । କବିଙ୍କର ଗୁଣ୍ଡିଚା ବିଜେ ଏ ଅନୁମାନର ସମର୍ଥନ କରୁଅଛି । ଗୁଣ୍ଡିଚା ବିଜେରେ କବି ଲେଖିଅଛନ୍ତି ।

'ଲାଖରାଜନ୍‌କେ ମୁକୁଟମଣି ଏକଛତ୍ରଧର ଯୁହିଁ
ଶ୍ରୀ ଦିବ୍ୟସିଂହ ମହିପାଲ ଭୂପବର ହୈରବୀରପରସିଂହ ।'
ଭୂପଗଣମାଥମଣି ଦିବ୍ୟସିଂହଦେବମଣି
ସଚଲ ଜଗନ୍ନାଥ ତହିଁଲୋକେ ବୋଲି
ପୂରୁବତପ ମୋର ହୋୟେ ଶ୍ରୀମୁଖଶଶି ଦର୍ଶନ କୟେ
ଦୁଖତମଛେଦୀ ହୃଦକୁମୁଦ ଫୁଲି ।
ଗୁଣ୍ଡିଚା କବଡା ଗୀତ ଛନ୍ଦ ପରବନ୍ଧ କୃତ
ବହୁବଧ ଯାତ କ ଜାତ ଖ୍ୟାଲି
ହୁକୁମ ପରମାଣ କୁରନିଶ କର ହୁଜୁର
ପଡ୍ ବର୍ଣ୍ଣୀମ୍ ତୃଷ୍ଣିକଈ ଫେର୍ ବୋଲି ।'

ଖୁବ୍ ସମ୍ଭବତଃ ଦିବ୍ୟସିଂହ ଦେବଙ୍କ ଆଦେଶରେ ଗୁଣ୍ଡିଚା ବିଜେ ଲିଖିତ ହୋଇଥିଲା । ଦିବ୍ୟସିଂହଦେବ ୧୭୯୮ ସାଲପର୍ଯ୍ୟନ୍ତ ଜୀବିତ ଥିଲେ, ସୁତରାଂ ଗୁଣ୍ଡିଚା ବିଜେ ୧୭୯୧—୧୭୯୮ ସାଲ ମଧ୍ୟରେ କୌଣସି ସମୟରେ ଲିଖିତ ବୋଲି ସ୍ୱଚ୍ଛନ୍ଦରେ ଧରାଯାଇ ପାରେ ।

ଉପରଲିଖିତ ଆଲୋଚନା ଦୃଷ୍ଟିରେ କବିଙ୍କର ବିଭିନ୍ନ ପ୍ରସିଦ୍ଧ ଗ୍ରନ୍ଥ ସବୁର ନିମ୍ନଲିଖିତ ରୂପେ ସମୟ ନିର୍ଣ୍ଣୟ କରାଯାଇପାରେ ।

କବିଙ୍କର ଜନ୍ମ	—ଖ୍ରୀ: ୧୭୩୦ ସାଲ	।
ବିଚକ୍ଷଣା ଚତୁର ବିନୋଦ	୧୭୪୪—୧୭୬୪	।
କେଳିକଳାନିଧି ବିଦେଶୀକୁଚନ୍ଦ୍ର	୧୭୬୪—୧୭୭୦	।
ଅମ୍ବିକାବିଳାସ ଦଣପୋଇ ଚଣ୍ଡୀମାଳଶ୍ରୀ ଗୋପୀବିଳାପ ଶ୍ୟାମରାସୋତ୍ସବ	୧୭୭୦—୧୭୮୦	।
ସମରତରଙ୍ଗ	— ୧୭୮୧	।
ରାଜନଙ୍କୁ ଛଳୋକ୍ତି	— ୧୭୯୦	।
ରାଜସଭା	— ୧୭୯୦—୯୧	।
ଗୁଣ୍ଡିଚା ବିଜେ	— ୧୭୯୧—୯୮	।

ତାଙ୍କର ଅନ୍ୟାନ୍ୟ କ୍ଷୁଦ୍ର କବିତା ଆଦିର ସମୟ ନିର୍ଦ୍ଧାରଣ କରିବା ସହଜ ନୁହେଁ ।

କବିଙ୍କର ଧର୍ମବିଶ୍ୱାସ ।

କବି ତାଙ୍କର ପ୍ରାୟ ପ୍ରତ୍ୟେକ ଗ୍ରନ୍ଥର ଆରମ୍ଭରେ ଗୋଟିଏ ଗୋଟିଏ ମଙ୍ଗଳାଚରଣ କରିଅଛନ୍ତି । ତାଙ୍କର ପ୍ରଥମ ଗ୍ରନ୍ଥ ବିଚକ୍ଷଣା'ର ମଙ୍ଗଳାଚରଣରେ ସେ ଶ୍ରୀକ୍ଷେତ୍ର ଅଧିଷ୍ଠାତ୍ରୀ ଦେବୀ ବିମଳାକ୍ଷୀଙ୍କୁ ସ୍ମରଣ କରିଅଛନ୍ତି । ତତ୍ପରେ ବିନୋଦର ମଙ୍ଗଳାଚରଣରେ କବି ଅତି ପ୍ରଚଳିତ ନିୟମରେ ସର୍ବପ୍ରଥମେ ବିଘ୍ନବିନାଶ ନିମିତ୍ତ ଆରମ୍ଭ କରିଅଛନ୍ତି 'ଶ୍ରୀ ଗଣେଶାୟ ନମଃ' । ତତ୍ପରେ ମନକାମନା ସିଦ୍ଧି ନିମିତ୍ତ ପୂଜା କରିଅଛନ୍ତି । ଆଶୁତୋଷ ଶିବଙ୍କୁ ଏବଂ ଶେଷରେ ବ୍ରଜପୁର ନାଗର ନାଗରୀ-ଧୃତିହର କଳୁଷତପୃହର ରମେଶର ବିଷ୍ଣୁଙ୍କର ବନ୍ଦନା କରି ଗ୍ରନ୍ଥାରମ୍ଭ କରିଅଛନ୍ତି ଏହିପରି ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରୁ କାହିଁରେ ମଙ୍ଗଳାଚରଣରେ ରାଧାପତିଙ୍କର, କାହିଁରେ ଶିବଙ୍କର, କାହିଁରେ ଢେଙ୍କାନାଳସ୍ଥ ବଳଦେବଙ୍କର, କାହିଁରେ ବା ଦୁର୍ଗାଙ୍କର ସ୍ତୁତି କରି ଗ୍ରନ୍ଥାରମ୍ଭ କରିଅଛନ୍ତି । ଏଥିରୁ କବି କୌଣସି ବିଶେଷ ଦେବଦେବୀଙ୍କ ପ୍ରତି ବିଶେଷଭାବରେ ଆକୃଷ୍ଟ ହୋଇ ଅନ୍ୟ ଦେବଦେବୀଙ୍କ ପ୍ରତି ବୀତଶ୍ରଦ୍ଧ ବା ଉଦାସୀନ ଥିଲେ ବୋଲି ମନେ ହୁଏ ନାହିଁ । ଅମ୍ବିକାବିଳାସର ୨୯ଶ ଛନ୍ଦରେ କବି ଲେଖିଅଛନ୍ତି—

ଅଛନ୍ତି ଯେତେ ଶାସ୍ତ୍ରମାନେ ଅପରା ଏ ବିଦ୍ୟାମାନେ । ୭୪
ଅଙ୍ଗକୁ ବୋଲଇ କେ ନିତ୍ୟ ଅବା ବୋଲି କେ ଜୀବ ସତ୍ୟ । ୭୫
ଅପରେ ଜନ୍ମାନ୍ତର ନାହିଁ ଅଛି ବୋଲି କେ ଅବା କହି । ୭୬
ଅଧର୍ମ ଧର୍ମ ଏକଯୋଗ ଅଧନ ମୁକ୍ତି ଉଚ୍ଚ ସ୍ୱର୍ଗ । ୭୭
ଅପାର ରୂପେ ଯେ କହନ୍ତି ଅଚ୍ୟୁତ ଭାବ ନାହିଁ ଏଥି । ୭୮
ଅନନ୍ତ ବିଦ୍ୟା ଫଳ ଏହି ଅନନ୍ତ ଭକ୍ତି ଯେବେ ହୋଇ । ୭୯
ଅତି ଦୁର୍ଲ୍ଲଭ ନର ଜୀବ ଅପେକ୍ଷା କରୁଛନ୍ତି ଦେବ । ୮୦
ଅମୃତ କୃଷ୍ଣ ଭକ୍ତି ଫଳ ଅଭାବେ ମାତ୍ର ସେ ନିଷ୍ଫଳ । ୮୧

ଅଚ୍ୟୁତ ଶିବ ଏ ଅଭିନ   ଅମ୍ବିକା ରାଧିକା ତେସନ । ୮୨
ଅନ୍ତର ଏଥି କିଛି ନାହିଁ   ଅଜ୍ଞାନୀ ଭେଦ କରୁଥାଇ । ୮୩

ସେହିପରି ଆମ୍ଭେମାନେ ପୂର୍ବେ ଦେଖିଅଛୁଁ ଗୋପୀବିଳାପ ୬ଷ୍ଠ ବୋଲିରେ ସେ କହିଅଛନ୍ତି—

ନାନା ଜାତି ନିୟମ ନାନା ରସେ,   କେତେ ଛନ୍ଦମାନ କଲି ହରଷେ ।
ସେ ତ ସବୁର ନୋହିଲା ବୋଧକ,   ପରମାର୍ଥରେ ନୋହିଲା ବୋଧକ ।

ଶ୍ୟାମରାସୋତ୍ସବର ଦ୍ୱାଦଶ ଛନ୍ଦରେ ମଧ୍ୟ ଆମ୍ଭେମାନେ ଦେଖୁଁ,

ଶରଧି ତରଙ୍ଗ   ଯଥା ଏକ ଅଙ୍ଗ   ନାମ ମାତ୍ର ଭିନ୍ନ
ସତ୍ତ୍ୱ ରଜ ଗୁଣ   ଯେଉଁରୂପେ ପୁଣ   ଜନରୁ ଅଭିନ୍ନ । ୩୧
ଶରୀର ଜୀବନ   ପୁଷ୍ପବାସ ଭିନ୍ନ   ହୋଇବ କେମନ୍ତେ
ଶିଷ୍ଟ ଏ ଭାରତୀ   ପୁରୁଷ ପ୍ରକୃତି   ଅଭେଦ ତେମନ୍ତେ । ୩୨
ଶିବ କେ ଭଜନ୍ତି   ବିଷ୍ଣୁଙ୍କୁ ନ ଚିନ୍ତି   ବିଚାରନ୍ତି ଭେଦ,
ଶାକ୍ତ ହୋଇ କେହି   ସେହୁ ପୁଣି ନୋହି   ତାମସେ ଆନନ୍ଦ । ୩୩
ଶ୍ରୁତିକି ନ ଜାଣେ   ଯେ ପଣ୍ଡିତ ପଣେ   ବିଷ୍ଣୁଙ୍କୁ ନ ମାନେ,
ଶିବଙ୍କୁ ତ୍ୟଜତି   କରି କେହୁ ମତି   ଘେନେ ଭିନ୍ନେ ଭିନ୍ନେ । ୩୪

ଏସବୁରୁ ମନେହୁଏ ଧର୍ମ ସମ୍ବନ୍ଧରେ ସେ ଉଦାର ଓ ପଞ୍ଚଦେବତାଙ୍କ ଉପାସକ ଥିଲେ ।

କବିଙ୍କ ଅନ୍ତିମ ଜୀବନ ଓ ବ୍ୟକ୍ତିତ୍ୱ

କବିଙ୍କର ଅନ୍ତିମ ଜୀବନ ସୁଖ ଓ ଶାନ୍ତିମୟ ନ ଥିଲା । ରାଧାନାଥଙ୍କ ଭାଷାରେ

'ଲକ୍ଷ୍ମୀଙ୍କ ସହପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତାଙ୍କର ସଙ୍ଗୀ ହେଲା ସଦା ।'

'ରାଜନଙ୍କୁ ଛଟଲୋକି'ରେ କବିଙ୍କର ସାଂସାରିକ ଜୀବନର ଏହି ବିଷାଦମୟ ଚିତ୍ର ପରିସ୍ଫୁଟ ହୋଇଅଛି । ପୂର୍ବେ ଉଲ୍ଲେଖ କରାଯାଇଅଛି ସମରତରଙ୍ଗ ଲେଖାର

ଅଳ୍ପକାଳ ପରେ କୌଣସି କାରଣରୁ କବି ସାତବର୍ଷ ପର୍ଯ୍ୟନ୍ତ ଢେଙ୍କାନାଳ ପତିଙ୍କର ବିରାଗଭାଜନ ହୋଇଥିଲେ । ଏବଂ ଶେଷରେ ସେ ନିଜର ଦୁଃଖ ଦୈନ୍ୟ ବର୍ଣ୍ଣନା କରି ରାଜାଙ୍କ ନିକଟରେ ସାହାଯ୍ୟପ୍ରାର୍ଥୀ ହୋଇଥିଲେ, ଏହାହିଁ 'ରାଜନଙ୍କୁ ଉକ୍ତଲୋକ୍ତି' ନାମରେ ପରିଚିତ । ଏଥିରେ ଅନ୍ୟାନ୍ୟ କଥା ପରେ କବି କହିଅଛନ୍ତି,

ସ୍ୱାମୁଏ ନିରାଶ ହେବାରୁ ଲେଶରେ ପର ଦେଶ ଠାବେଁ ଯାଚିଁ
ଗୁଣଥିବା ଯେନି ଶହେ କି ପରିଶ ତହିଁରୁ ଅର୍ଜି ଅଣାଇଁ । ୭୧
ତଉଲ୍ ଖପରା- ରେ ମାର ଚୋପାଏ ପଡ଼ିଲ୍ ପ୍ରାଏ ସେ ଯାଏ
ପୁଣି ଦ ଶ୍ରଉ ମା— ସ, ତା ଖାଇ ଅଉ ଗମନ କରଇ ଠାଏ । ୭୨
ପଦର ପରାଣି କବଲ୍ ଏଥିରେ ପୋଷା କଉଁରୂପେ ଯିବେ
କେବଲ ବେଲେବେ- ଲେ, ଖାଇ ସମସ୍ତେ ନ ମରି ରହନ୍ତୁ ଜୀବେ । ୭୩

ଏଥି ଉପରେ ଆହୁରି ଦୁଃଖର କଥା ସମ୍ଭବତଃ କବିଙ୍କର ବୃଦ୍ଧ ବୟସରେ ତାଙ୍କର ଅନ୍ୟାନ୍ୟ ଭାଇମାନଙ୍କର ମୃତ୍ୟୁ ଘଟିବାରୁ ସମସ୍ତଙ୍କର ପରିବାର ପାଳନ ଭାର କବିଙ୍କ ଉପରେ ପଡିଥିଲା । ଏକେ ସେ ଦରିଦ୍ର ଥିଲେ, ତେତେବେଳେ ସମ୍ଭବତଃ କବି ରାଜାଙ୍କଠାରୁ କୌଣସି ନିୟମିତ ବୃତ୍ତି ପାଉ ନ ଥିଲେ; ତାହା ଉପରେ ଏ ଦୈବଗ୍ରହର ପରିଣାମ ସହଜରେ ଅନୁମେୟ । ଏଣୁ ଆମ୍ଭେମାନେ ପରବର୍ତ୍ତୀ 'ରାଜସଭା' ପୁସ୍ତିକାରେ କବିଙ୍କୁ ବିଷାଦଭରା ସ୍ୱରରେ ଗାଇବାକୁ ଦେଖୁଁ—

ବଡିପିତା ପିତା କ୍ରମେ ସେବା କରି ମହା ଶ୍ରମେ
ଭୁଞ୍ଜୁଥିଲେ ଅନୁରୂପ କରି ସମ୍ପତ୍ତି
ସ୍ୱାମୀ ଅନୁଗ୍ରହ ପାଇ ମୁଁ ନିରକ୍ଷ ଜୀବ ତହିଁ
କରିଥିଲେ ସମର୍ଯ୍ୟାଦ ହୋଇଣ ଅତି
ବଡ଼ ଭାଇ ସରିକ ଏହି—
ରୂପେ ଲୋକ ହେଲେ ସ୍ୱାମୀ ନିଯୁକ୍ତ ହୋଇ । ୬୯ ।

ଆଉ ଭାଇ ମୁହିଁ ଅବା   ବିଷେ ପଢ଼ି ଅଛି ସେବା
କରିବାରେ ଚରିତାର୍ଥ ଚଳାଉ ଥାଉଁ
ଏବେ ସେ ଗଲା ସବୁହିଁ   ଆଉ କିଛି ଲକ୍ଷ୍ୟ ନାହିଁ
ଅନ୍ତର୍ଯ୍ୟାମୀ ପ୍ରଭୁ କି ବା ନ ଜାଣ ଆଉ ।
କୁଟୁମ୍ବ ପଞ୍ଚଶ ପରାଣୀ
କି ପୋଷିବ ଏଥିପର ରାଜ୍ୟରୁ ଆଣି । ୬୦ ।

ଏତେ ଦୁଃଖ ଦୈନ୍ୟରେ ସୁଦ୍ଧା କିନ୍ତୁ କବି ତାଙ୍କର ତେଜସ୍ୱିତା ନିର୍ଭୀକତା ଚ୍ୟୁତ ହୋଇ ନ ଥିଲେ । ତତ୍କାଳୀନ ଗଡ଼ଜାତ ରାଜାମାନଙ୍କର ନିଜ ରାଜ୍ୟ ମଧ୍ୟରେ କିପରି ଦୁର୍ଦ୍ଦଣ୍ଡ ପ୍ରତାପ ଥିଲା ତାହା ସାଧାରଣଙ୍କୁ ଜଣା । ଏହିପରି ଜଣେ ରାଜାଙ୍କୁ କବି 'ରାଜନଙ୍କୁ ଛଟଲୋକ୍ତି' ଭେଟି ନିଜର ଅବସ୍ଥା ଶ୍ଳେଷରେ ନିମ୍ନଲିଖିତ ପ୍ରକାରେ ଜଣାଇଥିଲେ—

ଗୋସାଇଁଙ୍କ ଖାନ— ନାଜି ଅଟଇ ମୁଁ   ସାତପୁରୁଷ ସେବକ
ଏହି ମହାଶ୍ରମ   ଅଶେଷ ଭୁଞ୍ଜୁଥାଉଁ   ଦୁଖ କେତେବେଳେ ସୁଖ । ୩
ବର୍ତ୍ତମାନ ମୋତେ   ଗୋସାଇଁ ଦେଇଛ ପ୍ରଭୁଙ୍କ ନୃପତ୍ୱ ସୁଖ
ନ ଜାଣିବା ଲୋକେ   ବୋଲନ୍ତି ପାଇଲେ ବଡ଼ଜେନାଏ କି ଦୁଖ । ୪

ବଡ଼ ପ୍ରଭୁମାନେ   ଆପଣା ପଦହିଁ   ଦିଅନ୍ତି ଭୃତ୍ୟ ଜନରେ
ବିଷ୍ଣୁ ଚତୁର୍ଭୁଜଙ୍କ   କର ଶଙ୍ଖଚକ୍ର   ତେଜି ଦେଲେ ଦାସଠାରେ । ୫
ଯେଉଁରୂପେ ମୁହିଁ   ନୃପତ୍ୱ ସମ୍ପତ୍ତି   ପାଇଛି ଶୁଣ ମହିମା
ଖଡ଼ି ଧରିଲେ ତ   କେତେ ଧାନ ଟଙ୍କା ସୁବର୍ଣ୍ଣ କରୁଛୁ ଜମା । ୬

ଗୋସାଇଁ ଛ ହାତୀ   ବାସରେ ରଖିଛ   ଦେଇ ତହିଁ କେତେ ଗଣ୍ଡି
ମୋର ଛ ହାତ ବା—ସରେ ରଖିଅଛୁ   ଦେଇ ତହିଁ କେତେ ଗଣ୍ଡି । ୭

ପ୍ରଭୁ ସଉକବ   ଖୋଜୁଛନ୍ତି ଛମୁଙ୍କୁ   ମିଳୁ ନାହିଁ ଆଣ୍ଟରୂପେ
ମୁହିଁ ନଇହିଁ ସ—   ଉକବ ଖୋଜଇଁ   ନ ମିଳଇ ଅନୁରୂପେ । ୮

× × × ×

ବଟେ ହେଲାବେଳେ   ଚନ୍ଦ୍ର ସୂର୍ଯ୍ୟଧ୍ୱାସ   ପ୍ରଭୁଙ୍କ ଗଳାରେ ଶୋଭେ
ଘରେ ବସିଥିଲେ   ଚନ୍ଦ୍ର ସୂର୍ଯ୍ୟଧ୍ୱାସ   ମୋ ଶିରରେ ଶୋଭା ପାଏ ।

× × × ×

ଗୋସାଇଁ ଡଣ୍ଡି ବା—   ନ୍ଧି ଦେଇ ଆପଣା   ମୁଲକ ସମ୍ଭାଳି ଅଛନ୍ତି
ମୁଁ ଡଣ୍ଡି ବାନ୍ଧି ଦେ—   ଇ ଘର ରଖିଛି   ବୁଝାଯାଉ ନୋହେ ମିଛ । ୧୫

× × × ×

ଗୋସାଇଁଙ୍କର ଥି—   ବ ବା ଦଶ ପାଞ୍ଚ   ମୋହର ଗୃଙ୍ଗଡ଼ା—ଘରେ,
ବସୁରୁଛି ମୁହିଁ   ଅଛି ଦଶ ପାଞ୍ଚ   ମୋହର ଗୃଙ୍ଗଡ଼ା ଘରେ । ୧୭

× × × ×

ଏହିରୂପେ ରାଜ—   ସମ୍ପତ୍ତି ପାଇ ମୁଁ   ହୋଇଅଛି ପୂର୍ଣ୍ଣକାମ
କେବଳ ବୁଝିଲେ   ଏହି ଦୋଷରୁ ମୁଁ   ହେଲି ନିମକହାରାମ । ୨୧
ଈଶ୍ୱର ଗୋସାଇଁ   ଭଉଦ୍ୟ ବୋଲି ସିନା ଦେଲେ ନିଜ ଅଧିକାର
ଏହି ରାଜ୍ୟେ ଥିଲେ   କେ ପୁଣି ଦେଖିବ   ଏଡ଼େ ବଡ଼ ଭାଗ୍ୟ ମୋର ।
ଘାଟ ଚଟି ଖଣ୍ଡେ   ମିଳିଲେ ସଙ୍ଗେ ମୋ ଯେତେ ସବୁ ଦଉଲତ
ରାଜ୍ୟେ ରାଜ୍ୟେ ଫେରି ଗଲେ ସିନା ଏଡ଼େ ସମ୍ପଦ ହୁଅନ୍ତା ସାର୍ଥ । ୨୩

× × × ×

ସାତ ବରଷ ହୋ—   ଇଲା ସାତପଣ   ଶ୍ରୀଛମୁରୁ ନ ପାଇଲି
ନିମକହାରାମ   ହୋଇ କେଉଁ କାମ କୋଠରେ ବା ହାନି କଲି । ୨୫

× × × ×

ବପ୍ରର ଉପାସେ ଆକ୍ରାନ୍ତେ ନପ୍ରାଣେ ନବରଠାକୁ ଆସଇ
ଜଣାଇବ କଛି ହଜୁରେ ମଣୋହି ସମସ୍ତ ଜଗି ବସଇ । ୧୭

ଦୂରୁ ଦରଶନ କର କୁରନଶ କର ଶ୍ରୀମୁଖ ଯେ ଚାହିଁ
ଶ୍ରୀ ପାଲଙ୍କୀ କରେ ଜଣାଇବ ମନେ ବପ୍ରର ଅସନ୍ତେ ଥାଇଁ । ୧୮

ତେଢ଼େ ପ୍ରସନ୍ନ ବ— ଦନ ଯେ ଶରଦ ପୂର୍ଣ୍ଣଚନ୍ଦ୍ର ନନ୍ଦୁଥାଏ
ମୋ ଭେଟ କଟାକ୍ଷ ପଡ଼ିଲା ମାଏକେ ଅରୁଣ ଛବକ ପାଏ । ୧୯

× × × ×

ନୂଆ ଗାଆଁ ମୋତେ ଦଆ ହୋଇଛି ଯେ ଯୁଗ ଯୁଗାନ୍ତ ପଡ଼ିଆ
ବାଘ ପୁଅ ତହିଁ ସାକ୍ଷାତ ଜନ୍ମାଏ ପ୍ରଭୁ ଜାଣୁଅଛ ଏହା । ୩୭

× × × ×

ଗୃହ ଭରଣ ର— ଣ କାହୁଁ ଶୁଝି ମୁଁ ପାଇ ହେବ ମହାବାହୁ
ଚଟି ଖଣ୍ଡେ ଯେନ ଷ୍ଟମ୍ପୁରେ ଦେଉଛି ସରକାରେ ଗାଆଁ ରହୁ । ୪୧

× × × ×

ରଖିଲେ ଅନ୍ନ ବ— ସ୍ତ୍ର ଦେଇ ଗୋସାଇଁ ରଖ ଏ ବୃଦ୍ଧ ସମୟେ
ନୋହିଲେ ସନ୍ତୋଷେ ବଦାଗତି ହୋଉ ଜୀବ ଥାଉଁ ଯିବ ଠାଏ । ୪୮

ଆପଣାର ଗୁଣ ଅଛି କବା ନାହିଁ ଜାଇ ପାଇଲେ ଜାଇବ
ନୋହିଲେ ମହା ଗ— ଜାଙ୍କ ଲୋକ ବୋଲି ଯହିଁ ତହିଁ ତ ରହିବି । ୪୯

× × × ×

ଏଥିରୁ କବଙ୍କ ନର୍ଭୀକ ବ୍ୟକ୍ତିତ୍ୱ ବେଶ ପରସ୍ଫୁଟ ହୁଏ । ବାସ୍ତବକ କବ ବ୍ରଜନାଥଙ୍କର ଜୀବନ ବୈଚିତ୍ର୍ୟମୟ । ସେ ଦୁଃଖ ଓ ଜଞ୍ଜାଳକୁ ଅବହେଳତ କର ଭଗବତ ଚରଣାରବନ୍ଦରେ ବଶ୍ୱାସ ରଖି ସୁଖରୂପ ବରମାଲ୍ୟ ସର୍ବଦା ଗ୍ରହଣ କରଅଛନ୍ତି । ତାଙ୍କର ଲେଖାବଳୀରୁ ଏହା

ସ୍ପଷ୍ଟ ପ୍ରତୀୟମାନ ହୁଏ । ଉପର ଉଦ୍ଧୃତ ଉଦାହରଣମାନଙ୍କରୁ ଜଣାଯିବ ସେ ଜଣେ ବୃଥା ସ୍ତାବକ ନ ଥିଲେ । ରାଜା ମହାରାଜାଙ୍କର ଅନୁଗ୍ରହ-ପ୍ରାର୍ଥୀ ହୋଇ ନିଜର ଉଚ୍ଚ ମାନବିକତାକୁ ସେ କଦାପି ଜଳାଞ୍ଜଳି ଦେଇ ନାହାନ୍ତି । ଧାନକୃଷ୍ଣଙ୍କ ସଦୃଶ ସେ ନିଜର କର୍ତ୍ତବ୍ୟ—ଭଗବତ୍ ଆରାଧନା ସହ ନୈତିକ ଜୀବନଯାପନକୁ ସାର ବୋଲି ମଣିଥିଲେ । ତେଣୁ ସେ ରାଜା ମହାରାଜାଙ୍କର ଅନୁରାଗ ଓ ବିରାଗ ତୁଲ୍ୟ କୋଟିରେ ଦର୍ଶନ କରୁଥିଲେ । କେନ୍ଦୁଝରପତିଙ୍କ ସହିତ ସାମାନ୍ୟ ମତାନ୍ତର ଯୋଗୁଁ କେନ୍ଦୁଝର ପରିତ୍ୟାଗ ଓ ଢେଙ୍କାନାଳ ଅଧୀଶ୍ୱର ପ୍ରତାପୀ ତ୍ରିଲୋଚନ ମହାନ୍ଦ୍ରବାହାଦୂରଙ୍କଠାକୁ ଲିଖିତ 'ରାଜନଙ୍କୁ ଛନ୍ଦୋକ୍ତି' କବିତାରୁ ଏହା ପରିସ୍ଫୁଟ ହୁଏ ।

ପୂର୍ବେ କୁହାଯାଇଅଛି 'ରାଜନଙ୍କୁ ଛନ୍ଦୋକ୍ତି' ଲେଖିଲା ବେଳକୁ କବି ଷାଠିଏ ବର୍ଷର ବୃଦ୍ଧ । ତହିଁର କେତେକ ବର୍ଷ ପରେ ସେ 'ଗୁଣ୍ଡିଚା ବିଜେ' ଲେଖି ଖୋରଧା ରାଜାଙ୍କୁ ଭେଟିଥିଲେ ।

ଏହିପରିଭାବରେ ଦୁଃଖ ଦୈନ୍ୟ ମଧ୍ୟରେ ବାଣୀ ଆରାଧନା କରି କବି ସମ୍ଭବତଃ ୬୫ ବା ୭୦ ବର୍ଷ ବୟସରେ ଆନୁମାନିକ ଖ୍ରୀ ୧୭୯୫ ପରେ କେବେ ପ୍ରାଣତ୍ୟାଗ କରିଥିବେ । ବାଗ୍‌ଦେବୀଙ୍କର ବରପୁତ୍ରମାନଙ୍କର ଅଧିକାଂଶଙ୍କର ଯେଉଁ ଦଶା ଘଟିଥାଏ ବ୍ରଜନାଥଙ୍କର ମଧ୍ୟ ତାହାହିଁ ଘଟିଥିଲା—ବନର ମାଳତୀ ପରି ବାସ୍ତବିକ ସେ ବନରେ ଫୁଟି ବନରେ ମଉଳି ଥିଲେ । ତାଙ୍କର ସୌଭାଗ୍ୟ ଦୁଇଶତ ବର୍ଷ ପରେ ତାଙ୍କର ପରି ଆଉ ଜଣେ ଢେଙ୍କାନାଳବାସୀ ସ୍ୱର୍ଗତ ଦାମୋଦର ପଟ୍ଟନାୟକଙ୍କ ଯତ୍ନରେ ଉତ୍କଳବାସୀ ତାଙ୍କର ପରିଚୟ ପାଇଲେ ଓ ତାଙ୍କୁ ଚିହ୍ନିବାକୁ ଆରମ୍ଭ କଲେ ।

ବ୍ରଜନାଥଙ୍କ କବି ପ୍ରତିଭା ।

କବି ବ୍ରଜନାଥ ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କର ପରବର୍ତ୍ତୀ । ଉତ୍କଳ-ସାହିତ୍ୟ ଅଷ୍ଟାଦଶ ଶତାବ୍ଦୀର ପ୍ରାକ୍କାଳରେ ଉନ୍ନତିର ଚରମସୀମା ଲାଭ କରିଥିଲା । ପ୍ରତିଭା, ବହୁଶାସ୍ତ୍ରଦର୍ଶିତା ଓ ଉପଯୁକ୍ତ ଅଭ୍ୟାସ କବିତ୍ୱର କାରଣ । ବ୍ରଜନାଥଙ୍କର ପ୍ରତିଭା ବିଷୟରେ ବିଚାର କଲେ ଆମ୍ଭେମାନେ ଦେଖୁଁ ଯେ ସେ ବାସ୍ତବିକ ଜଣେ ପ୍ରଭୂତ ଶକ୍ତିଶାଳୀ କବି ଥିଲେ । ସ୍ୱୀୟ ଶକ୍ତି ପ୍ରଭାବରେ ସେ ଉତ୍କଳଭାଷାରେ ବିବିଧ କାବ୍ୟ କବିତା, କଥା, ଛାନ୍ଦ, ଚୌପଦୀ, ଦଣ୍ଡକ (ବାଣୀ ବୃତ୍ତରେ କବିତା) ଚୂର୍ଣ୍ଣିକ ଓ ସମରଗୀତିକା ଆଦି ଛଡ଼ା ଅନ୍ୟାନ୍ୟ ଭାଷା ନୈପୁଣ୍ୟର ନିଦର୍ଶନସ୍ୱରୂପ ସଂସ୍କୃତ, ପ୍ରାକୃତ, ହିନ୍ଦି, ବଙ୍ଗଳା ଓ ତେଲିଙ୍ଗି ଭାଷାରେ ମଧ୍ୟ କବିତା ଲେଖି ଆମ୍ଭମାନଙ୍କର ଭକ୍ତି ଓ ବିସ୍ମୟଭାଜନ ହୋଇଅଛନ୍ତି ।

ପ୍ରତିଭାରେ କଳ୍ପନାଶକ୍ତି, ସୃଜନ କୌଶଳ, ବିଷୟ ସଂଯୋଜନ ପ୍ରଭୃତି ସୁନ୍ଦରରୂପରେ ପ୍ରକାଶମାନ ହୁଏ । ବହୁ ଶାସ୍ତ୍ରଜ୍ଞାନ ନ ଥିଲେ କବି ମାନବଜୀବନର ନାନା ବିଭାଗଗତ ବିଷୟ ବର୍ଣ୍ଣନା କରିବାରେ ସମର୍ଥ ହୁଏ ନାହିଁ, କାରଣ ମାନବଜୀବନର ନାନାବିଧ ଉପଯୋଗୀ ବିଷୟମାନଙ୍କର ସମାଧାନ ନିମିତ୍ତ ନାନାଦି ଶାସ୍ତ୍ରମାନ ପ୍ରଣୟନ ହୋଇ-ଅଛି ଏବଂ ବିଷୟ ବିଶେଷର ଯଥାଯଥ ବର୍ଣ୍ଣନା-ଶୈଳୀ ଯାହା ପୂର୍ବତନ କବି ଓ ଲେଖକମାନଙ୍କ ଦ୍ୱାରା ଅବଲମ୍ବିତ ହୋଇଅଛି ତାହା ଅନୁ-ଶୀଳନପୂର୍ବକ ନିଜସ୍ୱ କରିପାରିବା ବ୍ୟକ୍ତିହିଁ ନିଜର କାବ୍ୟ କବିତାର ବର୍ଣ୍ଣନୀୟ ବିଷୟକୁ ସୁନ୍ଦର ତଥା ମନୋରମଭାବରେ ପ୍ରକାଶ କରିବାରେ ସମର୍ଥ ହୁଅନ୍ତି । ନାନା ଶାସ୍ତ୍ର ଅଧ୍ୟୟନ ଓ ବିବିଧ ଲେଖକଙ୍କର ଲିଖନ-ଶୈଳୀର ଉପଯୁକ୍ତ ଆଲୋଚନା ଫଳରେ ବ୍ରଜନାଥ ତାଙ୍କର କାବ୍ୟ-ମାନଙ୍କୁ ଏପରି ସର୍ବାଙ୍ଗସୁନ୍ଦର କରିପାରିଅଛନ୍ତି । ତାଙ୍କର ଲେଖା-

ବଳୀରୁ ଜଣାଯାଏ ଯେ ସେ ସଂସ୍କୃତ ସାହିତ୍ୟ, ଜ୍ୟୋତିଷ, ଆୟୁର୍ବେଦ ଓ ତନ୍ତ୍ରାଦି ଶାସ୍ତ୍ରରେ ପାରଦର୍ଶୀ ଥିଲେ ।

ବ୍ରଜନାଥଙ୍କର ବୈଶିଷ୍ଟ୍ୟ ବର୍ଣ୍ଣନ କରିବାକୁ ଯାଇ ଆମ୍ଭେମାନେ ଦେଖୁଁ ଯେ ସେ ଗତାନୁଗତିକ ପନ୍ଥାର ବ୍ୟତିକ୍ରମ କରି ଆମ୍ଭମାନଙ୍କୁ ତାଙ୍କର ଚିନ୍ତାଧାରାର ସ୍ୱାଧୀନତାର ପରିଚୟ ଦେଇଅଛନ୍ତି । ତହିଁର ନିଦର୍ଶନ ତାଙ୍କର ଚତୁର ବିନୋଦ, ସମରତରଙ୍ଗ ଓ ଗୁଣ୍ଡିଚା ବିଜେ ପ୍ରଭୃତି ।

କାବ୍ୟର ଲକ୍ଷ୍ୟ ହେଉଛି ସୌନ୍ଦର୍ଯ୍ୟ ପ୍ରତିପତ୍ତି । ସୌନ୍ଦର୍ଯ୍ୟ ପ୍ରତିପତ୍ତିର ଅର୍ଥ ନୁହେଁ ନୈତିକତା-ହୀନତା । ପ୍ରକୃତରେ କହିବାକୁ ଗଲେ ଯେ ସୁନ୍ଦର ସେ ସତ୍ୟ ଶିବ; ସତ୍ୟ ଉପରେହିଁ ଶିବତ୍ୱ ଓ ସୌନ୍ଦର୍ଯ୍ୟ ପ୍ରତିଷ୍ଠିତ । ଯାହା ସତ୍ୟ ତାହା ଚିରସ୍ଥାୟୀ, ତାହା ସମାଜର ତଥା ଜାତିର ମଙ୍ଗଳପ୍ରଦ, ତେଣୁ ହୃଦୟଗ୍ରାହୀ ଅର୍ଥାତ୍ ସୁନ୍ଦର । କବି ବ୍ରଜନାଥ ସେହି ସତ୍ୟର ପ୍ରତିଷ୍ଠା ନିମିତ୍ତ ଯଥାଯଥ ଚେଷ୍ଟା କରିଅଛନ୍ତି । ତାଙ୍କର ଗ୍ରନ୍ଥମାନ ଅନୁଶୀଳନ କଲେ ଏକଥା ସ୍ପଷ୍ଟ ପ୍ରତୀତ ହୁଏ । ଧର୍ମ ଓ ପୁଣ୍ୟର ଅବବୋଧ ଅଧର୍ମ ଓ ପାପର ସାହଚର୍ଯ୍ୟରେ ହୁଏ । ଯେ ସ୍ଥଳରେ ସେ ଧର୍ମ ଏବଂ ପୁଣ୍ୟର ପ୍ରତିଷ୍ଠା କରିବାକୁ ଯାଇଅଛନ୍ତି ସେ ସ୍ଥଳରେ ପାପ ଓ ଅଧର୍ମର ବିଷମ ପରିଣତି ମଧ୍ୟ ଦର୍ଶାଇଅଛନ୍ତି ଏବଂ ଫଳତଃ ପୁଣ୍ୟ ଓ ଧର୍ମର ମୁଖ୍ୟ ଓ ଗୌଣଭାବରେ ପ୍ରତିଷ୍ଠାର ବିଷୟ ଉପସ୍ଥାପିତ କରିଅଛନ୍ତି । ସମାଜର ସଂସ୍କାର ଆବର୍ଜନାର ବହିଷ୍କରଣରେ, ଗୋପନରେ ନୁହେଁ; ଏହି ଭାବ ହୃଦୟରେ ପୋଷଣ କରି ବୋଧହୁଏ ଚତୁର ବିନୋଦର କବି ସ୍ଥଳବିଶେଷରେ ସାମାଜିକ ଅଯଥାର୍ଥର ଦର୍ଶାଇ ତାହାର ବିଷମ ଫଳ ଉପସ୍ଥାପିତ କରି ଲୋକମାନଙ୍କୁ ସତ୍‌ପଥରେ ପରିଚାଳିତ କରିବା ନିମିତ୍ତ ଯତ୍ନବାନ୍ ହୋଇଅଛନ୍ତି, ଏବଂ ଚତୁର

ବିନୋଦର ନୀତିବିନୋଦ ଓ ପ୍ରୀତିବିନୋଦରେ କବି ତାଙ୍କର ଆଦର୍ଶର ଉପପାଦନ କରିଅଛନ୍ତି ।

କେତେକେ ବ୍ରଜନାଥଙ୍କର ଲେଖାକୁ ଏହିଭାବରେ ଗ୍ରହଣ କରିବାକୁ ନାରାଜ । ସେମାନଙ୍କ ମତରେ ବ୍ରଜନାଥଙ୍କ ଲେଖା ବିଶେଷତଃ ପରକୀୟା-ପ୍ରୀତି-ବର୍ଣ୍ଣନାବହୁଳ ଚତୁର ବିନୋଦ କୁରୁଚି ଓ ହୀନ ନୈତିକତାପୂର୍ଣ୍ଣ । ମାତ୍ର ଏ ସମ୍ବନ୍ଧରେ ନୀଳାଦ୍ରିର କବି ବାଣପୁରରାଜ ରଘୁନାଥ ହରିଚନ୍ଦନଙ୍କ କଥାରେ କେବଳ ଏତିକି କହିଲେ ବୋଧହୁଏ ଯଥେଷ୍ଟ ହେବ ଯେ କବି ବ୍ରଜନାଥ ମଧ୍ୟ ପରମ୍ପରା ଅନୁରୋଧରେ ବାଧ୍ୟ ହୋଇ ତାଙ୍କର ଗ୍ରନ୍ଥରେ ଆବଶ୍ୟକ ସ୍ଥଳରେ ଅଶ୍ଳୀଳତାକୁ ସ୍ଥାନ ଦେଇଅଛନ୍ତି । ବାସ୍ତବିକ ମୁହୂର୍ତ୍ତ ମାତ୍ରକେ ଦେଶର ପାରମ୍ପାରିକ ପ୍ରଚଳିତ ରୀତିର ବିରୁଦ୍ଧରେ ସାକ୍ଷାତ୍‌ଭାବରେ ଖଡ୍ଗ ଧାରଣ କରିବା ସହଜ ନୁହେ । ସଂସ୍କୃତ ଓ ଉତ୍କଳୀୟ ପୂର୍ବତନ ଉତ୍କଳୀୟ କବିମାନଙ୍କ ଲେଖାରେ ଅଶ୍ଳୀଳତାର ବହୁଳ ପ୍ରଚଳନ ଦେଖାଯାଏ । ପକ୍ଷାନ୍ତରେ ଚତୁର ବିନୋଦର ପ୍ରାରମ୍ଭିକ ହାସବିନୋଦ ଓ ରସବିନୋଦ ପଦ୍ୟ ଉପଭୋଗ୍ୟ ହେଲେ ସୁଦ୍ଧା ଅପେକ୍ଷିକ ନିମ୍ନସ୍ତରର ନୈତିକତାର ଉଦାହରଣର ଶେଷ ପରିଣତି କବି ନୀତିବିନୋଦ ଓ ପ୍ରୀତିବିନୋଦରେ ଦେଖାଇଅଛନ୍ତି । ଅଶ୍ଳୀଳତାକୁ ଓ ହୀନ ନୈତିକତାକୁ କବି ନିଜେ ଯେ ଘୃଣାଚକ୍ଷୁରେ ଦେଖୁଥିଲେ ତାହା ଚତୁର ବିନୋଦ ଆରମ୍ଭରେ ରାଜପୁତ୍ର ମୋହନାଙ୍ଗ ମୁଖରେ ସେ ନିମ୍ନଲିଖିତଭାବରେ ପ୍ରକାଶ କରିଅଛନ୍ତି । ସାଧବକୁମାରୀ ଚଞ୍ଚଳାକ୍ଷୀର ସଂଭୋଗକାମୀ ହୋଇ ତାହାପୁରକୁ ଆସିଥିଲେ ସୁଦ୍ଧା କଥାରମ୍ଭରେ ରାଜପୁତ୍ର କଥା ଶୁଣିବାର ରୀତିସମ୍ପର୍କରେ କହୁଅଛନ୍ତି, 'ରେ ବାଳା, ଏତିକି ହେଲେ ସିନା କଥା ଶୁଣିବୁ,—<u>ଅନ୍ୟ ଇଚ୍ଛା ଛଡ଼ିବ</u>, ନିଦ୍ରା ନ ମାଡ଼ିବ, ପଲକ ନ ପଡ଼ିବ,

ଚରଣ ନ ଛୁଡିବ ।' ତଦ୍ରୂପ ସାଧବକୁମାରୀ ମଧ୍ୟ ନିଜ ଗୃହ ମଧ୍ୟରେ ରାଜପୁତ୍ରକୁ ପାଇ ନିଜ ପଲଙ୍କରେ ବସାଇ ମଧ୍ୟ ତତ୍ପ୍ରତି ସଙ୍ଗୋ ଆସକ୍ତି ବିହ୍ୱଳ ହୋଇ ନିଜର ହୃଦୟର ବସି ନାହିଁ, ତାହାର ଆତ୍ମାଧିକାର ପରିସ୍ଫୁଟ । ପୂର୍ଣ୍ଣ ଆତ୍ମସଂଯମରେ ସେ କହିଲା ଯେ 'ସେ ଦିନ ତାହାର ଗୌରୀବ୍ରତ ଉଦ୍ଯାପନ ହେବାର ଥିଲା, ତେଣୁ ସେଦିନ ଉଭୟଙ୍କର ଅନ୍ୟ ସମ୍ପର୍କ ଏକାନ୍ତ ଅସମ୍ଭବ; ରାଜପୁତ୍ରଙ୍କର ଅସ୍ଥିର ବା ସହର ହେବା ଅନୁଚିତ ।' ପରସ୍ପର ପ୍ରଣୟାକାଂକ୍ଷୀ ଯୁବକଯୁବତୀ ଦ୍ୱୟଙ୍କର ସମସ୍ତ ସୁଯୋଗ ସୁବିଧା ମଧ୍ୟରେ ଏକାନ୍ତରେ ସ୍ୱାଧିକାର ମଧ୍ୟରେ ମିଳନ ହେଲେ ସୁଦ୍ଧା ଉଭୟଙ୍କର ଏପରି ସଂଯତ ବ୍ୟବହାର ପ୍ରଶଂସନୀୟ ।

ପ୍ରୀତିବିନୋଦରେ କବିଙ୍କର ଉଚ୍ଚ-ନୈତିକାଦର୍ଶ ଆହୁରି ସୁସ୍ପଷ୍ଟ । ତାହାଁର ପ୍ରାୟ ପ୍ରତ୍ୟେକ ଗଳ୍ପର ଉପସଂହାରରେ କବି ନିଜ ମୁଖରେ ଗୋଟିଏ ନୈତିକ ତାତ୍ପର୍ଯ୍ୟ (moral) ଉପପାଦନ କରିଅଛନ୍ତି । ନିମ୍ନରେ କେତୋଟି ଉଦାହରଣ ଦିଆଗଲା—

(ଶଠପ୍ରୀତି) 'କିଛୁ ଜଣା ନ ପଡ଼ଇ, ଦଗା ଦିଅଇ । ଏ ସକାଶୁଁ ଏ ପ୍ରୀତିରେ ବଡ଼ ଦୋଷ । ଏହା ନ କରିବ ।'

'ଏହାକୁ ଦୁଷ୍ଟପ୍ରୀତି କହି । କଲେ ଅକାର୍ଯ୍ୟ ହୁଅଇ, ନ କଲେ ଚଳି ନ ପାରଇ । ଏ ଯେଣି ଦୁଷ୍ଟଲୋକ ଥିବାଠାରେ ବାସ ନ କରିବ, ଯେବେ ଅନ୍ତର ହୋଇ ନ ପାରିବ ତେବେ ଉପର ମନରେ ପ୍ରୀତି ରଖିଥିବ ।'

'ଏରୂପେ ନୀଚ ଲୋକ ସଙ୍ଗେ ପ୍ରୀତି କଲେ ଉତ୍ତମ ଲୋକ ବିପଦରେ ପଡ଼ଇ । ଏ ସକାଶୁଁ ନୀଚ ଲୋକ ସଙ୍ଗେ ପ୍ରୀତି ନ କରିବ ।' ଇତ୍ୟାଦି ।

ଚତୁର ବିନୋଦ ପରି ଗଦ୍ୟଗ୍ରନ୍ଥର ମୁଖବନ୍ଧରେ ତାହାର କବିଙ୍କ ପ୍ରତିଭା ଆଲୋଚନା କଲାବେଳେ କବିଙ୍କର ଅନ୍ୟାନ୍ୟ ଗ୍ରନ୍ଥମାନଙ୍କ ସମ୍ବନ୍ଧରେ ବିଶେଷ ଆଲୋଚନା ଅନାବଶ୍ୟକ ଜ୍ଞାନରେ ତାହା ଉପେକ୍ଷିତ ହେଲା ।*

ଚତୁର ବିନୋଦ

ଗ୍ରନ୍ଥର ନାମକରଣ ।

ପୂର୍ବେ କୁହାଯାଇଅଛି ଚତୁର ବିନୋଦ କବିଙ୍କର ତଥା ଉତ୍କଳ-ଭାଷାର ସର୍ବପ୍ରଥମ ନିୟମିତ ଗଦ୍ୟସାହିତ୍ୟ । ସଂସ୍କୃତ ଦ୍ୱାତ୍ରିଂଶତ୍ ପୁତ୍ତଳିକା, କାଦମ୍ବରୀ, ହିତୋପଦେଶ, ପଞ୍ଚତନ୍ତ୍ର, କଥାସରିତ୍‌ସାଗର ପ୍ରଭୃତି ଓ ଶିବଦାସଙ୍କର ଓଡ଼ିଆ ବତିଶ-ସିଂହାସନ କଥାପରି ଚତୁର ବିନୋଦ ଓଡ଼ିଆ ଭାଷାର ଖଣ୍ଡିଏ କଥା ସାହିତ୍ୟ ।

କବିଙ୍କ ଭାଷାରେ ଗ୍ରନ୍ଥର ନାମ 'ଚତୁର ବିନୋଦ କଥା' ଏବଂ ଗ୍ରନ୍ଥାରମ୍ଭରେ ସେ 'କଥା'ର ଏହିପରି ସଂଜ୍ଞା ଦେଇଅଛନ୍ତି ।

'ମିଥ୍ୟା ଚ୍ଛନ୍ନ ପ୍ରବନ୍ଧେନ ମନୋହରତି ଯା ଭୃଶଂ
ନାନା କୌତୁକହାସାଦ୍ୟୈଃ ସା କଥେତ୍ୟଭିଧୀୟତେ ।'

ସର୍ବଦା ବିଷୟ ଜଞ୍ଜାଳଜଡ଼ିତ କଠୋର କର୍ମନିରତ ମାନବହୃଦୟରେ କଥଞ୍ଚିତ୍ ରସ ସଞ୍ଚାର ଦ୍ୱାରା ସାଂସାରିକ କର୍ମନୀରସତା (monotony) ଦୂର କରି ତାହାର ମାନସିକ ସ୍ଫୂର୍ତ୍ତି ଓ ଆନନ୍ଦବର୍ଦ୍ଧନ ଉଦ୍ଦେଶ୍ୟରେହିଁ ବିଭିନ୍ନ କାବ୍ୟୋପନ୍ୟାସମାନଙ୍କ ପରି କଥା ସାହିତ୍ୟର ମଧ୍ୟ ସୃଷ୍ଟି । କଥା

---

* ବ୍ରଜନାଥଙ୍କର କବି ପ୍ରତିଭା ବିଷୟରେ ସମ୍ପାଦକଙ୍କର 'ଅମ୍ବିକା ବିଳାସ ଓ କବି ବ୍ରଜନାଥ ବଡ଼ଜେନା' ଦ୍ରଷ୍ଟବ୍ୟ—ସହକାର ୨୧ଶ ଭାଗ, ୭ମ-୧୨ଶ ସଂଖ୍ୟା ।

ସାହିତ୍ୟର ସରଳ କୋମଳ ଭାଷା ବରଂ ଏଥିପାଇଁ ଅଧିକତର ଉପଯୋଗୀ ।

ଚତୁର ବିନୋଦରେ ଗୋଟିଏ ମୂଳ ଗଳ୍ପ ଦେହରୁ ଚାରିଗୋଟି ଶାଖା ଗଳ୍ପ ଏବଂ ପ୍ରତ୍ୟେକ ଶାଖା ଗଳ୍ପରୁ ତିନି ଚାରିଗୋଟି ଲେଖାଏଁ ପ୍ରଶାଖା ପଲ୍ଲବିତ ହୋଇ ପରିଶେଷରେ ମୂଳ ଗଳ୍ପଟିର ପରିସମାପ୍ତି ହୋଇଅଛି । ମୂଳ ଗଳ୍ପଟି ଚାରିଗୋଟି ପ୍ରଧାନ ଗଳ୍ପରେ ବିଭକ୍ତ ହୋଇଥିବାରୁ ଏହାର ନାମ **ଚତୁର ବିନୋଦ** । ବ୍ରଜନାଥ ଗଳ୍ପ ମଧ୍ୟରେ ଗଳ୍ପର କଥକ ରାଜପୁତ୍ରଙ୍କ ମୁଖରେ କହିଅଛନ୍ତି, "ପୂର୍ବେ ସଂକର୍ଷଣ ପଣ୍ଡା ବ୍ରାହ୍ମଣ ରାଜାଙ୍କ ସଭରେ 'ଚତୁର ବିନୋଦ' ନାମେ ଏକ କଥାଏ କହିଥିଲେ, ତାହା ମୁଁ ଶୁଣିଛି । ହାସବିନୋଦ, ରସବିନୋଦ, ନୀତିବିନୋଦ, ପ୍ରୀତିବିନୋଦ ଏରୂପେ ଚାରି ବିନୋଦ ହେବାରୁ ଏ କଥାର ନାମ ଚତୁର ବିନୋଦ । ଅଥବା ଚତୁର ଲୋକଙ୍କ ବିନୋଦ ହେବାରୁ ଏ ଯେନ ଚତୁର ବିନୋଦ ।" ପ୍ରାଚୀନ ଓଡ଼ିଆରେ ହଲନ୍ତ ବର୍ଣ୍ଣର ପ୍ରଚଳନ ପ୍ରାୟ ନ ଥିଲା । ତେଣୁ ଚତୁର୍+ଅକ୍ଷ= ଓଡ଼ିଆରେ ଚତୁରକ୍ଷ ନ ହୋଇ ଚତୁରାକ୍ଷ ହୁଏ । ଏହିଭାବରେ ଚାରି 'ବିନୋଦର ସମାହାର ଅର୍ଥରେ ଚତୁର ବିନୋଦ ନାମକରଣ ଓଡ଼ିଆରେ ଭୁଲ ବୋଲି ଧରାଯାଇ ନ ପାରେ ।

ଭାଷା

ଚତୁର ବିନୋଦର ଭାଷା ନାରାୟଣାନନ୍ଦ ସ୍ୱାମୀଙ୍କର 'ରୁଦ୍ର ସୁଧାନିଧି', ବଳରାମ ଦାସଙ୍କର 'ବ୍ରହ୍ମଗୀତା' ଓ ଜଗନ୍ନାଥ ଦାସଙ୍କର, 'ତୁଳାଭିଣାର' ଯଥେଷ୍ଟ ପରବର୍ତ୍ତୀ । ଏହା ଏ ସମସ୍ତ ଲେଖା ତୁଳନା କଲେ ସ୍ପଷ୍ଟ ଜଣାଯାଏ । ତେବେ ବ୍ରଜନାଥ ଅନେକ ସ୍ଥଳରେ ରୁଦ୍ର ସୁଧାନିଧିର ଅନୁସରଣ

କରିଅଛନ୍ତି ବୋଲି ମନେହୁଏ । କବିଙ୍କର ପ୍ରାୟ ସମସାମୟିକ ଶିବ ଦାସଙ୍କର ଓଡ଼ିଆ ବତିଶ ସିଂହାସନ କଥା ସହିତ ଚତୁର ବିନୋଦର ଭାଷାଗତ ସାମ୍ୟ ଦେଖାଯାଏ । ଏହା ସ୍ୱାଭାବିକ ।

ଆମ୍ଭେମାନେ ଦେଖିଅଛୁଁ ଚତୁର ବିନୋଦ ପାଖାପାଖି ଦୁଇଶତ ବର୍ଷ ପୂର୍ବର ଲେଖା, ଭାଷା ଚିରକାଳ ସଜୀବ ଏବଂ ତାହାର କ୍ରମବିକାଶ ବିରାବର ଲାଗିଅଛି । ପୃଥିବୀର ଯାବତୀୟ ଭାଷା ପକ୍ଷରେ ଏହା ସାଧାରଣ ସତ୍ୟ, ସୁତରାଂ ସେକାଳର ରଚନାଶୈଳୀ ଓ ବର୍ତ୍ତମାନ ଓଡ଼ିଆ ରଚନା-ଶୈଳୀ ମଧ୍ୟରେ ଯେ ପାର୍ଥକ୍ୟ ଲକ୍ଷିତ ହେବ ଏହା ସ୍ୱତଃସିଦ୍ଧ । ଦୁଃଖର ବିଷୟ ଚତୁର ବିନୋଦର ପୂର୍ବ ସଂସ୍କରଣ ଦ୍ୱୟରେ ଏହାପ୍ରତି ଆଦୌ ଲକ୍ଷ୍ୟ ରଖା ନ ଯାଇ କବିଙ୍କର ବ୍ୟବହୃତ ଭାଷାକୁ ଏକାବେଳକେ ଚଞ୍ଛାଚଞ୍ଛି କରି ଦିଆଯାଇଥିବାରୁ ଏବଂ ଅନେକ ସ୍ଥଳରେ ନାନା ନୂତନ ବାକ୍ୟାବଳୀର ଯୋଜନା କରାଯାଇଥିବାରୁ ତହିଁରେ ବ୍ୟବହୃତ ଭାଷାକୁ ବ୍ରଜନାଥଙ୍କର ଭାଷା ବୋଲି ଚିହ୍ନିବାର ବା ଦୁଇଶତ ବର୍ଷ ପୂର୍ବର ଓଡ଼ିଆ ଗଦ୍ୟ ସାହିତ୍ୟର ସ୍ୱରୂପ କଅଣ ଥିଲା ଜାଣିବାର ଉପାୟ ନାହିଁ । ପୂର୍ବ ସଂସ୍କରଣ ଦ୍ୱୟର ପାଠ ସହିତ ବର୍ତ୍ତମାନ ସଂସ୍କରଣର ପାଠକୁ ସାମାନ୍ୟତଃ ମିଳାଇ ଦେଖିଲେ ମଧ୍ୟ ଏକଥା ପରିସ୍ଫୁଟ ହେବ, ଏଣୁ ଏଥିର ବିସ୍ତୃତ ଆଲୋଚନା ଅନାବଶ୍ୟକ ମନେ ହେଲା । ତଥାପି କବିଙ୍କ ନିଜ ବ୍ୟବହୃତ ଭାଷାରେ ସୁନ୍ଦର ବର୍ଣ୍ଣନା, ଶବ୍ଦବିନ୍ୟାସବୈଶିଷ୍ଟ୍ୟ ଓ ବସ୍ତୁ ଓ ବ୍ୟକ୍ତିଙ୍କର ନାମକରଣରେ ସାର୍ଥକତାର କେତୋଟି ଉଦାହରଣ ଦିଆଗଲା ।

ସନ୍ଧ୍ୟା ବର୍ଣ୍ଣନା (ପ୍ରାଚମ୍ଭ ଭାଷଣ)—କ୍ରମେ କ୍ରମେ ଦିବସ ଶେଷ ହୁଅନ୍ତେ ପଶ୍ଚିମଦିଗଯାକ ଅରୁଣବର୍ଣ୍ଣ ଦିଶିଲା । ମନେ ହେଲା ସନ୍ଧ୍ୟାବଧୂ ରଙ୍ଗଣୀ ପାଟ ପିନ୍ଧି କଅବା ପୁଆଣୀ ହୋଇ ଆସୁଛି ।

ମୁଦ୍ରିତ ହେଲେ ଅରବିନ୍ଦ, ଫୁଟିଲେ କୁମୁଦ,
ଶୁଭେ ଶଙ୍ଖନାଦ, ହର ହର ଶବଦ,
ଦ୍ୱିଜେ ପଢ଼ନ୍ତି ବେଦ, ଜାର ପୁରୁଷେ ଆନନ୍ଦ,
ଭ୍ରମର ଗଲେ ନିଦ,
ରସିକ ରସିକାମାନେ କେଳିପୁର ମଣ୍ଡନ କଲେ
କରିବାକୁ କାମକେଳି ବିନୋଦ ।

ସନ୍ଧ୍ୟା ବର୍ଣ୍ଣନା (ରସ ବିନୋଦ)—ଏମନ୍ତେ ନିଶି ପ୍ରବେଶରେ ଅନ୍ଧାର ଘୋଟନ୍ତେ କୃଷ୍ଣାଭିସାରିମାନେ ଅଭିସାର କରିବାକୁ ବାହାରିଲେ, ଚୋରମାନେ ଖନିତ୍ର ଘେନି ଚଳିଲେ, ଖଦ୍ୟୋତମାନେ ଉଡ଼ିଲେ, ନିଶାଚରମାନେ ବିହରିଲେ, ମନେ ହେଲା ଏ ସନ୍ଧ୍ୟାକାଳ କୁହୁରି ନିଶାନାୟିକା ଅବା କଳାମେଘୀ ଶାଢ଼ୀ ପିନ୍ଧି ନୀଳ ଅଳଙ୍କାର ମଣ୍ଡି ହୋଇ ଅଭିସାର କରିବାକୁ ବାହାରିଲା ।

ଶବ୍ଦବିନ୍ୟାସ ବୈଶିଷ୍ଟ୍ୟ—ସେ ରାଜାଙ୍କର ପୁଣ୍ୟପ୍ରତାପ ବଳ ସକାଶରୁ ; ଧର୍ମଧାରଣ ମନ୍ତ୍ରୀବର; କର୍ମଅନ୍ତ ପୁରୋହିତଙ୍କ କହିବା ପୁରାଣ ବଚନ ପ୍ରମାଣେ; ଠିହ ଠିହ ହସ; ଏମାନ ସବୁ ଦେଖନ୍ତେ କୁମାର ଅନଙ୍ଗ ରଙ୍ଗରେ ଅତ୍ୟନ୍ତ ତରଙ୍ଗ ହୋଇଲା ।

ବାକ୍ୟବୈଶିଷ୍ଟ୍ୟ (Peculiar prose expressions)—
'ଚତୁର ବିନୋଦ ନାମେ ଏକ କଥାଏ କହିବା ।'
'ନୈବାମୋଦ ନାମେ ଏକ ବଣ୍ୟ ଜଣେ ଥିଲା ।'
'କଥା କାହାକୁ ବୋଲି କି ।'
'ସେ ଯେ ରସାଳକାଞ୍ଚନ ନାମେ ଏକ ନଗର ଥିଲା ।'

'ସେ ଯେ କ୍ଷେତ୍ରପାଳ ନାମେ ଏକ ଭୂମିଜ ଥିଲା ।'

'ରଜାପୁଅ ଚଞ୍ଚଳାକ୍ଷୀ ନାଗି ମଲା ।'

'ହାଥ'; 'ଗୁ ଦ୍ଦଏ'; 'ଚଞ୍ଚଳାକ୍ଷୀ କ୍ଙ'………… ।

'ମୋହନାଙ୍ଗ ଯେ ସେ ଚଞ୍ଚଳାକ୍ଷୀ ପୁରକୁ………ଗମନ କଲା ।'

'ଆମ୍ଭମାନଙ୍କ ଅଣା ବରଷା ନଦୀ ପର । ରସ ପାଇଲେ ବେଳକୁବେଳ ବଢୁଥାଇ, କୁଳସହକ ବୁଡ଼ାଇ ।' ଇତ୍ୟାଦି ।

ସାର୍ଥକ ନାମକରଣ—ଦେବତା—ନାଗାଭରଣ (ଶିବ), ରମେଶ୍ୱର ଦେବ (ବିଷ୍ଣୁ) ।

ବ୍ୟକ୍ତି—ନେତ୍ରାମୋଦ (ବୈଶ୍ୟ), ଚଞ୍ଚଳାକ୍ଷୀ (ବୈଶ୍ୟ କନ୍ୟା), ସୁହାଗୀ (ସଖୀ), ମୋହନାଙ୍ଗ (ରାଜକୁମାର), ଅଙ୍ଗଧର (ରାଜା), ଚଣ୍ଡଚନ୍ଦ୍ର (କୁମ୍ଭକାର—ରାଜଜାମାତା), ବଳାପମୁଖୀ (ରାଜଦୌହିତ୍ରୀ), ମାର୍ଜାରମୁଖା (ବଳାପମୁଖୀର ଯୋଗ୍ୟସ୍ୱାମୀ), ପୂର୍ଣ୍ଣକାମ (ରାଜା), ହେମାଙ୍ଗୀ (ସୂପକାର-କନ୍ୟା), ତରୁଣକାନ୍ତ (ମନ୍ତ୍ରୀପୁତ୍ର, ହେମାଙ୍ଗୀର ପ୍ରେମ୍ପୃ), ରସପୁର (ରସ-ଚକ୍ଷୁସ୍ତକ, ବୈଦ୍ୟ), ଇତ୍ୟାଦି ।

ନଗର—ରସାଳକାଞ୍ଚନ, କେଳିନଟ, କାଞ୍ଚନବନ୍ତି ।

ନଦୀ—ସୁରେଖା, ଚନ୍ଦ୍ରବନ୍ଦ, ପାଞ୍ଚାଳୀ ।

ଚତୁର ବିନୋଦର କଳ୍ପନା କବିଙ୍କର ନିଜସ୍ୱ ନା ସେଥିପାଇଁ କବି ଅନ୍ୟକୌଣସି ପୂର୍ବାଚାର୍ଯ୍ୟମାନଙ୍କ ନିକଟରେ ଋଣୀ ଠିକ୍ କୁହାଯାଇ ପାରିବ ନାହିଁ । ତେବେ କଥାର ଉପାଦାନ ଓ ରଚନାଶୈଳୀ ଆଦିରେ ସଂସ୍କୃତ ହିତୋପଦେଶ, ପଞ୍ଚତନ୍ତ୍ର, ଦଶକୁମାର-ଚରିତ, କଥା ସରିତ୍ସାଗର ଆଦିର ଛାୟା ଦୃଷ୍ଟିଗୋଚର ପଡ଼ିଅଛି । ତାହା

ଚତୁର ବିନୋଦ ଉପାଦାନ ।

ସଂସ୍କୃତ ସାହିତ୍ୟରେ ସୁପଣ୍ଡିତ କବିଙ୍କର ଜ୍ଞାତ ବା ଅଜ୍ଞାତସାରରେ ହୋଇ-ଥାଇ ପାରେ । କେବଳ ସେତିକି ନୁହେଁ, ଚତୁର ବିନୋଦର ବିଭିନ୍ନ ଅଂଶରୁ ମନେହୁଏ କେବଳ ସଂସ୍କୃତ ସାହିତ୍ୟରେ ଯେ କବିଙ୍କର ଦଖଲ ଥିଲା ତାହା ନୁହେଁ, ତାଙ୍କର ଜ୍ୟୋତିଷ, ଆୟୁର୍ବେଦ, ତନ୍ତ୍ରଶାସ୍ତ୍ର ଆଦି ଅନ୍ୟାନ୍ୟ ଶାସ୍ତ୍ରଜ୍ଞାନ ମଧ୍ୟ ଯଥେଷ୍ଟ ଥିଲା ।

କଥାବସ୍ତୁ ।

ରସାଳକାଞ୍ଚନ ନାମକ ନଗରରେ ନେତ୍ରାମୋଦ ନାମରେ ଜଣେ ସାଧବ ଥିଲେ । ତାଙ୍କର ଚଞ୍ଚଳାକ୍ଷୀ ନାମରେ ଗୋଟିଏ ପରମ ରୂପବତୀ ଯୁବତୀ କନ୍ୟା ଥିଲା । ଦିନେ ଚଞ୍ଚଳାକ୍ଷୀ ସୁହାଗୀ ନାମକ ତାହାର ସଖୀ ସଙ୍ଗରେ ସୁରେଖା ନଦୀରେ ସ୍ନାନ ସାରି ଫେରିବାବେଳେ ସେ ନଗରର ରାଜକୁମାର ମୋହନାଙ୍ଗ ସଙ୍ଗେ ଚାରିଚକ୍ଷୁ ହେଲା ଏବଂ କଥା ପ୍ରସଙ୍ଗରେ ରାଜକୁମାରର ପ୍ରାର୍ଥନାମତେ ଚଞ୍ଚଳାକ୍ଷୀ ତାଙ୍କୁ ସନ୍ଧ୍ୟାରେ ତାହା ପୁରକୁ ଯିବାକୁ ସଖୀ-ଦ୍ୱାରା ସଙ୍କେତ ଦେଇ ଚାଲିଗଲା । ରାଜକୁମାର ପୂର୍ବ ନିର୍ଦ୍ଦେଶମତେ ରାତିରେ ଚଞ୍ଚଳାକ୍ଷୀ ପୁରକୁ ଗଲା, ମାତ୍ର ସେଦିନ ଚଞ୍ଚଳାକ୍ଷୀ ଗୌରୀବ୍ରତ ଉଦ୍‌ଯାପନ କରୁଥିବାରୁ ସେ ରାତି ଉଜାଗର ରହିବାର ଥିଲା, ଏଣୁ କୁମାର ସଙ୍ଗେ ସେଦିନ ପ୍ରେମାଳାପ ହୋଇପାରିବ ନାହିଁ । କୁମାର କହିଲା ତାହାହେଲେ ସେ ମଧ୍ୟ କୁମାରୀ ସଙ୍ଗେ ରାତି ଉଜାଗର ରହିବ । ଏହିପରିଭାବରେ ଉଜାଗରରେ ରାତ୍ରିଯାପନ କରିବାପାଇଁ କୁମାର ହାସବିନୋଦ, ରସବିନୋଦ, ନୀତିବିନୋଦ ଓ ପ୍ରୀତିବିନୋଦଯୁକ୍ତ ଚତୁର ବିନୋଦ ନାମକ କଥା କହିଲା । ଚାରି ବିନୋଦର ଏହି କ୍ରମାନୁ-ବର୍ତ୍ତିତା ମଧ୍ୟ ମନୋବିଜ୍ଞାନ ଦୃଷ୍ଟିରୁ ସ୍ୱାଭାବିକ ଓ ଅନୁମୋଦନୀୟ । ନାୟିକାକୁ ନିଜର ଅନୁବର୍ତ୍ତିନୀ କରିବା ନିମିତ୍ତ ନାୟକ ପ୍ରଥମେ ହାସ୍ୟ ଓ ଅଦ୍ଭୁତ ରସାଦିର ଅବତାରଣା କରି ନାୟିକାର ମନକୁ ତରଳ ଚଞ୍ଚଳ କରିଦେଇ

ଉପରେ ରସାଳ କଥାଦ୍ୱାରା ତାଙ୍କୁ ନିଜର ସମ୍ପୂର୍ଣ୍ଣ ବଶବର୍ତ୍ତିନୀ କରି ପକାନ୍ତି ଏବଂ ପରେ ନୀତି ଓ ପ୍ରୀତିମୟ ପ୍ରସଙ୍ଗ ଦ୍ୱାରା ବଶ୍ୟତାର ସ୍ଥିରତା ସମ୍ପାଦନ କରନ୍ତି । ଏହା ଚିରାଚରିତ ପ୍ରଥା । ଚତୁର ବିନୋଦରେ ମଧ୍ୟ ତାହାହିଁ ଅବଲମ୍ବିତ ହୋଇଅଛି ।

ପ୍ରଥମ ଗଳ୍ପ, ହାସବିନୋଦ—ଏଥିରେ ବାସ୍ତବିକ କଥାବସ୍ତୁର ବୈଚିତ୍ର୍ୟ କିଛି ନାହିଁ । ଗୁଡ଼ିଏ ଅସ୍ୱାଭାବିକ କଥାଦ୍ୱାରା ଲେଖକ ପାଠକମାନଙ୍କ ମନରେ ହାସ୍ୟରସର ଉଦ୍ରେକ କରାଇବାକୁ ଚେଷ୍ଟା କରିଅଛନ୍ତି । ବର୍ଣ୍ଣନାର ଅପ୍ରାକୃତିକତା ସ୍ଥାନେ ସ୍ଥାନେ ଶ୍ଳୀଳତାର ସୀମା ଲଙ୍ଘନ କରିଅଛି । ତଥାପି ଏହି ପରିଚ୍ଛେଦର ଅନ୍ୟ କେତେ ଜାଗାରେ ଯେଉଁସବୁ ବର୍ଣ୍ଣନା ଅଛି, ତାହା ଉପଭୋଗ୍ୟ—ଯଥା,

ନୀଳାଧରୀ ନାମେ ସେ ରାଜାଙ୍କର ଥିଲେ ଏକ ରାଣୀ,
ସୁନ୍ଦର ପଣରେ ଯଥା ରମ୍ଭା ବୃକ୍ଷ ଠାଣି,
ମନ୍ଦାରଫୁଲ ନେତ୍ର, ହାରି ସମାନ ଗାତ୍ର,

... ...

ମୃଦଙ୍ଗ ମୋଟ କଟି,
ଦଶମାସ ଗର୍ଭ ହୋଇପରି ବନ୍ଧ୍ୟାରାଣୀର ସବଦାକାଳେ ବାହାରୁଥାଏ
ଥନ୍ତଲ ପେଟ ଗୋଟି ।

× × × ×

ଦଉଡ଼ିରେ ଗୁନ୍ଥିଦେବ କଉଡ଼ିର ମାଳା,
ଗେଣ୍ଡାର ସୁନ୍ଦର ନୋଥ ନାକେ ଦେବ ବାଳା,
ଖପରି ପଦକ ଚକ୍କ ମୃତ୍ତିକାର ବଳା,
ବଡ଼ ବଡ଼ ଗରଗଡ଼ ହାର ଦେବ ଗଳା,

× × ×

ଚନ୍ଦ୍ରଚନ୍ଦ୍ର ସମ୍ମୁଖରେ ମାର୍ଜାରମୁଖା ଭେଟି ଦୁଇପାଦ ଟେକି ନମସ୍କାର କରନ୍ତେ ଚନ୍ଦ୍ରଚନ୍ଦ୍ର କଲ୍ୟାଣ କଲେ 'ଗତାସ୍ପୃର୍ଦ୍ଧିବ' ଇତ୍ୟାଦି ।

ଦ୍ୱିତୀୟ ଗଳ୍ପ, ରସବିନୋଦ—ଚତୁର ବିନୋଦ ମଧ୍ୟରେ ରସବିନୋଦହିଁ ସର୍ବଶ୍ରେଷ୍ଠ ଏବଂ ସୁଖପାଠ୍ୟ । ହାସବିନୋଦ ଛଡ଼ା ଅନ୍ୟ ତିନି ବିନୋଦର ଆରମ୍ଭରେ ଗୋଟିଏ ଗୋଟିଏ ଶ୍ଳୋକରେ କବି ସେହି ସେହି ବିନୋଦର ବର୍ଣ୍ଣନା କରିଅଛନ୍ତି । ଏହିରୂପେ ରସବିନୋଦ ଆରମ୍ଭରେ ରସର ବର୍ଣ୍ଣନା କରି ଗୋଟିଏ ସଂସ୍କୃତ ଶ୍ଳୋକ ଦିଆଯାଇ-ଅଛି ।

ହାସବିନୋଦ ପରି ରସବିନୋଦରେ ଅସ୍ୱାଭାବିକତା ବା ଅଶ୍ଳୀଳତା ପରିଦୃଷ୍ଟ ହୁଏ ନାହିଁ, ଏବଂ ଏହାର କଥାବସ୍ତୁ ପରି ଭାଷା ମଧ୍ୟ ଉଚ୍ଚ ସ୍ତରର । କେତୋଟି ଉଦାହରଣ ଦିଆଯାଇ ପାରେ ।

ରାଜାଙ୍କର ମଣୋହି ସୂପକାର ଚନ୍ଦ୍ରକର ବ୍ରାହ୍ମଣର କନ୍ୟା ହେମାଙ୍ଗୀର ବିରହ ବ୍ୟାଧି ହୋଇଛି, ମାତ୍ର କେହି ରୋଗ ଚିହ୍ନି ପାରୁ-ନାହାନ୍ତି । 'ସୂପକାର ଦୁହିତାର ଏ ଦୁଃଖ ଦେଖି ବଡ଼ ଚିନ୍ତାର୍ଥୀ ହେଲା । କୁମାରୀଙ୍କ ଅନ୍ନ ନ ରୁଚିବାରୁ ଅନେକ ରୋଚକ ଦ୍ରବ୍ୟମାନ ତିଆରି କଲା । ସହଜେ ତ ସେ ସୂପକାର, ପିତ୍ତ ରଞ୍ଜନ ଯାର ପିତା ବୋଲନ୍ତି ନର । କେଉଁ କେଉଁ ଦ୍ରବ୍ୟ ସଜାଡିଲା କି ? ନା, ଅରୁଚି ଛଡ଼ା ରାଇ, ଜତ୍ୟାସରସା କାଞ୍ଜି, ପଥ୍ୟପଦହଣ୍ଡା ପିତ୍ତ, ପତରଚଟା ଡାଲି, ପଲକହିରା ପଖାଳ, ତକୁତରଳା ତୋରାଣି, ବାସମସଲା ପାଣି... ...' ଇତ୍ୟାଦି ।

× × × ×

'ଏକଦିନକରେ ମଞ୍ଜରୀ ଗବାକ୍ଷ ମାର୍ଗରେ ଚାହୁଁଥିଲା । ଗିରିଯାତ୍ରୀ-ଦତ୍ତର ତାହାର ଚତୁରାକ୍ଷ ହେଲେ । ମଞ୍ଜରୀଙ୍କ ଚାହିଁ ଦିତ୍ତ ବିଚାରିଲା, କି ଶୋଭା ଏ ? ହେମଲତା ମାଡ଼ିଛି, କି ବିଜୁଳି ଛୁଟିଛି, କି ରତ୍ନଶିଖା

ଦେଢ଼ିଛୁ, କି ଚନ୍ଦ୍ରକଳା ବଢ଼ିଛୁ, କି ଶତକ କେ ଲୋଡ଼ିଛୁ, ଏଥିର ତ କିଛୁ ଅନୁମାନ ଘଟୁ ନାହିଁ । ଏ ନିଶ୍ଚୟ ଯୁବାଜନ ମାରିବା ବିଶ୍ଚଞ କନ୍ଦର୍ପ ଅମୋଘ ବାଣ ନିବାଡ଼ିଛି ।' ଇତ୍ୟାଦି ।

× × × ×

ପୂର୍ବେ କହିଅଛୁଁ କବି ସମରତରଙ୍ଗରେ ତାଙ୍କ ରଚିତ କାବ୍ୟ କବିତାଦି ବର୍ଣ୍ଣନା କଲାବେଳେ ଅନ୍ୟାନ୍ୟ ମଧ୍ୟରେ—

'ଢଗ ଢମାଳୀମାନ ଚୁଳକ ଗୀତ
ବ୍ରଜ ମୋହନ କେଳିଯୁକ୍ତ କବିନ୍ତି'

—ମାନ ରଚନା କରିଅଛନ୍ତି ବୋଲି କହିଅଛନ୍ତି । ତାଙ୍କର ପୃଥକ ଢଗ ଢମାଳୀ ଗ୍ରନ୍ଥ ଏପର୍ଯ୍ୟନ୍ତ ମିଳି ନାହିଁ, ତେବେ ରସବିନୋଦରେ କେତେଗୁଡ଼ିଏ ମନୋହର ଢଗ ଢମାଳୀ ଅଛି । ନିମ୍ନରେ କେତେକ ଗୋଟି ଉଦାହରଣ ଦିଆଗଲା,

ମଞ୍ଜରୀ କହିଲା—

'ଅତି ମଧୁର ଶୀତଳ ନୀର ବହୁଛି ନିର୍ମଳ ନଈରେ
ତୃଷା କଲା ଲୋକ ଆସି ପିଇବ କି ସେଠାକୁ ଏ ଯିବ ବହିରେ ?'

କାମମତ୍ତା ଉତ୍ତର ଦେଲା—

'ସରଗ ଶଶି କି ଶୋଭା ଦିଶି   ତାକୁ ଅନାଇଲେ କେବା ନ ରସି,
ରସିଲେ ପାଇବ କାହିଁରେ,
ହାଥ ପାଇବ କି ଗୋଡ଼ ପାଇବ   ବସିଥିବ ସିନା ଚୁହିଁରେ ?'

ମଞ୍ଜରୀ କହିଲା—

'ପଥର ଦେଉଳେ କବାଟ ପଡ଼ିଛି ହାଥୀ ପଶି ନ ପାରଇରେ
କୋଲପ କଣ୍ଠରେ କଳ ଫିଟାଇଲେ ଅଳପକେ ଫିଟି ଯାଇରେ ।'

ଇତ୍ୟାଦି

ତୃତୀୟ ଗଳ୍ପ, ନୀତିବିନୋଦ— ଏଥିରେ କେତେଗୁଡ଼ିଏ ନୀତିଶିକ୍ଷାମୂଳକ ଗଳ୍ପ ସ୍ଥାନ ପାଇଛି । ବତିଶ ସିଂହାସନ କଥା ପରି ସେଥିମଧ୍ୟରେ କେତେଗୁଡ଼ିଏ ପ୍ରଶ୍ନ ମିଂମାସା ମଧ୍ୟ କରାଯାଇଅଛି । କଥା ଆରମ୍ଭରେ ନୀତି ସମ୍ବନ୍ଧରେ ଗୋଟିଏ ସଂସ୍କୃତ ଶ୍ଲୋକ ଦିଆ-ଯାଇଅଛି । ବର୍ଣ୍ଣନାର ଚାତୁରୀ ଓ କଥାବସ୍ତୁର ଜଟିଳତାରେ ମଧ୍ୟ ଗଳ୍ପ-ଗୁଡ଼ିକ ସୁଖପାଠ୍ୟ ହୋଇଅଛି । ପ୍ରଥମୋକ୍ତ ଦୁଇ ବିନୋଦଠାରୁ କବି ନୀତି ଓ ପ୍ରୀତିବିନୋଦରେ ଟିକିଏ ପୃଥକ୍ ପନ୍ଥା ଅବଲମ୍ବନ କରି ମନୁଷ୍ୟ ବ୍ୟତୀତ ଶୁକଶାରିକା ଆଦି ପଶୁପକ୍ଷୀମାନଙ୍କ ମୁଖରେ ସୁଦ୍ଧା କଥା କୁହାଇଅଛନ୍ତି । ଏହା ସଂସ୍କୃତ ସାହିତ୍ୟ ଅନୁସରଣ କରି କରାଯାଇଅଛି ।

ଚତୁର୍ଥ ବା ଶେଷ ଗଳ୍ପ, ପ୍ରୀତିବିନୋଦ—ପୂର୍ବବର୍ତ୍ତୀ ଦୁଇ ବିନୋଦ ପରି ପ୍ରୀତିବିନୋଦ ଆରମ୍ଭରେ ପ୍ରୀତି ସମ୍ବନ୍ଧରେ ଗୋଟିଏ ସଂସ୍କୃତ ଶ୍ଲୋକ ଦିଆ ଯାଇଅଛି । ଅନ୍ୟାନ୍ୟ ବିନୋଦଠାରୁ ପ୍ରୀତି-ବିନୋଦର ବର୍ଣ୍ଣନା ପ୍ରଣାଳୀରେ ଆଉ ଟିକିଏ ପାର୍ଥକ୍ୟ ଦେଖାଯାଏ । ଅନ୍ୟାନ୍ୟ ବିନୋଦମାନଙ୍କରେ କେତେଗୁଡ଼ିଏ ଗଳ୍ପ ଏକତ୍ର ଗ୍ରଥିତ ହୋଇ ଗୋଟିଏ ଗଳ୍ପରେ ପରିଣତ ହୋଇଅଛି, ମାତ୍ର ପ୍ରୀତିବିନୋଦରେ ଯେଉଁ କେତେଗୁଡ଼ିଏ ଗଳ୍ପ ଦିଆଯାଇଅଛି ସେସବୁ ପରସ୍ପର ସମ୍ବନ୍ଧ ନୁହେଁ, କିନ୍ତୁ ଗୋଟିଏ ଗୋଟିଏ ପୃଥକ୍ ପୃଥକ୍ ଗଳ୍ପ । ପ୍ରୀତିବିନୋଦର ଆରମ୍ଭରୁ କେତେକ ପଂକ୍ତି ଉଦ୍ଧାର କଲେ ପରିଷ୍କାର ଜଣାଯିବ ।

'ମୋହନାଙ୍ଗକୁ ପୁଣି ଚଞ୍ଚଳାକ୍ଷୀ କହିଲା ହେ ପ୍ରିୟତମ, ପ୍ରୀତି-ବିନୋଦ ବୋଲି ଯେଉଁ କଥା ତାହା ତେବେ କହିବା ହେଉ । ମୋହନାଙ୍ଗ ବୋଇଲା ହେଉ, ତେବେ ପ୍ରୀତିବିନୋଦ କଥା କହିବା ଶୁଣ । ପ୍ରୀତି ଯେ ସେ ଏକା ପ୍ରକାର ନୁହଇ ।'

'ତେବେ କେତେ ପ୍ରକାର କି ?'

'ନା, ଶଠ ପ୍ରୀତି, ଦୁଷ୍ଟ ପ୍ରୀତି, ମିତ ପ୍ରୀତି, କାର୍ଯ୍ୟସାଧନା ପ୍ରୀତି, ପ୍ରବଳ ଶଠ ପ୍ରୀତି, ଅଭେଦ ପ୍ରୀତି, ପରସ୍ପର ପ୍ରୀତି, ନିଜ ସୁଖ ପ୍ରୀତି, —ଏରୂପେ ବହୁତ ପ୍ରକାର ଅଛି ।'

ଏହା ପରେ ଗୋଟିଏ ଗୋଟିଏ ପୃଥକ୍ ପୃଥକ୍ ଗଳ୍ପରେ ଏହିସବୁ ପ୍ରୀତିର ଉଦାହରଣ ଦିଆଯାଇଅଛି ।

ଗ୍ରନ୍ଥୋପସଂହାର ।

କି ଘଟଣାଚକ୍ରରେ ସାଧବକନ୍ୟା ଚଞ୍ଚଳାକ୍ଷୀର ପ୍ରେମାକାଂକ୍ଷୀ ରାଜକୁମାର ମୋହନାଙ୍ଗ ଚଞ୍ଚଳାକ୍ଷୀ ପୁରରେ ତାହା ସହିତ ନିଶି ଉଜାଗର କରି ଚିତ୍ତୁର ବିନୋଦ କଥା କହିଲେ ତାହା ଆମ୍ଭେମାନେ ଦେଖିଅଛୁଁ । ରାତ୍ରି ପ୍ରଭାତରେ ଚିତ୍ତୁର ବିନୋଦ କଥା ଶେଷ ହେଲା । ମୂଳଗ୍ରନ୍ଥରେ କବି ଏ ସ୍ଥଳରେ (ପ୍ରୀତିବିନୋଦ କଥା ଶେଷରେ) ଏହିପରିଭାବରେ ଗ୍ରନ୍ଥର ଉପସଂହାର କରିଅଛନ୍ତି—

'ଏହା ମୋହନାଙ୍ଗ କହନ୍ତେ ଚଞ୍ଚଳାକ୍ଷୀ ମହା ଆନନ୍ଦ ହେଲା । ଏରୂପେ କଥା ସରିଲା । ରାତ୍ର ପ୍ରକାଶ ହେଲା ।'

ଚଞ୍ଚଳାକ୍ଷୀ ସଙ୍ଗେ ମିଳନାଶାରେ ମୋହନାଙ୍ଗ ଚଞ୍ଚଳାକ୍ଷୀ ପୁରକୁ ଯାଇଥିଲେ । ଏହାହିଁ ଗ୍ରନ୍ଥର ଉଦ୍ଦେଶ୍ୟ ବୋଲି ସୂଚିତ ହୋଇଅଛି, ମାତ୍ର ଉପରୋକ୍ତ ଉଦ୍ଧୃତାଂଶ ପରେ ମୋହନାଙ୍ଗ ଓ ଚଞ୍ଚଳାକ୍ଷୀଙ୍କର ମଧୁର ମିଳନ ସମ୍ବନ୍ଧରେ କବି କିଛିମାତ୍ର କହି ନାହାନ୍ତି । ଏଣୁ ଗ୍ରନ୍ଥଟି ଅସମ୍ପୂର୍ଣ୍ଣ ରହିଗଲା ବୋଲି ପ୍ରଥମେ ମନେ ହୁଏ । ମାତ୍ର ଅଭିନିବେଶସହକାରେ ଦେଖିଲେ ଏହାଦ୍ୱାରା ଗ୍ରନ୍ଥର କୌଣସି ଅସମ୍ପୂର୍ଣ୍ଣତା ପ୍ରକାଶ ପାଏ ନାହିଁ । ଅବଶ୍ୟ ପୂର୍ବ ସଂସ୍କରଣର ସମ୍ପାଦକ ଏଠାରେ ଏହି ପରିଦୃଶ୍ୟମାନ

ଅସମ୍ପୂର୍ଣ୍ଣତା ଦୂର କରିବା ନିମିତ୍ତ ନିଜ ମନରୁ ନିମ୍ନଲିଖିତ ପଂକ୍ତିଚୟ ଯୋଗ କରି ଦେଇଅଛନ୍ତି ।

'ଚଞ୍ଚଳାକ୍ଷୀ ଶୁଣି ମହା ଆନନ୍ଦ ହେଲା । ଚଞ୍ଚଳାକ୍ଷୀ ଓ ମୋହନାଙ୍ଗ ଏ ଦୁଇଜଣଙ୍କର ପ୍ରୀତି ହେଲା । ଏହାଙ୍କ କେଳି ବର୍ଣ୍ଣନା କରିଯାଇ ନ ପାରେ । ଏଠାରେ ଚତୁର ବିନୋଦ ସମାପ୍ତ ହେଲା ।'

ମାତ୍ର ପ୍ରକୃତରେ ଏହା ଅନଧିକାର ଚର୍ଚ୍ଚା । ପ୍ରଥମତଃ କବିଙ୍କ ଲେଖା ଉପରେ ଏବଂ ତାହା ଅନାବଶ୍ୟକଭାବରେ, ସମ୍ପାଦକଙ୍କର ନିଜର କଥା ଯୋଗ କରିବା ଉଚିତ ହୋଇ ନାହିଁ । ଆଉ ମଧ୍ୟ ପ୍ରଥମରୁ ଚଞ୍ଚଳାକ୍ଷୀ କହିଥିଲା ସେଦିନ ତାର ଗୌରୀବ୍ରତ ଉଦ୍‌ଯାପନ କରିବାର ଥିବାରୁ ସମସ୍ତ ରାତ୍ରି ଉଜାଗର ରହିବାକୁ ପଡ଼ିବ । ତେଣୁ ତା' ପରଦିନ ରାଜକୁମାରଙ୍କୁ ତା'ର ଅଙ୍ଗ ସମର୍ପିବ । ସୁତରାଂ ସେହି ରାତ୍ରି ଶେଷରେ କଥା ଲୁହା ଶେଷ ହେବାମାତ୍ରେ ଏବଂ ସାତ୍ତ୍ୱିକବ୍ରତ ଉଦ୍‌ଯାପନ ହେଲାମାତ୍ରେ, ପୁଣି ରାତ୍ରି ପ୍ରକାଶ ଅର୍ଥାତ୍ ପରଦିନ ପ୍ରଭାତ ହେଲାବେଳେ ଚଞ୍ଚଳାକ୍ଷୀ ମୋହନାଙ୍ଗଙ୍କର ପ୍ରୀତି ହେଲା, ଇତ୍ୟାଦି ବର୍ଣ୍ଣନା ନିତାନ୍ତ ଅପ୍ରାସଙ୍ଗିକ, ଅଯୌକ୍ତିକ ଓ ଅସ୍ୱାଭାବିକ ଅଟେ ।

ଯେଉଁ ପୋଥି ଏ ସଂସ୍କରଣ ପାଇଁ ବ୍ୟବହାର କରାଯାଇଅଛି ସେଥିରେ ଅବଶ୍ୟ ଏ ଆଖ୍ୟାୟିକା ଶେଷରେ ପଦ୍ୟରେ ଲେଖାଅଛି—

'ମୋହନାଙ୍ଗ ଚଞ୍ଚଳାକ୍ଷୀ ସଙ୍ଗେ ହୋଇ ରତି
ମନୋରଥ ପୂର୍ଣ୍ଣ କଲେ କହେ ବ୍ରଜନାଥ,
ଆହେ ନୀଳାଚଳବାସୀ କର ଅବଧାନ
ତୁମ୍ଭ ଚରଣାରବିନ୍ଦେ ରହୁ ମୋର ମନ ।
ଏ ପୁସ୍ତକ ଲିଖିତ ଏ କବିଙ୍କର ନାତି
ଭୁବନେଶ୍ୱର ପଟ୍ଟନାୟକ ନାମ ଖ୍ୟାତି ।'

ତୃତୀୟ ପଦଟି ତ ନିଶ୍ଚୟ ବ୍ରଜନାଥଙ୍କର ନୁହେଁ । ପ୍ରଥମ ଦୁଇପଦ ଯେ ତାଙ୍କର ଲେଖା ଏହା ମଧ୍ୟ ଆମ୍ଭେମାନେ ସ୍ୱୀକାର କରିବାକୁ ନାରାଜ । ପ୍ରଥମ କଥା ଏ ଗଦ୍ୟ ଗ୍ରନ୍ଥରେ ଗୋଟିଏ ପଦ୍ୟ ଭଣିତାର କୌଣସି ଆବଶ୍ୟକତା ନ ଥିଲା । ଦ୍ୱିତୀୟତଃ ଉପରଲିଖିତମତେ ପ୍ରୀତିବିନୋଦର ଶେଷଗଳ୍ପ 'ପ୍ରବଳ ଶଠ ପ୍ରୀତି' ଶେଷ ହେଲା ବେଳକୁ 'ରାତ୍ର ପ୍ରକାଶ' ହୋଇ ଯାଇଥିଲା (ପ୍ରଭାତ ହୋଇ ଯାଇଥିଲା) ବୋଲି ନିଜେ ଗ୍ରନ୍ଥକାର କହିବା ସ୍ଥଳେ ସେ ସମୟରେ ନାୟକ ନାୟିକାଙ୍କର ରଙ୍ଗରସରେ ମତ୍ତ ହେବା ନିତାନ୍ତ ଅସଙ୍ଗତ ଏବଂ ଅସ୍ୱାଭାବିକ । ବ୍ରଜନାଥଙ୍କ ପରି କୃତୀ ଲେଖକ ଯେ ଏହି ସାଧାରଣ କଥାଟା ଭାବି ପାରି ନ ଥିବେ, ଏହା ଅବିଶ୍ୱାସ୍ୟ । ପୂର୍ବ କଥିତମତେ ନାୟିକାର ସେ ରାତ୍ରରେ ଗୌରୀବ୍ରତ ଉଦ୍‌ଯାପନ କରିବାର ଥିବାରୁ, ସେହି ରାତ୍ର ପ୍ରଭାତରେ ସାବିତ୍ରୀ ବ୍ରତ ଉଦ୍‌ଯାପନ ସଙ୍ଗେ ସଙ୍ଗେ ଏସବୁ କଳ୍ପନା ଏକାବେଳକେ ହାସ୍ୟାସ୍ପଦ । ଚଞ୍ଚଳାକ୍ଷୀ ସର୍ବପ୍ରଥମରୁ ମଧ୍ୟ ସେହି କଥା ସୂଚାଇ ଦେଇଅଛି । ବରଂ କବି ଏହିପରିଭାବରେ ଗ୍ରନ୍ଥର ଆକସ୍ମିକ ପରିସମାପ୍ତି କରି ନାୟକ ନାୟିକାଙ୍କର ମିଳନକୁ ପାଠକମାନଙ୍କର ଅନୁମାନ ଉପରେ ଛାଡ଼ିଦେଇ ଗ୍ରନ୍ଥର ଉପସଂହାର ଅଧିକ ସ୍ୱାଭାବିକ ଓ ଉପଭୋଗ୍ୟ କରିଅଛନ୍ତି । ତଦ୍ୱାରା ଗ୍ରନ୍ଥ ପରିସମାପ୍ତି ସୁନ୍ଦରତର ମଧ୍ୟ ହୋଇଅଛି ।

ଆମ୍ଭମାନଙ୍କ ମତରେ ଏହି ଶେଷର ତିନି ପଦଯାକ ଅଦୌ କବିଙ୍କ ଲିଖିତ ନୁହେଁ, ତାଙ୍କ ନାତିଙ୍କ ଦ୍ୱାରା ଲିଖିତ । ଏଣୁ ଏହି ପଦ୍ୟାଂଶଟି ଏ ସଂସ୍କରଣରେ ଗ୍ରନ୍ଥ ଶେଷରେ ଦିଆଗଲା ନାହିଁ ।

କେବଳ ଏତିକି ନୁହେଁ । ପ୍ରବଳ ଶଠ ପ୍ରୀତି ଗଳ୍ପର ଶେଷାଂଶରେ ବଣିକ୍‌ପତ୍ନୀ ଖଞ୍ଜନାକ୍ଷୀକୁ କେଳିଗୁପ୍ତ ରାଜା କପଟରେ ଉପଭୋଗ କରି ପରିତ୍ୟାଗ କରିବା ପ୍ରସଙ୍ଗରେ ମୂଳଗ୍ରନ୍ଥଠାରୁ ପୂର୍ବ ସଂସ୍କରଣର ବର୍ଣ୍ଣ-

ନାରେ ଅସ୍ୱାଭାବିକ ପାର୍ଥକ୍ୟ ମଧ୍ୟ ଦେଖାଯାଏ । ଏ ସଂସ୍କରଣରେ ମୂଳ-ଗ୍ରନ୍ଥର ଅନୁସରଣ କରାଗଲା ।

ପାଣ୍ଡୁଲିପି ସଂଗ୍ରହ ।

ଏ ସଂସ୍କରଣ ପ୍ରକାଶ ନିମିତ୍ତ ଚାରିଖଣ୍ଡି ଗ୍ରନ୍ଥର ସାହାଯ୍ୟ ନିଆଯାଇଅଛି । ଶ୍ରୀମାନ୍ ସୂର୍ଯ୍ୟନାରାୟଣ ପଟ୍ଟନାୟକ ତାଙ୍କ ସଂସ୍କରଣ ଚତୁର ବିନୋଦ ପ୍ରକାଶ କଲାବେଳେ କବିଙ୍କର ବଂଶୀୟ ରାୟସାହେବ ବାଙ୍କନିଧି ପଟ୍ଟନାୟକ ମଧ୍ୟ ପୃଥକ୍‌ଭାବରେ ଚତୁର ବିନୋଦର ଗୋଟିଏ ସଂସ୍କରଣ ପ୍ରକାଶ କରିବାର ଉଦ୍‌ଯୋଗ କରୁଥିଲେ, ମାତ୍ର ଶ୍ରୀମାନ୍ ସୂର୍ଯ୍ୟନାରାୟଣଙ୍କର ଗ୍ରନ୍ଥ ପ୍ରକାଶିତ ହୋଇଯିବାରୁ ବାଙ୍କନିଧି ବାବୁ ତାଙ୍କ ଉଦ୍ୟମରୁ ବିରତ ହେଲେ । ସେତେବେଳେ ସେଥିପାଇଁ ସେ ଯେଉଁ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ, ତାହା ସେ ମୋତେ ଅନୁଗ୍ରହ କରି ଦେଇଅଛନ୍ତି । ଗ୍ରନ୍ଥକାରଙ୍କ ବଂଶଧର ଢେଙ୍କାନାଳ ମାଧପୁର ନିବାସୀ ଶ୍ରୀ ଧନେଶ୍ୱର ପଟ୍ଟନାୟକଙ୍କ ଗୃହରୁ କବିଙ୍କ ନାତି ଭୁବନେଶ୍ୱର ପଟ୍ଟନାୟକଙ୍କ ଲିଖିତ ଖଣ୍ଡିଏ ପୋଥି ସଂଗୃହୀତ ହୋଇଅଛି । ଏହା ବ୍ୟତୀତ ମୁଦ୍ରିତ ଦୁଇ ସଂସ୍କରଣର ଦୁଇଖଣ୍ଡି ପୁସ୍ତକ, ଏରୂପେ ଚାରିଖଣ୍ଡି ଗ୍ରନ୍ଥର ସାହାଯ୍ୟରେ ଏ ସଂସ୍କରଣ ପ୍ରକାଶ କରା ଯାଉଅଛି । ଏଥିମଧ୍ୟରୁ ରାୟ ବାହାଦୂର ଚନ୍ଦ୍ରମଣି ଆଚାର୍ଯ୍ୟଙ୍କ ସଂସ୍କରଣ ଶ୍ରୀମାନ୍ ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ସଂସ୍କରଣର ଅବିକଳ ନକଲ ଅଟେ । ଏଣୁ ସେ ଦୁଇ ସଂସ୍କରଣରେ କିଛିମାତ୍ର ପାର୍ଥକ୍ୟ ନାହିଁ । ସେହିପରି ଅନ୍ୟ ଦୁଇ ପାଣ୍ଡୁଲିପିରେ ମଧ୍ୟ ପାର୍ଥକ୍ୟ କମ୍ ।

ପୂର୍ବକଥିତମତେ ଶ୍ରୀମାନ୍ ସୂର୍ଯ୍ୟନାରାୟଣ ପଟ୍ଟନାୟକ ତାଙ୍କ ସଂସ୍କରଣରେ ମୂଳଗ୍ରନ୍ଥକୁ ବହୁତ କାଟଛାଣ୍ଟ ଓ ଯୋଡ଼ାଯୋଡ଼ି କରି-

ଥିବାରୁ ମୁଦ୍ରିତ ସଂସ୍କରଣଦ୍ୱୟର ମୂଳ ପୋଥି ସହିତ ଅନେକ ପାର୍ଥକ୍ୟ ଅଛି । ଅତି ସାମାନ୍ୟଭାବରେ ମିଳାଇ ଦେଖିଲେ ମଧ୍ୟ ଏହା ପରିଷ୍କାର ଜଣା ପଡ଼ିବ ।

ପରିଶେଷରେ ବକ୍ତବ୍ୟ ଯେ ଏ ଗ୍ରନ୍ଥର ସମ୍ପାଦନ ନିମିତ୍ତ ଉତ୍କଳର ସୁପରିଚିତ ସାହିତ୍ୟିକ ଲବ୍ଧପ୍ରତିଷ୍ଠ ଅଧ୍ୟାପକ ରାୟ ବାହାଦୂର ଆର୍ତ୍ତବଲ୍ଲଭ ମହାନ୍ତିଙ୍କଠାରୁ ଯେଉଁ ସାହାଯ୍ୟ ପାଇଅଛି ସେଥିପାଇଁ ମୁଁ ତାଙ୍କ ନିକଟରେ ଋଣୀ । କବିଙ୍କ ଗୃହପୋଥି ନିମିତ୍ତ ଢେଙ୍କାନାଳ ସାହିତ୍ୟ ସଙ୍ଘଙ୍କ ନିକଟରେ ଏବଂ ଅନ୍ୟ ପାଣ୍ଡୁଲିପି ପାଇଁ ରାୟ ସାହେବ ବାଙ୍କନିଧି ପଟ୍ଟନାୟକଙ୍କ ନିକଟରେ ମଧ୍ୟ ମୁଁ କୃତଜ୍ଞ ।

କଟକ
ଗୁରୁବାର, ତା ୨୧।୨।୧୯୪୭ } ଶ୍ରୀ ସୁଧାକର ପଟ୍ଟନାୟକ

ଚତୁର ବିନୋଦ କଥା

ଶ୍ରୀ ଗଣେଶାୟ ନମଃ

ଶ୍ଳୋକଃ

କୁନ୍ଦାଳନର୍ଜ୍ଜିତତନୁର୍ଭୃଙ୍ଗଗାଳଭ୍ରମୋ
ବୃନ୍ଦାରକାର୍ଚ୍ଚିତପଦୋ ଗଜଦନ୍ତବକ୍ତ୍ରା
ଚନ୍ଦ୍ରାବତଂସଃ କରୁଣାବ୍ଧିର୍ଧନଂଜୟାଖ୍ୟା
ମନ୍ଦାଶ୍ୱଃପୀଡ଼ିତମିମଂ ଗିରଶଃ ପୁନାତୁ ।

ପଦ

ବ୍ରଜପୁର-ନାଗର ନାଗଶ୍ରୀ-ଧୃତ-ହର ନଟବର-ସୁନ୍ଦର ଦେବ-ପୁର-ନ୍ଦର ବୃନ୍ଦାରକବୃନ୍ଦବର ନୀରଦ-ରୁଚର-ଧରହଳଧରସୋଦର ଗୋରସ-ତସ୍କର, ଯଦୁକୁଳ ଭାସ୍କର, କଲୁଷତୟ-ହର ଏାହ ରମେଶ୍ୱର ଦେବ ।

କଥା

ହେ ରସିକଜନମାନେ, ଦେଶଭାଷାରେ ଚତୁରବିନୋଦ ନାମେ ଏକ କଥାଏ କହିବା ଶୁଣିମା ହୋଉ । କଥା କାହାକୁ ବୋଲି କ ?

ଶ୍ଳୋକ

ମିଥ୍ୟାଗ୍ରନ୍ଥପ୍ରବନ୍ଧେନ ମନୋହରତ ଯା କ୍ଷଣଂ
ନାନା କୌତୁକ ହାସାଦ୍ୟୈଃ ସା କଥେତ୍ୟଭିଧୀୟତେ ।

୧ କଥା

ସେ ଯେ ରସାଳକାଞ୍ଚନ ନାମେ ଏକ ନଗର ଅଛି । ସେ ନଗରରେ ନେତ୍ରାମୋଦ ନାମେ ଏକ ବଣିକ ଜଣେ ଥିଲେ । ତାହା ନନ୍ଦନୀ ନାମ ଚଞ୍ଚଳାକ୍ଷୀ । ସେ ଚଞ୍ଚଳାକ୍ଷୀ ଏକଦିନରେ ସୁହାଗୀ ନାମେ ସଖୀକି ସଙ୍ଗେ ଘେନି ସୁରେଖା ନାମେ ନଦୀକି ସ୍ନାହାନ (୧) କରିବାକୁ ଗଲେ । ସେ ନଦୀତଟରେ ଅଙ୍ଗରୁ ଅଳଙ୍କାରମାନ କାଢ଼ି ଗନ୍ଧକୁଙ୍କୁମ ସୁବାସ ମିଶ୍ରିତ ଘଷି ଲଗାଇ ସ୍ନାହାନ (୧) କଲେ । ତନୁ ପୋଛି ହୀନବାସ ପିନ୍ଧିଲେ । ଅଳଙ୍କାରମାନ ଆଭରଣ ହୋଇ ଚନ୍ଦନ କର୍ପୂର କସ୍ତୁରୀ ସିନ୍ଦୂର ଇତ୍ୟାଦିରେ କପାଳରେ ମନୋହର ତିଳକ ଘେନିଲେ । ସେଠାରୁ ଯାଇଁ ନାଗାଭରଣ ନାମେ ମହେଶଙ୍କୁ ଦରଶନ କଲେ । ତାଙ୍କଠାରୁ ସୁପ୍ରସାଦ ପାଇ ତାମ୍ବୂଳ ଭୁଞ୍ଜି ପୁରକୁ ବାହାରିଲେ ।

ସେହି ନଗ୍ର ରାଜାପୁଅ ମୋହନାଙ୍ଗ ବୋଲି ସେ ଈଶ୍ୱରଙ୍କୁ ଦର୍ଶନ କରିବାକୁ ଆସିଥିଲେ । ସୁରେଖା ନଦୀରେ ସ୍ନାହାନ (୧) କରିବା ବେଳୁଁ ଚଞ୍ଚଳାକ୍ଷୀର ଯେଉଁ (୨) ଶୋଭା ତାହା କୁମାର ଦେଖୁଥାଇ । ଦରଶନ କରି ପୁରକୁ ବାହାରିବା ଯାଏଁ ଚଞ୍ଚଳାକ୍ଷୀକି ଅପଲକ ହୋଇ ଚାହିଁଛି ।

ତାହାର ଯେଉଁ (୨) ଧୀର ଗତି, ତାହାର ଯେଉଁ ଦନ୍ତପନ୍ତି,
ତାହାର ଯେଉଁ ଅଙ୍ଗଜ୍ୟୋତି ତାହାର ଯେଉଁ ନେତ୍ର ଗତି,
ତାହାର ଯେଉଁ ହାସ ମୁଖ, ତାହାର ଯେଉଁ ଭୃରୁରେଖ,
ତାହାର ଯେଉଁ ତାର ନଖ, ତାହାର ଯେଉଁ ବାଣୀ ସୁଖ,
ତାହାର ଯେଉଁ ଘଞ୍ଚ ଉଚ୍ଚ ସଞ୍ଚ କୁଚ, ତାହାର ଯେଉଁ ନୀଳ କଚ,
ତାହାର ଯେଉଁ ମୃଦୁବଚ—

(୧) ସ୍ନାହାନ—ପାଠାନ୍ତର

(୨) ଯେଉଁ—ଜେଉଁ ପାଠାନ୍ତର, ପ୍ରାଚୀନ ପୋଥିମାନଙ୍କରେ 'ଯେଉଁ' ସ୍ଥଳରେ ହିନ୍ଦ ଭାଷା ଅନୁରୂପ 'ଜେଉଁ' ମଧ୍ୟ ଲିଖିତ ହେଉଥିଲା ।

ଏମାନ ସବୁ ଦେଖନ୍ତେ କୁମାର ଅନଙ୍ଗ ରଙ୍ଗରେ ଅତ୍ୟନ୍ତ ତରଙ୍ଗ ହୋଇଲା । ଗହଣରେ ଆସିଥିବା ଲୋକଙ୍କୁ କଥା କପଟରେ ବଞ୍ଚାଇ କହି ଏକାକେ ଆସି ଚଞ୍ଚଳାକ୍ଷୀ ଆଗରେ ନିର୍ଜ୍ଜନ ସ୍ଥାନରେ ଭେଟିଲା । ବୋଇଲା ଅରେ ସୁନ୍ଦରି, ମୁଁ ତୋ ଶୋଭା ଦେଖି ମୋହିତ ହେଲି । କନ୍ଦର୍ପ ଅନ୍ଧାର ଘୋଟିବାରୁ ଦିଗ ଦିଶୁ ନାହିଁ । ଏ ଯେନ ମୋତେ ଅଙ୍ଗୀକାର କରି ସୁରତି ଦିଏ । ଏ ପ୍ରାଣ ତୋର କରି ରଖ । ଏରୂପେ ନ କଲେ ତୋ ସକାଶୁଁ (୩) ପ୍ରାଣ ଯିବ । ତୁ ପୁରୁଷ ହତ୍ୟା ଦୋଷ ପାଇବୁ, ସଂସାରେ ଅକୀର୍ତ୍ତି ହେବ କି ରାଜାପୁଅ ଚଞ୍ଚଳାକ୍ଷୀ ନାଗେ ମଲା । ଏ ତୋ ଯଉବନ ସମ୍ପତ୍ତି ସବଦା କାଳେ ନ ରହିବଟି । ମୋତେ ସୁରତି ଧନ ଦେଇ କିଣି ରଖ । ଏରୂପେ ବିନୟ ହୋଇ ଦୁଇ ହାଥ ଯୋଡି ଚରଣ ଧରିବାକୁ ଆସନ୍ତେ ସେ ଚଞ୍ଚଳାକ୍ଷୀ କାତର ହୋଇ ପ୍ରିୟ ସଖୀ ସୁହାଗୀ ଆଗେ କହିଲା ବୋଇଲା ଏ କି ଆଚମ୍ବିତ କଥା, ଏଥିକି ବିଚାରି କହି । ତହୁଁ କି ସୁହାଗୀ କହିଲା, କଲେ ତ ଲୋକ ଅପବାଦ, ନ କଲେ ପୁରୁଷ ହତ୍ୟା, ଏଣେ ପୁଣି ରାଜାପୁଅ, ଏଥିରେ ମୁଁ କଉଁ କଥା କହିବି । ଏ ସମୟରେ ରାଜାପୁଅ ସୁହାଗୀ ଆଗେ କହିଲା ମୋ ଜୀବନ ରଖ, ତୋ ଚରଣ ଧରି କହୁଛି । ସୁହାଗୀ କହିଲା ହେ କୁମାର ଏ ତ ଦିବସ, ଏଣେ ରାଜମାର୍ଗ, ଏଠାରେ ଅମ୍ଭେ କି କହିବୁଁ ? ଆଜ ସନ୍ଧ୍ୟା ସମୟରେ ଆମ୍ଭ ପୁରକୁ ଯିବ (୪), ସେଠାରେ ଭେଷା ଦେବୁଁ । ଏମନ୍ତ କହି ଚଞ୍ଚଳାକ୍ଷୀକି ସଙ୍ଗେ ଘେନ ପୁରକୁ ଗଲା ।

ମୋହନାଙ୍ଗ ଆପଣା ଘରକୁ ଯାଇଁ ବେଣ ବାସ ହସ ରସ ଇତ୍ୟାଦି ନାନା କଉତୁକ କଥା ମାନଙ୍କେ ମନ ରସିଲା ନାହିଁ, କେବଳ

---

(୩) ସ୍ୱକାଶୁଁ—ପାଠାନ୍ତର ।

(୪) ଜିବ—ପାଠାନ୍ତର ।

ଚଞ୍ଚଳାକ୍ଷୀ ଅଙ୍ଗ ସଙ୍ଗ ହେବାକୁ ସନ୍ଧ୍ୟା କେତେବେଳେ ହେବ ଏହି ଭାବନା କରୁଅଛି । କ୍ରମେ କ୍ରମେ ଦିବସ ଶେଷ ହୁଅନ୍ତେ ପଶ୍ଚିମଦିଗଯାକ ଅରୁଣବର୍ଣ୍ଣ ଦିଶିଲା । ମନେ ହେଲା ସନ୍ଧ୍ୟାବଧୂ ରଙ୍ଗଣୀପାଟ ପିନ୍ଧି କି ଅବା ପୁଅାଣି ହୋଇ ଆସୁଛି ।

ମୁଦ୍ରିତ ହେଲେ ଅରବିନ୍ଦ, ଫୁଟିଲେ କୁମୁଦ
ଶୁଭେ ଶଙ୍ଖନାଦ, ହରି ହରି ଶବଦ,
ଦ୍ୱିଜେ ପଢ଼ନ୍ତି ବେଦ, ଜାର ପୁରୁଷେ ଆନନ୍ଦ,
ଭ୍ରମର ଗଲେ ନିଦ,

ରସିକ ରସିକାମାନେ କେଳିପୁର ମଣ୍ଡନ କଲେ କରିବାକୁ କାମକେଳି ବିନୋଦ ।

ଏରୂପେ ସନ୍ଧ୍ୟା ପ୍ରବେଶ ହୁଅନ୍ତେ ମୋହନାଙ୍ଗ ଯେ ସେ ଚଞ୍ଚଳାକ୍ଷୀ ପୁରକୁ ରତି ଇଚ୍ଛାରେ ଗମନ କଲା । ତାହା ପୁରଦ୍ୱାରରେ ଦେଖିଲା ସୁହାଗୀ ଉଭା ହୋଇଛି । ମୋହନାଙ୍ଗ ତାକୁ ନେତ୍ରଭଙ୍ଗେ ଇଙ୍ଗିତରେ ଠାରି ଚାହାନ୍ତେ ତାହା ସୁହାଗୀ ଜାଣିପାରି ଚଞ୍ଚଳାକ୍ଷୀ ପାଶକୁ ଯାଇଁ ବୋଇଲା ରେ ସଖି, ରାଜାପୁଅ ଦ୍ୱାରରେ ଆସି ଉଭା ହୋଇଛି । ତୋଠାରେ ଅନୁରକ୍ତ ହୋଇବା ଯୋଗୁ ଅନ୍ନ ସଳିଳ ଭୋଜନ କରି ନାହିଁ ପରା ! ମୁଖ ତ ଶୁଖିଲା ଦିଶୁଛି । ମୋ ମନେ ହେଉଛି ତୋ ସଙ୍ଗ ନୋହିଲେ ନିଶ୍ଚେ ତା ପ୍ରାଣ ନ ରହିବ, ତୁ ପୁରୁଷ ହତ୍ୟା ଦୋଷ ପାଇବୁ । ସୁହାଗୀ ଏହା କହନ୍ତେ ଚଞ୍ଚଳାକ୍ଷୀ ଏକାନ୍ତପୁରରେ ବସି କହିଲା ତେବେ ତାଙ୍କୁ ଏଠାକୁ ଗୁପ୍ତ କରି ଡାକି ଯେନି ଆସ । ଏହା ଶୁଣି ସୁହାଗୀ ଯାଇଁ ରାଜାପୁଅକୁ ନୟନ ଭଙ୍ଗ ଇଙ୍ଗିତରେ ଡାକି ଚଞ୍ଚଳାକ୍ଷୀ ପୁରକୁ ଘେନି-ଗଲା । ମୋହନାଙ୍ଗକୁ ଚଞ୍ଚଳାକ୍ଷୀ ଦେଖି ମନ୍ଦହାସରେ କହିଲା, ପଲଙ୍କରେ ବସ । ତାହା ମୁଖ ଦେଖି କୁମର ଅତି ଉତ୍ସୁକରେ ଚାହାନ୍ତେ କୁମାରୀ

କହିଲା, ହେ କୁମାର, ତୁମ୍ଭେ ତ ରାଜାପୁଅ, ଏରୂପେ ଅସ୍ଥିର କାହିଁକି ହୋଉଛ ? ଏବେ ତୁମ୍ଭ ମୋ ଅଙ୍ଗସଙ୍ଗ ହେବାର କିଛି ସନ୍ଦେହ ନାହିଁ । ଆଉ ଏଡ଼େ ସତ୍ୱର କୁହ । ଅମୃତ ଯେ ସ୍ୱର୍ଗରେ ଅଛି ସେ କେଡ଼େ ସ୍ୱାଦ ତାହା କେହି ପାଇ ନାହିଁ, ସମସ୍ତେ କହନ୍ତି ସେ ବଡ଼ ମଧୁର, ଏମନ୍ତ କହିବାରୁ ତାହା ଖାଇବାକୁ ଲୋଭ ବଢୁଥାଇ । ଖାଇଲାଠାରୁ, ଏରୂପେ ମଧୁର ସିନା,—ଏମନ୍ତ ଜାଣି ଆଉ ତା'ଠାରେ କି ତେତେ ଲୋଭ ହେବ ? ସେଠାରୁ ଆଶା ତୁଟିବ । ଆଶା ତୁଟିଲେ ଅମୃତ ଅନାସ୍ଥା ହେବ । ଭୋଗ ନ କରିଥିଲାଯାକ ଆଶା ଟେକୁଥାଇ । ଭୋଗ କଲାଠାରୁ ସୁଖ ତୃଷା ତୁଟଇ । ତୁମ୍ଭେ ସିନା ପୁରୁଷମାନେ ଭ୍ରମର ଜାତି । ଭୋଗ କଲାମାତ୍ରେ ରସ ନେଇ ଛଡ଼ାଫୁଲ ପ୍ରାଏ ଛାଡ଼ି ଯାଅ । ଆମ୍ଭେ ତ ଅବଳା ନାରୀ । ଆମ୍ଭମାନଙ୍କ ଆଶା ବରଷା ନଦୀ ପରି । ରସ ପାଇଲେ ବେଳକୁବେଳ ବଢ଼ୁଥାଇ, କୂଳ ସରିକି ବୁଡ଼ାଇ । ଏଥିକୁ ତୁମ୍ଭ ମୋ ପ୍ରୀତି ହେବାର ତ ବିଧାତା ଘଟାଇଲାଣି, ମାତ୍ରକ ଆଜ ମୋହର ଗଉରୀ-ବ୍ରତ । ଏ ରାତ୍ର ଉଜାଗର ହେବ । ଏ କର୍ମ ଆଜ କିରୂପେ ହେବ । ଆପଣ ଆଜ ଏ ପୁରେ ସୁଖେ ରହ । କାଲି ମୋ ଅଙ୍ଗ ସମର୍ପିବି ।

ଏହା ଶୁଣି ମୋହନାଙ୍ଗ ବୋଇଲା ରେ ବାଳା, ଉତ୍ତମ ହୋଉ । ଗଙ୍ଗାତଟକୁ ଗଲେ କି ତୃଷା ମାରି ପାରଇ । ଏବେ ତ ମୋ କର୍ଣ୍ଣ ନୟନ ଦୁହେଁ କୃତାର୍ଥ ହେଲେଣି । ଆଜ ତୋ ପାଶରେ ଦାସ ପଣେ ଖଟିଥିବି । କାଲି ତ ଅବଶ୍ୟ ମୋତେ ବର୍ତ୍ତନ ମିଳିବ । ମୁଖକୁ ଚାହିଁଲେ ତ କୋଟି ଇନ୍ଦ୍ର ସମ୍ପତ୍ତି ଦିଶୁ ନାହିଁ । ଆଜ ତୋ ସଙ୍ଗରେ ମୁଁ ଉନ୍ନିଦ୍ର ହୋଇ ରହିବି ।

ଏହା ଶୁଣି ସୁହାଗୀ କହିଲା ହେ ମୋହନାଙ୍ଗ, ତେବେ କିଛି ହାସରସ କଥାଟିଏ କହ ଯେମନ୍ତେ ଚଞ୍ଚଳାକ୍ଷୀ ଶୁଣି ଉନ୍ନିଦ୍ର ହେବ, ବ୍ରତ ଫଳ ମିଳିବ ।

ମୋହନାଙ୍ଗ ବୋଇଲା ଉତ୍ତମ, ତେବେ ମୁଁ କଥାଟିଏ କହିବି ତୁମ୍ଭେ ଶୁଣ । ପୂର୍ବେ ସଙ୍କର୍ଷଣ ପଣ୍ଡା ବ୍ରାହ୍ମଣ ରାଜାଙ୍କ ସଭାରେ **ଚତୁର ବିନୋଦ** ନାମେ ଏକ କଥାଏ କହିଥିଲେ, ମୁଁ ତାହା ଶୁଣିଛି । ହାସ-ବିନୋଦ, ରସବିନୋଦ, ନୀତିବିନୋଦ, ପ୍ରୀତିବିନୋଦ ଏରୂପେ ଚତୁର ବିନୋଦ ହେବାରୁ ଏ କଥା ନାମ **ଚତୁର ବିନୋଦ**, ଅଥବା ଚତୁର ଲୋକଙ୍କ ବିନୋଦ ହେବାରୁ ଏ ଘେନ **ଚତୁର ବିନୋଦ** ।

ଏହା ଶୁଣି ଚଞ୍ଚଳାକ୍ଷୀ କହିଲା ସେ କଥା ପ୍ରସଙ୍ଗ କିରୂପେ ଶୁଣି-ବାକୁ ମୋହୋର ବଡ଼ ଶରଧା ହୋଉଛି, ତେବେ କହିବା ହୋଉ ।

ମୋହନାଙ୍ଗ ବୋଇଲା ରେ ବାଳା, ଏତେକ ହେଲେ ସିନା କଥା ଶୁଣିବୁ—ଅନ ଇଚ୍ଛା ଛାଡ଼ିବ, ନିଦ୍ରା ନ ମାଡ଼ିବ, ପଲକ ନ ପଡ଼ିବ, ଚଇତ୍ନ ନ ଛୁଟିବ ।

ଚଞ୍ଚଳାକ୍ଷୀ କହିଲା, ମୁଁ ଏହିରୂପେ ଶୁଣିବି ।

ମୋହନାଙ୍ଗ କହିଲା, ତେବେ କଉଁ ବିନୋଦ କହିବି ତାହା କହ ।

ଚଞ୍ଚଳାକ୍ଷୀ କହିଲା, ତେବେ **ହାସ ବିନୋଦ** କଥା କହିବା ହୋଉ ।

କୁମାର ବୋଇଲା, ରେ ମଣି, ତେବେ ସାବଧାନ ହୋଇ ଶୁଣୁ ।

ହାସ ବିନୋଦ

୨

ସେ ଯେ କେଳନଠ ନାମେ ଏକ ନଗର ଅଛୁ । ସେ ନଗର ରାଜା ନାମ ଅଙ୍ଗଧର । ସେ ରାଜାଙ୍କ ପୁଣ୍ୟପ୍ରତାପ-ବଳ ସକାଶରୁଁ, ସେ ପୃଥ୍ୱୀ ଲୋକମାନେ କରରେ ଭିକ୍ଷାପାତ୍ର ଘେନ ଅନ୍ୟ ଦେଶମାନଙ୍କରୁ ତଣ୍ଡୁଳ ମାଗି ଆଣି ଉଦର ପୋଷନ୍ତି । ସେ ଭିକ୍ଷାତଣ୍ଡୁଳରୁ ଧର୍ମବାରଣ ମନ୍ତ୍ରୀବର କର୍ମଅନ୍ଧ ପୁରୋହିତ କହିବା ପୁରାଣ-ବଚନ ପ୍ରମାଣେରାଜ-ଭଣ୍ଡାରକୁ ତଣ୍ଡୁଳ ପାଞ୍ଚଭାଗ ନେଇ ତାଙ୍କ ଖାଇବାକୁ ଭାଗେ ଦିଅନ୍ତି । ସେହି ଭିକ୍ଷା ତଣ୍ଡୁଳ ଭର୍ଜିତ କରି ଲବଣ ଢ଼ାଳଦେଇ ରାଜାରାଣୀ ମଣୋହି କରନ୍ତି ।

ମାଲାଧରୀ ନାମେ ସେ ରାଜାଙ୍କର ରାଣୀ,
ସୁନ୍ଦରି ପଣରେ ରମ୍ଭାକୁତର ଠାଣି,
ତାଙ୍କର ତ ଲମ୍ବ ଲମ୍ବ କୁଚ, ଭାଲପଟ ଉଚ,
ମନ୍ଦାରଫୁଲ ନେତ୍ର, ହାଣ୍ଡି ସମାନ ଗାତ୍ର,
ଶଙ୍ଖ ସୁନ୍ଦର ନାସା, ମୟୂର କଣ୍ଠ ଭାଷା,
ବିପୁଳ ବୃହୁ ପାଦ, ଗମନେ ଠେକନାଦ,
ମୃଦଙ୍ଗ ମୋଟ କଟି,
ଦଶମାସ ଗର୍ଭ ହେଲାପରି ବନ୍ଧ୍ୟା ରାଣୀର ସବଦାକାଳେ
ଆଗକୁ ବାହାରି ଥାଇ ଅନ୍ତ୍ରୋଲ ପେଟ ଗୋଟି ।
ବରଷଯାକେ ସମ୍ଭାଳି ସମ୍ଭାଳି ଧନ,
ପିତୃଶ୍ରାଦ୍ଧ ଦିନ ରାଜା ରାଣୀଙ୍କି ଘେନ ଭୁଞ୍ଜନ୍ତି ଉଦର ପୂରି ଅନ୍ନ ।

ଏମନ୍ତ ସମସ୍ତ ଯହିଁ ରାଜାଙ୍କର ତାଙ୍କର ପାତ୍ର ମନ୍ତ୍ରୀଙ୍କ ଦୌଲତ ଅବା କି କହିବା ? କଉଁମାନଙ୍କର ଅତସାରରେ ଘର, କଉଁମାନଙ୍କର ଶୁଳହିଁ ମନ୍ଦର, ପୁଣି ଆମିଷ ବାସରେ ପୁରମାନେ ଅତ ସୁବାସନା କରୁ-

ଥାନ୍ତି । ସର୍ବଦାକାଳେ ଚଉଷଠି ଭୋଗ କରନ୍ତି ସେ ନର । ଯହିଁ ରାଜ୍ୟରେ ବଡ଼ ବଡ଼ ଲୋକମାନେ ଉଦର କରି ନିଶ୍ଚିନ୍ତରେ ରହିଅଛନ୍ତି ଏମନ୍ତେ ଏହି କେଳିକଣ୍ଠ ନଗରରେ ରାଜାର କୁଆଁରି ଥାଟର ସେନାପତି ଚଣ୍ଡଚନ୍ଦ୍ର ନାମେ ଏକ କୁମ୍ଭକାର ଥିଲା ଯେ ତାହାର ଗୁଣ ଅବା କି କହିବା ।

ଘାରେ ଗିଦଡ଼, ଧୀରେ ବାଇ,
ଥିରେ ପନଙ୍ଗ ରାଜାର କୁଆଁଛି ।

ଏମନ୍ତ ହୋଇ ଯହିଁ ଚଣ୍ଡଚନ୍ଦ୍ର ତାହାର ବିଳାପମୁଖୀ ନାମେ ଏକ କୁମାରୀ ଥିଲା । ତା ସମାନେ ସଂସାରରେ ବର ନ ମିଳିବାରୁ ସେ ହେମାଦେଇ ଅନେକ କାଳ ପିତାଘରେ ରହିଲେ । କାହିଁକି ବର ନ ମିଳିଲେ କି ? ନା, ସେ ରାଜ୍ୟରେ ଏମନ୍ତ ଅଛି ଯେ ବିଭା ସମୟରେ କନ୍ୟାମାନଙ୍କୁ ଯେ ହସାଇ ପାରଇ ସେ ବିଭା ହୁଅଇ । ସେ ରାଜ୍ୟ ଲୋକମାନଙ୍କ ମୁଖରେ ତ ହାସ ଦେଖିବାକୁ ସ୍ୱପ୍ନ, ପୁଣି ବିଳାପମୁଖୀ କନ୍ୟାକୁ ହସାଇବ ଏମନ୍ତ ହୋଇ ଅବା କେଉଁ ଲୋକ ଅଛି । ଏ ଦେନି କୁମାରୀ କିରୂପେ ବିଭା ହେବ କି ? ଏମନ୍ତେ ବିଭା ବିଳମ୍ବ ହୁଅନ୍ତେ କନ୍ୟାର ଚତୁର୍ଥ କାଳ ପ୍ରବେଶ ହେଲା । ପିତା ଚଣ୍ଡଚନ୍ଦ୍ର ଦୂତମାନଙ୍କୁ ପେଷି ଅନେକ ସ୍ଥାନମାନଙ୍କରେ ବର ତଲାସ କଲେ । କେଉଁ କେଉଁ ସ୍ଥାନମାନ କି ? ନା,

କୋରଡ଼, ଗୋରଡ଼, ଗାଡିଆ, ଗାଡ଼; ବଳ, ବମ୍ବର, କଆଁର, ଯୋଡ଼;
ମୁଣା, ଖମଣା, ଘଣା; ଶିକା, ସାମୁକା, ବେକା, ବଣା;
ଦାଣ୍ଡି, ଭରାଣ୍ଡି, ଦଣ୍ଡି, ମଣାଣି;

ଇତ୍ୟାଦି ସ୍ଥାନମାନ ଦରାଣ୍ଡି ଖୋଜନ୍ତେ ମୂଷିକ ଗର୍ତ୍ତରୁ ମାର୍ଜାରମୁଖା
ପୁରୁଷେ ବାହାର ପଡ଼ିଲେ ତତକ୍ଷଣି ।

କିରୂପେ ଦିହାଉଛନ୍ତି କି ? ନା,—

ଅଧର କାମୋଡ଼ି, ନାଣ ମୋଡ଼ି ମୋଡ଼ି ;

ହାହା ହୁହୁ କରି ରଡ଼ିମାନ ଛାଡ଼ୁ ଅଛି ଯେ ଛାତିରେ କୋଡ଼ି କୋଡ଼ି

ହୋଇ କୋଡ଼ି ।

କହିଲେ ହେ ଦୂତମାନେ, ଆମ୍ଭଙ୍କୁ ତୁମ୍ଭେ କି ଜାଣ ନାହିଁ ? ଷଣ୍ଡାସୁର ଆମ୍ଭର ମଉଳା ହେଁଅ ଭଉଣୀ, ମହିଷାସୁରର ଆମ୍ଭେ ସୋଦର ବାପର ଭାଇ ! ଦୂତମାନେ ତାଙ୍କୁ ଚାହିଁ ବଡ଼ ଆନନ୍ଦରେ କହିଲେ ଭବତୁ, ଭବତୁ, ଭବତୁ । ଅହୋ-ରୂପମହୋଧ୍ୱନିଃ । ଏତେ କାଳେ ଆସି ଆମ୍ଭ ଜେମାଦେଇଙ୍କ ଅନୁରୂପେ ବର ମିଳିଲା । ଏହା ଶୁଣି ମାର୍ଜାର-ମୁଖା କହିଲେ ଅମ୍ଭେ ତ ବିଧାତା ସର୍ଜନା ଭିତର ପୁରୁଷ ନୋହୁଁ, ଆମ୍ଭ ଗୁଣ ଲକ୍ଷଣ ତ ଦେଖୁଛ, ତୁମ୍ଭ ଜେମାଦେଇଙ୍କ ଗୁଣ କିରୂପେ କହ ଦେଖି ଶୁଣିମା । ଦୂତେ କହିଲେ ହେ ନରମଳ !

ତୁମ୍ଭର ଯେଉଁରୂପେ କୁମାର ବୟସ,

ଆମ୍ଭ ଜେମାଦେଈଙ୍କର ସେହିରୂପେ ରଞ୍ଜି ଅସୁଅଛି ନିଶ ।

ମାର୍ଜାରମୁଖା କହିଲେ ତାଙ୍କ ହୃଦୟ ତଟରେ ଶମ୍ଭୂଲିଙ୍ଗ ବିଜେ କଲେଣି କି ନାହିଁ ? ଦୂତେ କହିଲେ, ଲମ୍ବାୟମାନ ହୋଇ ଷ୍ଟୁଲ୍ଲିଳା ଲିଙ୍ଗ ବେନି ତ ବହୁତ କାଳ ହେଲା ବିଜେ ହୋଇଥିଲେ, ଏବେ ସେ ଲାଉ ସଉକ ବଳିଲେଣି ପରା । ହୃଦୟ ତଟ ତ ସମାନ ଦିଶୁଥାଇ ; କିଅବା ଅତି ଷୁଦ୍ରରୂପେ ବିଜେ କରିଥିବେ । ନାଭି ପ୍ରତି ତ ବହୁତ ପାଣି-ଲାଗି ହୋଉଅଛନ୍ତି । ଘରେ ମଧ୍ୟ ଦଣ୍ଡେ ରହିବାର ନାହିଁ ।

ଏମନ୍ତ ଦୂତମାନଙ୍କ ମୁଖରୁ ଶୁଣି ମାର୍ଜାରମୁଖା ପୁରୁଷ ବଡ଼ ଆନନ୍ଦରେ ଠହ ଠହ ହୋଇ ହସିଲେ, ବୋଇଲେ ଶୀଘ୍ରେ ଭବତୁ, ଶୀଘ୍ରେ ଭବତୁ, ଶୀଘ୍ରେ ଭବତୁ । ଏମନ୍ତ କହି ଭାଷିଲେ ଆମ୍ଭ ସମାନେ ତ

କନ୍ୟା ମିଳିଲେ, ଆମ୍ଭଙ୍କୁ ତେବେ ବରଣ କରି ନିଅ । ଏହା ଶୁଣି ଦୂତମାନେ କୂପ ରକ୍ତମାଳା ଗଳାରେ ପକାଇ ବରଣ କରି ନେଲେ । ଚଣ୍ଡଚନ୍ଦ୍ର ଛାମୁରେ ମାର୍ଜ୍ଜାରମୁଖା ଭେଟି ଦୁଇପାଦ ଟେକି ନମସ୍କାର କରନ୍ତେ ଚଣ୍ଡଚନ୍ଦ୍ର କଲ୍ୟାଣ କଲେ 'ଗତାୟୁର୍ଭବ' । କଲ୍ୟାଣ କରି ବଡ଼ ଆନନ୍ଦରେ ଦୂତଙ୍କୁ କହିଲେ "ଅହୋ ଭାଗ୍ୟମହୋଭାଗ୍ୟମ୍ ।" ଅୟଂ ଜାମାତା କସ୍ମିନ୍ ସ୍ଥିତଃ ?

ଦୂତେନ କଥିତଂ—'ମୂଷିକଗର୍ତ୍ତେ ସ୍ଥିତଃ' ।

କିଂ ନାମ ?

ମାର୍ଜ୍ଜାରମୁଖା ।

ତଦା କୁମାରୀ ସମୀପଂ ପ୍ରତିଗଚ୍ଛନ୍ତୁ ।

ଚଣ୍ଡଚନ୍ଦ୍ରଠାରୁ ଏମନ୍ତ ଦୂତମାନେ ଶୁଣି,
ଜେମାଦେଈଙ୍କ ପାଶକୁ ମାର୍ଜ୍ଜାରମୁଖାକୁ ବିଜେ କରାଇଲେ ପୁଣି ।

ନବୀନ ବର ଆସିବା ଦେଖି ଉଲଗ୍ନ ଶରୀରରେ ଭସ୍ମଲେପନ କରି ଅଧୋମୁଖରେ ବିଳାପମୁଖୀ ବିଳାପ କରି ବସିଲେ । ମାର୍ଜ୍ଜାରମୁଖା ଆଗରେ ଉଭା ହୋଇ ନୟନରେ ଲୋତକ ଜଳ ପୂର୍ଣ୍ଣ କରି ପ୍ରସନ୍ନ ହୋଇ କହିଲେ, ଏଡ଼େ ଆନନ୍ଦ କାହିଁ କଥାକୁ ? ଧନ୍ୟ ଧନ୍ୟରେ ଶ୍ମଶାନମଣ୍ଡନୀ ମୁହିଁଙ୍କ ମାତ୍ରେ ତ ଏଡ଼େ ହରଷ ହେଲୁଣି ପୁଣି ଅଙ୍ଗ ସଙ୍ଗ ହେଲେ, ଅବା କି ହେବଟି ! ବିଳାପମୁଖୀ ଜାଣିଲା ମୋହ ସମାନ ତ ପତି ମିଳିଲା, ଏମନ୍ତ ବିଚାରି ନିଷ୍ଫଳ ହୋଇ କେମନ୍ତେ ଭେଟିବି ବୋଲି ହୃଦୟ ତଟରୁ ଗୁଆ ଭୁମରେ ସ୍ତନୁଟିଏ ଛିଣ୍ଡାଇ ଧରନ୍ତେ ରକ୍ତ ବହିବାରୁ ହୃଦୟତଟ ବଡ଼ ରକ୍ତବର୍ଣ୍ଣ ଦିଶିଲା । ମାର୍ଜ୍ଜାରମୁଖା ବିଚାରିଲେ ଏତ ଅପୂର୍ବ ନାରୀ, ହୃଦୟ ତଟରେ ପୁଷ୍ପବତୀ ହୁଅଇ ପରି ! ବିଳାପମୁଖୀ ସ୍ତନ ଛିଣ୍ଡାଇବାରୁ ବ୍ୟାକୁଳରେ ଛଟପଟ ହୋଇ ଭୂମିରେ ପାରି ପରିଯେ ଲୋଟନ୍ତେ ମାର୍ଜ୍ଜାରମୁଖା

ତୋଳି ଧରିବାରୁ ତା' ହୃଦୟ ରକ୍ତଯାକ ଆପଣା ମୁଖରେ ଲଗିଲା-ମାତ୍ରକେ ତାମ୍ବୂଳ ଭକ୍ଷିଲା ପରି ଦିଶିଲା । ଜିହ୍ୱାରେ ବାଜିଲା ମାତ୍ରକେ ହୃଦୟଜ୍ୱାଳା ତୃଣା ହେଲା । ସେଠାରୁ ବିଳାପମୁଖୀ ଉଠି ବସି ବିଚାରିଲା, 'ଏ ନାୟକ ମୋ ସମାନ ଗୁଣବନ୍ତ, ମୋଠାରେ ବଡ଼ ସ୍ନେହ କଲେ ।' ଏହା ବିଚାରି ବୋଇଲା, ହେ ପୁରୁଷ, ମୋତେ ହସାଇବାକୁ ଉପାୟ କର । ହସିଲେ ସିନା ମୁଁ ତୁମ୍ଭଙ୍କୁ ବରଣ କରିବି । ଏହା କହି ଛଣ୍ତାଇବା ସ୍ତନୁଟା ହାଥରେ ଦିଅନ୍ତେ ମାର୍ଜାରମୁଖା ବିଚାରିଲା, ଏ ଜାମ୍ବୁଫଳ ହେବ ପରା ! ବୋଇଲା, ରେ କୁମାରି, ମୋହୋର ଯେବେ କାନ୍ତା ହେବୁ ତେବେ ଅପୂର୍ବ ଅଳଙ୍କାରମାନ ଦେବି ।

ଗୀତ :—

ଦଉଡ଼ିରେ ଗୁନ୍ଥି ଦେବି କଉଡ଼ିର ମାଳା
ଗେଣ୍ଡାର ସୁନ୍ଦର ନୋଥ ନାକେ ଦେବି ବାଳା,
ଖପରା ପଦକ ତକ ମୃତ୍ତିକାର ବଳା,
ବଡ ବଡ ଗରଗଡ଼ ହାର ଦେବି ଗଳା,
ନେତ୍ରେ ଗେରୁ ଗୋଳି ଦେବି ଗର୍ଦ୍ଦିଭର-ମୁଖି,
ଚୂଣ କାଠି ବାସ ବୁଣି ପିନ୍ଧାଇବି ସଖି,
ହସ ହସ ରେ,
ତୁ ମୋ ପ୍ରାଣଧେନା ହସି ଆସ ଆସ ରେ ।

କଥା :—

ଏ ଗୀତ ଶୁଣି ବିଳାପମୁଖୀ ବଡ଼ ଆନନ୍ଦରେ କହିଲା, ମୋ ଗଣ୍ଡ-ମଣ୍ଡଳେ କିଛି ଭୂଷଣ କରିବ ନାହିଁ କି ? ଏହା ଶୁଣି ମାର୍ଜାରମୁଖା ଦୁଇ ହାଥ ପ୍ରସାରି ଦୁଇ ଗାଲରେ ନିଷ୍ଠୁର ଚାପୋଡ଼ ଦୁଇ ଗୋଟା ପ୍ରବେଶ କରାନ୍ତେ ସବୁ ଦନ୍ତମାନେ ଝଡ଼ି ପଡ଼ିଲେ । ବକ୍ଷଣ ଦନ୍ତରୁ ଦୁଇ ଦନ୍ତ

ହସ୍ତୀଦନ୍ତ ପ୍ରାଏ ରହିଲା, ତେତେବେଳେ ଯାଇଁ ବିଳାପମୁଖୀ ଟହଟହ କରି ପାଚିଲା ହସ ପ୍ରକାଶ କଲା । ପାଚିଲା ହସ କେମନ୍ତ କି ? ନା, ଭଗ୍ନ-ଦନ୍ତରୁଧିରେ ମୁଖ ରଙ୍ଗ ହେବାରୁ ସେ ପାଚିଲା ହସ ହୋଇଗଲା । କୁମାରୀ ମହା ଆନନ୍ଦରେ ବିଚାରିଲା ମୁଁ ଗଣେଶମୂର୍ତ୍ତି ଧରିଲି । ଏମନ୍ତ ବିଚାରି ଥୋରହସ୍ତ ପ୍ରାଏ ବାମ ହସ୍ତ ପ୍ରସାରି ଆଉ ସ୍ତୁକୁଟି ଲଡୁପ୍ରାଏ ଧରିଲା । ମୁଖ ତ ସିନ୍ଦୂରବର୍ଣ୍ଣି, ଦୁଇ ଦନ୍ତ ତ ହୋଇଛି, ଉଦର ତ ବେଲହୁଁ ଅନ୍ତ୍ରୋଲ, କେଶ ତ ଜଟାଭାର ପରି, ଶିରମାନେ ତ ଅଙ୍ଗରେ ସର୍ପ ପ୍ରାଏ ଶୋଭା ପାଉଛନ୍ତି, ମାତ୍ର ତିନି ନେତ୍ର ନ ଥିବାରୁ ମାର୍ଜାରମୁଖା ଖଣନ୍ତି ଯେନ କପାଳରେ ଚକ୍ଷୁ ଗୋଟିଏ ଖୋଳି ଦିଅନ୍ତି ରକ୍ତ ଚନ୍ଦନ ଚିତା ଯୈନଲା ପ୍ରାଏ ଦିଶିଲା । ମାର୍ଜାରମୁଖା ବିଚାରିଲା ବଡ଼ ଯୋଗ ହେଲା । ଏ ଗଣେଶମୂର୍ତ୍ତି ଧରିଲେ । 'ଅଗ୍ରପୂଜ୍ୟୋ ଗଣାଧିପଃ' ସିନା । ଏହାଙ୍କ ଦରଶନରେ ସମସ୍ତ ବିଘ୍ନ ଯିବେ । ମାର୍ଜାରମୁଖା କହିଲା, ରେ ବାଳା, ଏବେ ତ ହସାଇଲଛି, ତେବେ ବରଣ କର ; ଶୁଣି ବିଳାପମୁଖୀ ବ୍ୟଥାରେ କଥା କହି ନ ପାରି ମୁଖ ହଲାଇ ହୁଁହୁଁଅ ପରି ହୁଁ ହୁଁ କରି ବରଣ କରନ୍ତେ ଉଁଟିଷ ଦୂତମାନେ ଧାଇଁ ଯାଇଁ ଚଣ୍ଡଚନ୍ଦ୍ର ସମ୍ମୁଖରେ କୁମାରୀ ବରଣଚରିତ କହିଲେ । ଚଣ୍ଡଚନ୍ଦ୍ର ଦୂତମାନଙ୍କୁ ବହୁତ ଆଭରଣ ଦେଲେ, ବିଳାପମୁଖୀକି ମାର୍ଜାରମୁଖାକୁ ବିଭା କଲେ ।

ଏଥି ଉତ୍ତାରୁ କନ୍ୟାର ଅଙ୍ଗସଙ୍ଗ ସୁଖ ପାଇ ମାର୍ଜାରମୁଖା ବିଚାରିଲା, ଏ ଅଣ୍ଡମୋହିନୀ କାନ୍ତାକୁ ଛାଡ଼ି କରି ପରଦେଶେ ଯିବାର ତ ଉଚିତ ନୋହଇ । ଚକ୍ଷୁ ଥିଲାକୁ ସିନା ଗମନାଗମନ ହେଉଛି, ଏ ଚକ୍ଷୁକୁ ଦିନାକେତେ ଅମ୍ଭେ ପେଡ଼ିରେ ବାନ୍ଧି କରି ରଖିବା । ଏମନ୍ତ ବିଚାରି ନାପିତପୁତ୍ରକୁ ଡକାଇ କହିଲେ, ଅହେ ବାପୁ, ଆମ୍ଭ ଉପସର୍ଗ ବସ୍ତୁଟି (୧) ନିଅ, ନହୁରଣୀରେ ଅମ୍ଭ ଚକ୍ଷୁ ଖୋଳି କରି ଦିଅ, ଅମ୍ଭେ ପେଡିରେ ବାନ୍ଧି

କରି ରଖିବୁଁ । ନାପିତ ସେ ବସ୍ତ୍ରଟି (୧) ନେଇ ଚକ୍ଷୁ ଖୋଲି ତାଙ୍କ ହସ୍ତରେ ଦେଲା । ପୁଣି ମାର୍ଜାରମୁଖୀ କହିଲେ, ଏ ପିନ୍ଧାବସ୍ତ୍ର-(୧) ଟିକି ନିଅ, ଆମ୍ଭଙ୍କୁ ବିଲାପମୁଖୀ ପାଖେ ଛାଡି ଆସ । ପୁଣି ନାପିତ ଆରବସ୍ତ୍ର-(୧) ଟିକି ନେଲା, ମାର୍ଜାରମୁଖୀ ବାଳ ଧରି ଘୋସାଡ଼ି ନେଇ ବିଲାପମୁଖୀ ପାଖେ ପ୍ରବେଶ କଲା, ବିଲାପମୁଖୀଙ୍କ ସେବନ ମାର୍ଜାରମୁଖୀ ବହୁତ ସୁଖଭୋଗ କଲେ । କି ରୂପେ ଭୋଗ କଲେ କି ? ନା, ମଶାଣି ଚଉଁ ଗନ୍ଧ, କଣ୍ଟକ-ଆଲିଙ୍ଗନ, ମଡ଼ାସଢ଼ା ଚୁମ୍ବନ, ଲାଳରସପାନ, ନାସିକାଚଲା ରସନା, ଘଣ୍ଟିକାଲଗା ଦନ୍ତଘାତ, ହାଡ଼ବୁଢ଼ା ନଖକ୍ଷତ, ଘୋଟକ ସୁରତ, ମହିଷିଆ ବିପରୀତ, ଘଡ଼ଘଡ଼ାହାସ, ନୟନପୋଡ଼ା ବେଶ, ଜଳଜଳା ଚାହାଣି, ପର-ପଞ୍ଚ କହଣି, ଇତ୍ୟାଦିରେ ନାନାରୂପେ ସୁଖଭୋଗମାନ କରି ଚଉରାଶି ରସ ଭୋଗ କଲେ । ଏକ ଦିନକରେ ସେ ବିଲାପମୁଖୀ ସୁନ୍ଦରୀ ମାର୍ଜାରମୁଖୀକୁ ପଚାରିଲା, ହେ ନାୟିକଷଣ୍ଡ, ତୁମ୍ଭ ମୋ ପ୍ରୀତି କଉତୁକ ତ ଏ ବ୍ରହ୍ମାଣ୍ଡ-ମଣ୍ଡଳକୁ ରଙ୍କ ପ୍ରାଏ ଶୋଭା ପାଉଛି । ଏକଥା ଶୁଣିଲେ ନ ହସିବେ ଏରୂପେ କେହି ଅଛନ୍ତି କି ? ଏରୂପେ ପ୍ରିୟବଚନ ପଚାରନ୍ତେ ମାର୍ଜାର-ମୁଖୀ କହୁଅଛନ୍ତି, ଆରେ କରାଳନେତ୍ରି, ଚତୁର୍ଦ୍ଦଶ ବ୍ରହ୍ମାଣ୍ଡେ ତୋ ମୋ ପ୍ରୀତି ସାର । ଏହା ଶୁଣିଲେ ମରଣଦଶା ଯାଏ ପ୍ରାଣୀମାନଙ୍କୁ ହାସ-ରୋଗ କରିବ, କାନ୍ତକୁ ମାନ କରିଥିବା ମାନିନୀ, ପୁତ୍ର ମରିଥିବା ଜନନୀ, ଅମୂଲ୍ୟଧନ ହରାଇଥିବା ରଙ୍କ, ରାଜଦଣ୍ଡ ଦେନିବାକୁ ବସିଥିବା ଲୋକ, ନିଦା ମୂରୁଖ, ବଟୋଲ ଯକ୍ଷ, ସନ୍ୟାସୀ ମୁନି, ଯତି ମଉନୀ, ଆଜନ୍ମରୋଗୀ, କରମତ୍ୟାଗୀ, ଏମାନଙ୍କର ହେଲେ ଦନ୍ତପନ୍ତି ଦିଶିବ, ଆଉ କାହା ଛାର ଏତେ ଧଇର୍ଯ୍ୟ ଅଛି ଯେ ସେ ନ ହସିବ, କେବଳ ଚିତ୍ରଜଣ ଅବା ନ ହସିବା । କେ କେ କି ? ନାଃ —

---

(୧) ବସ୍ତ୍ର—ପାଠାନ୍ତର ।

ତୁମ୍ଭ ମାତା, ଆମ ପିତା, ତୁମ୍ଭେ, ଆମ୍ଭେ ;
ଏ ଶ୍ଳୋକର ଜଣ ଶୁଣିଲେ ତରିବ୍ରୁ ପାଉ ଦମେ ।

ଏହା ଶୁଣି ବଳାପମୁଖୀ କହିଲା ଆମ୍ଭେ ହସିବା ଏରୂପେ ଆଉ କଥା ଅଛି କି ? ମାର୍ଜାରମୁଖୀ କହିଲା, ଆମ୍ଭେ ହସିବାକୁ କଥା ଅଛି ତେବେ କହିବା ଶୁଣ ।

ଅତି ହାସବିନୋଦ ଏ କଥାର ନାମ,
ହସି ହସି ଅନ୍ତ ଛାଡ଼ଇ ପ୍ରାଣୀ ଯାଏ ଧାମ
ଶୁଣରେ ଶୁଣ, ମଣ୍ଡୂକଅଧର ଶୁଣ,
ଅତି ହାସବିନୋଦ କଥାର ଯେତେ ଯେତେ ଗୁଣ ।
ଦକ୍ଷିଣ ଦଗରେ ତା ଉତ୍ତର ଭାଗରେ
ମୋତିମାଲା ନାମେ ଅଛି ଏକଇ ନଗରେ ;
ସେ ନଗର ଶୋଭାବନ କହୁଛନ୍ତି ଶୁଣ
ଯାକୁ ରଚ ବିଶ୍ୱକର୍ମା ଶିଳ୍ପୀ-ବିଦ୍ୟାରେ ହେଲା ନିର୍ବାଣ ।

ହୀରା ନୀଳା ପୁର, ମର୍କତେ ସୁନ୍ଦର ; ହାଟକରେ ଘଟଣ କେବଣ ମନ୍ଦିର,
ବୈଡୂର୍ଯ୍ୟ ବିଦ୍ରୁମ, ପଦ୍ମରାଗର କମ ; ରଜତରୁଅ ବତା, ଭଡ଼ାଗଣ୍ଡି ପାଟ ସୂତା ;
ପ୍ରବାଳଦଣ୍ଡ ଶେଣୀ, ତେଜପଦ୍ମ ଛାଏଣି ;

ଇନ୍ଦ୍ର-ନୀଳମଣି ଉଜ୍ଵ, ହୀରାସାର ଠିକକିରା ;
ପିଚୁଲାମାନେ ଦଶୁଛନ୍ତି ହସି କଥା କହିଲା ପରା ।

ନାଟ ରଙ୍ଗ ମନ୍ଦିର, ଚନ୍ଦନୀ ଉଦର ; ଦ୍ୱାରଗଡ଼ା ତୋରଣା, ଅରଗଳ ଧାରଣା,
ବାତାୟନମାନଙ୍କରେ ନ ଟଳ ଆଖି ପଡ଼ିଥାଇ ଧରଣା,
ରାଜାଙ୍କ ନବର, ପାତ୍ର ମନ୍ତ୍ରୀଙ୍କ ପୁର, ଗଡ଼ଘେର ପାଚେରୀ, ଗମ୍ଭୀର ଜଲୀ ପୂର
ମୁଗୁନି ପାଷାଣ କାନ୍ଥି, ଭଣ୍ଡି କାଙ୍ଗୋଲା ପନ୍ତି ପନ୍ତି, ବଜ୍ରକଠୋର କବାଟ,
ବିନା ହୁକୁମେ ପଶିବାକୁ ମାର୍ଜାର ମୂଷାକୁ ନାହିଁ ବାଟ ।

ଅକଳିତ ଦଳ ବଳ, ଗଜ ବାଜୀଏ ପ୍ରବଳ,
ରାଉତ ମାହୁନ୍ତ ସେନା, ବଇରୀଦଳଣ ବାନ
ଯାହାର ଚତୁରଙ୍ଗ ବଳ ସାଜିଲେ ହରଇ ଚନ୍ଦ୍ର ସୂର୍ଯ୍ୟଙ୍କ ଜୋଛନା ।
ଭିକ୍ଷୁକ ଦୀନ ଦୁର୍ଲ୍ଲଭ, ପର ଧନେ ଅଲୋଭ,
ଘରେ ଘରେ କମଳା ମାତା ହୋଇଛନ୍ତି ପରମ ସୁଲଭ ।
ଏ ରାଜ୍ୟ ନୃପତି ନାମ, କୀର୍ତ୍ତିଚନ୍ଦ୍ର ଗୁଣଧାମ,
କହି ନୋହେ ବଚନରେ ତାଙ୍କର ଯେତେକ ଗୁଣ ।
କଳିତ କୁହଇ ବଳ, ଦାନେ କର୍ଣ୍ଣ ନୋହେ ତୁଲ,
ରୂପେ ନବ କାମ କି ସେ ପୁଣି, କବି ପଣ୍ଡିତ ଧାର୍ମିକ ଗ୍ୟାନୀ,
ବିବେକ ମାନୀ, ଖଡ୍ଗବିଦ୍ୟାରେ ଭୈରବ ସମ,
ଧନୁର୍ଦ୍ଧରେ କି ଅର୍ଜ୍ଜୁନ, ଦୟା କ୍ଷମା ପରିପୂର୍ଣ୍ଣ, ମଲ୍ଲକର୍ମେ କିବା ଭୀମ ।

ଏକ ଦିନେ ସଭା କରି, ବସିଛନ୍ତି ଦଣ୍ଡଧାରୀ,
ପାର୍ଶ୍ୱ ମନ୍ତ୍ରୀ କବି ସୁପଣ୍ଡିତ,
ଶୂର ବୀର ସେନାପତି, ମଲ୍ଲ ମହାରଥୀ ଛନ୍ତି,
ନାନା ଲୋକେ କେ କହିବ ଅନ୍ତ ।
ଏ ସମଏ ତିନି ଲୋକ, ଏକ ତାଙ୍କର ସେବକ
ଚାରିଜଣ ଭେଟ ହେଲେ ଯାଇଁ,
ରାଜାଙ୍କୁ କଲେ ଜୁହାର, ବୋଇଲେ ଭୋ ନୃପବର,
ଆସିଛୁଁ ଚାକର ହେବା ପାଇଁ ।
ନୃପତି ଶୁଣି ପଚାରି, କି ବିଦ୍ୟାକୁ ଅଛ ପାରି,
କି କି କାର୍ଯ୍ୟ କରିବ ହେ କହ,

କହେ ବ୍ରଜନାଥ କବି, କହିଲେ ସେ ଯାହା ଭାବି,
ରସିକେ ଆନନ୍ଦ ଶୁଣି ହୁଅ ।

ରାଜାଙ୍କ ବାଣୀ ଏ ଢଙ୍ଗ ଶୁଣି, କହନ୍ତି ହସି ଶୁଣ ନୃପମଣି ।
ବିଦ୍ୟା ଅପାର ଅଛି ଆମ୍ଭର, କହୁଁ ଏକେ ଏକେ ଶ୍ରବଣ କର ।
ମୁଁ ଯେ ବ୍ରାହ୍ମଣ ଜାଣେ ପୁରାଣ, କାବ୍ୟ ନାଟକ ଅଲଙ୍କାର ପୁଣ ।
ବେଦବିଦ୍ୟାହିଁ ସବୁ ଜାଣଇଁ, କେବଳ ଗ୍ରାହକ ଦେଖିଲେ କହି ।
ଏ ଯେ ବଇଦ ଔଷଧି ଭେଦ, ଏହା ନ ଜାଣି ନାହିଁ ଗଛ ପଦ ।
ଏ ଯେ ନରେନ୍ଦ୍ର ଜ୍ୟୋତିଷ ଇନ୍ଦ୍ର, ଏହା ହାଥେ ନବ—ଗ୍ରହାଦି ଇନ୍ଦ୍ର ।
ଏହି ଚାକର ନାପିତବର, ଏହା ପ୍ରସାଦେ ଏ ଗୁଣ ଆମ୍ଭର ।
କେବଳ କଳି—କାଳକୁ ଭାଳି, ବିଦ୍ୟା କରନ୍ତି ଚୋର ଜଣ ମିଳି ।
ତୋଷେ ରାଜନ ହାସ ବିଧାନ, ସେହି ରସେ ଆମ୍ଭେ ମଜ୍ଜାଉଁ ମନ ।
ହୁକୁମ ହେଲେ କହିବୁ ଭଲେ, ଭଲ ଭଲ କହ ରାଜା ବୋଇଲେ ।
ସେ ଦ୍ୱିଜ ତୋଷେ ମନ ହରଷେ, କହେ ବ୍ରଜନାଥ ବିଦ୍ୟା ପ୍ରକାଶେ ।

ହେ ମହାରାଜା, ଶୁଣ ଶୁଣ । ସଅଁ ସଅଁ ଘୃତ ଅର୍ଥ କରିବା । ଆମ୍ଭ ସରି ସମାନ ପଣ୍ଡିତ ଜଣେ ଆମ୍ଭ ମୁଖରେ ଦେଇ ବେଦ ବିଦ୍ୟା ଶୁଣିମା ହୋଉ ।

ଏ କଉତୁକ ଶୁଣି, ସେ ନୃପଚୂଡ଼ାମଣି,
ଭାଣ୍ଡମଣ୍ଡନ ନାମେ ଚଣ୍ଡନେଏ ଜଣେ,
ତାକୁ ଇଷାରା କଲେ ହାସ ନୟନ କୋଣେ ।

ସେ ଭଣ୍ଡମଣ୍ଡନ ଅସି, ନେଉଳ-ଗୃହାଣି ପ୍ରକାଶି,
ଷଡ଼ ଷଡ଼ କର ହସି କହଲ ଅସି,
ଅମ୍ଭ ଆଗରେ ବଦ୍ୟା କହରେ ଉଆଁସ-ନଶିର ଶଶୀ ।

ଶୁଣି ପଣ୍ଡିତ-ଲଙ୍ଗ କହଇ ବାଣୀ,
ଅରେ ବେଧ-ବଦ୍ୟା ଗୁ କେତେ ପ୍ରକାର ଅଛୁ ଜାଣି ?
କରଡ଼ା ଚରଡ଼ା ସଡ଼ପା ଡ଼ାମ୍ପଣା,
ଏ ଗୃହ ବେଧ-ବଦ୍ୟାର ସାର ଗୁ ଶୁଣରେ ଫଣଫଣା ।

ଶ୍ଳୋକ :—

ଗଣେଶ ମୁଁ ନମୁଚ୍ଛ ହେ। ତବ ଭଗ୍ନୀପତ ମୁଁ ଯେ,
ତୋ ବାବୁ ସଙ୍କର ବଣା ମୁଣ୍ଡା କରବେ ଚଣ୍ଡିକା ।

ଗୀତ :—

ଅରେ ଅସ୍ତ ଅସ୍ତ ଅସ୍ତ,
ତୋ ବଣକୁ ସବଦାକାଳେ କାଳସର୍ପ ବନ୍ଧୁ ଗୋଧ ସୁମର ଗ୍ରସ୍ତ ।
ବଙ୍କଠ କେଙ୍କଠ ମଣ୍ଡୁକଗୁଣ୍ଡା, ବକଠମୁହାଁ ଅତ ଝାମ୍ପୁର ମୁଣ୍ଡା,
ଲୋହତ ଇକ୍ଷଣ ଶୋହତ ଅବୁ, ବୈଦକ ବ୍ରାହ୍ମଣ ଚନ୍ଦ୍ରେ ଏ ବାବୁ ।
ପାହାନ୍ତ ଖାଇ, ଯେ ବାହାନ୍ତ ଗାଇ, ଗୃହାନ୍ତ କେବଳ ମାଉସୀ ମାଈ,
ମାହାନ୍ତ ସାଇଙ୍କା ଥାଅନ୍ତ ବହ ସେ, କାହାନ୍ତ ଏମନ୍ତ ପଣ୍ଡିତ ମହ୍ଣ ରେ ।
ଏତେ ଲକ୍ଷଣରେ ଅମ୍ଭ କୁଳ ପରପୂର୍ଣ୍ଣ, ସୁଖେ ନ ପାଉ ଯେ ଦନେ
ଉଦରପୂର୍ଣ୍ଣ ଅନ୍ନ,
ଗୋଧ ଅମ୍ଭର ଗୋଷ୍ଠ ସର୍ପ, ଗାଏ ବଡ଼-ବ୍ୟାଧ୍ର, ଭଉଁ ଦାମ୍ଭୋଡ଼ିଆ
ଥୋଡ଼ି ପଦୁ ନାହିଁ ସିଧ୍ୱ ।
ଏବେ ଶୁଣ ରେ, ଅମ୍ଭ କୁଳ ମର୍ଯ୍ୟାଦାର ଗୁଣ ରେ ।

ଆମୃତ ବିଭାରେ, କଲୁଁ ଯେ ସମ୍ଭାରେ, ବସିଲେ ସଭାରେ, କୈବର୍ତ୍ତ କୁମ୍ଭାରେ,
ସାମଗ୍ରୀ ପ୍ରଭାରେ, ଖାଇବା ଲୋଭାରେ, ବାଦ୍ୟକାରେ ତାଳ ଭାଜିଲେ
ବେଭାରେ ।

ଆରେ ଯେତେ ଶୁଣାଇଲି କୁଲବିଦ୍ୟା ପାଠ ଶାଠ,
ଶୁଣି ପଲ୍ଲବିତ ଗଛ ଶୁଖି ହେବ କାଠ ।
ପଣ୍ଡିତ ଅଗାର, ଆଶୀର୍ବାଦ ହୋଉ ମୋର,
ପଦ୍ମଫୁଲ ପତ୍ର ଚିରସ୍ଥିର ହୋଉ ତୋର ।

କଲ୍ୟାଣ ଶ୍ଳୋକ :—

ଅଷ୍ଟଚଣ୍ଡୀ କପାଳୀ ଚ ଚାମୁଣ୍ଡା ଭଦ୍ରକାଳିକା,
ଖାଇ ବିଶ ଗୁଚ୍ଛା ତୋର କରନ୍ତୁ ନିଜ ମନ୍ଦିର ।
ସନ୍ନିପାତ ତ୍ରିଦୋଷଂ ଚ ଉଦରୀ ଗ୍ରହଣୀ ହିଗା,
ତାଲୁକା କାମଳ ବ୍ୟାଧି ପାଇ ସର୍ବେ ସୁଖୀ ହୁଅ ।

ଗୀତ :—

ଏ ବାଣୀ ଶୁଣି, ସେ ବ୍ୟାଧିବର୍ଦ୍ଧନ-ଚୂଡ଼ାମଣି,
ଆଗସର ହୋଇ କହଇ ଆରେ କି କହିଲୁ କି କହିଲୁରେ ଭଣ୍ଡମଣ୍ଡନ ଫଣୀ ।
ଅହେ ଶୁଣ ହେ, ଶୁଣ ହେ, ମୋ ବିଦ୍ୟ ବିଦ୍ୟା କହିବାକୁ ଏ ବ୍ରାହ୍ମଣିଆ
କି ବୋଲାଏ !
ମୁଁ ବିଦ୍ୟମାନଙ୍କର ସାର, ଜାଣଇ ବିଦ୍ୟ ବିଦ୍ୟା ଅପାର,
ମୋ ହସ୍ତ ଲାଗିଲେ ମଲୁ ବାଲୁକା-ଶଯ୍ୟାକୁ ବିଜେ, କାଠ ଖଟ ଛାଆର ।
ନେତ୍ର ଭିତର, ମୂତ୍ର ଦୁଆର, ମଳର ମଳ
ଏ ସ୍ଥାନମାନ ମୁଁ ଆଗ ଦେଖଇ ନହୁରୁଣୀରେ ଖୋଳ ।
ମଣିବନ୍ଧ ନାଡ଼ିକା ଦେଖିବାର ବେଳେ,
ବାମ ଗୋଇଠି ଉହେ ମାଡ଼ଇ ମଲୁ ଘଣ୍ଟିକା ମୂଳେ ।

ପେଟ ପିଠି ଲାଗିଛି କାଠି,
ଏତେ ସ୍ଥାନରେ ମୁଦ୍ଗର ତାଡ଼ନ କଲେ ତେବେ ସେ ବ୍ୟାଧି ବୃନ୍ଦ-
ତାଲୁକା ଘରକୁ ଉଠି ।

ଗୀତ

ପିଉସା ଦେହେ ମୋ ପିତ୍ତ ବଢ଼ିଲା ପ୍ରବଳେ,
ପକାଇଲୁ ତାହାଙ୍କୁ ପହଡ଼େ ଖରବେଳେ,
ପଲେ ସଜନା ଠାଙ୍କରେ ଦେଲୁ ଚଢ଼ାମୂଳ,
ପାଚି ପାଳୁ ପାଳୁ କର ପିଉସା ନଷ୍ଟଲ ।
ପିତ୍ତନାଶିରେ, ପଢ ପଢ ବୋଲି ପୁଣି କାନ୍ଦନ୍ତି ମାଉସୀ ରେ । ୧ ।
ଆମବାତ ଧରିଥିଲା ମୋ ଦାଦର ଅଣ୍ଟା,
ଆଠ ଦିନ ବୁଲି ତାଲି ତେଲ-ସାରୁଘଣ୍ଟା,
ଖୁଡ଼ି ଆଣି ଦିଅନ୍ତି ମଇଁଷି ଘୋଲ ଦହି,
ଆଖି ବାଟେ ବାତ ଗଲା ଧଇଁ ସଇଁ ହୋଇ ।
ଅହେ ଶୁଣ ହେ, ଆମବାତ ମଲୁଖିଆ ନାମ ଏ ପାଚନ ହେ । ୨ ।
ଦୁର୍ବଳ ଦେହ ବଢ଼ଇ ଏ ଔଷଧ ବଳେ,
ଦିବସରେ ଖାଇବ ମୁଣ୍ଡିକା ପଲେ ପଲେ,
ଦୁଇଦିନ ଘୋଲ ଦହି କଣିରେ ପିଇବ,
ଦେଖ ଦେଖୁ ଗଣେଶ ଅନୁଲ ପେଟ ହେବ,
ଦେଢ଼ ମାସରେ, ଦଶଜଣ କ ତା' ଖଟ ଉଠାଇବେ ଲେଶରେ । ୩ ।

କଥା :—

କେବଳ ଗ୍ରହମାନଙ୍କୁ ପ୍ରାଶ୍ଚିତ କଲେଟି ଏରୂପେ ମଲୁମାନେ ଆରୋଗ୍ୟ ହୁଅନ୍ତି । କି କି ପ୍ରାଶ୍ଚିତ କି ? ନା, ଶନିଙ୍କି ଶୃଙ୍ଗାର, ଗୁରୁଙ୍କ

ଅଙ୍ଗାର, ମଙ୍ଗଳକୁ ଠେଲା, ରବିଙ୍କେ ମୂଳା, ଚନ୍ଦ୍ରଙ୍କୁ ଭେକ, ଶୁକ୍ରଙ୍କୁ
ଜୋକ, ବୁଧଙ୍କୁ ଚର୍ମ, ରାହୁଙ୍କୁ ରୋମ, କେତୁଙ୍କୁ ଗେଣ୍ଡା, ବ୍ରାହ୍ମଣିଅଙ୍କୁ
କୁଣ୍ଡା, ଜଉତିଷଙ୍କୁ ନେଉଳ, ଦଣ୍ଡୁଆସିଙ୍କ ଶେଉଳ, ଭଣ୍ଡାରିଅଙ୍କୁ ମୂତ୍ର,
ଅମ୍ଭେ ଯେ ଅଛୁଁ ବଦ୍ୟ ପୁତ୍ର,

ମଲୁମାନଙ୍କଠାରୁ ନେଉଁ ତରଳ ଅଷ୍ଟସାର ମାତ୍ର ।

ଏମନ୍ତ ବଚନ ବଦ୍ୟ ମୁଖରୁ ବାହାରନ୍ତେ ଶୁଣି ଜ୍ୟୋତିଷମର୍ଦ୍ଦନ,
କୋପେ କହଇ କରେ କି କି କହିଲୁ ବ୍ୟାଧିବେଦନାବର୍ଦ୍ଧନ ।

ଅରେ ଜ୍ୟୋତିଷମର୍ଦ୍ଦନ ମୋହୋର ପଦ,
ପୌର୍ଣ୍ଣମୀ ଉଆଁସ ଏ ଗୃହ ତିଥି ସାଥି ରଖିଛୁ ଯହିଁରେ ହୁଅଇ ଚନ୍ଦ୍ର
ସୂର୍ଯ୍ୟ ବାପ ପୁଅଙ୍କର ଭେଦ,
କଙ୍କାଳ ଯୋଗ, ଚଉରାଶି ଭୋଗ, ହିଣ୍ଡୋଳକାଳଗ୍ନ, ହସ୍ତପାଦୁକା ଭଗ୍ନ,
ମୃତବତ୍ସ ଖଡ୍ଗେ, ନାସା ଛେଦନ ନାଡ଼ି, ବାଳକସୁରତି, ବିବାହେ ବିଧବାରିଷ୍ଟ
ସପିଣ୍ଡ ଅନୁକୂଳ, ଶ୍ମଶାନଅ କବଳ, ନାଡ଼ିଛଡ଼ା ଖର, ଘଡ଼ିଘଡ଼ିଅ ତୁଲି,
ଶିଖିନାଶନ ନାଗରି,
ଏତେ ଯୋଗ ମୋ ପାଞ୍ଜିରେ ବସା କରିଛନ୍ତି କି ଜାଣିଲେ ଦିଲ୍ଲୀ ନାହୋର ଆଗରି ।

ଏବେ ମହାରାଜାଙ୍କ ଆଗରେ କିଛି ଜ୍ୟୋତିଷ ବିଦ୍ୟା ପ୍ରକାଶ କରୁଛି ।

ତାରା ଦେଖିଲେ ଦିବସ କହି ଖରା ଦେଖିଲେ ରାତି,
ହାଥ ଗୋଡ଼ ଦୁଇ ଦୁଇ ଯାହାର ଥାଇ ସେହିଟି ମନିଷ (୧) ଜାତି,
ବାପୁ ପୁଅକୁ ପୁଅ ବୋଲି ପୁଅର ପୁଅ ନାତି,
ଶୁକଳ ବର୍ଣ୍ଣ ସୁନାର ଜ୍ୟୋତି ହଳଦିଆ ରୂପା ମୋତି,

---

(୧) ମନିଷ୍ୟ—ପାଠାନ୍ତର ।

ପାଣି ଭିତରେ ପକ୍ଷୀର ବସା ଗଛରେ ଥାଇ ମାଛ
ମାଈ ଅଣ୍ଡିରକୁ ପୁରୁଷ ନାମ କହ, ମହାରାଜା,
ଏଥିର କଉଁ କଉଁ କଥା ମିଛ ?

ସପ୍ତାଙ୍ଗ ଶୁଣିବାକୁ ସାବଧାନ ମଣିମା । ଆଜ ଦିବସ ଚାରି ପହର, ରାତି ପାଞ୍ଚ ପହର, ଗାଏ ଛଅ ପହର । ମଙ୍ଗଳବାର ଦିନ ବେଳ ଛଅ-ଘଡ଼ି ଠେକକ ଭିତରେ ଶୁକ୍ରବାର ଆଦ୍ୟରୁ ଯୋଗ ହେବ । ଧନୁ ଶର ବଣା ଲଗ୍ନରେ ବକ୍ରୁଆଠ ଯୋଗ ପଡ଼ୁଛି । ଆଜି ମନୁଷ୍ୟମାନେ ବେଳ ଦୁଇ ପହର ଅଠଘଡ଼ି ଭିତରେ ଶଯ୍ୟାରେ ସ୍ନାନ କରି ପାକ ତଣ୍ଡୁଳ ଉପରେ ତରୁଆର କରିବେ ପରା ! ମୂଳା ମୀନ ଧେନ ତ ପଖାଳ ଉପରେ ଶନିଙ୍କର ଦୃଷ୍ଟି ପଡ଼ିଲାଣି । ରୋଗର ବ୍ୟାଧି ଏହି ଯୋଗରୁ ହୁଅଇ । ମେଷ ବୃଷ ଦୁଇଗୋଠା ଗ୍ରହ ତ ରାଶିଯାକ ଖାଇ ଯାଉଅଛନ୍ତି । ଏ ସମ୍ବଚ୍ଛରେ ଢେଲ ବଡ଼ ମହରଗ ହେବ । ବଦ୍ୟମାନେ ମୂତ୍ରରେ କି ପକାଇ ରୋଗ ଚହ୍ନିବେ । ଏ ସମ୍ବଚ୍ଛରେ ରୋଗୀ ବଡ଼ ବଳବନ୍ତର (୧) ହେବେ । ଢେଲ ବିନା ତ ସଂସାର କିଛି ହେବାର ଦିଶୁ ନାହିଁ । କେବଳ ଏହି ଶୁକ୍ଳ ଉଆଁସ ବେଳ ନଅଘଡ଼ିଠାରେ ଚନ୍ଦ୍ରଗ୍ରହଣ ଛିଠାଙ୍କି ଦେଉଛ ଲାଗୁଛି । ଚନ୍ଦ୍ରଙ୍କୁ ପଶ୍ଚିମ ଦିଗରୁ ଉଇ ଲାଗିଯିବ । ରାହୁ ତ ଦାନ୍ତ ଘସି ବସିଲାଣି ମାଏ ଚୁଡ଼ାଭିଙ୍କି ପଡ଼ଲକ୍ଷଣି ଦିଶିବ । କୁମ୍ଭାର ଚକ ବୁଲୁଥିବା-ଯାକ ମହତ ଅଛି ନୋହିଲେ ଗଉଡ଼ୁଣୀ ଘରା ହୁଲହୁଳ ଦେଇ ହେଉଛି-ଲାଣି । ରାହୁର କି ଦୋଷ ? ବର୍ଷିଲେ ପେଠା ଭଣ୍ଡାର ସବୁ ବୁଡ଼ାଇଲା ।

ଏ ସମ୍ବଚ୍ଛରେ ଗୋବିନ୍ଦ ପୁରାଣେ ଲେଖିଛି ପହିଲି ବୋହୁଅ ଧନୁମାସରେ ସ୍ତ୍ରୀମାନେ ପୁରୁଷମାନଙ୍କୁ ଜିଣା ହେବେ । ମୀନ ଭୁଲ

(୧) ବଳବନ୍ତ—ସାଠାନ୍ତର ।

ହେଲକ୍ଷଣି ଶ୍ରୀ ବ୍ରାହ୍ମଣୀ ହାଥେ ଅଡ଼ା ପଡ଼ିବ । ଏ ଯୋଗ ଅନ୍ନ ବଡ଼ ସୁଲଭ ହେବ । ପ୍ରାଣୀମାନେ ପିମ୍ପୁଡ଼ି ଗାଡ଼ ଖୋଳି ଧାନଘର କରିବେ । କକଡ଼ା ମାସରେ ମେଘ ଖଣ୍ଡେ ଘୋଟିବ ବୋଲି ଲେଖୁଛୁ । ବିଜୁଳି ଗୋଟାଏ ମଧ୍ୟ ଦେଖାଯିବ । ବରଷା ବଳବତ୍ତର(୧) ହେବ ଯେ କେବଳ ପୃଥ୍ବୀରେ ଜଳବିନ୍ଦୁ ପଡ଼ିବ ନାହିଁ ପରା !

ସାଗର ଭିତରେ ରହିବ ଅଚ୍ଛେଇ ହାଥ ପାଣି,
ଦଶ ବିଶ କୋଶେ ରହିବେ ଦୁଇ ଏକ ପ୍ରାଣୀ ।

ଶାଗୁଣିମାନେ ବଳବାନ ହେବେ । ନାପିତମାନେ ସେ ପିଣ୍ଡରୁ ବହୁତ ଧନ ପାଇବେ ।

ଏହା ଶୁଣି ନାପିତ କହିଲା କରେ ଜ୍ୟୋତିଷିଆ, ଏ ରାଜସଭାରେ ମୋ ନାଆଁ ତୁ କାହିଁକି ଧରିଲୁ ?

ଆହେ ମଙ୍ଗଳହୀନ ବଂଶରେ ମୁଁ କାଳକୁଣ୍ଡଳୀର ପୁତ୍ର,
କଜ୍ଜଳ କାକବର୍ଣ୍ଣ ମୋ ଦେହ କୁଳ ଗୋତ୍ର,
ବିବାହ କାଳରେ ମୁଖାଗ୍ନି ଦିଅଇ, ବିଦାପନା କାଳରେ ଛତ୍ର ଅନ୍ନ ଖୁଆଇ,
ନଖ କାଟିଲେ ମଣିବନ୍ଧ ଛୁଟିକଇ, ଭଦର ହେଲେ ଲୋକ ମଲି ମଲି ଡାକଇ,
ଛରଇ କାଠ ଯେ ଖୋଳଇ ମହି, ଏମନ୍ତ ପ୍ରକାରେ ମୋ ଖୁର ନହୁରୁଣୀ ଯହିଁ,
ଶିରହଣା ପୁତ୍ର ମୁଁ ମୋର ରକ୍ତହିଣ୍ଡୋଳ ନାମ,
ମୋ ହାଥ ଯା ମୁଣ୍ଡେ ଲାଗଇ ତାକୁ ବିହି ହୁଅଇ ବାମ ।
ମୋ କାନ୍ତା ଅମଙ୍ଗଳମୁହିଁ ଯହିଁ ହୁଳହୁଳି ଦିଅଇ,
ସେ ଦିନ ରଜକ ତାର ଖଟ ଶେଯ ନିଅଇ ।
ପୂର୍ଣ୍ଣକୁମ୍ଭ କରି ତେଲିଘଟ ସ୍ଥାପଇ,
ଶୁଷ୍କ ମାଂସ ଉପରେ ଥୋଇ ଚିତା ଭସ୍ମେ ଲେଖଇ ।

(୧) ବଳବନ୍ତ—ପାଠାନ୍ତର ।

କାଫଳଚୂର୍ଣ୍ଣ ନାଶାରେ ଭରି ଅଥବା ନାସି ଝୁଣ୍ଟି ଦିଅଇ, (୧)
ବେତ ମାରି ହୁଲହୁଲି ଦିଅଇ ପରମାୟୁଷ ଖଣ୍ଡଇ,
ଏମନ୍ତେ ଆମ୍ଭ କୁଳ ଲୋକେ ଯହିଁ ଗ୍ରାମକୁ ଖଟନ୍ତି,
ସେ ଗ୍ରାମ ନିର୍ଜ୍ଜନ କରି ଅନ୍ୟ ଗ୍ରାମକୁ ଘୋଟନ୍ତି ।
ଯହିଁ ଗ୍ରାମ ସେବା କରୁ ଆମ୍ଭ କୁଳ ଜାତି,
ବଡ଼ପିତା ପିତା ପୁତ୍ର ନାତି ପଣନାତି;
ପରଲୋକେ ପ୍ରବେଶ କରାନ୍ତି ଏକାବେଳେ,
ଆମ୍ଭ ଯେନ ଯମ ଦେବତା ଅଛୁ ଅପ୍ରବଳେ ।
ନୃପବର ହେ,
ଆମ୍ଭ ବୈଦ୍ୟ ଜଣର ଏ ଗୁଣ ହେ ।

ଏହା ଶୁଣି ସେ ରାଜସଭା ଲୋକେ ବହୁତ ହାସ ପ୍ରକାଶ କଲେ । ସେ ବୈଦ୍ୟ ଜଣଙ୍କୁ ରାଜା ବହୁତ ଧନ ଦେଲେ ।

ମାର୍ଜ୍ଜାରମୁଖୀଠାରୁ ଏହାଶୁଣି ବିଲାପମୁଖୀ ମାଧୁର୍ଯ୍ୟ ହାସ ପ୍ରକାଶ କରନ୍ତେ ଲମ୍ବ ଓଷ୍ଠ ଯାଇଁ କର୍ଣ୍ଣରେ ଲାଗିବାରୁ ମନେ ହେଲା କି ଜଳୌକା ଦୁଇଗୋଟି ଏବା ଅସ୍ଥିଖଣ୍ଡ ଜଡ଼ିଗଲେ । ସେ ହାସ ପ୍ରକାଶ ହୁଅନ୍ତେ ପାଏ ପର୍ଯ୍ୟନ୍ତ ଦିଗ ଅନ୍ଧାର ଦିଶିଲା । ସନ୍ଧ୍ୟା ହେଲା ବୋଲି ପେଚକମାନେ ସଞ୍ଚାର କଲେ । ଜନମାନେ ଭାବିଲେ ଏ କି ଉତ୍ପାତ ପ୍ରବେଶ ହେଲା । ଏହି ଅନିଷ୍ଟ କଥା ଶୁଣିପାରି ପିତା ଚଣ୍ଡଚନ୍ଦ୍ର ବିଚାରିଲେ ଏ କଙ୍କାଳହାସୀ ଦୁହିତା ଥିଲେ ତ ଅପ୍ରଳୟରେ ସଂସାର ପ୍ରଳୟ ହେବ । ଏମନ୍ତ ବିଚାରି ଦୂତମାନଙ୍କୁ କହିଲେ ଆମ୍ଭ କେମାଦେଈଙ୍କର ବିବାହ ତ ହେଲା, ତାଙ୍କ

(୧) କାଫଳ ଚୂର୍ଣ୍ଣ ନାଶାରେ ଭରି ଅଥବା ନାସି ଝୁଣ୍ଟାଇ,
ଦେହମାଡ଼ିଅ ହୁଳହୁଳି ଦିଅଇ ପରମାୟୁଷ ଖଣ୍ଡଇ ।
—ପାଠାନ୍ତର ।

ଯୌତୁକ ସାମଗ୍ରୀମାନ ଘେନାଇ ସେ ଦୁହିଙ୍କି ନେଇ ଜାମାତାଙ୍କ ପୂର୍ବ ଆଶ୍ରମରେ ପ୍ରବେଶ କରାଅ । ଦୂତମାନେ ଏମନ୍ତ ଶୁଣି ବେଙ୍ଗ, ଏଣ୍ଡୁଅ, କଙ୍କଡ଼ା, କୋଚିଆ ଏମାନଙ୍କୁ ଧରି ଆଣି ତାଙ୍କଠାରେ ଭାର ବୋଝ ବୁହାଇ ଦିଅ କୁଆଁରୀ ଦୁହିଙ୍କ ଗଳାରେ ଫାଶ ଲଗାଇ ନେଇ ପୂର୍ବ ଆଶ୍ରମ ମୂଷିକ ଗର୍ତ୍ତରେ ପ୍ରବେଶ କରି ଥିଲେ । ଏତେକେ ଝଙ୍କାର ନିବର୍ତ୍ତିଲା । ସଂସାର ଜନମାନେ ଆନନ୍ଦ ହେଲେ ।

ହାସବିନୋଦ କଥା ସମ୍ପୂର୍ଣ୍ଣ ହେଲା ।

ଏହା ଶୁଣି ଚଞ୍ଚଳାକ୍ଷୀ ଅତ୍ୟନ୍ତ ଆନନ୍ଦରେ ହାସ ପ୍ରକାଶ କଲା । କହିଲା, ହେ ବନ୍ଧୁ, ଏ କଥା ଶୁଣି ମନ ବଡ଼ ଆନନ୍ଦ ହେଲା । ଏବେ ଆଉ କଥା ଗୋଟିଏ କହିବା ହେଉ ।

ରସବିନୋଦ କଥା

ପୁଣି ଚଞ୍ଚଳାକ୍ଷୀ ବୋଇଲା ହେ ବନ୍ଧୁ, ରସବିନୋଦ ବୋଲି ଯଉଁ କଥା ସେ କଥା କେମନ୍ତ ପ୍ରକାର କହିଲେ ଶୁଣନ୍ତୁ । ମୋହନାଙ୍ଗ ବୋଇଲା ରେ ଧନ, ତୋ ହୃଦରେ ତ କନ୍ଦର୍ପ ଦୀପ ଜଳୁଛି ତହିଁରେ ଏ ରସ ପଡିଲେ ଅଥଏ ହୋଇ ଥାଉ ନାକି ? ଚଞ୍ଚଳାକ୍ଷୀ କହିଲା ତୁମ୍ଭ ଲାବଣ୍ୟ ନଦୀ ତ ନିକଟରେ ଅଛି, ଯେବେ ଅତ୍ୟନ୍ତ ଜ୍ୱଳିତ ହେବ ତେବେ ତହିଁରେ ବୁଡ଼ିଲେ ସାମ୍ୟ ହୁଅଇ ସିନା ! ଏହା ଶୁଣି କୁମାର ଅତ୍ୟନ୍ତ ସ୍ନେହରେ କହିଲା ତେବେ ରସବିନୋଦ କଥା କହିବା ଶୁଣ ।

ଶ୍ଳୋକ :—

ରସଃ ପ୍ରାଣୀ ପ୍ରାଣାଦପି ଚ ନିଖିଲାନାଂ ସୁଖକରୋ-
ରସଜ୍ଞାତା ଲୋକେ ବରତନୁଧରଶ୍ଚେଦନପଶୁଃ ।
ରସାଭ୍ୟାସୀ ନିତ୍ୟଂ ଭବତି ହି ଚ ମୂର୍ଖୋଽପି ଗୁଣବାନ୍
ରସସ୍ତସ୍ମାତ୍ସେବ୍ୟସ୍ତ୍ରିଦିବ-ନର-ନାଗାଦ୍ୟଭିମତଃ ।

୪. କଥା :—

ସେ ଯେ କାଞ୍ଚନବତୀ ନାମେ ଏକ ନଗର ଅଛି ; ପୂର୍ଣ୍ଣକାମ ବୋଲି ସେ ରାଜାର ନାମ । ସେ ରାଜାଙ୍କ ମନୋହର ସୂପକାର ଚନ୍ଦ୍ରକର ବୋଲି ଏକ ବ୍ରାହ୍ମଣ ଥିଲା । ତାହା କୁମାରୀ ନାମ ହେମାଙ୍ଗୀ । ସେ ହେମାଙ୍ଗୀ ଏକ ଦିନକରେ ସନ୍ଧ୍ୟାକାଳରେ ପୁରଦ୍ୱାରରେ ଉଭା ହୋଇ ରାଜମାର୍ଗକୁ ଚାହିଁଥିଲା । ଏହି ସମୟରେ ସେହି ରାଜ୍ୟ ମନ୍ତ୍ରୀପୁତ୍ର ତରୁଣକାନ୍ତ ଅଶ୍ୱ ଆରୋହଣ କରି ଗମନ କରୁଥିଲା । ହେମାଙ୍ଗୀକି ତା' ପୁର ଦ୍ୱାରରେ ଦେଖନ୍ତେ ତା' ଶୋଭାରେ ମୋହିତ ହୋଇ ଲୋହିତମୁଖ ପଡ଼ି ତା'ଠାରେ

ଚକ୍ଷୁ କିଠେ ରହିଲା । ଏଣିକି କୋଳାଇବା ଆଶ୍ୟରେ ରଖି ହେମାଙ୍ଗୀଙ୍କ ଅପଲକ ହୋଇ ଚାହିଁଛି, ସେ ହେମାଙ୍ଗୀ ତରୁଣକାନ୍ତଙ୍କୁ ଦେଖି ତା ଶୋଭାରେ ମୋହିତ ହେଲା । ଏରୂପେ ଦୁହେଁ ଦୁହିଙ୍କଠାରେ ଆସକତ ହେଲେ । ଦଣ୍ଡେ ତତ୍ପରୁ ହେମାଙ୍ଗୀ ଚିତ୍ତରେ ଲାଜ ପ୍ରବେଶ ହୁଅନ୍ତେ ଚଞ୍ଚଳ ନେତ୍ରଗତିରେ ଚାହିଁ ଅଳପ ହସି ପୁର ଭିତରକୁ ଗଲା । ଚନ୍ଦ୍ର ଆଲୋକରେ ଚନ୍ଦ୍ରକାନ୍ତମଣି ତରଳିଲା ପରି ବାଳା ସର୍ବାଙ୍ଗଯାକ କାମ ରସରେ ଦ୍ରବ ଯାଉଛି । ସେଠାରୁ ମନ୍ତ୍ରୀପୁଅ ବଡ଼ କଷ୍ଟରେ ପୁରକୁ ଗଲା । ଏଣିକି ଉତ୍ତର ସେବକ ଲୋକମାନଙ୍କୁ ବୋଇଲା ଶଯ୍ୟା ପାରି ଦିଅ । ଦେହରେ ତ ଅତନୁ-ଜ୍ୱର ଘୋଟିଲାଣି, କୁମାରୀଠାରେ ଧ୍ୟାନ ରଖି ଶଯ୍ୟାରେ ଶୟନ କଲା । ତେଣେ ହେମାଙ୍ଗୀ କୁମାର ରୂପ ଧ୍ୟାନ କରି ବାଉଳ ପରି ହୋଉଛି । କୁମାର ଏଣେ ଉପରେ ଚଢ଼ି ଯଉଁରୂପେ ଅଙ୍ଗଭଙ୍ଗି କରୁଥିଲା ସେହି କେବଳ ଦିଶୁଛି । ଅଙ୍ଗହିଁ ଚମକି ପଡୁଛି । ପୁରଜନମାନେ ଏହା ଦେଖି ପଚାରିଲେ, କିଲୋ, ଏ କି କଥା? ତହିଁକି କିଛି ନ କହଇ । ଚକ୍ଷୁ ବୁଜି କୁମାର ଧ୍ୟାନରେ ଏକଚିତ୍ତ ହୋଇଛି । ଏମନ୍ତେ କୁମାରୀଚେଷ୍ଟା ଦେଖି ସମସ୍ତେ ବିଚାରିଲେ, ଏ ତ ଦିନେ ଏରୂପ କୁହଇ, ଆଜ ଏ କି କଥା ! କେ ବୋଲଇ ଉନ୍ମାଦ, କେ ବୋଲଇ ଦେବତା, କେ ବୋଲଇ ବାତ, କେ ବୋଲଇ ପିତ୍ତ, ଏରୂପେ ନାନାମତେ ତର୍କଣା କରୁଛନ୍ତି । ମରମ କଥା କେ ଅବା ଜାଣିବ, ହେମାଙ୍ଗୀର ମନ ନୟନ କେବଳ ତରୁଣକାନ୍ତଠାରେ ରହିଲା । ମୁଖରେ ମାତ୍ର ଏତିକି ବୋଲୁଛି, 'ବାଜୀ ପରେ ମୋ ଜୀବନ ନେଉଛି' । ଏହା ଅବା କେ ଠଉରାଇବ । ଏରୂପେ କୁମାରୀ ବିରହରେ ବଡ଼ ଦୁଃଖିତ ହେଲା ।

ଏଣେ ତରୁଣକାନ୍ତ ଅଙ୍ଗରେ ଅନଙ୍ଗ ଶର ବୃଷ୍ଟି କରିବାରୁ ସବୁ ସୁଖ ବିଷପରି ଲାଗିଲାଣି । ଅଧରୁ ହାସ୍ୟ, ମନରୁ ରସ, କଟିରୁ ବାସ ସରିକି

ଅନ୍ତର ହେଲି’। ହେମାଙ୍ଗୀଠାରେ ଏକମନ ହୋଇ ଗୁମ୍ମି କରି ଏତିକି ମାତ୍ର ବୋଲୁଛି ।

‘ତରଙ୍ଗ ନୟନ ଅଧର ରଙ୍ଗ, ଅଳପ ହାସପ୍ରକାଶ କି ରଙ୍ଗ,
କର୍ଣ୍ଣ ଯାଏ ଖେଳୁଥାଇ ଅପାଙ୍ଗ, ହା ହା ନ ପାଇଲେ ଛାଡିବି ଅଙ୍ଗ ।’

ଏ ଗୀତ ପଦକ ବୋଲୁଥାଇ, ଆଉ ପଚାରିଲେ କିଛି ନ କହଇ । ଏମନ୍ତେ କୁମାର ବେଦନା ଶୁଣି ମନ୍ତ୍ରୀ ଯାଇଁ ଦେଖିଲେ, ଏ କି ବେଦନା କିଛି ଠଉରାଇ ନ ପାରିଲେ । ବିଦ୍ୟମାନଙ୍କୁ ଡକାଇ କହିଲେ ‘ତରୁଣ-କାନ୍ତର କି ବେଦନା ହେଲା ଦେଖ ।’ ବିଦ୍ୟମାନେ ଦେଖି ବହୁତ ଉପାୟ କଲେହେଁ କିଛି ଗୁଣ ନୋହିଲା । ବେଳୁଁ ବେଳ ବିରହ ବେଦନା ବଳବନ୍ତର ହେଲା । ଆହାର ନ ରୁଚିବାରୁ ଅଙ୍ଗ ଦୁର୍ବଳ ଦଶାକୁ ବହିଲା । ମୁକ୍ତା ସୁବର୍ଣ୍ଣ ରୂପା ତମ୍ବା ଅଭ୍ର ବଙ୍ଗ ଇତ୍ୟାଦି ଭସ୍ମମାନଙ୍କେ ନାନା ଔଷଧମାନ ତିଆରି କରି ଦିଅନ୍ତେ ରତିଏ ମାତ୍ର ଗୁଣ ନ କଲା । ତାହାର ତ କୁମାରୀ ଅଙ୍ଗସଙ୍ଗରତି ଇଚ୍ଛାରେ ମନ ଅଛି, ଔଷଧରେ କାହିଁ ଭଲ ହେବ ?

ତେଣେ ହେମାଙ୍ଗୀ ଦଶା ବେଳକୁ ବେଳ ପ୍ରବଳ ହେଲା । କେବଳ ଅଗ୍ୟାନରେ ଚକ୍ଷୁ ବୁଜି ପଲଙ୍କରେ ଶୋଇଥାଇ, ‘ବାଜୀ ପଟରେ ମୋ ଜୀବନ ନେଉଛି’ ବୋଲି ଚେତା ହେଲା ବେଳେ ବୋଲୁଥାଇ । ସୂପକାର ଚନ୍ଦ୍ରକର ଦୁହିତାର ଏ ଦୁଃଖ ଦେଖି ବଡ଼ ଚିନ୍ତାର୍ଥୀ ହେଲା । କୁମାରୀଙ୍କ ଅନ୍ନ ନ ରୁଚିବାରୁ ଅନେକ ରୋଚକ ଦ୍ରବ୍ୟମାନ ତିଆରି କଲା । ସହଜେ ତ ସେ ସୂପକାର, ପିତ୍ତ ରନ୍ଧନ କଲେ ଯାହାର ମିଠା ବୋଲନ୍ତି ନର । କଉଁ କଉଁ ଦ୍ରବ୍ୟ ସଜାଡ଼ିଲା କି ? ନା, ଅରୁଚି ଛଡ଼ା ରାଇ, ଜିଭ୍ୟା ସରସା କାଞ୍ଜି, ପଥ୍ୟ ପହଞ୍ଚା ପିତ୍ତା, ପତରଚଟା ଡାଲି,

ଫଲକହର ପଖାଳ, ଉକୁଡରଲା ତୋଡ଼ାଣି, ବାସମସଲା ପାଣି, ଉତ୍ଟମ୍ଭଳା ଚକୁଳା, ମନମଧୁର ଶାକ, ମରମରସା ଶାକର, ନାସିକାହର-ମହୁର, ବଚନ ରସ ପାଚଲା, କବଳଚର କଡ଼ି, ଘଠଣରୂପା ଘଣ୍ଟ, ଭୋଗୀଭୋଜନ ଭଜା, ନାରଙ୍ଗ କମଳା କୋଷ, କପିତ୍ଥ ଚେନ୍ଦୁଳ ରସ, କର୍କଟୀ ଖଣ୍ଡ ଗୁଡ଼, ଉରୁଭୁଜ ସପୁରୀ, ନାଡ଼ି ନାଇକେଲ, ଅଁଳା ଦ୍ରାକ୍ଷାଫଳ, ଅମ୍ବ ଲେମ୍ବୁ ବୀଜପୂର, ଅଦା ମଞ୍ଜା ଆଚାର—ଏରୂପେ ଷଡ଼ ରସରେ ନାନା ଦ୍ରବ୍ୟମାନ ବାଢ଼ି ମାଆ ମାଉସୀ ଝୁଡ଼ୀ ଖୁଡ଼ୁଡା ଅଜା ଆଇ ଏ ସମସ୍ତେ ବସି କୁମାରଙ୍କ ଉଠାଇ ମୁଖ ଧୋଇ ପୋଛି ଆଣ୍ଠୋସି କହିଲେ, ଆରେ କୁମାର, ପଥ୍ୟ କର, ପ୍ରାଣ ଉପରେ ପଡ଼ିଲାଣି ଟି, ଏମନ୍ତ କହି ସେ ଦ୍ରବ୍ୟମାନଙ୍କରୁ କିଛି କିଛି ନେଇ ଦିଅନ୍ତେ, ଥାଉ ଖାଇବାର, ଅଧରେ ଲାଗିଲା ମାତ୍ରକେ ନାଁ ନାଁ, ଉଁ ହୁଁ, ଛି ଛି, ଥୁ ଥୁ, କରି ଜିଭରେ ନ ଲଗାଇଲା । ଯେତେ ଯତ୍ନ କଲେ ପ୍ରଥମୁଁ ନ ଛୁଇଁଲା । ଅନ୍ନ ବିନା କୁମାର ମହାଦୁର୍ବଳ ହେବାରୁ ସମସ୍ତେ ମନେ କଲେ—ଏ ନିଶ୍ଚେଁ ନ ଜୀଇବ । ଚନ୍ଦ୍ରକର ମନରେ ଚିନ୍ତା କରି ବହୁତ ରୋଦନ କଲା । ବୈଦ୍ୟମାନେ ବେଦନା ଚିହ୍ନି ନ ପାରି ନିବର୍ତ୍ତିଲେ ।

ତେଣେ ମନ୍ତ୍ରୀପୁଅ ତରୁଣ କାନ୍ତର ଏହିରୂପେ ପ୍ରାଣ ମାତ୍ରକ ଅଛି ।

'ତରଙ୍ଗ ନୟନ ଅଧର ରଙ୍ଗ, ଅଳପ ହାସପ୍ରକାଶ କି ରଙ୍ଗ,
କର୍ଣ୍ଣଯାଏ ଖେଳୁଥାଇ ଅପାଙ୍ଗ, ହା ହା ନ ପାଇଲେ ଛାଡ଼ିବ ଅଙ୍ଗ ।'

ଅଗ୍ୟାନ ହେଲାବେଳେ ଏହି ପଦକ ବୋଲୁଥାଇ । ଆଉ କିଛି ନ କହଇ । ଏମନ୍ତେ ସେ ବେଦନା ବେଳକୁ ବେଳ ପ୍ରବଳ ହେବାରୁ ମନ୍ତ୍ରୀ ବୈଦ୍ୟମାନଙ୍କୁ ଡକାଇ ବଡ଼ ଦୁଃଖ କରି କହିବାରେ ବୈଦ୍ୟମାନେ ଏକମଣ୍ଡଳୀ ହୋଇ ଭାଳନ୍ତେ ରସପୂର ନାମେ ଏକ ବୈଦ୍ୟ ଜଣେ ଥିଲେ

ଯେ ସେ କହିଲେ କି, ଏ ବେଦନା ତ ବାତପିତ୍ତ-ଶ୍ଳେଷ୍ମାଜନିତ କୁହଇ, ଏ ଉପାୟରେ କି ରୂପେ ଭଲ ହେବ, ନର୍ମଦା ମୂଷିକ ପରି କିକ ହୋଇଥାଇ ? ତହିଁକି ସମସ୍ତେ କହିଲେ ; ସେ କଥା କେମନ୍ତ କି ? ତାହା କହ ତେବେ ଶୁଣିବା । ରସପୂର କହୁଛନ୍ତି :—

ସେ ଯେ ତମାଲକାନ୍ତ ନାମେ ଏକ ନଗର ଅଛି । ତହିଁରେ ରତ୍ନଶେଖର ନାମେ ଏକ ବଣିଆ ଜଣେ ଥିଲା ଯେ, ସେ ବଣିଆ ବାଣିଜ୍ୟ କରିବାକୁ ମନ୍ଦର ଦ୍ୱୀପକୁ ଗଲା । ତେଣେ ବାଣିଜ୍ୟ କରିବାରେ ବହୁତ କାଳ ଗଲା । ନର୍ମଦା ନାମେ ତାର ଏକ ନାରୀ, ସେ ପୁଣି ଅତ୍ୟନ୍ତ ସୁନ୍ଦରୀ । ପୁଣି ତାର ନବୀନ ବୟସ । ଏମନ୍ତେ ତା ପତି ବିଦେଶରେ ବହୁତ କାଳ ରହିବାରୁ ସେ ନର୍ମଦାର କାମପୀଡ଼ା ପ୍ରବଳ ହେଲା । ଏକେ ତ କୁଳବତୀ, ଦୁଜେ ଭଲଲୋକଘରବହୂ, ଏଥିରେ ମନକଥା ଅବା କାହାକୁ କହିବ । ଅହର୍ନିଶିରେ ବିରହ ଦୁଃଖରେ ବିରସ ହୋଇ ଥାଇ । ଏକ ଦିନକରେ ତାହାର ଜାତି କିଶୋରଚନ୍ଦ୍ର ବୋଲି ବଣିଆ ପୁତ୍ର ଜଣେ ସେ ଏହା ପୁରଠାକୁ କିଛି କାର୍ଯ୍ୟ ପ୍ରସଙ୍ଗରେ ଆଇଲା । ନର୍ମଦାର ତାହାର ଚକ୍ଷୁରକ୍ଷ ହୁଅନ୍ତେ ଦୁହେଁ ତ ତରୁଣ ତରୁଣୀ, ଦୁହିଙ୍କ ମନ କାମକେଳିରେ ବଢ଼ ଲୋଭ ହୋଇଛି, ଦୁହିଙ୍କି ଦୁହେଁ ମନହାସରେ କିହିଁ ଅଙ୍ଗସଙ୍ଗ ହେବା—ଏରୂପେ ଠସ୍ତଠର ହେଲେ । କିଶୋରଚନ୍ଦ କହିଲା, ଆଜ ମୋତେ ଜାଣା କର । ନର୍ମଦା କହିଲା, ମୁଁ କିରୂପେ ତାହା କରି ପାରିବି, ଗୃହରେ ତ ସମସ୍ତେ ଅଛନ୍ତି ? ତହିଁକି କିଶୋରଚନ୍ଦ୍ର କହିଲା, 'ଯାହାର ମନ ଯହିଁକି, ସେ ସାଗର ଲଙ୍ଘେ ତହିଁକି ।' ତୁ ପ୍ରସନ୍ନ ହେଲେ ତୋ ମୋ ଭେଟ ଅବଶ୍ୟ ହେବ । ଆଜ ତ ଅନ୍ଧାର ରାତି, ତୋ ଅବଧାନ କରିଥିଲେ ଆସିବି । ନର୍ମଦା କହିଲା, ତେବେ ବାଡ଼ି-ବଉଳ ବୃକ୍ଷ ତଳକୁ ଯାଇଥିବି, ସେଠାକୁ ଆଇଲେ ଭେଟ ହେବା ।

ଏମନ୍ତ କହି ହସି ଅପାଙ୍ଗ ଚାହିଁ ଗୃହାନ୍ତେ କିଶୋରଚନ୍ଦ୍ର ଆନନ୍ଦରେ ଗଲା । ଏମନ୍ତେ ନିଶିପ୍ରବେଶରେ ଅନ୍ଧାର ଘୋଟନ୍ତେ କୁଷ୍ଟାଭିସାରୀମାନେ ଅଭିସାର କରିବାକୁ ବାହାରିଲେ । ଚୋରମାନେ ଖନିତ୍ର ଘେନି ଚାଲିଲେ, ଖଦ୍ୟୋତମାନେ ଉଡ଼ିଲେ, ନିଶାଚରମାନେ ବିହରିଲେ । ମନେ ହେଲା ଏ ସନ୍ଧ୍ୟାକାଳ କୁହଇ. ନିଶାନାୟିକା ଅବା କଳାମେଘୀ ଶାଢ଼ି ପିନ୍ଧି, ନୀଳ ଅଳଙ୍କାର ମଣ୍ଡି ହୋଇ ଅଭିସାର କରିବାକୁ ବାହାରିଲା । ଏ ସମୟରେ କିଶୋରଚନ୍ଦ୍ର କନ୍ଦର୍ପ-କେଳି-ଦ୍ୱନ୍ଦ୍ୱ-ଆନନ୍ଦ-ଚିତ୍ତରେ ନର୍ମଦାଠାକୁ ଗଲା । ସଙ୍କେତ ବଉଳ ବୃକ୍ଷ ତଳେ ନର୍ମଦା ତନୁ ସୁବେଶ କରି ରତିଶ୍ରଦ୍ଧାରୁ ପୂର୍ବରୁ ବସିଅଛି, ଏହିକାଳେ କିଶୋରଚନ୍ଦ୍ର ମିଳନ୍ତେ ଗଙ୍ଗା ସାଗର ଭେଟ ହେଲା ପରି ଦୁହିଜଣ ଯାକ ଆନନ୍ଦ ହେଲେ । କାମ ପ୍ରବଳରେ ତ ମତ୍ତ କଥା କହଣୀ ପ୍ରାଏ ହୋଇଛନ୍ତି ; ନାନାପ୍ରକାରରେ ସୁରତି କଉତୁକ କରି ପ୍ରେମ ରସରେ ବୁଡ଼ି ଗଲେ । ଆଲିଙ୍ଗନ, ଦନ୍ତଘାତ, ନଖକ୍ଷତ ଇତ୍ୟାଦି ସଂଯୋଗରେ ନର୍ମଦା ତନୁ ଖିନ୍ନଭିନ୍ନ ହୋଇଗଲା । ସୁରତିରସବଶେ ଅଗ୍ୟାନ କାଳରେ କିଶୋରଚନ୍ଦ୍ର ସେ ନର୍ମଦା କଣ୍ଠରୁ ମୁକ୍ତାମାଳୀ ଫିଟାଇ ଅଣ୍ଟାରେ ରଖିଲା । ନିଶି ଶେଷ ହୋଇଯିବା ଗୃହିଁ ମୁକ୍ତାମାଳ ଘେନି ନର୍ମଦାଠାରୁ ମେଲାଣି ହୋଇ ବାହାରିଗଲା । ନର୍ମଦା ଆପଣା ଘରେ ମିଳି ପଲଙ୍କରେ ଶୋଇଲା । ଅଙ୍ଗରେ ତ ଦନ୍ତଘାତ ନଖକ୍ଷତମାନ ଜଳୁଛି, ରାତି ପାହାନ୍ତେ ନର୍ମଦା ଦେଖିଲା କଣ୍ଠରେ ମୁକ୍ତାମାଳା ନାହିଁ, ବିଚାରିଲା କିଶୋରଚନ୍ଦ୍ର ନେଲା । ମର୍ମ କଥା ଅବା କାହାକୁ କହିବ । ଏମନ୍ତେ ଅତି ବିମୁଖରେ ଚକ୍ଷୁରେ ଲୋତକ ଠକାଇଲା ପରି କରି ପୁରଜନମାନଙ୍କ ଆଗକୁ ଯାଇଁ କହିଲା କି ଆଜ ମୋ ଧନ ଜୀବନ ଉପରେ ବ୍ୟାଘାତ ପଡ଼ିଲା । 'କି କଥା ଗୋ' ବୋଲି ପଚାରନ୍ତେ କହିଲା, ଏ ରାତିରେ ମୁଁ ପଲଙ୍କରେ ଶୋଇ ମୁକ୍ତାମାଳ କାଢ଼ି ଶେଯ

ଉପରେ ଥୋଇ ଥିଲି । ମତ୍ତ ମୂଷିକେ ଆସି କେତେବେଳ ମୁକ୍ତାମାଳ ନେଇଗଲେ ମୁଁ ତାହା ନ ଜାଣେ । ପୁଣି ଶେଯ କାଟୁଥିଲେ । ମୁଁ କର ନେଉଁଠାଇ ଶୋଇଲା ବେଳେ ଦନ୍ତ ନଖରେ ମୋତେ ବିଦାରି ପକାଇଲେ । ଦେଖ ମୋ ଦେହରେ କେତେ ଚିହ୍ନ ବସିଛି । ଏତେବେଳ-ଯାଏ ଜ୍ୱାଳା ଊଣା ହୋଇ ନାହିଁ । ମୁକ୍ତାମାଳୀ ଗଲା । ଏବେ କି ବୁଦ୍ଧି କରିବି । ଏହା ଶୁଣି ପୁରଜନମାନେ ବଡ଼ ବିଷାଦ ହେଲେ । ବୋଇଲେ ଏ ବିପତ୍ତିସୂଚକ । ଆଏ କ୍ଷତ ପୁଣି ପ୍ରାଣ ପୀଡ଼ା । ଏରୂପ ସମସ୍ତେ ମିଳି ସେ ଘରେ ଥିବା ମୂଷା ଗାତମାନ ଖୋଳାଇ କାନ୍ଥ ବାଡ଼ ଭାଙ୍ଗି ଚୂଲରେ ବସାମାନ ଖୋଜନ୍ତେ ହାର ନ ମିଳିଲା । ମୁକ୍ତାମାଳ ଅମୂଲ୍ୟ ଦ୍ରବ୍ୟ, ତାହା ନ ପାଇବାରୁ ବଡ଼ ଚିନ୍ତାରେ ସମସ୍ତେ ଦୁଃଖିତ ହେଲେ ।

ସେହି ନିକଟରେ ମାଳତୀ ବୋଲି ଏକ ବ୍ରାହ୍ମଣୀ ଜଣେ ଥିଲା ଯେ ତାହାର ବିଟ ପୁରୁଷସଙ୍ଗ ପ୍ରୀତି ଥାଏ, ସେ ଏ ଚରିତ ଶୁଣି ରତ୍ନ-ଶେଖର ପୁରଠାକୁ ଅଇଲା, ନର୍ମଦାକୁ ଦେଖି ବିଚାରିଲା ଏ ତ ମୂଷିକ ଦନ୍ତଘାତ ନୁହଇ, ଏହା ସଙ୍ଗେ ରାତିରେ ଥିଲା ଯଉଁ ରସିକ ସେ ମାଳ ଘେନିଗଲା । 'ଚିହ୍ନି ଜାନନ୍ତି ତଦ୍‌ବିଦଃ' ସାପ ଗୋଡ଼ ସାପକୁ ଦିଶଇ ସିନା ? ଏମନ୍ତେ ପୁରଜନମାନଙ୍କୁ କହିଲା, 'ଅଗୋ ମାଆମାନେ, ଷ୍ଟେଠା ହାଣ୍ଡି ନାଗି ଯେମନ୍ତେ ସିଂହଦ୍ୱାର ଜଳଇ, ମୂଷିକ ଗର୍ତ୍ତ ଖୋଳିଲେ କି ମୁକ୍ତାମାଳୀ ମିଳଇ ।' ଏହା ଶୁଣି ନାରୀମାନେ କହିଲେ, ଆଗୋ ମାଳତି ନାନି, ଏ କେମନ୍ତ କଥା କହ ତେବେ ଶୁଣିମା । ବ୍ରାହ୍ମଣୀ କହିଲା, ଏ ବଡ଼ ରହସ୍ୟ କଥାଟିଏ, ତେବେ କହିବା ଶୁଣ ।

୨. ସେ ଯେ ରସସାଗର ନାମେ ଏକ ନଗର ଅଛି । ସେ ରାଜ୍ୟ ରାଜା ନାମ ଅମରକନ୍ଦ, ତାହାଙ୍କ ନଗରରେ ରତିପ୍ରିୟା ବୋଲି ଏକ ପାଳଟୀ ଥିଲା, ସେ ରତିପ୍ରିୟା ସଙ୍ଗେ ସେହି ନଗ୍ର କଟୁଆଳ ପୁଅ ସୁବଳ

ସିଂହ ପ୍ରୀତି କରିଥାଏ । କିରୂପେ କି ? ନା, ସେ ରାଜା ରାତ୍ରରେ ବାହାରି ଅବକାଶ ହେଲା ବେଳେ ସ୍ତ୍ରୀ ବେଶ ଧରି ନଗରରେ ପଶଇ, ରତିପ୍ରିୟା ପୁରେ ରହି ତା ସଙ୍ଗେ କ୍ରୀଡ଼ା କରି ରାଜା ବାହାର ଅବକାଶ ଭାଙ୍ଗି ନଗରକୁ ଆସିବାବେଳ ଜାଣି ସିଂହଦ୍ୱାର ବାଟେ ବାହାରି ଆସଇ । ସେ ତ କହୁଥିଲା, ନଗ୍ର ବୁଲି ଯାଏ । ଯେ ସିଂହଦ୍ୱାରରେ ଖେଣ୍ଟା ଦ୍ୱାରୀ ଜଣେ ଜଗି ଥାଏ । ଆଉ ଦ୍ୱାରୀମାନେ ଘରକୁ ଯାଆନ୍ତି । ସେ କହୁଥିଲା ପୁଅ ନଗର ଭିତରକୁ ଗଲା ଅଇଲା ବେଳରେ ପ୍ରତିଦିନ ଖେଣ୍ଟା ଦ୍ୱାରୀ ଡାକୁଥାଏ 'କି ରେ, କେ ଗଲା ରେ, ଦେଖ ତ ରେ, ଖବରଦାର ରାଜା ଘରଟି ଏ ବାବୁ' ଏରୂପେ ବୋଲୁଥାଇ । ଖେଣ୍ଟା ଲୋକ ତ ଧାଇଁ ଯାଇ ନ ପାରେ । କହୁଥିଲା ପୁଅ ନିତ୍ୟ ବିରକ୍ତ ଥାଏ, ଖେଣ୍ଟା ମୋହର କଣ୍ଟକ (୧) ହେଲା ! ଏଠାରୁ କିରୂପେ ଏ ଯିବ, ଏମନ୍ତେ ଏକ ଦିନ-କରେ ରତିପ୍ରିୟାକୁ ଭୋଗ କରି ନଗର ଭିତରୁ ଆସନ୍ତେ ଖେଣ୍ଟା ଦ୍ୱାରୀ ଡାକିଲା, 'ଆରେ କେ ଗଲା ରେ, ଦେଖ ରେ ଦେଖ ରେ' ବୋଲନ୍ତେ କହୁଥିଲା ପୁଅ ସତ୍ୱର ହୋଇ ଆସି ଅନଳ ଖଣ୍ଡେ ଘେନି ଖେଣ୍ଟା ଥିବା ପାଖ ଚାଳରେ ଗୋଞ୍ଜି ଦେଇ ନଗରକୁ ବୁଲି ଗଲା । ଏ ସମୟରେ ଅଗ୍ନି ଜଳି ଉଠି ଦ୍ୱାର ପୋଡ଼ିଲା । ଲୋକ ଧାଇଁ ଆସୁ ଆସୁ ସିଂହଦ୍ୱାର ଜଳି ଗଲାନି । ରାଜା ନଗରୁଁ ବାହାରି ଆସି ଦ୍ୱାରୀ ଖେଣ୍ଟାକୁ ଡକାଇ ଆଜ୍ଞାଁ ହେଲେ 'ଆରେ ଦ୍ୱାରୀ ଖେଣ୍ଟା, ତୁ ସିଂହଦ୍ୱାର ପୋଡ଼ି ଦେଲୁ, ଏହା ହାଥ କାଟି ପକାଅ ରେ ।' ଏମନ୍ତ ଆଜ୍ଞାଁ କରନ୍ତେ ଦ୍ୱାରୀ ଖେଣ୍ଟା ହାଥ ଯୋଡ଼ି କହିଲା, ମହାରାଜା, ମୋ ଛାର ଦ୍ୱାର ପୋଡ଼ି ପାରଇ ? ଗୋସାଇଁ ରାଜା ବୋଲି ଅଦୋଷେ ଦଣ୍ଡିବ, ତହିଁକି ହାଜର ଅଛୁ ।

---

(୧) କଣ୍ଟକ——ପାଠାନ୍ତର ।

ହେଲେହେଁ ମୋହୋର ଦୋଷ ନାହିଁ । ଅଦୋଷେ ଦଣ୍ଡିଲେ ଅଧର୍ମ ପାଇବ । ଆଉ କିଏ ଏହା କରିଥିବ ତାହା ତଲାସ ହୋଉ ।

'କୁଞ୍ଜଗଲୀ ଶାରୀ ତିମ୍ଭୀ ପରିବାରୀ ଏକ ମଲା ଏକ ଗଲା,
ମଞ୍ଜରୀ କୁମାରୀ ଦଉ ଗିରିଧାରୀ କଥା କେହି ନ ବୁଝିଲା ।'

ହେ ମହାରାଜା, ଏରୂପେ ନିକ ହୋଇ ଥାଇ । ତହିଁକି ରାଜା କହିଲେ, ଆରେ ଶ୍ରେଷ୍ଠା, ଏ କେମନ୍ତ କଥା କି ? ସେଠାରୁ ଦ୍ୱାରୀ ଶ୍ରେଷ୍ଠା କହୁଛି, ହେ ଚକ୍ରବର୍ତ୍ତୀ ନୃପତି, ଶୁଣିବାକୁ ସାବଧାନ ମଣିମା ।

୨ ସେ ଯେ ସିଂହଳ ଦ୍ୱୀପରେ ନୀଳସୁନ୍ଦର ଶିଠ ନାମେ ଏକ ମହାଜନ ଜଣେ ଥିଲା । ତାହା ସମ୍ପତ୍ତି କହି ତ ନୁହଇ, ଯାହାକୁ ଲକ୍ଷ୍ମୀ ପ୍ରସନ୍ନ ହୋଇ ବର ଦେଲେ କି—ତିନପୁରେ ତିନ ପହର ରହିବ ତୋ ପୁରେ ପହରେ ରହିବ । ଏଇରୂପେ ବର ପାଇବାରୁ ତାହାର ଅଚଳାଚଳ ସମ୍ପତ୍ତି ହେଲା । ସୁବର୍ଣ୍ଣ ରୂପା ତମ୍ବା କଂସା ଇତ୍ୟାଦି ଦ୍ରବ୍ୟମାନ କେ ପଚ୍ଚରଇ; ହୀରା ନୀଳା ମୋତି ମାଣିକ୍ୟ ବୈଦୁର୍ଯ୍ୟ ବିଦ୍ରୁମ ଗୋମେଦ ମରକତ ଇତ୍ୟାଦି ରତ୍ନମାନ ଯାହାର ଗଉଣୀରେ ମାପ ହୁଅଇ ଇନ୍ଦ୍ରହିଁ ତାକୁ ଭିକାରୀ ପ୍ରାଏ ଦିଶନ୍ତି । ସେ ମହାଜନର ମଞ୍ଜରୀ ବୋଲି ଏକ କୁମାରୀ ଥିଲା । ସେ ରୂପରେ ତ୍ରିଭୁବନ ମୋହି ପାରଇ । କଣ୍ଠରେ ପାନ ବୋଲି ଦିଶଇ । ଚାଲିବା ବେଳେ ପାଦରୁ ପଦ୍ମ ଉଠୁଥଇ । ଭାଷା କହିଲେ ଅମୃତ ବରଷଇ । ହସି ଚାହିଁ ମୋହିବା ମନ କଲେ ଯୁଗ ଯୁଗାନ୍ତ ଯୋଗୀମାନେ ଯୋଗ ଛାଡ଼ି ଭୁଲିବେ । ସେ କୁମାରୀଙ୍କ ତିମ୍ଭୀ ବୋଲି ପରିବାରୀଟିଏ ସେବା କରିଥାଇ । ପୁଣି ସେ ମଞ୍ଜରୀ କୁଞ୍ଜଗଲୀ ନାମେ ଶାରୀଟିଏ ପୋଷି ଥାଏ । ପୁଣି ସେ ଶାରୀର ଅତିମିତ ଗୁଣ । କି ଗୁଣ କି ? ନାଁ, ଯାହା ଶୁଣଇ, ଯାହା ଦେଖଇ ତାହା ପଢ଼ଇ । ଏଣୁ କରି ମଞ୍ଜରୀ ତାକୁ ପ୍ରାଣରୁ ଅଧିକ କରି ପାଳିଥାଇ । ଏମନ୍ତେ

ସେହି ପୁରର ଆଉ ଏକ ମହାଜନ ଜଣଙ୍କର ପୁଅ ଗିରିଧାରୀ ଦତ୍ତ ବୋଲି ସେ ନୀଳସୁନ୍ଦର ଶିଠ ପୁରଠାକୁ କିଛି କାର୍ଯ୍ୟ ପ୍ରସଙ୍ଗରେ ଯିବା ଆସିବା କରୁଥାଇ । ଏକ ଦିନକରେ ମଞ୍ଜରୀ ଗବାକ୍ଷ ମାର୍ଗରେ ବାହାର ପୁରକୁ ଚାହିଁଥିଲା, ଗିରିଧାରୀ ଦତ୍ତର ତାହାର ଚତୁର୍ଦ୍ଦିକ ହେଲେ । ମଞ୍ଜରୀକି ଚାହିଁ ଦତ୍ତ ବିଚାରିଲା, କି ଶୋଭା ଏ ? ହେମଲତା ମାଡ଼ିଛି, କି ବିଜୁଳି ଛୁଟିଛି, କି ରତ୍ନଶିଖା ବେଢ଼ିଛି, କି ଚନ୍ଦ୍ରକଳା ବଢ଼ିଛି, କି ଶତକ କେ ଜ୍ୟୋତି ଛି ! ଏଥିରେ ତ କିଛି ଅନୁମାନ ଘଟୁ ନାହିଁ । ଏ ନିଶ୍ଚୟେ ଯୁବାଜନ ମାରିବା ବିଚାରି କନ୍ଦର୍ପ ଅମୋଘ ବାଣ ନିବାଢ଼ିଛି । ଦତ୍ତର ଏମନ୍ତ ବିଚାର ସମଏ ମଞ୍ଜରୀ ଅଳ୍ପ ହସି ନେତ୍ର ଗତରେ ଚାହିଁ ଅନ୍ତର ହୋଇ ଯାଆନ୍ତେ ଗିରିଧାରୀ ଦତ୍ତ ଚକ୍ଷୁ ଫୁଟିଗଲା ପରି ହୋଇ ଆଉ କିଛି ନ ଦିଶିଲା । ଦେହରେ ମଦନ ପୀଡ଼ା ହିଁ ହେଲା । ସେଠାରୁ ଆସି ବିଚାରିଲା 'ଏ ପ୍ରାଣ ପଛକେ ଯିବ ଏହା ସଙ୍ଗ ଲଭିବ କି ? ବିଚାରିଲା କି ବୁଦ୍ଧି କରିବ ।' କାମମତ୍ତା ନାମେ ଏକ ମାଲୁଣୀ ଥିଲା ଯେ ସେ ମଞ୍ଜରୀକି ଫୁଲ ନାଗୁଆ କରି ଦେଉଥାଏ । ଗିରିଧାରୀ ଦତ୍ତ ଏହି କଥା-ସନ୍ଧି ପାଇ ଶହେ ସୁବର୍ଣ୍ଣ ଘେନି କାମମତ୍ତା ପୁରକୁ ବୋଲି ଗଲା । ଗିରିଧାରୀ ଦତ୍ତକୁ ଦେଖି କାମ-ମତ୍ତା ବଡ଼ ଆଦରରେ ଆସନରେ ବସାଇଲା, ବୋଇଲା କି ଗୋ, ମୋର ଆଜି କି ଭାଗ୍ୟ ଏ ! ଅପୂର୍ବ ପଦାର୍ଥ ଦେଖା ଦେଲେ ! ଏବେ କି କାର୍ଯ୍ୟରେ ବିଜେ କଲି ତାହା କହ । ଦତ୍ତ କହିଲା, ମୁଁ ଯହିଁକି ଆସିଛି ତୁ ସହି କଲେ ସିନା କହିବ । ମାଲୁଣୀ କହିଲା, କି ଗୋ, କି କହୁଛ, ତୁମ୍ଭଙ୍କୁ ନ ଦେଇ ଆଉ କାହାକୁ ଦେବ ? କହିଲେ ଅଙ୍ଗ ସମର୍ପିବ, ପ୍ରାଣ ସରିକି ଦେବ, ଏ ମୋହର ପ୍ରମାଣ । ସେଠାରୁ ଦତ୍ତ କହିଲା, ମୁଁ ନୀଳସୁନ୍ଦର ଶିଠ ପୁରଠାକୁ ଯାଇଥିଲି । ବାହାରପୁର ଗବାକ୍ଷ ମାର୍ଗରେ ଚାହିଁଥିଲା । ଏ ସମୟରେ ତା ମୋ ଦୃଷ୍ଟି ଏକ ହୋଇବାରୁ

ଅଳ୍ପ ହସି ନେତ୍ର ଗଢରେ ଚାହିଁ ଅନ୍ତର ହୁଅନ୍ତେ ଏତେବେଳେ ମୋ ପ୍ରାଣ ଯାଉଛୁ । ଯେବେ ତା ଅଙ୍ଗସଙ୍ଗ କରଦେବୁ ତେବେ ଜୀବନ ରହିବ ନୋହିଲେ ନ ଜୀଇଁବ । ଆଉ ଉପାୟ ନ ଦଶିଲକୁ ତୋଠାକୁ ଅଇଲି, ଶହେ ସୁବର୍ଣ୍ଣ ନିଅ । ତା ମୋ ଅଙ୍ଗସଙ୍ଗ ହେଲା ଉତ୍ତାରୁ ପୁଣି ଯାହା ମାଗିବୁ ତାହା ଦେବି, ତୋ ବିଚାରିଲେ ଏକଥା ଅବଶ୍ୟ ହେବ । ତା ନୟନଭଙ୍ଗୀରୁ ଜାଣିଛି ସେ ମୋଠାରେ ଅବଶ୍ୟ ସ୍ନେହ କରିବ । ଏବେ ମୋ ପ୍ରାଣ ତୁ ରଖ । ଏହା ଶୁଣି କାମମତ୍ତା ହସି କହିଲା, ମଦନ-ପୀଡ଼ା କେମନ୍ତ ଯେ ! ଏତେବେଳେ ମନ କେତେ ଅସ୍ଥିର ହୋଇଥାଇ ! ଯୁବାଯୁବତୀଙ୍କ ସଙ୍ଗସୁଖଭୋଗ ସ୍ୱର୍ଗରେ ନାହିଁ ପରା ! ଯତି ଯୋଗୀ ଭୋଗୀ ତ୍ୟାଗୀ ଏମାନଙ୍କର ଜନ୍ମ ବିଫଳ ସିନା ! ଯାହା ଦେହରେ ତରୁଣୀତନୁ ଲାଗେ ନାହିଁ ତାହାର କି ଭୋଗ ! ନାରୀ ଅଭାବେ ଇନ୍ଦ୍ର ସମ୍ପଦ ବ୍ୟର୍ଥ । ଆଛା, ମୁଁ ମଞ୍ଜରୀ ସଙ୍ଗେ ତୁମ୍ଭକୁ ଭେଟ କରିବି । ତୁମ୍ଭେ କିଛି ନ ବିଚାରି ଧଇର୍ଯ୍ୟ ହୁଅ । ଦତ୍ତ କହିଲା, ଆଜ ନୋହିଲେ ଜୀବନ ନ ରହିବ । ନିକି ତୋ କଥା ସେ ଯେବେ ନ ଥାଇଛି ? ମୋତେ ଭରସା କରି କହ । କାମମତ୍ତା କହିଲା, 'ଇନ୍ଦ୍ରର ଶଚୀ, କାମର ରତି, ନଳର ଦମୟନ୍ତୀ, ସୂର୍ଯ୍ୟର ଛାୟା—ଏମାନଙ୍କର ମୁଁ ତରଳ କରିପାରଇ କାୟା, ମଞ୍ଜରୀ ଛାର ମନୁଷ୍ୟ ସିନା ।

କଳଙ୍କଲଗା କଳା, କାମତରଳା ସିନ୍ଦୂର,
ଉଚ୍ଚାଟକର ଧୂଳି, ମଦନମତ୍ତା ମାଳୀ,
ତନୁ ତରଳା ତେଲ, ଜୀବନଯେନା ଫୁଲ,
ଛିନ ଛିନକା ପାଣି, ମୋହ ଶିରୋପା ମଣି,
କାଉଁରୀ କାମମତ୍ତା,

ଯତି ସତୀ ମତି ରଞ୍ଜନ କରି ଚରଣ ତଳେ ଖଟାଇ ପାରଇ କାମମତ୍ତା ।

ଅଜ୍ଞ ତୁମ୍ଭଙ୍କୁ ତାସଙ୍ଗ ନ କଲେ ମୋତେ କାମକୁଣ୍ଠ ବୋଲି ଡାକିବ । ଏମନ୍ତ କହି ମଞ୍ଜରୀର ନିଧ୍ୟାନ ଫୁଲ ଗୁନ୍ଥି ଆଉ ଅଧିକ କରି ଅପୂର୍ବ ମାଲୀ ଖଣ୍ଡିଏ ଗୁନ୍ଥି ଧରିଲା । ଦତ୍ତକୁ କହିଲା, ତୁମ୍ଭେ ଥାଅ, ମୁଁ ତାଠାକୁ ଫୁଲ ଘେନି ଯାଉଛି । ଏମନ୍ତେ କାମମତ୍ତ ଯାଇଁ ମଞ୍ଜରୀ ପାଶେ ମିଳି ନାଗୁଆ ଫୁଲ ଦେଇ ଅଧିକ ଫୁଲ ଖଣ୍ଡି ହସି ଦିଅନ୍ତେ, ମଞ୍ଜରୀ ବୋଇଲା, କିଲୋ, ଆଜ୍ଞ ତ ଏଡ଼େ ସୁନ୍ଦର ମାଳ ଆଣିଛୁ । କାମମତ୍ତ କହିଲା, କିଛି ମାଗିବି ବୋଲି ଭେଟିଲି । ମଞ୍ଜରୀ ବୋଇଲା, ପୁଣି କି ମାଗିବୁ, ଆସେ ତେବେ ତୋଟାପୁର ଆଡ଼େ ଯିବା । ଏମନ୍ତେ କାମମତ୍ତ ମଞ୍ଜରୀ ତୋଟାପୁର ଆଡ଼େ ଗଲେ । ଯାଇଁ ଅଶୋକ ଗଛ ମୂଳେ ଚୂନଷ୍ଟନ୍ଦନୀ ଉପରେ ବସିଲେ । କାମମତ୍ତ କହିଲା, ଆରେ ଦେଇମଣି, ଢଗ ପଦ୍ୱଳଟିଏ ଗାଇବି ଶୁଣିବୁ କି ? ମଞ୍ଜରୀ ବୋଇଲା, ପଢ଼ ଦେଖି, ସେଠାରୁ କାମମତ୍ତ ପଢୁଛି :—

ଢଗ

"ଅତି ସୁରୂପା ଚହଟଚମ୍ପା ଭ୍ରମର ନ ଯାଇଁ ପାଶ ରେ,
ସ୍ତନ ଯଉବନ ପାଚ ଫୁଟିଅଛି ପୁରୁଷର ନାହିଁ ଆଶ ରେ । ୧ ।
କଟି ସରୁଆ କୁଚ ଗରୁଆ ଏଥି କଉଁ ରସ ନାହିଁ ରେ,
ରସିକ ହାଥରେ ଯେବେ ନ ପଡ଼ିବ କେ ଭୋଗ କରିବ ଆଉ ରେ । ୨ ।
ଲତା ହିଁ ବଢ଼ିଲା କଢ଼ି ହିଁ ଧରିଲା ଫୁଟି ଚହଟିଲା ବାସ ରେ,
ଭୟରେ ଭ୍ରମର ପଶି ପାରୁ ନାହିଁ ଘେରାଉଛି ଚଉପାଶ ରେ । ୩ ।

ଏହା ଶୁଣି ମଞ୍ଜରୀ କହିଲା, ତେବେ ମୁଁ ଗୋଟିଏ କହିବି ଶୁଣୁ ।

"ଅତି ମଧୁର ଶୀତଳ ନୀର ବହୁଛି ନିର୍ମଳ ନଈ ରେ,
ତୃଷା କଲା ଲୋକ ଆସି ପିଇବ କି ଯେଠାକୁ ଏ ଯିବ ବହିରେ ?" ୪ ।

କାମମତ୍ତା ପଚାରୁଛି :—

"ସରଗ ଶଶୀ କି ଶୋଭା ଦଶି ତାକୁ ଅନାଇଲେ କେ ବା ନ ରସି,
ରସିଲେ ପାଇବ କାହିଁ ରେ ?
ହାଥ ପାଇବ କି ଗୋଡ଼ ପାଇବ ବସିଥିବ ଠିଆ ଚାହିଁ ରେ ?" ୫ ।

ମଞ୍ଜରୀ କହୁଛି :—

"ପଥର ଦେଉଳେ କବାଟ ପଡ଼ିଛି ହାଥୀ ପଶି ନ ପାରଇ ରେ,
କୋଳପ କଣ୍ଠରେ କଳ ଫିଟାଇଲେ ଅଳପକେ ଫିଟିଯାଇ ରେ" । ୬ ।

ଏମନ୍ତେ ପହରକ ସଇଲା । କାମମତ୍ତା କହିଲା, ରେ ଦେଇମଣି, କଥାଏ କହିବୁ ଯେ ଡ଼ର ମାଡ଼ୁଛି । ମଞ୍ଜରୀ ବୋଇଲା ଡରୁଛୁ କାହିଁକି, କହ । ମାଲୁଣୀ କହିଲା, ଗବାକ୍ଷ ମାର୍ଗରେ ବାହାର ପୁରକୁ ଚାହିଁଥିଲୁ । କାହା ଉପରେ ଖଞ୍ଜନ ନୟନ ପଡିଲା କି ? ଏବେ ସେ ମରି ଯାଉଛି । ଯଉଁ ନୟନ କୋଣେ ଚାହିଁଲେ ମହେଶ ଧୃତି ଟଳଇ, ଯୁବା ପୁରୁଷ ଧୃତି ସ୍ଥିର କେତେ କି ? ଯେବେ କହିବୁ ତାକୁ ଆଣି ଭେଟାନ୍ତି । ମଞ୍ଜରୀ ବୋଇଲା ଏ କିରୂପେ ହେବ, କଉଁଠାରେ ଭେଟ କରିବୁ ? କାମମତ୍ତା କହିଲା, ତୁ ସମ୍ମତ କଲେ ଏହି ପୁରେ ଭେଟାନ୍ତି । ଏମନ୍ତେ ଆଣିବ ଯେ କାହାର ଗୋଚର ନୋହିବ । ମଞ୍ଜରୀ କହିଲା, ମୋ ପାଶେ ତ ଚମ୍ପୀ ଶୁଅଇ, ସେ ଜାଣିବ ପରା । କାମମତ୍ତା କହିଲା, ତାକୁ ଏମନ୍ତ ମୋଦକ ଦେବ ଯେ ଖାଇଲେ ଦୁଇ ଦିନ ଯାଏ ଅଗ୍ୟାନ ହେବ । ମଞ୍ଜରୀ ବୋଇଲା, ମୋର ତ ଭରସା ପାଉ ନାହିଁ, ତୁ ଯେବେ କରି ପାରିବୁ କର । ମଞ୍ଜରୀ ଏମନ୍ତ କହନ୍ତେ କାମମତ୍ତା ମୋଦକଟିଏ ଅଣ୍ଟିରୁ କାଢ଼ି କରି ଦେଲା । ବୋଇଲା, ମୁଁ ପୂର୍ବରୁ ଜାଣି ଅଣି ଥିଲି । ତୁ ମାଏ ଚମ୍ପୀକି ଏ ମୋଦକ ଖୁଆଇବୁ । ମୁଁ ତାକୁ ରାଏ ଯେନ ଅସିବି ବୋଲି କହି ମଞ୍ଜରୀଠାରୁ

କାମମତ୍ତା ମେଲାଣି ହୋଇଗଲା । ଯାଇଁ ଗିରିଧାରୀ ଦତ୍ତଙ୍କୁ କହିଲା, ତୁମ୍ଭ କାର୍ଯ୍ୟ ସଫଳ ହେଲା । ରାତ୍ର ହୋଉ, ତୁମ୍ଭଙ୍କୁ ମଞ୍ଜରୀ ପାଶେ ଭେଟ କରିବି । ଏହା ଶୁଣି ଗିରିଧାରୀ ଦତ୍ତ ବଡ଼ ଆନନ୍ଦ ହେଲା । ଏମନ୍ତେ ଏଣେ ମଞ୍ଜରୀ କହିଲା, ଆଲୋ ଚମ୍ପୀ, ମୁଁ ତୋତେ ଅପୂର୍ବ ପଦାର୍ଥଟିଏ ଦେବି ଖାଇବୁ କି ? ଚମ୍ପୀ କହିଲା, ତେବେ କି ଦ୍ରବ୍ୟ ଦେବୁ ଦେଏ ତ । ମଞ୍ଜରୀ କହିଲା, ଯାହା ଖାଇଲେ ମନରୁ ନ ଯିବ ତାହା ଦେବି ! ଏମନ୍ତ କହି ସେ ମୋଦକ ତାକୁ ଖୁଆଇଲା । ଏଥି ଉତ୍ତାରେ ମଞ୍ଜରୀ ମନ ରତି ଇଚ୍ଛାରେ ବଡ଼ ଚଞ୍ଚଳ ହୋଉଛି । କ୍ରମେ କ୍ରମେ ସନ୍ଧ୍ୟା ପ୍ରବେଶ ହୁଅନ୍ତେ କାମମତ୍ତା ଗିରିଧାରୀ ଦତ୍ତଙ୍କୁ ନାରୀ ବେଶ କରି ସଙ୍ଗେ ଘେନି ବାହାରିଲା । ଯାଇଁ ନୀଳସୁନ୍ଦର ଶିଠ ପୁରରେ ମିଳି ଭିତର ପୁରକୁ ବୋଲି ଯାଆନ୍ତେ ସ୍ତ୍ରୀମାନେ ଦେଖି ପଚାରନ୍ତି, ଏ କାମମତ୍ତା, ଏ ଟି କେ, ସେ କି ? ତହିଁକି କାମମତ୍ତା କହଇ, ମାଗୋ, ମୋ ଝିଆରୀ ଏ ଟି । ଦେଇମଣିଙ୍କଠାକୁ ଫୁଲ ଘେନି ଆସିଛି । ଏମନ୍ତ କହି କହି ମଞ୍ଜରୀ ଥିବା ପୁରକୁ ବେଳି ଗଲା । ସେ ତ ଦିଇବେ ଏକାନ୍ତପୁର, କାହାରି ଗତାଗତ ନ ଥାଇ, ଚମ୍ପୀକି ମୋଦକ ଅମଳ ଲାଗିବାରୁ ସେ ଅଚେତନ ହୋଇ ପଡ଼ିଛି । କାମମତ୍ତା କହିଲା ଆରେ ଦେଇମଣି, ତୋ ପଦାର୍ଥ ପରି ଏ ଚହ୍ନି ନିଅ । ଏମନ୍ତ କହି ଦତ୍ତଙ୍କୁ ସେ ଗୃହ ଭିତରକୁ ପେଲି ଦେଲା । କହିଲା ଏଥର ନିର୍ଭୟରେ କେଳି କର । ଯେଉଁଦିନ ବୋଲିବୁ ସେଦିନ ଏହାକୁ ନେବି, ଏମନ୍ତ କହି କାମମତ୍ତା ମେଲାଣି ହୋଇ ଅଇଲା । ତହିଁ ଉତ୍ତାରୁ ଏ ଦୁହେଁ ମହା ଆନନ୍ଦ ହୋଇ ନାନା ଜାତି ଦୃଷ୍ଟି, ନାନା ଜାତି ପରିହାସ, ନାନା ଜାତି କେଳି, ନାନାପ୍ରକାର ବିପରୀତ ଏରୂପେ ଆଚରଣ କରି କନ୍ଦର୍ପ ଭଣ୍ଡାର ଧନ ଲୁଟି କରି ଦେଲେ । ଚମ୍ପୀ ଯେ ଆର ଘରେ ଶୋଇଥିଲା, ତାହାର ତ ଅମଳରେ ଗ୍ୟାନ ନାହିଁ, ଯେତେବେଳେ

ଚେତା ହୁଅଇ କଙ୍କଣ, ଝୁଣ୍ଟିଆ, ନୂପୁର, ପାହୁଡ଼ ଏମାନଙ୍କ ଧ୍ୱନି ଶୁଣି ଡାକୁଥାଏ କି ରେ, ଦେଇମଣି, ଘରେ କି ରୁଣୁଝୁଣୁ ଶୁଭୁଛି ? ତହିଁକି ମଞ୍ଜରୀ କହଇ, ଚମ୍ପୀ କିଛି ନାହିଁ ଲୋ, ତୋତେ ମୋଦକ ଅମଳରୁ ଏରୂପେ ଶୁଭୁଛି । ଉଠିଲେ ପଡ଼ୁଛି, ସ୍ଥିର ହୋଇ ଶୋଇଥା । ଏରୂପେ ରାତି ଚାରି ପହରଯାକ ନାନା କଉତୁକରେ ମାତିଲେ । କୁଞ୍ଜଗଲୀ ଶାରୀ ସବୁ ଏହା ଶୁଣୁଥାଇ । ଏମନ୍ତେ ରାତ୍ର ଶେଷ ହୁଅନ୍ତେ ମଞ୍ଜରୀ ଦତ୍ତଙ୍କୁ କହିଲା, ଆଜି ଦିନ ଚୋଟାପୁରେ ରହ, ଅମୃତ ଖାଇ ପେଟ ପୂରେ ନାହିଁ, ଦୁଇ ଚାରି ଦିନ ଭୋଗ ନ କଲେ କିରୂପେ ବଞ୍ଚିବ । ତହିଁକି ଦତ୍ତ କହିଲା ରେ ଧନି, ତୋ ଚନ୍ଦ୍ରମୁଖ ଦେଖି ତ ମୋ ମନଚକୋର ତୋଷ ହୋଇ ନାହିଁ, ମୁଁ ତୋତେ କିରୂପେ ଛାଡ଼ି ପାରିବି ? ଏମନ୍ତ କଥା-ପ୍ରସଙ୍ଗେ ଚୋଟାପୁରେ ଦତ୍ତଙ୍କୁ ରଖି ମଞ୍ଜରୀ ଆପଣା ପୁରକୁ ଆଇଲା । ରାତ୍ର ପ୍ରଭାତ ହୁଅନ୍ତେ ପୁରନାରୀମାନେ ଆଇଲେ । ମଞ୍ଜରୀ ସେମାନଙ୍କୁ ଘେନି ଚମ୍ପୀ ପାଶକୁ ଯାଇଁ ଦେଖିଲା ଯେ ତା ଦେହରେ ଗ୍ୟାନ ନାହିଁ, ମଞ୍ଜରୀ କହିଲା, ମୁଁ ଶରଧା କରି ମୋଦୁକୁଟିଏ ଦେଲି ଖାଇଲା, ଏତେକେ ମୋତେ କାଲି ରାତିରେ କେତେ ଭଙ୍ଗି କରିଛି । ବୋଲଇ କିରେ ଦେଇମଣି, ଘରେ କି ରୁଣୁଝୁଣୁ ଶୁଭୁଛି କି ? ଏହା ଶୁଣି ମୁ ରାତିଯାକ ହସି ହସି ମରୁଛି । ମଞ୍ଜରୀ ଏମନ୍ତେ କହନ୍ତେ କୁଞ୍ଜଗଲୀ ଶାରୀ ପଢ଼ିଲା ।

'ଠୁଁ ଠୁଁ ଝମ୍ ଝମ୍, ଝଣ ଝଣ କିଣି କିଣି,
ହୁଁ ହୁଁ ନାଁ ନାଁ ଦେ ଦେ ମଣି ମଣି' ।

ଏରୂପେ ପୁଣି ପୁଣି ପଢ଼ି ଲାଗିଲା । ଏହା ଶୁଣି ସମସ୍ତେ ବିଚାରିଲେ ଏ ତ ଦିନେ ଏରୂପେ ପଢ଼ି ନାହିଁ, ଆଜି ତ ବଡ଼ କଉତୁକ କରି ପଢ଼ୁଛି । ତହିଁକି ମଞ୍ଜରୀ କହିଲା, ରାତିରେ ଚମ୍ପୀ ଏହିପରି ହୋଉଥିଲା, ତାହା ତ ଶୁଣିଥିଲା, ସେହିରୂପେ ପଢ଼ୁଛି । ଏରୂପେ ପଦ ବଖାଇ କହିଲା, ଯେ ଦିନ

ପୁଣି କାମମତ୍ତ ଫୁଲ୍ ଧେନି ଆସି ମଞ୍ଜରୀଙ୍କ ଫୁଲ ଦେଇ କହିଲା, ଆରେ ଦେଇମଣି, ଆଜ ତ ତୋ ମୁଖ ବଡ଼ ଶୁଖିଲା ଦିଶୁଛି । ମଞ୍ଜରୀ କହିଲା ଆଗୋ କାମମତ୍ତ, ଚମ୍ପୀ କଥା ବୁଝି ନାହୁଁକି ? କାଲି ଶରଧା କରି ତାକୁ ମୋଦୁକୁଟିଏ ଦେଲି, ଖାଇଲା, ଏତେକେ ରାତିଯାକ ମୋତେ ହସାଇ ନାଚିଛି । ମୁଁ ଶୋଇପାରି ନାହିଁ, ସେ ଯେତେ ଭଙ୍ଗ ହୋଇଛି ତାହା ଅବା କି କହିବି । ଏମନ୍ତ ଶୁଣି କାମମତ୍ତ କହିଲା କି ଗୋ ଚମ୍ପୀ, ଦେଇ-ମଣି କି କହୁଛନ୍ତି, ତୋତେ ଏତେ ବଡ଼ମଣି କଲେ ! ଏବେ ମୁଁ ଔଷଧୁଟିଏ ଦେବି ଖାଅ, ଏତେକେ ଅମଳ ଛାଡ଼ିବ, ଆଜ ସୁଖେ ଶୋଇବୁ । ଏମନ୍ତ ବୋଲି ନିଦ୍ରାରସ ମୋଦୁକୁଟିଏ ଦିଅନ୍ତେ ଚମ୍ପୀ ତାହା ଖାଇଲା । ମାଲୁଣୀ ମଞ୍ଜରୀଙ୍କି କହିଲା ଆଜ ତ ଚମ୍ପୀ ମଲାପରି ପଡ଼ିବ, ମନ ଇଚ୍ଛାରେ ରାତିଯାକ କେଳି କର । ଏମନ୍ତ କହି କାମମତ୍ତ ଅଇଲା, ରାଏ ପ୍ରବେଶ ହୁଅନ୍ତେ ମଞ୍ଜରୀ ତନୁ ସୁବେଶ କରି ଗିରିଧାରୀ-ଦତ୍ତ ସଙ୍ଗେ ମାତିଲା । ଚମ୍ପୀ ତ ନିଦ୍ରାରେ ଅଚେତନ ହୋଇ ପଡ଼ିଛି, ମଞ୍ଜରୀଙ୍କ ଗିରିଧାରୀ ଦତ୍ତ ସ୍ତୁତି କରି କହୁଛି ।

ଗୀତ

ଦେଉ କନା ଧନ   ଗୋଟିଏ ଚୁମ୍ବନ
ଯାଉ କାମ ଭୟ ଛାଡ଼ି,
କୁଚ ଯୋଡ଼ି ଯୋଡ଼ି,   ଧରୁ କି ନା ଭିଡ଼ି
ଯାଉଛି ମୋ ତନୁ ଜାଡ଼ି, ରେ ବାଳା,
ସ୍ୱର୍ଗପୁରେ ଦୁର୍ଲ୍ଲଭ ତୋ ଲୀଳା ରେ ।
ମୁଁ ତୋ ଝୁଣ୍ଟିଅ ଭୁ ଗଳା ମାଳା ରେ ।
ତୁ ମୋ ଶିରମଣି (୧) ମୁଁ ତୋ ବଳା ରେ ।

---

(୧) ଶଙ୍ଖମଣି—ପାଠାନ୍ତର

ଏରୂପେ ନାନା କଉତୁକରେ ସର୍ବଯାକ କ୍ରୀଡ଼ା କଲେ । ସର୍ବ ପ୍ରକାଶ ହୁଅନ୍ତେ କୁଞ୍ଜଗଲୀ ଶାରୀ ପଢ଼ୁଛି ।

ଦେଉ କି ନା ଧନ ଗୋଟିଏ ଚୁମ୍ବନ
ଯାଉ କାମ ଭୟ ଛାଡ଼ି,
କୁଚ ଯୋଡ଼ି ଯୋଡ଼ି, ଧରୁ କି ନା ଭିଡ଼ି
ଯାଉଛୁ ମୋ ତନୁ ଜାଡ଼ି, ରେ ବାଳା,
ସ୍ୱର୍ଗପୁରେ ଦୁର୍ଲ୍ଲଭ ତୋ ଲୀଳା ରେ,
ମୁଁ ତୋ ହୃଣ୍ଟିଅ ତୁ ଗଳାମାଳା ରେ,
ତୁ ମୋ ଶିରମଣି (୧) ମୁଁ ତୋ ବଳା ରେ,

ଏ ଗୀତ ପଦକ ପୁଣି ପୁଣି ପଢ଼ି ନାଗିଲା । ଶାରୀ କି ପଢ଼ୁଛି ବୋଲି ନାରୀମାନେ ଶୁଣିବାକୁ ଅସନ୍ତେ ମଞ୍ଜରୀ ପାଚଲା ଡ଼ାଳମ୍ବ ବୀଜ ଗୁଡ଼ିଏ ନେଇ ଖୁଆଇବାରୁ ଏତେବେଳେ ତା ପଢ଼ା ବନ୍ଦ ହେଲା । ମଞ୍ଜରୀ ବିଚାରିଲା ଏ ଶାରୀ ଚମ୍ପୀ ଦୁହେଁ ମୋତେ ବଡ଼ ଭୟାର ହେଲେ । ଏ ଗଲେ ନିଶ୍ଚିନ୍ତରେ କେଳି କରନ୍ତି । ଏହା ବିଚାରି ଚମ୍ପୀକି କହିଲା, ଅଲୋ ଚମ୍ପୀ, ଆଜ ତୁ ଶାରୀକି ଗାଧୁଆଇ ଦୁଧସର ଖୁଆଇବୁ । ମୋ ଦେହ ଅଳସ ନାଗୁଛି, ମୁଁ ଯାଉଛି ଶୋଇବି, ଏମନ୍ତ କହି ଯାଇଁ ପଲଙ୍କରେ ଶୋଇଲା । ଚମ୍ପୀ ଶାରୀକି ଗାଧୁଆଇ ଦୁଧସର ଦେଇ ଭାତ ଖାଇବାକୁ ଆର ପୁରକୁ ଯାଆନ୍ତେ ମଞ୍ଜରୀ ଉଠି ଆସି ଶାରୀ ତଣ୍ଟି ଚପି ଦେଇ ମାର ପକାଇଲା । ପୁଣି ଯାଇଁ ସେହି ପଲଙ୍କରେ ଶୋଇଲା । କେତେବେଳ ଉତ୍ତାରୁ ପୁରଜନମାନେ ଆସି ପଞ୍ଜରୀକି ଚାହାନ୍ତେ ଦେଖିଲେ ଶାରୀ ମର କର ପଡ଼ିଛି । ସମସ୍ତେ ହା ହା କର ହୁର କଲେ, ଆଗୋ

(୧) ଶ୍ରେମଣି—ପାଠାନ୍ତର ।

ଶାରୀ ମଲା, ଶାରୀ ମଲା । ଏ ଚହଳ ଶୁଣି ମଞ୍ଜରୀ ଉଠି ଆସି ଶାରୀକି ଦେଖି ଭୂମିରେ କଣ୍ଟୁଡ଼ି ହୋଇ ପଡ଼ିଲା । ବୁକୁରେ କୋଡ଼ି ହୋଇ କହିଲା, ମୋ ପ୍ରାଣ ନ ନେଇ ଚମ୍ପୀ ଏହା କଲୁ ? ସମସ୍ତଙ୍କ ଆଗେ କହିଲା, ମୋ ଦେହ ଅଳସ ହେବାରୁ ଚମ୍ପୀକି କହିଲି ଆଜ ତୁ ଶାରୀକି ଗାଧୁଆଇ ଦୁଧସର ଖୁଆଇବୁ । ଏହା କହି ମୁଁ ଯାଇଁ ପଲଙ୍କରେ ଶୋଇଲି, ଏତେବେଳେ ମୋ ଶାରୀକି ମାରି ପକାଇଲା ! ମୁଁ ଆଜ ପ୍ରାଣ ନ ରଖିବି । ଏମନ୍ତ କହି ବହୁତ କାନ୍ଦି କବାଟ କିଳି ଶୋଇଲା ଯେତେ ଡାକିଲେ କହିଲେ ନ ଶୁଣିଲା । ବୋଇଲା ମୁଁ ନିଶ୍ଚେ ମରିବି, ନୋହିଲେ ମୋ ଶାରୀ ଦିଅ । ଏମନ୍ତେ ଅନେକ ରୋଦନ କରନ୍ତେ ମାତା ପିତା ପ୍ରବୋଧ କରି କହିଲେ, ମଲା ଶାରୀକି କେ ଜୀଆଇ ଦେବ, ଆନ ଶାରୀ ଦେବୁଁ । ତହିଁକି ବୋଇଲା ମୁଁ ଚମ୍ପୀ ମୁହଁ ନ ଚାହିଁବି, ତାକୁ ଦେଖିଲେ ଶାରୀ ମନେ ପଡ଼ିବ, ଏ ପୁରରୁ ସେ ଯାଉ, ତେବେ ମୁଁ ଉଠିବି । ଏରୂପେ କହିବସି ଚମ୍ପୀକି ସେ ପୁରରୁ ବାହାର କରିଦେଲା, ଶାରୀକି ଗୁଆ ଘିଅ ଚନ୍ଦନ କାଠରେ ଜଳାଇଲା । ଶାରୀ ମଲା, ଚମ୍ପୀ ଗଲା । ଏମାନେ ଅନ୍ତର ହେବାରୁ ଗିରିଧାରୀ ଦତ୍ତକୁ ଶୁଣି ନିର୍ଣ୍ଣନ୍ତରେ ବାହାର କଲା ।

ହେ ମହାରାଜା, ଏହା ଶୁଣି ମୁଁ କହିଲି,

'କାଣ୍ଡଗଳୀ ଶାରୀ ଚମ୍ପୀ ପରିବାରୀ ଏକ ମଲା ଏକ ଗଲା,
ମଞ୍ଜରୀ କୁମାରୀ ଦତ୍ତ ଗିରିଧାରୀ କଥା କେହି ନ ବୁଝିଲା ।'

ଏ ଦ୍ୱାର ମୁଁ ଯୋଡ଼ି ନାହିଁ ଆଉ କିଏ ଯୋଡ଼ିଥିବ ତାହା ବୁଝି-ବାର ଆଜ୍ଞାକୁ ଆସନ୍ତୁ, ଏରୂପେ ଦ୍ୱାରୀ ଶେଠୀ ରାଜାଙ୍କ ଆଗେ କହିଲା ।

ମାଳତୀ ବାହ୍ମଣୀ କହିଲା, ଅଗୋ ମାଆମାନେ ଏହି କଥାକୁ ମୁଁ ମନେ କରି କହିଲି,

'ଦ୍ୱାରୀ ଚେଷ୍ଟା ଲାଗି ଯେମନ୍ତ ସିଂହଦ୍ୱାର ଜଳଇ,
ମୂଷିକ ଗର୍ତ୍ତ ଖୋଳିଲେ କି ମୁକ୍ତାମାଳୀ ମିଳଇ ?'

ରସପୂର ବଦ୍ୟମାନଙ୍କ ଆଗେ କହିଲେ ଏ ନର୍ମଦା ମୂଷିକ କଥା ତ ଶୁଣିଲ । ଏରୂପେ ମନ୍ତ୍ରୀ ପୁଅ ବେଦନା କିଛି ହେତୁରୁ ହୋଇଥାଇ ନିକି ? ଏମନ୍ତେ ରସପୂର ମନେ ବିଚାରିଲା, ଏ ବିରହବ୍ୟାଧି ହେଲେ ହୋଇପାରେ । ଭଲା ଏଥିର ଉପଚାର କିଛି କରିବା । ଏମନ୍ତ ବିଚାରି କାମଶାସ୍ତ୍ର ପୋଥି ଦେଖି ବିରହ ଉପଚାର ସାମଗ୍ରୀ ଅଣାଇ ସେ ବିଧାନ-ମାନ କଲା । କି କି ବିଧାନ କଲା କି ? ନାଁ :—

ପଦ୍ମପତ୍ରର ଶେଯ, ଚନ୍ଦନ କର୍ପୂର ରଜ,
ଉଶୀରବାସ ପାଣି, ଶିବକବଚ ଗୁଣି,
ଦିବ୍ୟ ମୁକୁତାମାଳୀ,
ଇତ୍ୟାଦି ବିରହ ଶାନ୍ତ ଉପଚାରମାନ ରସପୂର କଲା ଭଲ ।

ଶେଯ ଶୁଖି ଜଳି, ଚନ୍ଦନ କର୍ପୂର ଧୂଳି,
ତପ୍ତ ଶୀତଳ ନୀର, ଶିବକବଚେ କାତର,
ହାର ହୃଦେ ଫୁଟିଲା,
ରସପୂର ମନେ ବିଚାର କଲା, ଏ ନିଶ୍ଚେ ବିରହବ୍ୟାଧି ଘୋଟିଲା ।

ଭାବିଲା କଉଁ ନାଗରୀ ଏହାକୁ ଏତେ ଦୁଃଖ ଦେଉଛି । ଭଲା ସେ କୁହଇ ନିକି ? ଏହା ଏବେ କିରୂପେ ଜାଣିବା, ଧନ୍ୟ ଧନ୍ୟ ସେ ସୁନ୍ଦରୀ, ଏଡ଼େ ସୁବୁଦ୍ଧି ଋହୁଙ୍କୁ ବାଇ କରି ଦେଇ ଏତେ ଦଶା ଦେଲା । ଏବେ ଏ ବେଦନା ତ ତାହା ସଙ୍ଗ ବିନା ଆନ ଉପାୟରେ ନ ଛୁଟିବ । ତାହାର ଯଉଁ କଟାକ୍ଷ କାଣ୍ଡ ସେ ତ କୁମାର ମରମକୁ ବୋଳି ଗଳି-ଯାଇଛି, ତାହାର ଚୁମ୍ବନଚୁମ୍ବକ ବିନା ତ ଆନରେ ନ ବାହାରିବ ।

ତାହାର ଯେଉଁ ମନ୍ଦହାସ ସେ ତ ଏହାର ସର୍ବାଙ୍ଗରେ ବିଷ ପ୍ରାଏ ଘୋଟି-ଯାଇଛି, ତାହାର ମଧୁରବାଣୀମନ୍ତ୍ର ବିନା ଆନରେ ତ ନ ଛାଡ଼ିବ । ତାହାର ଯେଉଁ ଚନ୍ଦ୍ରମୁଖ ସେ ତ ଏହାର ହୃଦୟକମଳକୁ ମୁଦ୍ରିତ କରି ଦେଇଛି, ତାହାର ଅଧର ଅରୁଣ ଉଦୟରେ ସିନା ପ୍ରଫୁଲ୍ଲ ହେବ । ତାହାର ଯେଉଁ ସ୍ନେହରସ ସେ ଏହା ହୃଦୟରେ ପଡ଼ି ବିରହ ଅନଳକୁ ଜାଳୁଛି, ତାହା ତନୁଲାବଣ୍ୟ ଜଳ ସଂଯୋଗରେ ସିନା ଲିଭିବ । ଏମନ୍ତ ହୋଇ ସେ କେଉଁ ଚତୁରୀ ନାରୀ ଅଛି ସେ ଏବେ କିରୂପେ ଗୋଚର ହେବ ।

ଏରୂପେ ରସପୂର ହୃଦୟରେ ବିଚାରନ୍ତେ ତେଣେ ହେମାଙ୍ଗୀର ବେଦନା ପ୍ରବଳ ହେବାରୁ ଚନ୍ଦ୍ରକର ସୂପକାର ରସପୂର ବୈଦ୍ୟଠାକୁ ଆସି କୁମାରୀ ବେଦନା ଚରିତ ସବୁ କହନ୍ତେ ରସପୂର ବିଚାରିଲା ଏହା ବେଦନା ତ ମଧ୍ୟ ବିଘଟଣ ହୋଇଛି, ଭଲ ଥରେ ଦେଖିବା । ଏମନ୍ତ ଭାଳି ଚନ୍ଦ୍ରକରକୁ କହିଲା ନ ଦେଖିଲେ କିରୂପେ ଉପାୟ କରିବା ; ଚାଲ ତେବେ ଦେଖିବା । ଏମନ୍ତେ ରସପୂରକୁ ସୂପକାର ନେଇ କୁମାରୀଙ୍କ ଦେଖାନ୍ତେ ହେମାଙ୍ଗୀଙ୍କ ଚାହିଁ ରସପୂର ମନେ କଲା ଧନ୍ୟ ଧନ୍ୟ ରେ ବିଧାତା, ତୁ ପୁଣି ଏରୂପେ ମୋହନ ରୂପ ନିର୍ମାଣ କରୁ । ବିଚାରିଲା ଏ ତ ମନୁଷ୍ୟ ନୁହଇ,

କୁନ୍ଦନସୁନା ପ୍ରତିମା ଦ୍ୱିତୀଆ ନୂଆ ଚନ୍ଦ୍ରମା,
ଶାଣସୁନ୍ଦର ମଣି ସୁବର୍ଣ୍ଣରେଖା ଜାଣି, *
ନୟନପକ୍ଷୀ ପାଶ ଯୁବା ମୋହନ ବେଶ,
ଯୋଗୀନ୍ଦ୍ର ମନ ଶାଙ୍କୋଳି,
ତରୁଣକାନ୍ତକୁ ଏତେ ଦଶା ଦେଲା ପରା ଏ ଅପୂର୍ବ ସୁନ୍ଦରୀ ବାଳୀ ।

---

* ସୁବର୍ଣ୍ଣରେଖା ଭଣି—ପାଠାନ୍ତର ।

ମନେ କଲା ଏହାକୁ ଚାହିଁବା ମାତ୍ରେ ତ ତନୁ କାତର ହେଲାଣି, ଛୁଇଁଲେ ତ ଜ୍ଞାନ ନ ରହିବ । ଏହି ଭିତରେ ହାତ ନ ଦେଖି କହିଲା, ଚିନା ଟିକେ ଜଳ ପୂରାଇ ତହିଁରେ କୁମାରୀହସ୍ତ ବୁଡ଼ାଇ ଆଣ ଦେଖି ! ଚନ୍ଦ୍ରକର ଏହା ଶୁଣି ଚିନାଏ ଜଳରେ କୁମାରୀ ହସ୍ତ ବୁଡ଼ାଇ ଆଣି-ଦେଲା । ରସପୂର ଦେଖିଲା ଜଳ ତପ୍ତ ହୋଇ ଯାଇଛି । ବିଚାରିଲା ଏ ତ ବିରହବ୍ୟାଧି, ମନ୍ତ୍ରୀ ପୁଅର ଏହାର ଏକରୂପେ ଭେଟ ପଡ଼ିଲା ଯେ ଦୁହେଁ ଦୁହିଁଙ୍କ ଶୋଭାରେ ମୋହିତ ହୋଇ ବିରହରେ ଏତେ ଦଶା ପାଉଛନ୍ତି । ଭଲା ଏ ଦୁହିଁଙ୍କର ଭେଟ କିରୂପେ ହେବ ଏହା ଦେଖି ବିଚାର କରିବା । ରସପୂର ଏମନ୍ତ ଭାଳି ଚନ୍ଦ୍ରକରକୁ କହିଲା ଏ କୁମାରୀ ବେଦନା ଅତି ବିଷମ ହୋଇଛି, କାଲି ଏଥିକି ବୁଝି ଚିକିତ୍ସା କହିବା । ଦେବତା ବିକାର ମଧ୍ୟ ଅଛି । ଆମ୍ଭେ ଏ ଜଳ ନେଉଅଛୁଁ, ଏଥିଁ ବେଦନା ଅନୁମାନ କରିବା । ଏମନ୍ତ କହି ସେ ଜଳ ଘେନି ମନ୍ତ୍ରୀ ପୁଅ ପାଖକୁ ଗଲା । ସେ ଜଳରୁ ଟିକିଏ ତରୁଣକାନ୍ତ ହୃଦୟରେ ସିଞ୍ଚି ଦିଅନ୍ତେ ସେ ଅତି ଆନନ୍ଦରେ କହିଲା, 'ମୋ ହୃଦରେ କେ ଅମୃତ ବରଷିଲା, କି ଚନ୍ଦ୍ରମା ବିକାଶିଲା, କି ପ୍ରାଣ ଆସି ପଶିଲା,' ଏହା କହି କହି ବୋଲି ତରୁଣକାନ୍ତ ବୋଲନ୍ତେ ଶୁଣି ରସପୂର ଭାଷିଲା, ହେ କୁମାର, ଏ ଯେଉଁ ପଦାର୍ଥ ତାହା ତ ଆମ୍ଭେ କହିବା । ଆଗ ତୁମ୍ଭର ଏ ବେଦନା କାହିଁକି ହେଲା ତାହା ଆମ୍ଭ ଆଗେ ଫିଟାଇ କହ । ସେଠାରୁ ତରୁଣକାନ୍ତ ସମସ୍ତ ଲୋକଙ୍କୁ ଅନ୍ତର କରି ଦେଇ ଆଦ୍ୟରୁ କୁମାରୀ ଭେଟଠାରୁ ଯେରୂପେ ବ୍ୟାଧି ହେବାର ତାହା କହିଲା । ଏମନ୍ତ ଶୁଣି ରସପୂର କହିଲା ତାହାର ଅଙ୍ଗଲାଗି ପାଣି ଏ । ହଉ ତେବେ ତାହା ତୁମ୍ଭ ସଙ୍ଗ ଆମ୍ଭେ ଘଟଣା କରିବା, ତୁମ୍ଭେ ଦମ୍ଭ ହୋଇ ଥାଅ । ଏମନ୍ତେ ଅନୁମାନ କଲା ହରଷମତି କେଲୁଣୀ ଏହା ଘଟଣା କରିବ । ଆପଣେ ତାଠାକୁ ଗଲା, ତାକୁ

ନିର୍ଜନ ସ୍ଥାନରେ ଡାକି କହିଲା, ଆଗୋ ହର୍ଷମତି, ତୁ ବ୍ୟବସାୟ କଲେ ମନ୍ତ୍ରୀ ପୁଅ ତରୁଣକାନ୍ତ ଜୀଇବ, ତୁ ବହୁତ ଧନ ପାଇବୁ । ସେ ବୋଇଲା କଉଁ କଥା ଦେଖି କହ କିନା । ସେଠାରୁଁ କୁମାରୀ କୁମାର ଭେଟଠାରୁ ଯଉଁରୂପେ ଦୁହିଁଙ୍କର ବିରହବେଦନା ହୋଇଛି ତାହା ରସପୂର କହନ୍ତେ ଶୁଣି ହର୍ଷମତି କହିଲା, ଏହି କଥା ସିନା ! ମୁଁ ଅଳ୍ପ ଦିନ ଭିତରେ ଏହା କରିବି । ପୁଣି ରସପୂର କହିଲା, ତୁ ଚନ୍ଦ୍ରକର ଘରଠାକୁ ଯାଇ କହିବୁ ରସପୂର ବଇଦ୍ୟ ମୋତେ ପଠିଆଇ ଦେଲେ, ତୁମ୍ଭ କୁମାରୀ ଦେହି ଦେବତା ବିକାର ହୋଇଛି, ମୁଁ ଏହା ଭଲ କରିବି ; ମୋତେ କୁମାରୀଙ୍କ ଦେଖାଅ । ମୋ ନାମରେ ଏରୂପେ କହିଲେ ସେ ଦେଖାଇବେ । ତହିଁ ଉତ୍ତାରୁ ଯେ ତୋ ଉପାୟ ଥିବ ତାହା କରିବୁ । ହର୍ଷମତି ଶୁଣି ରସପୂରକୁ ମେଲାଣି ଦେଇ ତରୁଣକାନ୍ତ ଯଉଁରୂପେ ଘୋଡ଼ା ଉପରେ ଚଢ଼ି ବାହାରି ଥାଇ ସେହି ମୂର୍ତ୍ତି ଲେଖି ସେ ପଟ ଅଣ୍ଟିରେ ଘେନି ଚନ୍ଦ୍ରକର ଘରଠାକୁ ଗଲା । କହିଲା ରସପୂର ବଇଦ୍ୟ ମୋତେ ପଠିଆଇ ଦେଲେ । ତୁମ୍ଭ କୁମାରୀ କି ମୋତେ ଦେଖାଅ, ଯେବେ ଦେବତା ବିକାରରୁ ବେଦନା ହୋଇଥିବ ତେବେ ମୁଁ ଭଲ କରିବି । ଏହା ଶୁଣି ଚନ୍ଦ୍ରକର ତାକୁ ନେଇ କୁମାରୀକି ଦେଖାଇଲା । ହର୍ଷମତି ଦେଖିଲା ମାତ୍ରକେ ବୋଇଲା, ଅହା ଅହା କି କଲ କି କଲ, କି ପଦାର୍ଥକୁ ଏଡ଼େ ଦଶା ଦେଲ । ଏହାକୁ ତ ଦେବତା ଆଉ କିଛି ରଖି ନାହିଁ । ହୃଦରେ ବସିଲା, ରକତ ଶୋଷିଲା, ଥାନମୁଦ୍ରା ନଣିଲା । ତଣ୍ଟି ସଳଖେ କାମୋଡ଼ି ରହି ଏହାକୁ ଛାଡ଼ି ଦେଉ ନାହିଁ, ପେଟକୁ ଆହାର ଆଉ କଉଁ ବାଟେ ପଶିବ । ଏବେ ଏମନ୍ତ କର, ନିର୍ଜନ ଘରୁଟିକେ ଏହାକୁ ବସାଅ, ପାଖେ ଆଖେ କେହି ନ ଥିବେ, ସେଠାରେ ଏ କଉଁ ଦେବତା ଦେଖି ମୁଁ ବୁଝିଇଁ । ଏହା ଶୁଣି ସେହିରୂପେ ସମସ୍ତେ ଅନ୍ତର ହୋଇଗଲେ । ହର୍ଷମତି କୁମାରୀ ପାଖେ ଏକା ହୋଇ

ରହିଲା । ପଚାରିଲା ଅରେ ହେମାଙ୍ଗୀ, ତୋହର ଏ ଯଉଁ ଯୁବାକାଳ, ଏଥିରେ ନାହିଁ ରସିକ କାନ୍ତ ମେଳ, ହସାଇ ହସନ୍ତା ରସାଇ ରସନ୍ତା, କୋଳେ ଧେନ ଅହର୍ନିଶି ବସନ୍ତା, ଏରୂପେ ହେଲେ ସିନା ଦେହରୁ ବ୍ୟଥା ଖସନ୍ତା, ଏବେ ତୋହୋର କାହିଁକି ମନ ଟେକୁଛି ତାହା ମୋତେ କହ, କଛି ଲାଜ ଭୟ ନ ରଖି ସତ କହ । ଏହା ଶୁଣି ହେମାଙ୍ଗୀ ଅଳ୍ପ ହସି କହିଲା, ଯହିଁକି ମନ ହୋଉଛି ତାହା ମୋତେ କିଏ ଦେବ ? ଏ ଜୀବନ ସିବାର ମୂଳ ହେଲାଣି । ଏହା ଶୁଣି ହର୍ଷମତି ଅଣ୍ଟିରୁ ଚିତ୍ରପଟ କାଢ଼ି କୁମାରୀକି ଦେଖାଇଲା । ସେ ପଟ ଦେଖି ତାହାର ଯଉଁ ଆନନ୍ଦ ଉପୁଜିଲାଟି ତାହା ବଚନେ କେ କହିବ । ଦରିଦ୍ର ଧନ, ଭୋକୀ ଭୋଜନ ; ରସିକ ଚିରପ୍ରବାସୀ ନବୀନ କାନ୍ତାକୁ ଦେଖିଲେ ଯେମନ୍ତ ହୃଅନ୍ତି ତହିଁରୁ ସହସ୍ରଗୁଣେ ଆନନ୍ଦ ହେଲା ତା ମନ । କହିଲା ମୋ ହାଥକୁ ଦିଅ । ମୁଁ ନେଇ ସୁଫଳ କରିବି । ହର୍ଷମତି କହିଲା ଦୂରରୁ ଚାହାଁ, ହାଥକୁ ଦେଲେ ଅଗ୍ୟାନ ହେବୁଟି । ଏହା ଶୁଣି ହାଥ ଗୋଡ଼ ଧରି ମାଗି ନେଇ ହୃଦରେ ଲଗାନ୍ତେ ପରମାନନ୍ଦ ରସ ଭୋଗ କଲା । ବୋଇଲା ଏ ପଦାର୍ଥକୁ ମୋତେ ଦେଇ ପାରିବୁ କି ? ହର୍ଷମତି କହିଲା ଆଜହିଁ ଦେବି । ତୁ ସ୍ଥିର ହୋଇ ଥାଅ । ଏମନ୍ତ କହି ତହିଁ ଉତ୍ତାରୁ ସମସ୍ତଙ୍କୁ ଡାକିଲା, କହିଲା ଏତ ନଗର ଉପାନ୍ତ ଦେବତା । ତା ଭ୍ରମଣ ବେଳେ କୁମାରୀ ହାବୋଡ଼େ ପଡ଼ିଯିବାରୁ ମହାକୋପାନଳ ହୋଇ ଗ୍ରାସିଛି । ମାତ୍ର ଏବେ ବୋଧ କରି ନେଲେ ଯିବ, କୁମାରୀ ବଞ୍ଚିବ । ଏବେ ଏଥିକି ଏମନ୍ତ କରି କି ଗ୍ରାମ ଉପାନ୍ତରେ ଚଣ୍ଡେଶ୍ୱରୀଦେବୀଙ୍କ ତୋଟା ପାରୁଶରେ ଯଉଁ ମଣ୍ଡପ ଅଛି ସେଠାକୁ କୁମାରୀକି ହାନ୍ଦୋଳାରେ ବସାଇ ନିଅ । ପୂଜା ବିଧାନହିଁ ନେଇଥିବ । ଚନ୍ଦନ ଘସାଇ, କର୍ପୂର ମିଶାଇ, ତାମ୍ବୂଳ ଭଙ୍ଗାଇ, କୁସୁମ ଗୁନ୍ଥାଇ, ବାସନାର ଝରି, ଅତର କସ୍ତୁରୀ; ଇତ୍ୟାଦି ନାନା ରସଭୋଗ

ଉପଗ୍ରହମାନ ନେବ ଯେମନ୍ତେ ଦେବତା ଯିବ ଆନନ୍ଦରେ ଭୋଗ କରୁ । ଏହା ଶୁଣି ହର୍ଷମତିକି ଚନ୍ଦ୍ରକର କହିଲା ଆଗୋ ହର୍ଷମତି, ତୁ ମୋ କୁମା-ରୀଙ୍କ ଜୀବଦାନ ଦେ । ତୋ ମନ ଅନୁରୂପେ ମୁଁ ଧନ ଦେବି । ସେଠାରୁ ହର୍ଷମତି ରସପୂରଠାକୁ ଗଲା । କହିଲା ଚଣ୍ଡେଶ୍ୱରୀଦେବୀଙ୍କ ତୋଟା ମଣ୍ଡପକୁ ହେମାଙ୍ଗୀକି ଆଣିବି । ତୁମ୍ଭେ ଆଗ କରୁ ସନ୍ଧ୍ୟାବେଳୁ କୁମାରଙ୍କୁ ନେଇ ଯାଇଥିବ । ଏହା ଶୁଣି ରସପୂର କୁମାର ପାଶକୁ ଯାଇଁ ହର୍ଷମତି କଥା କହି ବୋଇଲା, ତୁମ୍ଭ ନୟନପ୍ରତିମା ଚଣ୍ଡେଶ୍ୱରୀଦେବୀଙ୍କ ତୋଟା ମଣ୍ଡପକୁ ଆସିବ, ତୁମ୍ଭେ ସେଠାକୁ ଯାଇ ପାରିଲେ ସିନା ଭେଟ ହେବ । ତରୁଣକାନ୍ତ କହିଲା ତା ସଙ୍ଗ ହେବାକୁ ବୋଇଲେ ସମୁଦ୍ର ଡେଇଁ ଯିବି, ଏ ବାଟ ଅବା କେତେ, ଏମନ୍ତେ ରସପୂରକୁ କହିଲା, ତୁମ୍ଭେ ମୋ ଶେଯ ପାଶେ ମୁଁ ଶୋଇଛୁ ବୋଲି ବସିଥାଅ, ମୁଁ ଗୁପ୍ତ ହୋଇ ଯିବି ।

ଏମନ୍ତେ ରାତ୍ର ପ୍ରବେଶ ହୁଅନ୍ତେ ତରୁଣକାନ୍ତ ହରଷ ହୋଇ ରସବତୀଠାରେ ଭେଟ ହେବାକୁ ଚଣ୍ଡେଶ୍ୱରୀଙ୍କ ତୋଟା ମଣ୍ଡପକୁ ଗଲା । ଏଥିଉତ୍ତାରୁ ହର୍ଷମତି ହେମାଙ୍ଗୀକି ହାଦୋଳାରେ ବସାଇ ସେହି ମଣ୍ଡପକୁ ନେଇ ଆଇଲା । କହିଲା କୁମାରୀକି ହାଦୋଳାରେ ଛାଡି ତୁମ୍ଭେ ସମସ୍ତେ ଗ୍ରାମକୁ ବୋଲି ବାହାର ଯାଅ, ମୁଁ ଦେବତା ଏହା ଦେହରୁ କାଢ଼ି ନେବି । ତେତେବେଳେ ଯେ ଦେବତା ମୁଖରେ ପଡ଼ିବ ତାକୁ ନେଇ ପକାଇବଟି, ମୋର ଏକା ଦୋଷ ନାହିଁ । ଦୂରକୁ ପଳାଇ ଥାଅ । ଏହା ଶୁଣି ସମସ୍ତେ ପ୍ରାଣ ଭୟରେ ଗ୍ରାମକୁ ବୋଲି ପଳାଇଲେ, ହରଷମତି ହେମାଙ୍ଗୀ କର ଧରି ନେଇ ତରୁଣକାନ୍ତ ହାଥେ ଦେଲା, ବୋଇଲା ଏବେ ଦୁହିଙ୍କ ବେଦନା ଭଲ ହେବ । ମନ ଅନୁରୂପେ ରତି ଔଷଧ ଭୋଗ କର । ମୁଁ ତେଣେ ଅନ୍ତର ହୋଇ ବସିଛୁ । ଏହା କହି ସେଠାରୁ ଅନ୍ତର ହୋଇ ଆଇଲା । ତହିଁ ଉତ୍ତାରୁ ସେ ଦୁହିଙ୍କର କନ୍ଦର୍ପକ

କହିବାକୁ ତ ବଚନ ନ ମିଳଇ । ତଥାପି କିଛି କହିବା ଶୁଣ । ରତି କାମ ରତି, ଶଚି ଇନ୍ଦ୍ର ପ୍ରୀତି, ହର ଗଉରୀ ପ୍ରେମ, ଚନ୍ଦ୍ର ରୋହିଣୀ କାମ, ଏମାନଙ୍କ ପ୍ରୀତି ଭାବନା ବଡ଼ ବୋଲି ଜାଣି, ତଥାପି ଏ ଦୁହିଙ୍କ ସୁଖଭୋଗ ଏହି ସମାନ ମନୋରମ ହେଲା—ଅନେକ କେଳି ବଢ଼ାଇ, ବିରହ ଜ୍ୱର ଛଡ଼ାଇ, କନ୍ଦର୍ପ ଘର ବୁଡ଼ାଇ, ତିର ପ୍ରେମକୁ ବଢ଼ାଇ । ଏହିକାଳେ ହର୍ଷମତି ବିଚାରିଲା, ପୁଣି ପୁଣି ଲୀଳା କରୁ କରୁ ରାତ୍ର ଶେଷ ହୋଇଯାଇ ଥାଇ ନାହିଁ ! ଏମନ୍ତ ଭଳି ଜାଣି ଶେଷ ହୋଇଗଲାଣି ବୋଲି ଭୟ ଦେଖାଇ ତାଙ୍କ ସଙ୍ଗ ଛଡ଼ାଇ ଦେଲା । ସେଠାରୁ ତରୁଣକାନ୍ତ ଆପଣା ପୁରକୁ ଗଲା । ହର୍ଷମତି ହେମାଙ୍ଗୀ କର ଧରି ନେଇ ଚନ୍ଦ୍ରକର ପାଶେ ସମର୍ପି ଦେଲା । ବୋଇଲା, ଏହାଠାରୁ ଦେବତା ଛାଡ଼ି ସନ୍ତୋଷରେ ଗଲା । ଏବେ ନିଶ୍ଚିନ୍ତ ହୁଅ । ଚନ୍ଦ୍ରକର ହର୍ଷମତିକି ବହୁତ ଧନ ଦେଲା । ତରୁଣ-କାନ୍ତକୁ ରସପୁର ଆରୋଗ୍ୟ କଲା ବୋଲି ଜଗତରେ ଖ୍ୟାତି ହେଲା । ମନ୍ତ୍ରୀ ରସପୂରକୁ ଅନେକ ଦ୍ରବ୍ୟ ଦେଲେ । ତରୁଣକାନ୍ତ ହରଷମତିଠାରେ ଅନେକ ସମ୍ଭାବନା ରଖି ଅପୂର୍ବ ପଦାର୍ଥମାନ ଦେଇ ଚିରକାଳକୁ ସ୍ନେହ ରଖିଲା ।

ରସବିନୋଦ କଥା ଏରୂପେ ସମାପତି ହେଲା । ମୋହନାଙ୍ଗଠାରୁ ଏହା ଶୁଣି ଚଞ୍ଚଳାକ୍ଷୀ ହୃଦରେ ରସପୂର୍ତ୍ତି କରି ମହାଆନନ୍ଦ ହେଲା ।

ନୀତି ବିନୋଦ

ପୁଣି ମୋହନାଙ୍ଗଙ୍କୁ ଚଞ୍ଚଳାକ୍ଷୀ କହିଲେ ହେ ବନ୍ଧୁ, ନୀତି ବିନୋଦ ବୋଲି ଯେଉଁ କଥା ତାହା ଶୁଣିବାକୁ ବଡ଼ ଶରଧା ବଳୁଛି । ସେ କଥା କହି ମୋ ମନ ସନ୍ତୋଷ କରିବା ହୋଉ । କୁମାର କହିଲେ ଆରେ ମଣି, ତେବେ ନୀତିବିନୋଦ କଥା କହିବା ଶୁଣ ।

ଶ୍ଳୋକ:—

ନୀତିର୍ବୃତ୍ତିବିବର୍ଦ୍ଧିନୀ (୧) ଗୁଣକରୀ ସଦ୍ଧର୍ମସମ୍ପାଦିନୀ
ଲୋକାହ୍ଲାଦମୟୀ ଯଶଃସୁଖଦୟା ପାଣ୍ଡିତ୍ୟକୀର୍ତ୍ତିପ୍ରଦା
କାର୍ଯ୍ୟାକାର୍ଯ୍ୟବିବେକକର୍ମକୁଶଳା କ୍ଷୌଣୀପତେର୍ମଣ୍ଡନମ୍
ତସ୍ମାନ୍ନୀତିମୁପାସତାଂ ବୁଧଗଣା ଲୋକଦ୍ୱୟୀଗୁପ୍ତୟେ ।

କଥା:—

ସେ ଯେ ପୂର୍ବଦିଗରେ କୀର୍ତ୍ତିମଣ୍ଡନ ନାମେ ଏକ ରାଜ୍ୟ ଅଛି । ସେ ରାଜ୍ୟ ରାଜା ନାମ ଚନ୍ଦ୍ରାଲୋକ । ସେ ରାଜାଙ୍କ ଧର୍ମକର୍ମ ନୀତି ବିଦ୍ୟା ବୀର ଶୂରପଣ କୁଳଶୀଳତା ଇତ୍ୟାଦି ଗୁଣମାନଙ୍କରେ ଅଦ୍ୱିତୀୟ ଅଟନ୍ତି । ତାହାଙ୍କ ଗୁଣ କୀର୍ତ୍ତିମାନ ଦିଗମାନଙ୍କରେ ପ୍ରକଟ ହୋଇ ଶୋଭା ପାଉଛି । ପ୍ରଜାମାନଙ୍କୁ ପୁତ୍ର ପରି କରି ପାଳନ୍ତି । ସେହି ରାଜ୍ୟରେ କୁଶଳକର୍ମା ନାମେ ଏକ ବ୍ରାହ୍ମଣ ଜଣେ ଥିଲେ । ତାହାର ଏକ ଭାର୍ଯ୍ୟା, ଏକ ପୁତ୍ର, ଏକ ଦୁହିତା ଏରୂପେ ଗୃହ ପ୍ରାଣୀ । ସେ ବ୍ରାହ୍ମଣ ବେଦ-ବିଦ୍ୟାରେ ନିପୁଣ ବୋଲି ବିଚିତ୍ରତୁଙ୍ଗ ଦେଶ ରାଜା ଅମରତିଳକ ନୃପତି ସେ ବ୍ରାହ୍ମଣକୁ ବେଦପାରାୟଣ କରିବା ନିମିତ୍ତେ ବରଣ କରି ନେଲେ । ସାମବେଦ ପାରାୟଣରେ ସେ ବ୍ରାହ୍ମଣ ରାଜାଙ୍କ ସମ୍ମୁଖରେ

(୧) ନୀତିବଂଶ ବିବର୍ଦ୍ଧିନୀ—ପାଠାନ୍ତର ।

ବହୁତ କାଳ ରହିଲା । ଏଣେ ଏକ ଦିନକରେ କୁନ୍ଦରେଖା ନାମେ ସେ ବ୍ରାହ୍ମଣ ଝିଅ ସନ୍ଧ୍ୟା ସମୟରେ ନଗ୍ର ଉପାନ୍ତ କୂପକୁ ଜଳ ଆଣିବାକୁ କୁମ୍ଭ ଘେନି ଗଲା, କୁମ୍ଭ କଣ୍ଠରେ ରଜ୍ଜୁ ବନ୍ଧନ କରି କୂପରୁ ଜଳ ଘଟେ ପୂରାଇ ଓଟାରି ଆଣନ୍ତେ ପାଦ ଖସି ଯିବାରୁ କୂପରେ ପଡ଼ିଗଲା । ପୁଣ୍ଡରୀକ ପଣ୍ଡା ନାମେ ଏକ ବ୍ରାହ୍ମଣ ପୁତ୍ର ସେ କୂପ ନିକଟେ ବସି ସନ୍ଧ୍ୟା କରୁଥିଲା, କୁନ୍ଦରେଖା କୂପରେ ପଡ଼ିବାର ଶୁଣି ସନ୍ଧ୍ୟା ଛାଡ଼ି ସତ୍ୱରେ ଆସି କୂପକୁ ଚାହାନ୍ତେ ଦେଖିଲା କୁମାରୀ ଉଭାଇ ବୁଡ଼ାଇ ହୋଉଛି । ଏହା ଦେଖି ସେ ବ୍ରାହ୍ମଣ କୂପକୁ ଡେଇଁ ପଡ଼ି ସେ କୁମାରୀକି ସମ୍ଭାଳି ଧରିଲା । ଅନେକ ଶ୍ରମରେ ତାକୁ ଉପରକୁ ଆଣିଲା । ସେ କୁନ୍ଦରେଖା ଦେହ ସମ୍ଭାଳି ତଦନ୍ତେ ବ୍ରାହ୍ମଣ ପାଦ ଧରି କହିଲା ତୁମ୍ଭେ ମୋତେ ପ୍ରାଣ ଦାନ କଲ, ମୁଁ କିରୂପେ ଏ ଉପକାର ଶୁଝିବି ? ଆଜ ମୁଁ ତୁମ୍ଭଙ୍କୁ ସ୍ୱାମୀ କରି ବରଣ କଲି । ତୁମ୍ଭର ପତ୍ନୀ ହୋଇ ସେବା କରି ଏ ଉପକାର ଶୁଝିବି । ଏକଥା ମୋହୋର ସତ୍ୟ ସତ୍ୟ ସତ୍ୟ, ତୁମ୍ଭ ବିନା ଆନ ପୁରୁଷ ନ ଛୁଇଁବି । ଯେବେ ଏହା ନ କରିବ ତେବେ ହୃଦୟ ଫାଟିଯିବ । ଏହା ଶୁଣି ବ୍ରାହ୍ମଣ କହିଲା ଅରେ କୁମାରି, ଏରୂପେ କିପାଁ ସତ୍ୟ କଲୁ ! ତୋ ଉପରେ ତ ପିତାମାତା ଅଧିକାରୀ, ସେ ଯାହାକୁ ଦେବେ ସେ ସିନା ବର ହେବ ।

ଶ୍ଳୋକ :—

ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ,
ପୁତ୍ରୋ ରକ୍ଷତି ବାର୍ଦ୍ଧକ୍ୟେ ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ।

କଥା :—

ଏ ଶ୍ଳୋକ ଶୁଣି କୁନ୍ଦରେଖା କହିଲା ଯେବେ ତୁମ୍ଭ ବିନା ଆନକୁ ଦେବେ ପ୍ରାଣ ହାରିବି, ଏ ମୋହୋର ପ୍ରମାଣ । ବ୍ରାହ୍ମଣ ବୋଇଲା ଏଥକୁ

ସାକ୍ଷ କେ ? କୁମାରୀ କହିଲା ଏଥିକୁ ସାକ୍ଷ ଅଷ୍ଟଦିଗପାଳ, ଚନ୍ଦ୍ର ସୂର୍ଯ୍ୟ । ଏହି ସମୟରେ ଶୁକ ଶାରିକା ଦୁଇଗୋଟି ପକ୍ଷୀ ସେ କୂପ ସମୀପ ବଟ ବୃକ୍ଷରେ ଥାଇଁ ଏ ଚରିତ ଶୁଣିଥିଲେ । ମଧୁରବାଣୀ ପଠନ କରନ୍ତେ କୁନ୍ଦରେଖା କହିଲା ଭୋ ଶୁକ ଶାରିକେ, ଏ ବ୍ରାହ୍ମଣକୁ ମୁଁ ସ୍ୱାମୀ କରି ବରଣ କଲି, ଏ ବିନା ଆନ ପତି ନ କରିବି, ଏଥିକୁ ତୁମ୍ଭେ ସାକ୍ଷୀ ହୁଅ । ଏମନ୍ତ କହି ପୁତ୍ରୀକ ପତ୍ନୀ କୁନ୍ଦରେଖା ଦୁହେଁ ଯେଝା ପୁରକୁ ଗଲେ ।

ତତକ୍ଷଣେ ବିଚିତ୍ରଗୁଙ୍ଗ ଦେଶରେ ସେ ବ୍ରାହ୍ମଣ କୁଶଳକର୍ମୀ ଦେହି ବ୍ୟାଧି-ପୀଡ଼ିତ ହେଲା । କଫ ଜ୍ୱରରେ ଅବଶ ହେବାରୁ ଚଳି ନ ପାରଇ । ସେହି ନଗରସ୍ଥିତ ଗୋପକଦମ୍ବ ନାମେ ଏକ ବ୍ରାହ୍ମଣ ସେ କୁଶଳ-କର୍ମୀକୁ ପୁରକୁ ନେଇ ବହୁତ ଯତ୍ନ କଲା । ଛଅମାସ ପର୍ଯ୍ୟନ୍ତ ଅନେକ ସେବା କରିବାରୁ ସେ ବ୍ରାହ୍ମଣକୁ କୁନ୍ଦରେଖା ଦୁହିତାକୁ ପ୍ରଦାନ କରିବି ବୋଲି କୁଶଳକର୍ମୀ ସତ୍ୟ କଲା । ଏମନ୍ତ ସତ୍ୟ କରନ୍ତେ ସେ ଗୋପ-କଦମ୍ବ ବ୍ରାହ୍ମଣ କୁଶଳକର୍ମୀଠାରେ ଇଷ୍ଟଦେବତା ପରି ଭାବନା ରଖି ବିବାହ କର୍ମରେ ନିଶ୍ଚିନ୍ତ ହେଲା ।

ଏଥି ମଧ୍ୟରେ କୁଶଳକର୍ମୀ ଆସିବା ବିଳମ୍ବ ହୁଅନ୍ତେ ତାହା ପତ୍ନୀ ସତ୍ୟକାମା ବ୍ରାହ୍ମଣୀ ପୁତ୍ର ଦୁହିତା ଘେନି ଅନ୍ନବସ୍ତ୍ରରେ ବଡ଼ କଷ୍ଟ ପାଇଲା । କାହାର ମୁଖରୁ ପତି-ବାର୍ତ୍ତାହିଁ ନ ମିଳଇ । ପଥ ତ ଅନେକ ଦୂର । କାହାକୁ ଅବା ସେ ଦେଶକୁ ପଠାଇବ । ଏମନ୍ତେ ଅତି କ୍ଲେଶ ପାଇବାରୁ ସେହି ନଗର ଚନ୍ଦ୍ରମଣି ନାମେ ଏକ ବ୍ରାହ୍ମଣ ଜଣେ ତାକୁ କୁନ୍ଦରେଖାକୁ ବିଭା କରିବ ବୋଲି ସତ୍ୟ କରି ମହାଜନମାନଙ୍କୁ ସାକ୍ଷୀ ବସାଇ କିଛି ଟଙ୍କା ଆଣି ଆପଣା ତୀରଥାର୍ଥ ଗ୍ରହିଲା । ଚନ୍ଦ୍ରମଣି ବ୍ରାହ୍ମଣ କୁନ୍ଦରେଖାକୁ ବିଭା ହେବ ଏହା ମୂଳ କରି ବିଭା ସାମଗ୍ରୀ ତିଆରି କରୁଥାଇ ।

ସେହି ସମୟରେ ଅଗଲୁ ସିଂହ ବୃହସ୍ପତ ଯୋଗ ଅଶୁଦ୍ଧ କାଲରୁ ବବାହ ନାହିଁ ବୋଲି କୁଶଳକର୍ମା ଗୋପକଦମ୍ବକୁ ସଙ୍ଗେ ଘେନ ଦୁହିତା ପ୍ରଦାନ କରବ ବୋଲି ପୁରକୁ ଅଇଲା । ଏହି କାଲ ଅଶୁଦ୍ଧ ଜାଣି ଚନ୍ଦ୍ରରାଶି ବ୍ରାହ୍ମଣ ସମ୍ଭାର ତିଆର କର ବଭା ଲଗ୍ନ ପ୍ରମାଣ କରଅଛୁ । କୁମାରୀ ସତ୍ୟ ବଚନ ମନେ ଘେନ ପୁଣରୀକ ପଣ୍ଡା ବଭା ହେବା ନମନ୍ତେ ଭୂଷଣମାନ ନର୍ମାଣ କରଇ । ଏମନ୍ତେ କୁଶଳକର୍ମା ଗୋପକଦମ୍ବକୁ ଘେନ ମନ୍ଦରେ ମିଳ ବବାହ ଉଦ୍ୟମ କରନ୍ତେ ଚନ୍ଦ୍ରରାଶି ବ୍ରାହ୍ମଣ ମହାଜନ ସାକ୍ଷୀ ବସାଇ ଗୋପକଦମ୍ବକୁ ଦୁହିତା ପ୍ରଦାନ ନ କର ବୋଲି କୁଶଳକର୍ମାକୁ ରାଜାଙ୍କ ରାଣ ଦେଲା । ଏହିରୂପେ ପରସ୍ପରେ ସେ ବେନ ବ୍ରାହ୍ମଣ ଦ୍ୱନ୍ଦ୍ୱ ହୁଅନ୍ତେ ସେ ଦୁଇ ବରଯାକ ଚନ୍ଦ୍ରାଲୋକ ରାଜାଙ୍କ ଛାମୁକୁ ଗୁହାରି କରିବାକୁ ଗଲେ । ସେ ରାଜା ଏ ଦୁହିଙ୍କ କଥା ଶୁଣି ବଚାରିଲେ, ଦୁହେଁ ତ ଶରହିତ ନ୍ୟାଯ୍ୟ, କାହାକୁ କନ୍ୟା ଦେବା । ଏହି ଧର୍ମ ବଚାରଣା କର ନ୍ୟାଯ୍ୟ ଛିଣ୍ଡାଇ ନ ପାରିଲେ । ସମସ୍ତ ବ୍ରାହ୍ମଣଙ୍କୁ ଡକାଇ ଆଜ୍ଞା ଦେଲେ ଆହେ ବ୍ରାହ୍ମଣ ଗୋସାଇଁମାନେ, ଅଶୁଦ୍ଧ ଦ୍ରବ୍ୟପଡ଼ି ଯେଉଁ ସ୍ଥାନ ଅସଂସ୍କାର ହୋଇଥାଇ ସେ ସ୍ଥାନରେ ପବିତ୍ରଜଳ ପଡ଼ିଲେ ସିନା ଶୁଦ୍ଧ ହୁଅଇ । ଏ ଘେନ ବ୍ରାହ୍ମଣଙ୍କ ନ୍ୟାଯ୍ୟ ବ୍ରାହ୍ମଣ କରିବ । ଯାହାର କନ୍ୟା ପ୍ରବର୍ତ୍ତିବ ତାହା ଆମ୍ଭ ଛାମୁରେ କହିଲେ ତାକୁ କନ୍ୟା ବଭା କରିବା । ଏମନ୍ତ ଆଜ୍ଞା ପାଇ ସକଳ ବ୍ରାହ୍ମଣମାନେ—ନନ୍ଦ, ମିଶ୍ର, ମହାପାତ୍ର, କର, ରଥ, ଆଚାର୍ଯ୍ୟ, ଷଡ଼ଙ୍ଗୀ, ଭଟ୍ଟ, ଦୁବେଇ, ତିହାଡ଼ୀ, ପାଣି, ଶତପଥୀ, ପତି, ଚକ୍ରବର୍ତ୍ତୀ, ଦାଶ, ଦୀକ୍ଷିତ, ମୁନ, ଦେବତା, ବ୍ୟାସ, ଚଇନ, ପଣ୍ଡା, ପତ୍ରୀ—ଏମାନେ ସମସ୍ତେ ଆସିଲେ । ରାଜାଙ୍କ ଛାମୁରେ ଥିବା ସକଳ ସାମନ୍ତ ବ୍ରାହ୍ମଣମାନଙ୍କୁ ରାଜା ଆଜ୍ଞା କଲେ ତୁମ୍ଭେମାନେ ମଧ୍ୟ ଯାଅ । ରାଜଗୁରୁ, ରାଯ୍ୟଗୁରୁ, ବ୍ରହ୍ମା, ପାଠଯୋଷୀ, ପହରାଜ, ପରମଗୁରୁ, ପୁରୋ-

ହୁତ, ବଡ଼ପଣ୍ଡା, ସଦସ, ଖାଡ଼ଙ୍ଗା, ଭଟ୍ଟମିଶ୍ର, ବାଜପେଇ, ଅଗ୍ନିହୋତ୍ରୀ, ସାମନ୍ତର, ବାହୁନୀପତି, ଏମନ୍ତେ ବ୍ରାହ୍ମଣ ଗୋସାଇଁମାନେ ସମସ୍ତେ କୁଶଳକର୍ମା ଗ୍ରାମରେ ପ୍ରବେଶ ହେଲେ । କୁନ୍ଦରେଖା କୁମାରୀ ପତନ କୂପ ସମୀପ ବଟବୃକ୍ଷ ମୂଳେ ପ୍ରସାର ପାଷାଣବେଦୀ ଉପରେ ସେ ବ୍ରାହ୍ମଣମାନଙ୍କୁ ଗୁହାରିଆ ବ୍ରାହ୍ମଣ ଯଥାନୁରୂପେ ବସାଇଲା । ସେ ଦୁଇ ବର ବ୍ରାହ୍ମଣଙ୍କୁ ଡକାଇ ସମସ୍ତ ବ୍ରାହ୍ମଣ ଗୋସାଇଁମାନେ ବିବାହ ବିଷୟ ପୁଚ୍ଛନ୍ତେ, ଏହି ସମୟରେ ପୁତ୍ରିହୀନ ପଣ୍ଡା ଆଗରେ ଉଭା ହୋଇ କହିଲା ଅହେ ଗୋସାଇଁମାନେ ଆପଣ ଯେ ଏ ନ୍ୟାୟ କରୁଛ, ମାତ୍ର ଏ କନ୍ୟାକୁ ମୁଁ ବିଭା ହେବି । ଧର୍ମରେ ମୋର ପ୍ରାପତି ! ଏହା ବିଚାରି ନ୍ୟାୟ କରିବା ହୋଉ । ଏହା ଶୁଣି ସମସ୍ତେ ଚକିତ ହେଲେ, ବୋଇଲେ ଏ ପୁଣି କି କଥା ! ତାକୁ କହିଲେ ଏ କନ୍ୟା ତୋର କିରୂପେ ତାହା ଦେଖି କହି ଶୁଣିବା । ସେ କହିଲା, ମୁଁ କି କହିବି । ମୋହୋର ଅଷ୍ଟଦିଗପାଳ ଚନ୍ଦ୍ର ସୂର୍ଯ୍ୟ ସାକ୍ଷୀ ଅଛନ୍ତି । ସେ କହନ୍ତେ (୧) ସିନା । ଏହି ସମୟରେ ସେ ବୃକ୍ଷ ଉପରେ ବସି ଶୁକ ଶାରିକା ଦୁହେଁ କୋଳାହଳରେ ମଧୁରବାଣୀ ପଠନ କରି ଉଚ୍ଚରେ ହସି ଉଠନ୍ତେ ବ୍ରାହ୍ମଣମାନେ କହିଲେ ହେ ଶୁକ ଶାରିକେ, ତୁମ୍ଭେ କି ନିମିତ୍ତେ ହସିଲ ତାହା କହ । ତହିଁକି ଶୁକ ଶାରିକା କହୁଅଛନ୍ତି, ଅହେ ଗୋସାଇଁମାନେ :—

ଶ୍ଳୋକ :—

ପୂର୍ବଜନ୍ମନି ଯା ବିଦ୍ୟା ପୂର୍ବଜନ୍ମନି ଯଦ୍ଧନମ୍
ପୂର୍ବଜନ୍ମନି ଯା କନ୍ୟା ଅଗ୍ରେ ଧାବତି ଧାବତି ।

ଏଥିକୁ ଯେ ଯାହାର କନ୍ୟା ସେ ତ ଅବଶ୍ୟ ତାକୁ ପ୍ରାପତ ହେବ । ଆଗେ ଆମ୍ଭେ କଥାଟିଏ କହୁଚୁ ତାହା ଶୁଣ । ଆପଣାର

(୧) କହନ୍ତୁ—ପାଠାନ୍ତର ।

ଅର୍ଜିତ ଧନ ବୋଲି ଗୁଣଗୌରର ରାଜା ମଞ୍ଜୁଳରୂପ ବଣ୍ୟ ଏ ଦୁହେଁ ଯଉଁ-ରୂପେ ହାଥରୁ ଯିବା ଧନ ପାଇଲେ ତାହା ଶୁଣିବ ? ଏହା ଶୁଣି ବ୍ରାହ୍ମଣେ କହଲେ ସେ କେମନ୍ତ ଚରତ ତାହା କହ ଦେଖି ଶୁଣିବା । ସେଠାରୁ ବମ୍ୱଓଷ୍ଠ ନାମେ ଶୁକ କହୁଛ :—

ସେ ଯେ କେଳକାଞ୍ଚନ ନାମେ ଏକ ନଗର ଅଛ । ସେ ରାଜ୍ୟ ରାଜା ନାମ ଗୁଣଗୌର । ଏକ ଦନକରେ ସନ୍ଧ୍ୟା ସମୟରେ ବେପାର କରବାକୁ ଜୟଘୋଷ ଗ୍ରାମରୁ ମଞ୍ଜୁଳରୂପ ନାମେ ବଣ୍ୟ ଜଣେ ସେ, ସେ କେଳକାଞ୍ଚନ ନଗରକୁ ଆସୁଥିଲା । ନଗ୍ର କୋଶ ଦୁଇ ଅନ୍ତରେ ବନସ୍ତ ମଧ୍ୟରେ ଭୀମମୁଖା ନାମେ ଏକ ଶବର ମୃଗୟା ନିମନ୍ତେ ବୁଲୁଥିଲା । ମଞ୍ଜୁଳରୂପ ବଣ୍ୟ ସେ ଶବର ଆଗରେ ଭେଟ ପଡ଼ନ୍ତେ ବଣ୍ୟଠାରେ ମୁଦ୍ରାଗଣ୍ଡି ଦେଖି ସତ୍ୱରେ ବକ୍ରମ ରୂପ ଧର ଧନୁରେ ଶର ସନ୍ଧନ୍ତେ ମଞ୍ଜୁଳ-ରୂପ ସେ ଧନ ପକାଇ ପଳାଇଗଲା । ସେ ଗଣ୍ଡି ଘେନ ଶବର ସତ୍ୱର ହୋଇ ଆସନ୍ତେ ତା ପଲ୍ଲୀ ତ ବହୁତ ଦୂର ତହିଁକି ଯାଇ ନ ପାରବାରୁ ଆସି ନଗ୍ର ଭିତରେ ପଶିଲା । ଧନ ଗଣ୍ଡି ତ ଅଛ, କେ ଦେଖିବ ବୋଲି ଏହ ଭୟରେ କାହିଁ ରଖିବ ଏହା ବଚାର ତାହାର ପ୍ରୀତ ଲୋକ ସିନ୍ଦୁର-ନଟ ନାମେ ଏକ ନାଟୁଆ ଥିଲା ଯେ ତାହା ଘରଠାକୁ ଯାଇ ତାକୁ ଏକାନ୍ତରେ ଡାକ କହଲା ଅହେ ନଟବର ଏ ଧନ ମୋର ଆଜକ ରଖି-ଥାଅ, ବେଳ ଉଛୁର ହେବାରୁ ଘରକୁ ଯାଇ ନ ପାରଲି, କାଲି ଏ ଧନ ଘେନ ଘରକୁ ଯିବ । ତୁମ୍ଭେ ମୋର ଅତ ପ୍ରୀତି, ଏ ଘେନ ଆଜକ ଏ ଧନ ରଖ, କାଲି ପ୍ରଭାତୁଁ ନେବ । ଏମନ୍ତ କହ ଧନଗଣ୍ଡି ଦଅନ୍ତେ ସିନ୍ଦୁରନଟ ବଚାରଲା ଏ ଧନ ଏହାର ଅର୍ଜିତ ନୁହଇ । ଏ ତ ଛନ ଛନ ହୋଉଛ । କାହାଠାରୁ କରୂପେ ଆଣିଥିବ ପରା । ଏହା ବଚାର ସେ ଧନ ନେଇ ଆପଣା ଘର କଣମାଛକା ଉପରେ ରଖିଲା । ସେହ ନାଟୁଆ

କୁମାରୀ ତରଙ୍ଗିନସୁନ୍ଦରୀ ସଙ୍ଗେ କଟୁଆଳ ଭୁମଣସିଂହ ପ୍ରୀତି କରୁଥାଇ ଯେ ନଟବର ଧନ ରଖିଲା ବେଳକୁ କଟୁଆଳ ଅଟ୍ଟମନ୍ଦିରରେ ଗୁପ୍ତ ହୋଇ ରହି ଚାହିଁଥିଲା । ତେତେବେଳୁଁ ଅନୁମାନ କରିଥିଲା କି ଏ ତ ଉତ୍ତମ ଦ୍ରବ୍ୟ କିଛି ରଖିଲା ପରି । ନଟବର ସେ ଧନ ରଖି ବାହାରକୁ ଯାଉନ୍ତେ ତରଙ୍ଗିନସୁନ୍ଦରୀ ସଙ୍ଗେ ସହର ଲୀଳା ବଢ଼ାଇ କଣମାଛିକା ଉପରୁ ସେ ଧନ ଯେନ ଭୁମଣସିଂହ ବାହାରି ଅଇଲା । ରାତି ପାଞ୍ଚଘଡ଼ି ସରନ୍ତେ ପୁରକୁ ଆସନ୍ତେ ଦେଖିଲା ଦାଣ୍ଡ କବାଟ ଖୋଲା ହୋଇଛି । ତାହା କାନ୍ତା ରତ୍ନପ୍ରଭା ସଙ୍ଗେ ସେହି ରାଜ୍ୟ ରାଜାପୁଅ ବିନୋଦଚନ୍ଦ୍ର ପୂର୍ବରୁ ପ୍ରୀତି କରୁଥାଇ ଯେ ତଲଦିନ ସେ ରତ୍ନପ୍ରଭା ବିନୋଦଚନ୍ଦ୍ରଠାରେ ଅଭିମାନ କରି ସୁରତି ଦେଇ ନ ଥିବାରୁ ସେ ରାଜାପୁଅ ନଗରରୁ ଅଳଙ୍କାର ଗଣ୍ଡିଟିଏ ଆଣି ରତ୍ନପ୍ରଭାକୁ ଦେଇ ବିନୟ କରି କହିବା ସମୟରେ କଟୁଆଳ କବାଟ ଫିଟାଇବାକୁ ଡାକନ୍ତେ ସେ ବିନୋଦଚନ୍ଦ୍ର ଅଳଙ୍କାର ଗଣ୍ଡିକି ପଲଙ୍କ ତଳକୁ ଫିଙ୍ଗି ଥୋଇ ଦେଇ ଭୟରେ ଗମ୍ଭୀର ଘରେ ଯାଇ ଲୁଚିଲା । ରତ୍ନପ୍ରଭା ଦୁଆର ଫିଟାଇ ଦେଇ ପତିଙ୍କ ସମ୍ଭାବନା କରି ଡାକନ୍ତେ ସେ ଆଣି ମୁଦ୍ରା ଗଣ୍ଡିକି ପଲଙ୍କ ତଳକୁ ଗୁପ୍ତ କରି ରଖି ଦେଇ ତାହାରକୁ ପାଦ ଧୋଇବାକୁ ଅଇଲା । ରତ୍ନପ୍ରଭା ବିଚାରିଲା ଏ ତ ପଲଙ୍କ ତଳକୁ ହାତ ବଢ଼ାଇଲା, ଅଳଙ୍କାର ଗଣ୍ଡି ଦେଖିଲା ପରି ! ଏମନ୍ତ ବିଚାରି ସେ ଅଳଙ୍କାର ଗଣ୍ଡି ଆନଠାରେ ରଖିବ ବୋଲି ପଲଙ୍କ ତଳୁ ଆଣନ୍ତେ ମୁଦ୍ରାଗଣ୍ଡି ତା ହାତେ ପଡିଲା. ପତି ଆସୁ ଆସୁ ତାହା ରଖି ଦେଇ ନ ପାରି ଦାଣ୍ଡବାଡ଼ି ଗବାକ୍ଷଗୁଡ଼ା ବାଟେ ପକାଇ ଦେଲା ।

ଏଣେ ଭିତରେ ମଞ୍ଜୁଳରୂପ ବଣ୍ୟ ଧନମାନ ଖୋଜିବର ନ ପାଆନ୍ତେ ବହୁତ ବିଳାପ କଲା । ରାତି ଦୁଇ ଘଡ଼ିରେ କେଳିକାଞ୍ଚନ ନଗରକୁ ଅଇଲା, ବିଚାରିଲା ଏ ତ ସର୍ବକାଳ ଏତେବେଳେ କହିଁ ରାଜା କି ମନ୍ତ୍ରୀଠାକୁ ଯିବି,

କେ ଅବା ମୋ ଗୁହାରି ଶୁଣିବ । ରାତ୍ର ପାହିଲେ କାଲି ଯେଉଁ ଉପାୟ ଦିଶିବ ତାହା କରିବ । ଭଲା ଏ ନଗର ଚୋର ଛିଣ୍ଡାଳୀ କଥା ସିନା କହୁଅଛି ବୁଝଇ । ତାହା ନ ଜାଣେ ତ କିଛି ନାହିଁ, ଆଜ ରାତ୍ର ଏହା ଓଳିରେ ଲୁଚି ରହିବ, ଏଥିଁ ଅବା କିଛି ସନ୍ଦେଶ ମିଳିବ । ଏମନ୍ତ ବିଚାରି ସେ ବଣିଆ ଆସି ସେହି ଗବାକ୍ଷ ଅଢ଼ଙ୍ଗ ତଳେ ଲୁଚି ରହିଲା । ରାଜାପୁଅ କହୁଅଛି ଭାର୍ଯ୍ୟା ଉକ୍ତି ପ୍ରତ୍ୟୁକ୍ତି ସବୁ ଶୁଣୁଥାଇ । କହୁଅଛି ଆସିବାର ଜାଣିଲା, ଏହି ସମୟରେ ରତ୍ନପ୍ରଭା ଧନଗଣ୍ଠି ପକାଇ ଦିଅନ୍ତେ ତା ପାଖେ ପଡ଼ିବାରୁ ସାଉଁଟି ରଖିଲା । ଆପଣା ଗଣ୍ଠି ଚିହ୍ନି ମହା ଆନନ୍ଦରେ ଧନ ଘେନି ବାହାର ଗଲା । କହୁଅଛି ପାଦଧୋଇ ଆସି ଭୋଜନ ସାରି ମନେ ବିଚାରିଲା ଏ ଗଣ୍ଠି ନେଇ ମନ୍ତ୍ରୀଙ୍କି ଦେବି । ଏ ଧନ ପାଇଲେ ମନ୍ତ୍ରୀ ମୋତେ ବଡ଼ ଉପକାର କରିବ । ରତ୍ନପ୍ରଭା ଦେଖିଲେ ଲୋଭ କରି ରଖିବ ସିନା । ଏମନ୍ତ ବିଚାରି ରତ୍ନପ୍ରଭା ନ ଥିବା ସମୟରେ ପଲଙ୍କ ତଳୁ ଗଣ୍ଠି ଆଣନ୍ତେ ମୁଦ୍ରାଗଣ୍ଠି ତ ରତ୍ନପ୍ରଭା ନେଇଛି ଅଳଙ୍କାର ଗଣ୍ଠି କହୁଅଛି ହାତେ ପଡ଼ିଲା । ତାହା ଅବୋ ଗଣ୍ଠି ବିଚାରି ବସ୍ତ୍ର (୧) ଘୋଡ଼ାଇ ବାହାର ହୋଇ ମନ୍ତ୍ରୀଠାକୁ ଗଲା । ସେ ଗଣ୍ଠି ନେଇ ମନ୍ତ୍ରୀଠାରେ ଭେଟନ୍ତେ ମନ୍ତ୍ରୀ ସେ ଗଣ୍ଠି ଫିଟାଇ ଦେଖିଲେ ଦିବ୍ୟ ରତ୍ନ ଅଳଙ୍କାରଗୁଡ଼ିଏ । ମନ୍ତ୍ରୀ ବିଚାରିଲା ଏ ତ ରାଜଯୋଗ୍ୟ ଅଳଙ୍କାର । ମୁଁ ଏହା ରାଜାଙ୍କ ଛାମୁରେ ଦେବି । ଏ ଭୂଷଣ ପାଇଲେ ରାଜା ମୋଠାରେ ବଡ଼ ସ୍ନେହ କରିବେ । ଏମନ୍ତେ ସେ ଅଳଙ୍କାର ରାଜାଙ୍କ ଛାମୁରେ ନେଇ ଦେଲା । ରାଜା ଦେଖି ବିଚାରିଲେ ଏ ରତ୍ନ ଅଳଙ୍କାର ତ ଆମ୍ଭେ ରାଣୀଙ୍କି ଦେଇ ଥିଲୁଁ, ଏ ମନ୍ତ୍ରୀଠାକୁ କିରୂପେ ଆଇଲା । ଏମନ୍ତେ

(୧) ବସ୍ତ୍ର—ପାଠାନ୍ତର ।

ମନରେ ବହୁତ ଆଶଙ୍କା କରି ମନ୍ତ୍ରୀଙ୍କି ଏକାନ୍ତରେ ପଚାରିଲେ, ଆହେ ମନ୍ତ୍ରୀ, ଏ ରତ୍ନ ଅଳଙ୍କାର ତୁମେ କାହୁଁ ଆଣିଲ ସତ୍ୟ କହ ନୋହିଲେ ପ୍ରାଣ ଯିବ । ମନ୍ତ୍ରୀ ଏହା ଶୁଣି କାତର ହୋଇ କହିଲା, ହେ ମହାରାଜା, ଏ ଅଳଙ୍କାର ମୋତେ ଭ୍ରମଣ ସିଂହ ଦେଲା, ମୁଁ ବିଚାରିଲି ଏ ତ ରାଜ-ଯୋଗ୍ୟ ଅଳଙ୍କାର ଏହା ରାଜାଙ୍କୁ ଦେବି । ଏ ଘେନି ସମୁରେ ଦେଲି । କଣ୍ଟୁଆଳି କାହୁଁ ଆଣି ମୋତେ ଦେଲା ତାହା ମୁଁ ନ ଜାଣେ । ମନ୍ତ୍ରୀ ଏହା କହନ୍ତେ ରାଜା ଭ୍ରମଣ ସିଂହକୁ ଡକାଇ ଏକାନ୍ତ ଅବକାଶରେ ପଚାରିଲେ, ଆରେ ଭ୍ରମଣ ସିଂହ ଏ ଅଳଙ୍କାର ତୁ କାହୁଁ ଆଣି ମନ୍ତ୍ରୀଙ୍କି ଦେଲୁ ତାହା କହ । କଣ୍ଟୁଆଳି ଏହା ଶୁଣି ବଡ଼ କାତର ହେଲା । ମନେ ବିଚାରିଲା ଏଥିକୁ ବୁଦ୍ଧି ଦିଶୁ ନାହିଁ, କାହୁଁ ଆଣିଛୁ ବୋଲି କହିବ ! ଏମନ୍ତ ଭାଳି ବୋଇଲା ହେ ମହାରାଜ, ଏ ମୋ ଘରେ ଥିଲା, ଘରୁ ଆଣି ମନ୍ତ୍ରୀଙ୍କି ଦେଲି, ଏମନ୍ତ କହି ସ୍ତୁକିତ ହୋଇ ରହନ୍ତେ ରାଜା ବିଚାରିଲେ ଏ କଣ୍ଟୁଆଳି ନଗର ଭିତର ଅଳଙ୍କାର କିରୂପେ ନେବାର ବୁଝି ବସିଲେ ଏକଥା ବଡ଼ ଅସୁନ୍ଦର ହେବ । ଏହା ପ୍ରକାଶ କରିବାର ଉଚିତ ନୁହଇ । ରାଣୀଙ୍କ ଅଙ୍ଗ ଅଳଙ୍କାର ସରିକ ନେଲାଣି । ଏହାର ଅକୃତ ହୋଇ ଆଉ କଉଁ କଥା ଅଛି । ଏ ଆମ ପ୍ରାଣକୁ ପାଞ୍ଚି ପାରଇ । ଏମନ୍ତେ ବିଚାରି କଣ୍ଟୁ-ଆଳିଙ୍କି ଚାହିଁଲେ ଯେ ତା ମୁଖ ଜଳ ଗଲାନ । ଭୟରେ ଦେହ କମ୍ପ-ମାନ ହୋଉଛି । ରାଜା ବିଚାରିଲେ ଏ କଣ୍ଟୁଆଳି ତ ବଡ଼ ଦୋଷୀ । ଏହାକୁ ପ୍ରାଣେ ମାରିବାର ଉଚିତ ଠିଅରିଲା । ଏମନ୍ତ ବିଶ୍ୱାସ ଲୋକ ଜଣକୁ କହିଲେ ଭ୍ରମଣସିଂହକୁ ପ୍ରାଣେ ମାର । ରାଜାଙ୍କ ଆଗ୍ୟାଁରେ ଚଣ୍ଡମୁଖ ନାମେ ସେନାପତି ଯାଇଁ ଭ୍ରମଣସିଂହ ମୁଣ୍ଡ କାଟି ପକାଇଲା । ରାଜାଙ୍କ ଅର୍ଜିତ ଧନ ରାଜା ପାଇଲେ, ବିଶ୍ୟ ଧର୍ମ ବିଶ୍ୟ ପାଇଲା । ଆହେ ଗୋସାଇଁମାନେ କଣ୍ଟୁଆଳି ଯେ ମାରି ଗଲା ଏ ହତ୍ୟା କାହାର ହେବ କହିବା ହୋଉ ।

ଏହା ଶୁଣି ବ୍ରାହ୍ମଣମାନେ ହତ୍ୟା କାହାର ହେବ ବିଚାରୁଁ ବିଚାରୁଁ ଚନ୍ଦ୍ରକଣ୍ଠିକା ଶାରୀ କହିଲା, ଅହେ ବିପ୍ରମାନେ, ବିମ୍ବୋଷ୍ଠ କଥା ତ ଶୁଣିବା ହେଲା । ମୁଁ ତେବେ ଆଉ ପ୍ରସଙ୍ଗଟିଏ କହିବି, ଶୁଣିବା ହୋଉ । ମାତ୍ର ଏଥିର ନ୍ୟାୟ ମୋତେ କହିବା ହେବ । ବ୍ରାହ୍ମଣମାନେ କହିଲେ, ଆଚ୍ଛା କହ ତେବେ ଶୁଣିବା । ଚନ୍ଦ୍ରକଣ୍ଠିକା ଶାରୀ କହୁଅଛି ।

ସେ ଯେ ସରଦ୍ୱୀପ ନାମେ ଏକ ରାଜ୍ୟ ଅଛି, ସେ ରାଜ୍ୟ ରାଜାପୁଅ ନାମ ରସିକମାଲୀ, ମନ୍ତ୍ରୀପୁଅ ନାମ ନେତ୍ରମଞ୍ଜନ, ସାଧବପୁଅ ନାମ ହେମଗୌର ଏରୂପେ ତିନିଜଣ ମିତ୍ରତା ହୋଇଥାନ୍ତି, ସମସ୍ତଙ୍କର ଯୁବା ବୟସ ।

କାମସମାନ ସୁନ୍ଦର, ଦ୍ରୋଣସମାନ ବୀରବର,
କର୍ଣ୍ଣସମାନ ଦାନୀ, ଭୀମସମାନ ମାନୀ,
ହସି ଚାହିଁଲେ ଯୁବତୀ ଛାର କେଉଁ ଯୋଗ ତେଜି ଢଳି ପଡ଼ିବେ ମୁନି ।

ଏ ତିନି ମିତ୍ରଙ୍କ ଅନୁରୂପେ କନ୍ୟା ନ ମିଳିବାରୁ ବିଭା ହୋଇ ନ ଥାନ୍ତି, ଉତ୍ତମ କନ୍ୟା ମିଳିଲେ ବିଭା ହେବେ ଏହି ଭାବନା କରୁଥାଆନ୍ତି । ଏମନ୍ତ ପ୍ରୀତିବନ୍ତ ଯେ 'ନୀର କ୍ଷୀର ପରି ଅଭେଦ, ବଜ୍ର ପରି ଦୃଢ଼ତର, ଚନ୍ଦ୍ରମା ପରି ନିର୍ମଳ, ଅମୃତ ପରି ମଧୁର,' ଏହିରୂପେ ସେ ସୁହୃଦ ହୋଇଥାନ୍ତି ।

ଏମନ୍ତେ ଏକ ଦିନକରେ ସେ ତିନି ମିତ୍ର ମୃଗୟା କରିବାକୁ ଅଶ୍ୱ ଆରୋହଣ କରି ବନସ୍ତକୁ ଚଳିଲେ । ବନରେ ଭ୍ରମଣ କରନ୍ତେ ବସନ୍ତପୁର ବୋଲି ଏକ ଗିରିବର ଥିଲା ଯେ ତହିଁ ତଳେ ପ୍ରବେଶ ହେଲେ । ଦେଖିଲେ ସେ ପର୍ବତଉପରକୁ ବାଟ ଗୋଟିଏ ପଡ଼ିଛି, ବିଚାରିଲେ ଦେଖିଯିବା । ଏମନ୍ତେ ଅଶ୍ୱରୁ ଉଣ୍ଡୁରି ପାଦଗତରେ ପର୍ବତ ଉପରକୁ ଉଠିଲେ । କେତେଦୂରେ ଯାଇଁ ଦେଖିଲେ ଆନନ୍ଦ ଗୋସାଇଁଙ୍କ

ଆଶ୍ରମ । ପୁଣି ସେ ଗିରିର ଏମନ୍ତ ମହିମା ଯେ ତହିଁରେ ବୃଦ୍ଧଜନ ମିଳନ୍ତି ମାତ୍ରକେ କନ୍ଦର୍ପ ପରି ତରୁଣ ହୁଅନ୍ତି । ତହିଁରେ ପୁଣି ଅଶେଷ ତରୁମାନେ ଅଛନ୍ତି ।

ଜାତି ମଲ୍ଲୀ ମାଲତୀ, କାଞ୍ଚନ ସେବତୀ ଯୂଥୀ,
ତଗର ତଗରି କୁନ୍ଦ, ଶତଦଳ ଅରବିନ୍ଦ,
ବଧୁଲ୍ଲି ନଆଲୀଗଣ, ଦୟଣା ମାଲତୀ ପୁଣ,
ଲବଙ୍ଗ ପୁଷ୍ପିତ ଲତା, ପାରିଜାତକ ଶୋଭିତା,
ହେନ୍ତାଳ ତାଳ, ଶାଳ ରସାଳ, କରୁଣା କମଳା, ନାରଙ୍ଗ ଅଁଳା,
ଲାଗେ ମଳୟ ପବନ, ତରୁମାନେ ଶ୍ରୀଚନ୍ଦନ,
ଅମୃତ ସମାନ ଫଳ
ପାଚ ଫୁଟି ପଡ଼ୁଛନ୍ତି ବୃକ୍ଷମାନଙ୍କର ତଳ ;
ଯେବଣ ଗିରି ପ୍ରବେଶେ
ସର୍ବଦା ଋତୁମାନଙ୍କୁ ଘେନ ମନୋହରରାଜ ଆନନ୍ଦ ମନରେ ବସେ ।

ଏମନ୍ତ ଯେଉଁ ଗିରିବର ତା ମଧ୍ୟରେ ଚନ୍ଦ୍ରବିନ୍ଦୁ ନାମେ ଏକ ନଦୀ ବହୁଅଛି । ସେଠାରେ ଯାଇଁ ଏ ତିନି ମିତ୍ର ପ୍ରବେଶ ହେଲେ । ଦେଖିଲେ ସେ ନଦୀ ଭିତରେ ସ୍ଫଟିକର ମଣ୍ଡପ ଗୋଟିଏ ଅଛି, ସେ ମଣ୍ଡପ ଉପରେ ଏକ କନ୍ୟା ବସିଅଛି, ତାହାର ଶୋଭା କି କହିବା :—

ହେମ ହରିତାଳ ଅଙ୍ଗ ପ୍ରବାଳଓଷ୍ଠରଙ୍ଗ
ଯାହାର ନୟନ ଶୋଭାକୁ ସମ ନୋହି ବନରେ ପଶିଲେ ମୀନ,
ଖଞ୍ଜନ କୁରଙ୍ଗ ।
ଅଧରେ ପ୍ରକାଶ ମନ୍ଦ ମନ୍ଦ ହାସ,
ହେମ କୁମ୍ଭକୁଚ ବେନି ବାହାରକୁ ପ୍ରକାଶ ହୋଏ ଫୁଟି ଝୀନବାସ ।

ସେ କନ୍ୟାକୁ ଦେଖି ଏ ତନ ମିତ୍ର ମୋହତ ହୋଇ ଚତ୍ରପିତୁଳା ପର ରହିଲେ । ଅଙ୍କୁଶ ଯୋଗରେ ହସ୍ତି ବନ୍ଦୀ ହେଲା ପର ପାଦମାନ ନ ଚଳିଲା । ତା ଶୋଭାଜଳରେ ପଡ଼ି ନୟନମୀନ ମଜ୍ଜନ ହୋଇ ରହିଲା । ଏ ତନ ମିତ୍ରଙ୍କୁ ଚାହିଁ ସେ ଚତ୍ରାଙ୍ଗୀ କନ୍ୟା ମନରେ କ ଭାବନା କର ଆପଣାର ହସ୍ତ ପ୍ରସାର ଦେଖାଇଲା । ତାହା ଦେଖି ରାଜାପୁଅ, ସାଧବପୁଅ କଛ ନ କହିଲେ । ମନ୍ତ୍ରୀପୁଅ କ ଜାଣିପାର ଆପଣା ପାଦରେ ଟିକେ ଛୁଅ-ଗୋଟି କାଟିଲା । ସେ କନ୍ୟା ଏହା ଦେଖି ଦୁଇ ହାଥ ଛନ୍ଦ ମନ୍ତ୍ରୀପୁଅ ଗଳାକୁ ଚାହିଁ ଭିତର ପୁରକୁ ଗଲା । ତା ମରମ କଥା ମନ୍ତ୍ରୀପୁଅ ଏକା ଜାଣିଲା, ଏମନ୍ତେ ସେଠାରୁ ସେ ତନ ମିତ୍ର ଆସି ଧ୍ୟାନାନନ୍ଦଙ୍କ ଆଶ୍ରମରେ ମିଳିଲେ । ଦେଖିଲେ ଗୋସାଇଁ ଯୋଗ ଧ୍ୟାନରେ ବସିଅଛନ୍ତି । କେତେବେଳ ଉତ୍ତାରୁ ଧ୍ୟାନ ଭାଙ୍ଗନ୍ତେ ଦେଖିଲେ, ଏ ତନ ମିତ୍ର ଦଣ୍ଡ ପ୍ରଣାମ କର କୃତାଞ୍ଜଳି ହୋଇ ଉଭା ହୋଇଛନ୍ତି । ଗୋସାଇଁ ବୋଇଲେ ରେ ବାବୁ, ତୁମ୍ଭେ କ କାର୍ଯ୍ୟରେ ଅଇଲ ? ଏ କହିଲେ, ଗୋସାଇଁ ତ ଅନ୍ତର୍ଯ୍ୟାମୀ ଅମ୍ଭେ କ କହିବୁଁ । ଗୋସାଇଁ ଧ୍ୟାନରେ ଜାଣି କହିଲେ, ତୁମ୍ଭେ କନ୍ୟା କାମନାରେ ଆସିଅଛ । ଅଛ, ଏଠାରେ ଚତ୍ରାଙ୍ଗୀ ନାମେ ଏକ କନ୍ୟା ଅଛି । ତୁମ୍ଭେ ଯେବେ ଏହା କର ପାରବ ତେବେ କନ୍ୟା ବଭା ହେବ । ଆମ୍ଭର କାଲି ସିଦ୍ଧକର୍ଣ୍ଣିକା ବ୍ରତ ହେବ, ତୁମ୍ଭେ ଯେବେ ଏ ତନ ଦ୍ରବ୍ୟ ଆଣି ପାରବ । ଦକ୍ଷିଣ ଦଗରେ ସମୁଦ୍ର ଭିତରେ ନାଗବଲୀ ଦ୍ୱୀପରେ କୃଷ୍ଣ ମଲ୍ଲିକା ଅଛି, ଉତ୍ତର ଦଗରେ ସମୁଦ୍ର ମଧ୍ୟରେ ସୁବର୍ଣ୍ଣ କେତକୀ ଅଛି, ପଶ୍ଚିମ ଦଗରେ ସମୁଦ୍ର ମଧ୍ୟରେ ରଜତ ଦୁତୁରା ଅଛି । ଏହା ଯେ କାଲି ଆମ୍ଭ ବ୍ରତ ବେଳକୁ ଆଣି ଦେବ ସେ କନ୍ୟା ବଭା ହେବ ମାଏକ ଯେ ଆଗ ଫୁଲ ଘେନ ପ୍ରବେଶ ହେବ, ସେ ବଭା ହେବ, ଏଥିକୁ ବଚାର କର । ଏହା ଶୁଣି ରାଜାପୁଅ, ସାଧବପୁଅ ଦୁହେଁ କହିଲେ,

ଗୋସାଇଁ, ଆମ୍ଭର ଏମନ୍ତ ବଳ
ପ୍ରଭାତ କାଳୁଁ ପୃଥ୍ୱୀ ପର୍ଯ୍ୟଟନ (୧) କରି ଆସିବୁଁ
ନୋହୁଥିବ ସନ୍ଧ୍ୟା କାଳ ।

ଏମନ୍ତ କହି ସେ ତୁଇ ମିତ୍ର ଗୋସାଇଁଙ୍କି ଓଳଗି ରାଜାପୁଅ ଗଲା ଦକ୍ଷିଣ ଦିଗକୁ ସାଧବପୁଅ ଗଲା ଉତ୍ତର ଦିଗକୁ । ଇଷ୍ଟମନ୍ତ୍ର ସ୍ମରଣା କରି ପବନହୁଁ ବେଗ ଚଳିଗଲେ । ମନ୍ତ୍ରୀପୁଅ ପଶ୍ଚିମ ଦିଗକୁ ଗଲାପରି ଗୁପ୍ତ ହୋଇ ଚିତ୍ରାଙ୍ଗୀ କନ୍ୟା ପାଶକୁ ଅଇଲା । ଚିତ୍ରାଙ୍ଗୀ କନ୍ୟା ମନ୍ତ୍ରୀପୁଅକୁ ଦେଖି ବହୁତ ଆଦରରେ ଦିବ୍ୟ ଆସନରେ ବସାଇ କହିଲା ହେ ପ୍ରିୟତମ (୨) ସବୁ କୁଶଳ ତ ? ମନ୍ତ୍ରୀପୁଅ ବୋଇଲା ରେ ବାଳା, ମୋ ସର୍ବ କୁଶଳ ତୋ ଅଙ୍ଗୀକାର ସିନା । ସେଠାରୁ ରାଜାପୁଅ, ସାଧବପୁଅ ଗୋସାଇଁଙ୍କ ବୋଲରେ ଫୁଲ ଆଣି ଯିବା ଚରିତ କହନ୍ତେ ଚିତ୍ରାଙ୍ଗୀ କହିଲା, ମୋ ପ୍ରାଣ ତ ତୁମ୍ଭଙ୍କୁ ବନ୍ଧା ଦେଇଛୁ, ତୁମ୍ଭେ ମନକୁ କାହିଁକି ଅସ୍ଥିର କରୁଛ । ପୂର୍ବ ସୂର୍ଯ୍ୟ ପଶ୍ଚିମରେ ଉଇଁଲେ ଏ କଥା ଅବା ଆନ ହେବ । ହେ ବନ୍ଧୁ ଶୁଣ, ବୋଲି ଚିତ୍ରାଙ୍ଗୀ ଏ ଗୀତ ଗାଇଲା:—

କୁମୁଦ ଚନ୍ଦ୍ରମା ପ୍ରୀତି ହେ, କେ କରିଛୁ ପ୍ରାଣପତି ହେ,
ରବି ପଦ୍ମ ଭାବ କେ ଭାଙ୍ଗି ପାରିବ ଯୁଗେ ଯୁଗେ ଅଛୁ କୀର୍ତ୍ତି ହେ । ୧ ।
ସମାନ କାମକୁ ରତି ହେ, ସମ ଶଚୀ ଦେବପତି ହେ ।
ଘନକୁ ବିଜୁଳି କମଳକୁ ବାରି ନିଶି ଚନ୍ଦ୍ର ଏହିମତି ହେ । ୨ ।
ରସେ ଯାହା ମନ ଯହିଁ ହେ ସେ ତାହା ଛାଡ଼ିବ କାହିଁ ହେ,
ମଳୟ ପବନ ଛାଡ଼େ କି ଚନ୍ଦନ ତରୁ ତହିଁଥିଲେ ଅହି ହେ । ୩ ।

(୧) ପ୍ରକଟନ—ପାଠାନ୍ତର ।

(୨) ପ୍ରେୟତମ—ପାଠାନ୍ତର ।

ଯା ମନ ନ ରସେ ଯହିଁ ହେ   କେ ତା ମିଳାଇ ପାରଇ ହେ,
ଚମ୍ପାଫୁଲ ତହିଁ କଉଁ ଗୁଣ ନାହିଁ ତାକୁ ଭୃଙ୍ଗକରେ ଦ୍ରୋହି ହେ । ୪ ।
ସରସୀକି ଶୋଭା କଞ୍ଜ ହେ   ଗଗନକୁ ଦ୍ୱିଜରାଜ ହେ,
ପୁରୁଷକୁ ଗୁଣ ତନୁକୁ ଭୂଷଣ   ଯୁବତୀମାନଙ୍କୁ ଲାଜ ହେ । ୫ ।
ସଦା ମୁଁ ଦାସୀ ତୁମ୍ଭର ହେ   ତୁମ୍ଭେ ମୋର ପ୍ରାଣେଶ୍ୱର ହେ,
ମନମାଳା ଦେଇ ବରୁଅଛି ମୁହିଁ ସଂଶୟ କିଛି ନ କର ହେ । ୬ ।

ଏମନ୍ତ ଶୁଣି ସେ ମନ୍ତ୍ରୀପୁଅ ମହା ଆନନ୍ଦ ହେଲା । ଯାଇଁ ଖଣ୍ଡେ ଦୂରରେ ବନସ୍ତ ଭିତରେ ଗୁପ୍ତ ହୋଇ ରହିଛି । ରାଜାପୁଅ ସାଧବପୁଅ ଦୁହେଁ ସୁବର୍ଣ୍ଣ କେତକୀ କୃଷ୍ଣମଲ୍ଲିକା ଘେନି ଏକାବେଳକେ ଆନାନନ୍ଦଙ୍କ ଛାମୁରେ ମିଳିଲେ । ଦୁହେଁ ଦୁଇ ଫୁଲ ଥୋଇ ଗୋସାଇଁଙ୍କୁ ପ୍ରଣାମ କଲେ । ତହିଁଉତ୍ତାରୁ ମନ୍ତ୍ରୀପୁଅ ତୁଚ୍ଛା ହାତରେ ଆସି ଗୋସାଇଁଙ୍କି ଓଳଗି କହିଲା ମୁଁ ରଜତ ଦୁଦୁରା ପାଇଲି ନାହିଁ । ଗୋସାଇଁ ତିନଙ୍କ ମୁଖକୁ ଚାହିଁଲେ ଯେ ଦେଖିଲେ ମନ୍ତ୍ରୀପୁଅ ମୁଖ ପ୍ରସନ୍ନ ଦିଶୁଛି, ମନେ ବିଚାରିଲେ ଏଥି କିଛି ବିଧାତା ଘଟଣା ଅଛି ପରା ! ସେ ତ କିଛି କଥା ନ କହି ପାରଇ, ନ କିଛି କଥା କହି ପାରଇ । ଏମନ୍ତେ ଯୋଗ-ଧ୍ୟାନରେ ବିଚାରନ୍ତେ ଚନ୍ଦ୍ରାଙ୍ଗୀ କନ୍ୟା ମନ୍ତ୍ରୀପୁଅକୁ ବରଣ କରିବା କଥା ହୃଦରେ ପ୍ରକାଶ ହେଲା । ବିଚାରିଲେ ବଡ଼ ବିଷମ ହେଲା । ଏ ଦୁହେଁ ଏତେ କଷ୍ଟରେ ଫୁଲ ଆଣି କାହିଁରେ ନୋହିଲେ । ମନ୍ତ୍ରୀପୁଅ ବସିଲାଠାରେ କନ୍ୟା ବିଭା ହେବ, ଏହା ବିଧାତା କରୁଛି । ଆମ୍ଭେ କେମନ୍ତ କରିବା । ଏଥିରେ ଆମ୍ଭ କଥା ଅବା କି ରହିଲା । ଏହା ବିଚାରି କହିଲେ, ଆରେ ରସିକମାଳୀ, ହେମଗୌର, ତୁମ୍ଭେ ଦୁହେଁ ତ ଏକା-ବେଳକେ ଫୁଲ ଆଣିଲ, ଏଥୁଁ କେ କନ୍ୟା ନେବ ? ଏ ତ ସୁନା ରୂପା ମୋତି ମାଣିକ୍ୟ କୁହଇ, ଏମାନ ହୋଇଥିଲେ ସିନା ବାଣ୍ଟି ନିଅନ୍ତ ।

ସେ ତ ଯୁବତୀ, ଏକି ବିନା ଆନକୁ ନ ଛୁଇଁବ । ଏଥିକୁ ପଚାରୁଅଛି ଏ କନ୍ୟା କିଏ ବିଭା ହେବ ବିଚାରି କହ । ବିଧାତା ଘଟଣା ଯାହାକୁ ଥିବ ସେ ତ ବିଭା ହେବ । ଆମ୍ଭ ତୁମ୍ଭ ଇଚ୍ଛାରେ ତ ଏକଥା ନାହିଁ ।

ଏରୂପେ ଆନାନନ୍ଦ ଗୋସାଇଁ ଆଜ୍ଞା କରିବାରୁ ଚନ୍ଦ୍ରକଣ୍ଠିକା ଶାରୀ କହି ବୋଇଲା, ଅହେ ଗୋସାଇଁମାନେ ଏ କନ୍ୟା କିଏ ବିଭା ହେବ ଏହା ବିଚାରି କହିବା ହୋଉ ।

ଚନ୍ଦ୍ରକଣ୍ଠିକା ଶାରୀଠାରୁ ଏମନ୍ତ ଶୁଣି ବ୍ରାହ୍ମଣମାନେ ଏ ନ୍ୟାୟ ଅନୁମାନ କରି ବସନ୍ତେ ପୁଣି ବିମ୍ବଓଷ୍ଠ ଶୁକ କହୁଛି ଅହେ ଗୋସାଇଁ-ମାନେ, ଚାରି ବେଦ, ଛଅ ଶାସ୍ତ୍ର, ନଅ ବ୍ୟାକରଣ ଅଷ୍ଟାଦଶ ପୁରାଣ, କାବ୍ୟ ନାଟକ, ଅଳଙ୍କାର କଉତୁକ, ଶିଳ୍ପୀ ସଙ୍ଗୀତ, ଜ୍ୟୋତିଷ, ଯାଠ-ତତ୍ତ୍ୱ, ବୈଦ୍ୟବିଦ୍ୟା, ଶାସ୍ତ୍ରବିଦ୍ୟା, ଧର୍ମକର୍ମବିଚାରଣା ଇତ୍ୟାଦି ନାନା-ପ୍ରକାର ପାଠଶାଠରେ ତ ଆପଣମାନେ ନିପୁଣ । ମୁଁ ଏକ କଥାଏ କହୁଛି, ଏ ନ୍ୟାୟ ଅନୁମାନ କରି କହିବା ହେବ ।

ସେ ଯେ ଗନ୍ଧବକୁଳ ନାମେ ଏକ ଗୋପାଳ ଜଣେ ଥିଲା । ତାହା ଭାରିଯା ନାମ ବିନୋଦିନୀ । ବିମ୍ବା ବୋଲି ତାହାର ପୁତ୍ର ଗୋଟିଏ ଥାଏ । ଏମନ୍ତେ ସେ ଗନ୍ଧବକୁଳ ବହୁତ ଦୂରରେ ଚାକରି (୧) କରିଥାଇ । ଛଅମାସ ବରଷକେ ଥରେ ଘରକୁ ଆସି ପୁତ୍ର ଭାରିଯା ଦୁହିଁଙ୍କି ଦେଖି ଅନ୍ନବସ୍ତ୍ର (୨) କୁ ଖର୍ଚ୍ଚ ଦେଇ ପୁଣି ବିଦେଶକୁ ଯାଏ । ତାହାର ଭାରିଯା ବିନୋଦିନୀ ବିଳମୁଖା ନାମେ ନାପିତ ଜଣକ ସଙ୍ଗେ ପ୍ରୀତି କରି ତାଠାରେ ଅହର୍ନିଶି ଆସକତ ହେବାରୁ ସେ ନଗ୍ର ଲୋକମାନେ ବହୁତ ଆକଟ କଲେ । ଏ ଭୟରେ ସେ ଦୁହେଁ ଫରଚ୍ଚ କରି ପ୍ରୀତି କରି ନ ପାରିବାରୁ

(୧) ଯୁକ୍ରେର—ପାଠାନ୍ତର ।

(୨) ଅଣ୍ଟିବସ୍ତ୍ର—ପାଠାନ୍ତର ।

ବର୍ତ୍ତର କଲେ ଚ୍ଛଳ ଏଠାରୁ ପଳାଇ ଯିବା । ଅନ୍ୟ ଦେଶରେ ନିଶ୍ଚିନ୍ତ ହୋଇ ରହିବା । ଏମନ୍ତେ ଗୋପାଳୁଣୀ ନାପିତ ସେ ପୁତ୍ରକୁ ଘେନି ଏକ ରାତ୍ରରେ ପଳାଇ ଗଲେ । ଚନ୍ଦ୍ରବମ୍ମ ବୋଲି ଏକ ରାଜ୍ୟରେ ମାନଦତ୍ତ ନାମେ ମହାଜନ ଘରଠାରେ ପହୁଞ୍ଚିଲେ । ସେଠାରେ ବର୍ତ୍ତିଲେ ଏ ପୁଅ ତ ଆସି ବଡ଼ ହେଲାଣି, ଏହା ସକାଶେ (୧) ଅମ୍ଭେ କାଳେ ଚହ୍ନା ପଡ଼ିବା ସିନା । ଏହାକୁ ଏଠାରେ ବିକ୍ରୀ କରିଦେବା । ଏମନ୍ତେ ସେ ମହାଜନ ମାନଦତ୍ତଙ୍କୁ କହିଲେ ଅମ୍ଭେ ଏ ପୁଅଟିକି ବିକିବୁଁ, ତୁମ୍ଭେ ଟଙ୍କା ଦେଇ ଘେନ । ମାନଦତ୍ତ ସେ ବମ୍ମାର ସୁନ୍ଦର ରୂପ ଦେଖି ପ୍ରଧାନ ମହାଜନମାନଙ୍କୁ ସାକ୍ଷୀ ବସାଇ ତା ମାଆଠାରୁ କ୍ରୟପତ୍ର (୨) ଲେଖାଇ ବମ୍ମାକୁ ରଖି ଟଙ୍କା ବୁଝି ଦେଲା । ନାପିତ—ଗୋପାଳୁଣୀ ଟଙ୍କା ଘେନି ସେଠାରୁ ବାହାରିଯାଇଁ ବହୁତ ଦୂରରେ ରହିଲେ । ମାନଦତ୍ତ ବମ୍ମାକୁ ପୁତ୍ର ସମ କରି ପାଳିଥାଏ । ଏମନ୍ତେ କେତେ ଦିନ ଉତ୍ତାରୁଁ ସେ ମାନଦତ୍ତ ବମ୍ମାକୁ ଘେନି ପାତାଳୀ ନାମେ ନଦୀତୀରରେ ବସାକରି ରହି ବାଣିଜ୍ୟ କରୁଥାଏ । ଏକ ଦିନକରେ ସେ ପାତାଳୀ ନଦୀ ବଢ଼ି ଉଛୁଳି ଯାଉଛି । ଏହି ସମୟରେ ବମ୍ମା କୁମ୍ଭ ଘେନି ଜଳ ଆଣିବାକୁ ଗଲା । କୁମ୍ଭ ବୁଡ଼ାଇବା ବେଳେ ଲହରୀ ବାଜି ପାଦ ଖସି ଯିବାରୁ ସ୍ରୋତରେ ଯାଇଁ ପଡ଼ିଲା ।

ଏକେତ ଶ୍ରାବଣ ମାସ ବରଷାନଦୀ, ଦୁଇକୂଳ ବଢ଼ି ଉଛୁଳି ଯାଉଛି ପବନ ନ ପାରେ ଖେଦ । ସେ ସ୍ରୋତ ଜଳରେ ଭାସିଯାଇ ବମ୍ମା ଉଭାଇ ଚୁବାଇ ହୁଅନ୍ତେ ବିଧାତା ଯୋଗରେ ତାକୁ ବଡ଼ ଶୁଖିଲା କାଠ ଖଣ୍ଡେ ଆଣ୍ଠା ହୋଇ ମିଳିଲା । ସେହି କାଠଖଣ୍ଡ ଧରି ବମ୍ମା ମଝି ନଈରେ ଭାସି

(୧) ସ୍ୱକାଶେ—ପାଠାନ୍ତର ।

(୨) କ୍ରୟପତ୍ର—ପାଠାନ୍ତର ।

ଯାଉଛି । ବିଦ୍ରୁମମାଳୀ ନାମେ ଏକ ରାଜ୍ୟ ଅଛି ଯେ ସେ ରାଜ୍ୟ ରାଜାଙ୍କ ନାମ ଚଣ୍ଡବାହୁ । ସେ ରାଜା ରତ୍ନନିଧି ନାମେ ରାଣୀଙ୍କି ଘେନି ଜଗତି ଉପରେ ବସି ପାତାଳୀ ନଦୀ ବଢ଼ି ଦେଖୁଅଛନ୍ତି ।

ଉଚ୍ଚୈଃ ତରଙ୍ଗ — ମଗର କୁମ୍ଭୀର ରଙ୍ଗ
ମହାବାତ୍ୟ ଭାସିବା — ଗର୍ଜନ କରି ଆସିବା
ଅଚଳ ସମାନ ମେରୁ — ଉପୁଡ଼ି ପଡ଼ନ୍ତେ ତଟରୁ
ବହଳ ଫେନକୁଳ — ଜଳ ବର୍ଣ୍ଣ ପାଟଳ

ନାନା କଉତୁକ ମାନ

ରାଜା ରାଣୀ ଚାହିଁବାରେ ନଦୀକି ବଡ଼ ଆନନ୍ଦ ଦୁହିଁଙ୍କର ମନ । ଏ ସମୟରେ କାଠ ଖଣ୍ଡିକ ଉପରେ ବମ୍ବା ଭାସି ଯାଉଁ ଯାଉଁ ତାଠାରେ ରାଣୀଙ୍କ ନେତ୍ର ପଡ଼ିଲା । ଦେଖିଲେ ବାଳକୁଟିଏ ହାଥ ଗୋଡ଼ ଟେକି ଭାସିଯାଉଛି, ତାହା ଦେଖି ଆରତ ହୋଇ ରାଜାଙ୍କୁ କହିଲେ ଦେଖ ମନଷଟିଏ (୧) ନଦୀରେ ଭାସି ଯାଉଛି । ପିଲାଟିପ୍ରାଏ ଦିଶୁଛି । ମୋତେ ଏହାକୁ ଆଣିଦିଅ । ମୁଁ ଚରଣ ଧରି ମାଗୁଛି । ଏମନ୍ତ କହି ରାଜାଙ୍କ ପାଦ ଧରନ୍ତେ ଅଣଣେ ରାଜା ବାହାରକୁ ଆସି ଲୋକ ଡକାଇ ନାଉରିମାନଙ୍କୁ ଅଣାଇ ପଠାଇଲେ ।

ଏଥି ଭିତରେ ଏକ ବୋହିତଆଳ (୨) ସାଧବ ସେ ନଦୀ କୂଳେ ବୋହିତ ଖଟାଇ ରହିଥିଲା । ତା ଦୃଷ୍ଟି ବମ୍ବାଠାରେ ପଡ଼ନ୍ତେ ମକର-ଛେଦନ ନାମେ ନାଉରିକି କହିଲା ପିଲାଟିଏ ଭାସି ଯାଉଛି । ତୁ ନାଆ ପକାଇ ତାକୁ ଆଣି ମୋତେ ଦିଏ । ମୁଁ ତୋତେ ଶହେ ଟଙ୍କା ଦେବି । ଏହା ଶୁଣି ସେ ନାଉରି ବହୁତ କଷ୍ଟରେ ସେ ପିଲାକୁ ଧରିଲା । ଆଣି

(୧) ମନଷ୍ୟ—ପାଠାନ୍ତର ।
(୨) ବୋହିତୁଆଳ—ପାଠାନ୍ତର ।

ବୋହୂଡାଲ ସାଧବକୁ ଦଅନ୍ତେ ସାଧବ ସେ ପଲ୍ଲକୁ ରଖି ନାଉରକ ଶଟେହ ଟଙ୍କା ଗଣି ଦେଲା । ଅଗ୍ନି ଷ୍ଟକଷ୍ଟ କରି ବହୁତ ଯତ୍ନରେ ସେ ପିଲ୍ଲକୁ ବଞ୍ଚାଇଲା ।

ତେଣେ ମହାଜନ ମାନଦତ୍ତଙ୍କୁ ଲୋକେ କହିଲେ ତୋ ଟୋକାଟି ନଦୀରେ ପଡ଼ି ଭାସିଗଲାଣି । ଶୁଣି ମାନଦତ୍ତ ଧାଇଁ ଆସି ଦେଖନ୍ତେ ବମ୍ଭାର ସଞ୍ଚାର କିଛି ନ ଦଶିଲା । ନାବ ଘେନି ବହୁତ ଦୂରକୁ ବୋଲ ଖୋଜି ଗଲେ ଯେ କିଛି ଠଅର ନ ପାଇଲେ, ମାନଦତ୍ତ ବମ୍ଭାକୁ ନ ଦେଖିବାରୁ ବହୁତ ରୋଦନ କରି ନେଉଟି ଅଇଲା ।

ବୋହୂଡାଲ ସାଧବ ବମ୍ଭାକୁ ନେଇ ବସାରେ ରଖିଲା । ତହିଁ ଉତ୍ତାରୁଁ ଚଣ୍ଡବାହୁ ରାଜା ନାଉରମାନଙ୍କୁ କହିଲେ, ପିଲାଟିଏ ନଦୀରେ ଭାସିଯାଉଛି ତାକୁ ଯେ ଧରି ଆଣିଦେବ ସେ ପଞ୍ଚାଶ ଟଙ୍କା ପାଇବ । ଏହା ଶୁଣି ସତ୍ୱର ହୋଇ ନାଉରମାନେ ନାଆ ପକାଇ ଖୋଜୁଛନ୍ତି, ଚଣ୍ଡବାହୁ ରାଜାଙ୍କ ଛାମୁରେ ଖବର ହେଲା କି ବୋହୂଡାଲ ସାଧବ ପିଲାକୁ ଆଣିଲାଣି । ଏହା ଶୁଣି ରାଜା ଆପେ ସାଧବଠାକୁ ବଜେ କଲେ, କହିଲେ ଆମ୍ଭେ ନାଆ ପଠିଆଇ ଥିଲଇଁ, ଏଥି ଭିତରେ ସିନା ତୁମ୍ଭେ ଧରିଆଣିଲ, ସେ ପିଲାକୁ ଆମ୍ଭଙ୍କୁ ଦିଅ । ଆମ୍ଭର ରାଜ୍ୟ, ସବୁରୂପେ ତାଠାରେ ଆମ୍ଭର ବଳ ଅଛି, ଆମ୍ଭେ ଅବଶ୍ୟ ନେବୁଁ । ସାଧବ କହିଲା, ମୁଁ ନାଉରକ ଶଏ ଟଙ୍କା ଦେଇ ନଦୀରୁ ଆଣିଲି । ତୁମ୍ଭ ନାଆ ଯିବା ବେଳକୁ ସେ କୋଉଣେକେ ହୁଅ-ନ୍ତାନ । ତୁମେ କାହିଁ ଧରନ୍ତ । ମୁଁ କଦାପି ନ ଦେବି । ରାଜା ତୁମ୍ଭେ ଏଡ଼େ ଅନ୍ୟାୟ ନ କର ।

ଏମନ୍ତେ ରାଜାଙ୍କର ସାଧବର ଦ୍ୱନ୍ଦ ହୁଅନ୍ତେ ବହୁତ ଦାଗରେ ବାର୍ତ୍ତା ପ୍ରବେଶ ହେଲା । ମାନଦତ୍ତ ଶୁଣି ତା କଣାପକ୍ଷ ଘେନି ସେଠାରେ ପହଞ୍ଚିଲା, କହିଲା ଏମୋ କଣା ଲୋକ । ନଦୀରୁ ପାଣି ନେବା

ବେଳକୁ ଗୋଡ଼ ଖସିଯିବାରୁ ଭସିଥିଲା । ମୁଁ ନାଅ ଘେନି ଆସୁଁ ଆସୁଁ ତୁମ୍ଭେ ଧରିଲ । ଏବେ ମୋ ଲୋକକୁ ମୋତେ ଦିଅ, ମୁଁ ନେବି ।

ଏରୂପେ ସେ ଢଳଜଣଯାକ ବିମ୍ବାକୁ ନେବାକୁ ଯୁକ୍ତି କରୁଥାନ୍ତି, ଏଥି ଭିତରେ ଗନ୍ଧବକୁଳ ଗୋପାଳ ବିଦେଶରୁ ଘରକୁ ଆସନ୍ତେ ଦେଖିଲା ଘରେ କେହି ନାହାନ୍ତି । ସମସ୍ତେ କହିଲେ ତୋ ଭାରିଯା ପୁଅକୁ ଘେନି ଭଣ୍ଡାଇ ପଳାଇଲାଣି, ଏହି ଶୁଣି ଅତି ମନଦୁଃଖରେ ତାଙ୍କୁ ପଚ୍ଛିର ପଚ୍ଛିର ଖୋଜୁଛି, ଆସି ଦଇବଯୋଗରେ ପ୍ରବେଶ ହୋଇ ଦେଖିଲା ତା ପୁଅ ବିମ୍ବା ସାଧବ କୋଳେ ବସିଛି । ପୁତ୍ରକୁ ଦେଖି ହୃଦରେ କୋଡ ହୋଇ କହିଲା ଏ ମୋର ଏକା ପୁଅ ଗୋଟିକ, ଏତେ ବେଳକେ ପ୍ରାଣ ଆସି ପାଇଲି । ମୋ ପୁଅକୁ ଦିଅ ମୁଁ ନେବି, ଏରୂପେ ସେ ଗୋପାଳ ଗୋଳ କରି ବସିଲା ।

ବିମ୍ବଓଷ୍ଠ ଶୁକ କହୁଅଛି ହେ ଗୋସାଇଁମାନେ ଏ ବିମ୍ବା ନ୍ୟାୟରେ କାହାକୁ ପ୍ରାପତ ହେବ, ଏହା କହିବା ହେଉ । ଏମନ୍ତ ଶୁଣି ବ୍ରାହ୍ମଣ-ମାନେ ଭାବନା କରି କେ ବୋଲଇ ରାଜାର ପ୍ରାପତ, କେ ବୋଲଇ ବାବୁର, ପ୍ରାପତ, କେ କହଇ ମହାଜନର ପ୍ରାପତ, କେ କହଇ ସାଧବର ପ୍ରାପତ, ଏରୂପେ ଆନ ଆନ କରି କହନ୍ତେ ନ୍ୟାୟ ନ ଛିଡ଼ିଲା । ପର-ସ୍ପରରେ ଦ୍ୱନ୍ଦ ଉପୁଜିଲା ।

ଏହା ଶୁଣି ଶୁକ ଶାରିକା ଦୁହେଁ କହିଲେ, ହେ ଗୋସାଇଁମାନେ ଏରୂପେ ନାନାପ୍ରକାରେ କାହିଁକି ନ୍ୟାୟ କରୁଛ । ଆମ୍ଭେ ଯାହା କହୁ-ଅଛୁଁ ଶୁଣ । ଯେବେ ବିମ୍ବା ବାବୁର ପ୍ରାପତ ହେବ, ତେବେ କୁନ୍ଦରେଖା ବାପା କୁଶଳକର୍ମା ଯଉଁ ବର କରିଛି—ଗୋପକଦମ୍ବ, ବୃଥା ହେବ । ନାହିଁ, ମହାଜନ ମାନଦତ୍ତକୁ ପ୍ରାପତ ହେବ, ତେବେ ମାଅ କରିଥିବା ବର ଚନ୍ଦ୍ର ରାଶି ବ୍ରାହ୍ମଣ ବୃଥା ହେବ । ନାହିଁ, ରାଜାଙ୍କୁ ପ୍ରାପତ ହେବ,

ତେବେ ଯାଇଁ ରାଜାଙ୍କୁ କହ ସେ ଯାହାକୁ ଦେବେ ସେ ବର ହେବ । ନାହିଁ, ବୋହିତାଳ ସାଧବକୁ ପ୍ରାପତ ହେବ, ତେବେ ପୁଣ୍ଡ୍ରରୀକ ପଣ୍ଡା ବଞ୍ଚ ହେବ ।

ଏମନ୍ତେ ଶାରୀ ଶୁକ କହନ୍ତେ ବ୍ରାହ୍ମଣମାନେ ଧର୍ମସୂକ୍ଷ୍ମ ପ୍ରମାଣେ ନାନାଦି ଶାସ୍ତ୍ରମାନ ବୁଝନ୍ତେ କନ୍ୟା ବୋହିତଆଳ ସାଧବକୁ ପ୍ରାପତ ହେଲା, ଏହା ସମସ୍ତଙ୍କ ସମ୍ମତରେ କହିଲେ । ଏହା ଶୁଣି ଶୁକ ଶାରିକାଏ କହିଲେ, କାହିଁକି କନ୍ୟା ସାଧବକୁ ପ୍ରାପତ ହେଲା କି? ବ୍ରାହ୍ମଣେ କହିଲେ, ବାପ୍ପ, ମହାଜନ, ରାଜା ଏମାନେ ଥାଇ କି କଲେ ? ସାଧବ ଆଣି ନ ଥିଲେ ତ ତା ଜୀବନ ଯାଇ ଥାଆନ୍ତା । ଆଉ ଘଡ଼ିକେ ସମୁଦ୍ରରେ ପଡ଼ିଥାନ୍ତା । ସାଧବ ତା ପ୍ରାଣ ରଖିବାରୁ ନ୍ୟାୟରେ ତାକୁ ପ୍ରାପତ ହେଲା ।

ତହୁଁ ଶୁକ ଶାରିକାଏ କହିଲେ, ତେବେ କୁନ୍ଦରେଖାକୁ ପୁଣ୍ଡ୍ରରୀକ ପଣ୍ଡା ବର ପ୍ରାପତ ହେଲା । ଏ ପୁଣ୍ଡ୍ରରୀକ ପଣ୍ଡାରେ କନ୍ୟାର ଯେଉଁ ସଂବାଦ ଅଛି, ତାହା ପଚାର ଶୁଣ ।

ଶୁଣି ବ୍ରାହ୍ମଣମାନେ ପୁଣ୍ଡ୍ରରୀକ ପଣ୍ଡାକୁ ପଚାରିଲେ, ଏ କନ୍ୟାଠାରେ ତୋହର କି ନିମିତ୍ତ ଅଛି ତାହା କହ । ସେ କହିଲା, କନ୍ୟାଠାରେ ମୋର ଯଉଁ ନଠ ଅଛି, ତାହା ଏ ଶୁକ ଶାରିକା ଶୁଣି ଦେଖିଛନ୍ତି । ସେ କହନ୍ତୁ, ତାଙ୍କଠାରୁ ଶୁଣ । ବ୍ରାହ୍ମଣେ କହିଲେ, ହେ ଶୁକ ଶାରିକେ, ତୁମ୍ଭେ ଏ ପ୍ରସଙ୍ଗ କି ଜାଣିଛ ତାହା କହ । ଶୁକ ଶାରିକା ଏହା ଶୁଣି କୁନ୍ଦରେଖା କୂପରେ ପଡ଼ିବାଠାରୁ ପୁଣ୍ଡ୍ରରୀକ ପଣ୍ଡାକୁ ବରଣ କରିବା ଚରିତ ସକଳ ସମସ୍ତ କହିଲେ । ଶୁଣି ବ୍ରାହ୍ମଣମାନେ କହିଲେ, ଏ ତ କନ୍ୟା ନ୍ୟାୟପର ହେଲା । ପୁଣ୍ଡ୍ରରୀକ ପଣ୍ଡା କୁନ୍ଦରେଖାକୁ ଜୀବନ ଦାନ

ହୋଇଛୁ । କୁନ୍ଦରେଖା ଧର୍ମ ସାକ୍ଷ୍ୟରେ ତାଙ୍କୁ ବରଣ କରଅଛୁ । ପୁଣି ଆନ ପୁରୁଷ ଛୁଇଁଲେ ହୃଦୟ ଫାଟିଯିବ ଏରୂପେ ସତ୍ୟ କରଛୁ । ସ୍ୱୟଂ-ବରଣ ତ ସର୍ବ କାଳେ ପ୍ରଧାନ । ଏ ତ ଦଇବ ଆପୃଛୁ ସ୍ୱୟଂ ବରଣ ହେଲା । ଏ ସକାଶୁଁ (୧) ପୁଣ୍ଡ୍ରୀକ ପଣ୍ଡାଙ୍କୁ କୁନ୍ଦରେଖା ପ୍ରାପତ ହେଲା ।

ଏରୂପେ ନ୍ୟାୟ ଛିଡବାରୁ ସମସ୍ତେ ଶାନ୍ତ ହେଲେ । ମାଢ-ବିନୋଦ କଥା ସରିଲା ।

ଏରୂପେ ମୋହନାଙ୍ଗଠାରୁ ଶୁଣି ଚଞ୍ଚଳାକ୍ଷୀ ଅତ୍ୟନ୍ତ ଆନନ୍ଦ ହେଲା ।

---

(୧) ସ୍ୱକାଶୁଁ—ପାଠାନ୍ତର ।

ପ୍ରୀତିବିନୋଦ

ମୋହନାଙ୍କୁ ପୁଣି ଚଞ୍ଚଳାକ୍ଷୀ କହିଲା, ହେ ପ୍ରିୟତମ (୧) ପ୍ରୀତି ବିନୋଦ ବୋଲି ଯଉଁ କଥା ତାହା ତେବେ କହିବା ହେଉ। ମୋହନାଙ୍ଗ ବୋଇଲେ ହଉ, ତେବେ ପ୍ରୀତି ବିନୋଦ କଥା କହିବା, ଶୁଣ।

ଶ୍ଳୋକଃ :—

ପ୍ରୀତିଃ ସର୍ବସୁପର୍ବମୋହନକରୀ (୨) ସଲ୍ଲଗ୍ନିକା ସା ଯଦି
ସା ସ୍ୟାନ୍ନୀଚଗତା (୩) ତ୍ୱମଙ୍ଗଳକରୀ ଦୁଷ୍ଟାନ୍ୱିତା ଦୁଃଖଦା
କଷ୍ଟାତ୍ କଷ୍ଟତରପ୍ରଦେହଣଠଗା ଧୀରୈଶ୍ଚସା ମଙ୍ଗଳା
ତସ୍ମାତ୍ ପ୍ରୀତିମମଙ୍ଗଳାଂ ବିଦଧତେ ନ ସ୍ୱେଷୁ ଲୋକେଷୁ ଚ।

କଥା :—

ପ୍ରୀତି ଯେ ସେ ଏକା ପ୍ରକାର ନୁହଇ। ତେବେ କେତେ ପ୍ରକାର କି? ନାଁ, ଶଠପ୍ରୀତି, ଦୁଷ୍ଟପ୍ରୀତି, ନୀଚପ୍ରୀତି, କାର୍ଯିଘେନା ପ୍ରୀତି, ପ୍ରବଳ ଶଠପ୍ରୀତି, ଅଭେଦପ୍ରୀତି, ପରସ୍ପରପ୍ରୀତି, ନିଜ-ସୁଖପ୍ରୀତି, ଏରୂପେ ବହୁତ ପ୍ରକାର ଅଛି, ତହିଁକି ଚଞ୍ଚଳାକ୍ଷୀ କହିଲା, ଶଠପ୍ରୀତି କେମନ୍ତ କି? ମୋହନାଙ୍ଗ କହିଲେ :—

ଶଠପ୍ରୀତି

ସେ ଯେ କର୍ମପୁର ନାମେ ଏକ ବ୍ରାହ୍ମଣ ଜଣେ ଥିଲେ। ସେ ବ୍ରାହ୍ମଣ ଗଙ୍ଗାସ୍ନାନ କରିବାକୁ ବାହାରିଲେ। ଘରଠାରୁ ଦୁଇକ୍ରୋଶ ବସା ଗଲାଉତ୍ତାରୁ ଏକ ଦିନକରେ ନାପିତ ଜଣେ ସେ ବ୍ରାହ୍ମଣଙ୍କୁ ଦେଖି କିଛି ଦୂରଯାଏ ତାଙ୍କ ସଙ୍ଗେ ଗମନ କରନ୍ତେ ଅନୁମାନ କଲା ବ୍ରାହ୍ମଣଠାରେ

(୧) ପ୍ରିୟତମ—ପାଠାନ୍ତର।
(୨) ବିପଦ୍ଧ୍ୱନକରୀ—ପାଠାନ୍ତର।
(୩) ସା ସାମାନ୍ୟଗତା—ପାଠାନ୍ତର।

ଧନ ଅଛି । ଏ ଧନ ଏହାଠାରୁ କିରୂପେ ନେବି ଏମନ୍ତ ବିଚାରି ସେ ବ୍ରାହ୍ମଣ ପଛେ ପଛେ ଯାଉଥାଇ । ଦୁଇଚାରି କୋଶ ସଙ୍ଗ ହୁଅନ୍ତେ କର୍ମପୂର ପଚାରିଲେ ଆରେ ବାପୁ, ତୁ କି କୁଳରେ ଜନ୍ମ ? ତୋ ଘର କେଉଁଠାରେ ତୋ ନାମ କି ? କେଣିକି ଯିବୁ ତାହା କହ । ନାପିତ କହିଲା, ମୁଁ ଜାତିରେ ଗୋପାଳପୁତ୍ର, ମୋ ଘର ମଧବା ଦେଶରେ, ମୋ ନାମ ମନ-ମନୁଆଁ, ଗଙ୍ଗାସ୍ନାନ କରିବାକୁ ଆସିଛି । ଯେବେ ଉତ୍ତମ ସଙ୍ଗ ମିଳନ୍ତା ତେବେ ତା' ସଙ୍ଗେ ଯାଆନ୍ତି । ଗୋସାଇଁ କେଣିକି ବିଜେ କରୁଛ ? ସେ ବୋଇଲେ, ଅମ୍ଭେ ଗଙ୍ଗାସ୍ନାନ କରିବାକୁ ବାହାରିଛୁଁ । ନାପିତ କହିଲା, ମୋର ପୂର୍ବଭାଗ୍ୟ ଦଶିଲା । ଗୋସାଇଁଙ୍କ ଚରଣେ ସେବା କରି-ଥିବି । ଆପଣଙ୍କ ସଙ୍ଗେ ଗଙ୍ଗାସ୍ନାନ କରିବି । କର୍ମପୂର କହିଲେ, ତୋ ଆମ୍ଭ ତ ପରଚେ ନାହିଁ, କିରୂପେ ସଙ୍ଗେ ନେବୁଁ । ଅଗିଆଡ ଲୋକ ସଙ୍ଗେ ରଖିଲେ କାଳେ ବିଡ଼ମ୍ବଣ ହୁଅଇ ।

ଅଜାଣ ଲୋକ ସଙ୍ଗ — ପ୍ରଭାତରବିରଙ୍ଗ,
ଭୋଖ ଆତୁର ବ୍ରତ — ଲୋଭୀ ସାମନ୍ତ ସତ,
ମୂର୍ଖ ନାୟକ ଗୀତ — ଆମ୍ବବାଉଁଆ ନାଟ,
କୃପଣଜନ ଭୋଗ — ମୁଣ୍ଡବୋହିଆ ପାଗ,
ସଦା ଋଣିଆ ଗୃହ — ନଈକୂଳିଆ ବାସ,
ଅମଲଖିଆ ମନ — ପାପଅର୍ଜିତ ଧନ,
ବିଧବା ନାରୀ ବେଶ — ଦାନ୍ତୁରୀମୁଖୀ ହାସ,
ବୃଦ୍ଧନାୟକ ବାଳା — ଦରିଦ୍ରପୁଅ ଲୀଳା,
କ୍ଷୀଣ ସେବକ କୋପ — ପୁରୁଣା ଗୁଣ ଗୃପ,
ସିଂହ ଦୁଆର ତେଲି — ଗୁହାଳ ପାଖ ବଲ୍ଲୀ,
କଉଡ଼ିଦିଆ ରତି — କପଟୀ ମିତ୍ର ପ୍ରୀତି,

ବାଟଚଢ଼ାଇବସା,
ଯେତେ କଥା କହୁଲରେ ମନମନୁଆଁ
ଏ ବେଳ ବେଳକୁ ହୋଏ ଲୋକହସା ।

ଏହା ଶୁଣି ନାପିତ କହୁଲା ହେ ଗୋସାଇଁ ଯାହାକୁ ଯଉଁ ଯୋଗ ଥାଏ, ସେ ଅବଶ୍ୟ ହୁଅଇ । ହୃତ ହେଲେ ପରଲୋକ ଆପଣାରେ, ଅହୃତ ହେଲେ ଆପଣା ଲୋକ ପର । ଅମୃତ ସମାନ ଆହାର ଖାଇ, ସେ ଅପାକ ହେଲେ ପେଟରେ ଥାଇ ପ୍ରାଣ ନଅଇ । ଦେହରେ ବ୍ୟାଧି ହେଲେ ଶଏ କୋଶ ଅରଣ୍ୟରୁ ତାଲମ୍ବଲକା ଆଣି ଖାଇଲା ବେଳେ ପିତ୍ତ କଷା ଲାଗୁଥାଇ । ବେଳକୁ ପ୍ରାଣଦାନ ଦଅଇ । ବଧାତା ସୁମୁଖ ହେଲାବେଳେ ମନେ ନ ଥିଲା ସୁଖ ମିଳଇ । ସେ ବାମ ହେଲାବେଳେ ଅଚଳାଚଳ ସମ୍ପତ୍ତି ନାଶଯାଇ । ମୁଁ ପ୍ରସଙ୍ଗଟିଏ କହୁବ ତେବେ ଶୁଣିବା ହୋଉ ।

ସେ ଯେ ହେମକାଞ୍ଚନ ନାମେ ଏକ ନଗର ଅଛୁ । ସେ ନଗର ରାଜା ନାମ ବୀରଭୁଙ୍ଗ । ସେ ରାଜାଙ୍କ ଗୁରୁଗୋସାଇଁଙ୍କ ନାମ ଜ୍ୟୋତପୁଞ୍ଜ । ଏକ ଦନକରେ ସେ ରାଜଗୁରୁ ଗୋସାଇଁ ପାଲିକିରେ ବସି ବଜେ କରୁଛନ୍ତି ।

ଖଦ ପିଚ୍ଛ-ଚ୍ଚମର　　ଆଡେଣି ଛତା ପାଟର,
ବଇଷ୍ଣବ ମଣ୍ଡଳୀ　　ଭେରୀତୁରୀ ବାଂଶରୀ
ମୃଦଙ୍ଗ କରତାଳ　　ଚଉପାଶେ ଲୋକବଳ
ମଣିମା ମଣିମା ଡାକ,
ଗୋସାଇଁ ବଜେ କରନ୍ତେ ଉଚ୍ଛୁଳି ପଡୁଛୁ ଦାଣ୍ଡ ବାଟ ନଗରଯାକ ।

ଏହ ସମୟରେ ନତମ୍ବିନୀ ନାମେ ବେଶ୍ୟା ସେହ ରାଜାଙ୍କ ଛାମୁକୁ ଯାଉଥିଲା । ତା' ପଛେ ଖବରୂପ ନାମେ ଏକଜଣେ ମର୍ଦ୍ଦଳ ଘେନ

ଯାଉଛ, କୋଢପୁଞ୍ଜ ଗୋସାଇଁଙ୍କି ସେ ବେଶ୍ୟା ଦେଖି ସଲଜ୍ଜ ହୋଇ ଦଣ୍ଡବତ କରି ଅଡ଼ହୋଇ ରହିଲା । ଖର୍ବରୂପ ମାଦଳିଆକୁ ଗୋସାଇଁ ଦେଖି ମନେ ବଡ ଉପହାସ କଲେ । ବିଚାରିଲେ, ଏହା ଜନ୍ମରୁଁ କି କାର୍ଯ୍ୟ, ଦାସୀ ପଛେ ଗୋଡ଼ାଉଛ, ଏହା ଜନ୍ମ ଥିକ । ଆମ୍ଭମାନଙ୍କ ଜନ୍ମ ବଡ ସୁଫଳ । ଏଡ଼େ ବଡ଼ ସମ୍ପଦ ଭୁଞ୍ଜୁଛୁଇଁ । ଏରୂପେ ମନେ ଗର୍ବ କଲେ । ଖର୍ବରୂପ ଦଣ୍ଡବତ କରନ୍ତେ ତାକୁ କଲ୍ୟାଣ ନ କରି କହିଲେ, ତୁମ୍ଭ ଠାକୁରାଣୀ ଚଳଣେ ଯାଉଛନ୍ତି ଯାଇଁ ତାଙ୍କ ଚରଣେ ସେବା କର । ଏହା ଶୁଣି ଖର୍ବରୂପ ମନରେ ବଡ଼ ଆକୁଳ ହୋଇ ଖେଦନ କଲା । ବିଚାରିଲା, ମୁଁ ବଡ଼ ପାପୀ । ଦାସୀଦାସ ହେଲାକୁ ସିନା ମୋତେ ଏଡ଼େ ଉପହାସ କଲେ । ହେ ମହାପ୍ରଭୁ, ମୋ ଅଦୃଷ୍ଟରେ ଏହା ଲେଖିଥିଲ, ଏମନ୍ତେ ବଡ଼ ଆରତରେ ଈଶ୍ୱରଙ୍କୁ ଚିନ୍ତା କଲା । ପ୍ରଭୁ ତ ଗର୍ବଗଞ୍ଜନ, ଆରତ-ତ୍ରାଣ । କ୍ରୋଧପୁଞ୍ଜ ଗର୍ବ, ଖର୍ବରୂପ ଆର୍ତ୍ତି ଏ ଦୁଇ କଥା ସହି ନ ପାରି ଆଜ୍ଞା ଦେଲେ ଦୁହେଁ ଦୁହିଙ୍କ ପରି ହୁଅ । ଏମନ୍ତେ ରାଜଗୁରୁ ଗୋସାଇଁ ମଠକୁ ଗଲେ । ଖର୍ବରୂପର ଏ ଚିନ୍ତା ହୁଅନ୍ତେ ବେଶ୍ୟା ସଙ୍ଗେ ଗୋ-ଡ଼ାଇ ଯାଇ ନ ପାରିବାରୁ ସେ ବେଶ୍ୟା ତାକୁ ବହୁତ ଗାଳି ଦେଲା । ତା' ଗାଳି ଶୁଣି ଖର୍ବରୂପ ଧାଇଁ ଯାଆନ୍ତେ ବାଟରେ ଝୁଣ୍ଟି ପଡ଼ିବାରୁ ମର୍ଦ୍ଦଳ ଭାଜିଗଲା । ନଡମ୍ଭିନୀ ମର୍ଦ୍ଦଳ ଭାଜିବାରୁ ବିମୁଖ ହୋଇ ନବରକୁ ନ ଯାଇଁ ଘରକୁ ନେଉଟି ଆସି ଖର୍ବରୂପକୁ ବନ୍ଧାଇ ଅନେକ ମାଡ଼ ମରାଇ କନା ଖଣ୍ଡେ ପିନ୍ଧାଇ ବାହାର କରିଦେଲା, ଖର୍ବରୂପ ସେ ରାଜ୍ୟରେ କାହାରି ମୁଖ ଚାହିଁ ନ ପାରି ଯାଇଁ ଆରଣ୍ୟ ଭିତରେ ପଶିଲା । ଏରୂପେ ଦିନ-ଦିନ ଦିନ ରାତ୍ରି ଗଲା, ଭୋକରେ ପେଟ ପୋଡ଼ି ଯାଉଛୁ । ପାଣି ମାତ୍ରକ ଦେଖିଲେ ପିଅଇ, ଏହିରୂପେ ଯାଇଁ ଯାଇଁ ରାସରଙ୍ଗ ନାମେ ଏକ ନଗର, ସେ ନଗର ପାଶେ ଶ୍ମଶାନ ପଦାଠାକେ ସନ୍ଧ୍ୟା ସମୟରେ ପ୍ରବେଶ

ହେଲା । ସେଦିନ ସେଠାରେ ଏକ ମୃତୁ ମନିଷଙ୍କୁ (୧) ଦହନ କରି ଯାଇଛନ୍ତି ଯେ ସେ ମଡ଼ାଭାତ ଅଟିକା ଗୋଟାକେ ଅଛି । ନିଆଁ ଜଳୁଛି । ଖର୍ବରୂପ କ୍ଷୁଧାରେ ଅଚେତନ ହୋଇଥିବାରୁ ସେ ଭାତ ଖାଇ ମଡ଼ାନିଆଁ ପୁଆଁଉଛି । ଏହି ସମୟରେ ସେହି ନଗ୍ର ଗୋପାଳ ଗାଈ ଧେନ ନଗ୍ରକୁ ନେଉଛି ଅସନ୍ତେ ଖର୍ବରୂପ ଭାତଖିଆ, ନିଆଁପୁଆଁ ଦେଖିଲା । ବିଚାରିଲା ଏ ତ ମହାପୁରୁଷ ଗୋସାଇଁ । କଉଁଠାରୁ ଏଠାକୁ ବିଜେ କଲେ । ସିଦ୍ଧ ସାଧୁ ରୂପ ଏ । ଆନ ଛାର ଦେବେ କି ଏ କର୍ମ କରି ପାରିବେ? ଏମନ୍ତେ ଯାଇଁ ଗ୍ରାମରେ ବାରତା କହନ୍ତେ ତାହା ଶୁଣି ଏକ ତନ୍ତି ପେଟଟଣା ରୋଗୀ ଥିଲା ଯେ ସେ ଶ୍ମଶାନକୁ ଧାଇଁ ଯାଇ ଦେଖିଲା ନିଆଁ ପୁଆଁଉଛନ୍ତି, ଭାତ ଖାଉଛନ୍ତି । ତନ୍ତି ଯାଇଁ ଆଗରେ ଉଭା ହୁଅନ୍ତେ ଖର୍ବରୂପ ବିଚାରୁଛି ଏବେ ଏହାକୁ କି କହିବି । ଈଶ୍ୱର ତ ତାକୁ ସୁମୁଖ ହେଲେଣି, କହିଲା, ରେ ବାବା, ପେଟ ବଡ଼ା ଦୁଖ ଦେଉଛି । ଏହା ଶୁଣି ତନ୍ତି ଭୂମିରେ ଦଣ୍ଡ ପ୍ରାଏ ହୋଇ ପଡ଼ିଲା । ବୋଇଲା ଗୋସାଇଁ, ମୋ ଦୁଃଖ ଜାଣି ଅଇଁଯା କଲ । ଏବେ ରୋଗ ଖଣ୍ଡନ କର । ଏମନ୍ତ କହି ଆନନ୍ଦରେ ଗ୍ରାମକୁ ବୋଲି ଧାଇଁ ଯାଇ ହୁରି କଲା, ମହାପୁରୁଷ ଗୋସାଇଁ ଶ୍ମଶାନ ପଦାରେ ବିଜେ କରିଛନ୍ତି । ମୋ ମନ କଥା କହିଲେ । ଏମନ୍ତେ ଗ୍ରାମଯାକରେ ଚହଳ ହୁଅନ୍ତେ କି ନାରୀ କି ପୁରୁଷ ସମସ୍ତେ ଦରଶନ କରିବାକୁ ବାହାରିଲେ । ବନ୍ଧ୍ୟାନାରୀ ଦୁଇ-ଗୋଟା ନଡ଼ିଆମାନ ଧେନି ଆଗରେ ଯାଇଁ ଦେଖିଲେ ଭାତ ଖାଉ-ଛନ୍ତି, ନିଆଁ ପୁଆଁଉଛନ୍ତି । ନଡ଼ିଆ ରଖି ଦଣ୍ଡବତ କରନ୍ତେ, ସେ କହିଲେ, 'ରେ ମାତା, ଉଦର କେ ବାଡ଼୍ ମୁଁ ଦଓଡ଼ତ୍' । ଏହା ଶୁଣି ସେ ସ୍ତ୍ରୀ ଦୁହେଁ ବଡ଼ ଆଶ୍ଚର୍ଯ୍ୟ ହେଲେ । ବୋଇଲେ, ଗୋସାଇଁ ଏ

(୧) ମନିଷ୍ୟ, ମନସ୍ୟ—ପାଠାନ୍ତର ।

ଯେଣ୍ଟ କଷଣ ଭିଲ କର । ମନ୍ତ୍ରୀପୁଅର ଘୋଡ଼ା ଦେହ ବେଦନା ହୋଇଥିଲା ଯେ ସେ ମୁଦା ଯେନ ଯାଉଁଲା । ଖଙ୍ଗରୂପକୁ ଦର୍ଶନ କରି କହିଲା, ଗୋସାଇଁ ମୁଁ କି କାର୍ଯ୍ୟରେ ଆଇଲି ତାହା ଅଜ୍ଞା ହୋଉ । ଖଙ୍ଗରୂପ ବିଚାରିଲା, ଏଥର ନଷ୍ଟେଁ ଭ୍ରଷ୍ଟ ହୋଇଗଲି । ଏମନ୍ତ ଅର୍ଦ୍ଧ-ମନରେ କହିଲା, 'ଅବ ସଙ୍କଟ ଜାନକୀ ରମୋ ହରେ' । ଏହା ଶୁଣି ମନ୍ତ୍ରୀ-ପୁଅ ବିଚାରିଲା, ଏ ସାକ୍ଷାତ ଈଶ୍ୱର ସ୍ୱରୂପୀ ! ଏମନ୍ତ ବିଚାରି ଦଣ୍ଡ ପ୍ରଣାମ କରି ପୂଜା ସାମଗ୍ରୀମାନ ଅଣିଦେଲା । ସାଧବ ମୁକ୍ତାହାର ଗୋଟିଏ ଗୁପ୍ତ କରି ମୁଦା ଯେନ ଯାଇଁ ଦେଖିଲା, ନାଆଁ ପୁଆଁଉଛନ୍ତି, ଶଅ ଶଅ ଲୋକ ପାଏ ପଡ଼ି ଗୋଇ ଜଣାଉଛନ୍ତି । ଏ ସମୟରେ ସାଧବ ଯାଇଁ ବୋଇଲା, ଗୋସାଇଁ ମୁଁ କି ଆଣିଛି ଅଜ୍ଞା କର । ଖଙ୍ଗରୂପ ଭୟରେ କହିଲା, 'ଅବ ତୁମାରୀ ଚହିଁ ହାରୀ' । ଏହା ଶୁଣି ସାଧବ ବହୁତ ଦଣ୍ଡ ପ୍ରଣାମ କରି ବିଚାରିଲା, ଏ ପୃଥୀରେ ଅମି ଭାଗ୍ୟ ପ୍ରବେଶ ହେଲା । ମହାମହିମ ଯତି ମିଳିଲେ । ସାଧବ ଗୋସାଇଁଙ୍କ ବହୁତ ପୂଜା କରି ଯାଇଁ ରାଜାଙ୍କ ଛାମୁରେ କହିଲା ।

ଏଥି ଭିତରେ ଦୁଇ ଚାରିଦିନ ଗଲା । ଗୋସାଇଁଙ୍କ ଦେଖିବାକୁ ଅନେକ ଦେଶରୁ ଲୋକ ଆଇଲେ । ନାନା ସାମଗ୍ରୀମାନ ଭେଟିଲେ ।

କେ ରୋସାଇର ଗୁଲ, କେ ଫଳମୂଳ,
କେ ଜଳପାନ ଆଣଇ, କେ ଭାଙ୍ଗ ତମାଖୁ ଦେଇ
କେ ଚନ୍ଦନ ଚୂଆ କର୍ପୂର, କେ କନକ କଡ଼ା ନୂପୁର,
କେ ପୋହଳା ମୋତି ମାଳୀ କେ କଟିକ ରୂପା ଶିକୁଳି,
କେ ତାମ୍ବୂଲ ବଡ଼ିଆ ବଟା, କେ ଦିବ୍ୟ କୁସୁମ୍ବା ଘୋଟା,
କେ ମୋହନା ଗଞ୍ଜା ଖଟଇ, କେ ତମାଙ୍କୁ ବଡ଼ା ଭେଟଇ,
କେ ପାଚିଲା ପାନ ଶଏ, କେ ଲବଙ୍ଗ ମରିଚ ପାଏ,

କେ ଖଇର ଗୁଆ ନେଲା, କେ କଲା ଭଉଜା ଦେଲା,
କେ ସର ଲବଣୀ ଦହି, କେ ପୁଣି କାକରା ଖଇ,
କେ କମ୍ବଳ ନେଇ ଶାଲ କେ ସହନ ମଲ ମଲ,
କୁଣୀ କାମଲୀ କେଖା ବାଉଲୀ, କଣା କୁବୁଜା ଘେଙ୍ଗା ବମଙ୍କା,
ପଙ୍ଗୁ ଗୋଦରୀ ପେଟ ବେଦରୀ, ଏକୁଆଗାଳ ପିତ୍ତ ପାଣ୍ଡୋଳ,
ଆଖିଁ ରୁ ଛଟା ପେଟ ଚକଟା, ଝିଟପୁରୁଷା କମଳଖଶା,
ଦନ୍ତକଟି କାନ କୁଣ୍ଠର ଜଳଙ୍କା କାଶୀ ଚେଙ୍ଗୀ,
ବାଙ୍କ ମଡ଼ୁଛ ପିନାସ ନାକଚେପଟୀ,
ଧାଇଁଲେ ଶଅ ଶଅ ଧକାଇ ସର୍ପ ସର୍ପ,
ପଡ଼ି ଉଠି ଧାମନ୍ତି, ଚଳକୁ ନ ଚହାନ୍ତି,
କେ ବୋଲଇ ଲୋ ମାଆ, ମୋ ହାଥ ଧରଥାଅ,
କେ ବୋଲଇ ଦୁଲଣା, ହୋଉଛି ଲୋ ବଣା,
କେ ବୋଲଇ ବର, ଦେଖି ନ ପାରେ ମୋର,
କେ ବୋଲଇ ଚାଲ, ତାହାର ଏହି ହାଲ,
ଏମନ୍ତରେ ଯାଇଁ, ଭେଟନ୍ତେ ଗୋସାଇଁ,
କେହି କେହି ଦୁଃଖ ଜଣାନ୍ତି ଗୁଆ ନଡ଼ିଆମାନ ଥୋଇ,
ତାଟକା ହେଉଛି ଖଟଖୁଅ ଚାହିଁ ବତ୍ସର କଲା ଏ କସ,
କେମନ୍ତେ ଏଠି ପାର ହୋଇ ପଶିବା ଗହନ କାନନ ଦେଶ ।

ଏମନ୍ତେ ରାଜା ବୀରମଣ୍ଡନଙ୍କ ଛାମୁରେ ଯାଇଁ ଏ ବାର୍ତ୍ତା ମିଳନ୍ତେ ରାଜା ଆଜ୍ଞା କଲେ, ଆମ୍ଭେ ମହାପୁରୁଷଙ୍କୁ ଦର୍ଶନ କରିବା । ଶ୍ରୀପାଳଙ୍କୁ ନେଇ ଗୋସାଇଁଙ୍କ ପାଖେ ଆସ ।

ଏରୂପେ କର୍ପୂରଙ୍କ ଆଗେ ମନ ମନୁଆ କହୁଅଛୁ, ଆହେ ଗୋସାଇଁ, ଏବେ ଶୁଣ ।

ସେ ବୀରମଣ୍ଡନ ରାଜାଙ୍କୁ ମାରି ତାଙ୍କ ଭାଇଙ୍କି ରାଜା କରିବାକୁ ସେ ରାଜ୍ୟ ଲୋକେ ମେଳ କରିଥାଆନ୍ତି । ସମର୍ଥ ନ ପାଇବାରୁ ମାରି ନ ପାରନ୍ତି । ସେହି ଦିନ ସେ ମେଳଆଏ ବିଚାରିଲେ ଆଜ ନ ମାଇଲେ ଗୋସାଇଁ ତ ସର୍ବଜ୍ଞ୍ୟ, ନିକି ଅମ୍ଭ ମେଳ କଥା କହିଦେଇ ଯାଏ । ଏମନ୍ତ ଭାଳି ସମସ୍ତ ଲୋକେ ସେଦିନ ରାଜାଙ୍କୁ ମାରିବାକୁ ନଅରଠାରେ ଜଗି- ରହିଛନ୍ତି । ଏମନ୍ତେ ସନ୍ଧ୍ୟା ସମୟରେ ପାଲିଙ୍କି ଘେନି ମନ୍ତ୍ରୀ ଯାଇଁ ଗୋସାଇଁଙ୍କି କହିଲା, ରାଜା ଦରଶନ କରିବେ ପାଲିଙ୍କିରେ ବିଜେ କରି, ନବରଠାକୁ ଯିବା । ଏହା ଶୁଣି ଖର୍ବରୂପ ବିଚାରିଲା ଅସି ମରଣକାଳ ନିକଟ ହେଲା, ଏବେ କି ବୁଦ୍ଧି କରିବି । ଭଲା ଦେଖିଯିବା, କି ହୋଉଛି ହୋଉ । ଏମନ୍ତ ବିଚାରି ପାଲିଙ୍କିରେ ବସି ନବରଠାକୁ ଗଲା ।

ମଶାଲ ଆଲୋକ ଶଅ ଶଅ ଲୋକ,
ସଙ୍ଗେ ସଙ୍ଗେ ଯାମନ୍ତି ହରିବୋଲ ଦିଅନ୍ତି,
ଏମନ୍ତରେ ଯାଇଁ
ସିଂହଦ୍ୱାରଠାରେ ମିଳିଲେ ମହାମହିମ ଗୋସାଇଁ ।

ରାଜା ପୁଣି ପାଦଗଡରେ ସିଂହଦ୍ୱାରଠାକୁ ବେଳ ପାଛୋଟି ଅଇଲେ । ସେ ରାଜାଙ୍କର ପୁତ୍ର ନ ଥିବାରୁ ପୂର୍ବରୁ ବିଚାରିଛନ୍ତି ଆମ୍ଭର ପୁତ୍ର ହୋଇବ କି ନାହିଁ ଏକଥା ଗୋସାଇଁଙ୍କଠାରୁ ଜାଣିବା । ଦିଅନେ କଥା- ଫୁଲ ଗୋଟିଏ ଗୁପ୍ତ କରି ଧରିଛନ୍ତି । ରାଜା ଗୋସାଇଁଙ୍କ ଦଣ୍ଡବତ କରି ଭିତରକୁ ନେଇ ଉତ୍ତମ ଆସନରେ ବସାଇଲେ । ରାଜାହିଁ ଆସ- ନରେ ବିଜେ କଲେ । ଦିଅନେ ମୁଦା ଘେନି ବସି ଗୋସାଇଁଙ୍କି ଚାହିଁଛନ୍ତି । ସେ, ଯଉଁ ମେଳଆମାନେ ସେ କାତର ହୋଇ ଦୀପ ଲିଭାଇ ଅନ୍ଧାରରେ ବସି ବିଚାରୁଛନ୍ତି ଗୋସାଇଁ ନିକି ଆମ୍ଭ ମେଳ କହି ଦେଇ- ଥାଇ । ଏମନ୍ତ ଭାଳି ତହିଁରୁ ଦୁଇଜଣ ଅସି ସଭାରେ ଠିଆହୋଇ ବୁଝ-

ଛନ୍ତି । ଏଥିଉତ୍ତାରୁ ରାଜା ଦଆନ ଉଠି ଠିଆହୋଇ ହାଥଯୋଡ଼ି ଜଣାଇଲେ 'ମହାରାଜ, କୃଷ୍ଣ ହୁକୁମ କରେ, କଧ୍ ଚର ସେ ଦଲ୍ ଖାଉର-ନଣୀ ହୋଗ' । ଏହା ଶୁଣି ଖବରୂପ ଉପୃରେ ରାଜାଙ୍କ ମୁହଁକୁ ନ ଗ୍ରହି ମନରେ ଧର୍ମଚନ୍ତା କର ମେଲଥାଏ ଥିବା ଦଗକୁ ଅନାଇ କହଲ, 'ରାଜାକୁମାର ଇଚ୍ଛା ତୁମ୍ହାର, ଦଆନହିଁ ଯହିଁ କଥା ବଚ୍ରର ।' ଏତା ଶୁଣି ରାଜା ଦଆନ ପାଏ ପଡି ଶୁଅନ୍ତେ ସେ ମେଲଥା ଦୁଇଜଣ ଭପୃରେ ଥରଥର ହୋଇ ରାଜାଙ୍କୁ କହଲେ, 'ଭୋ ମହାରାଜା, ଆମ୍ଭେ ଦୁଇଜଣ ଏକା ଏ ବଚ୍ରରରେ ନାହୁଁ । ଗୋସାଇଁ ତ ଅଗ୍ୟା କଲେଣି ଆଉମାନେ ତେଜଣ ବସିଛନ୍ତି ତାଙ୍କୁ ଧରାଇ ଆଣ । ଗୋସାଇଁଙ୍କ ଧର୍ମ ଗୋସାଇଁଙ୍କ ବଞ୍ଚାଇଲା, ଆମ୍ଭେ ମେଲକର ମାର ଗଲୁ ।' ରାଜା ଏହା ଶୁଣି ଚକତ ହୋଇ ତାଙ୍କ କଥା ବୁଝି ଆଉମାନଙ୍କୁ ଆଣି ଧରାଇ ରଖିଲେ । ଆରଦନ ପୁଣି ଉତ୍ତମରୂପେ ବୁଝି ସମସ୍ତ ମେଲଥାଙ୍କୁ ଦଣ୍ଡ ଦେଲେ । ଖବରୂପ ଗୋସାଇଁଙ୍କଠାରେ ଈଶ୍ୱର ସମାନ ବୁଦ୍ଧି ରଖି ଆପଣେ ରାଜା ତାଙ୍କଠାରୁ ମନ୍ତ୍ର ଘେନ ରାଜଗୁରୁ କଲେ । ରାଜଗୁରୁ ହୋଇ ଉତ୍ତାରୁଁ କଉଁ ସମ୍ପତ୍ତି କୁହଇ କ ? ଏରୂପେ ଖବରୂପ ନଶ୍ଚନ୍ତ ହୋଇ ରହ ଭୋଗ କଲ । ସଂସାର ଯାକରେ ମହାପୁରୁଷ ଗୋସାଇଁ ରାଜଗୁରୁ ହେଲେ ବୋଲ ନାମ ଖ୍ୟାତ ହେଲ । ଈଶ୍ୱର ଦୟା କଲେ ଏମନ୍ତ ହୋଏ ।

ମନମକୁଆ କହୁଛ, ଆହେ ଗୋସାଇଁ, ଏବେ ଶୁଣିମା ହୋଉ ।

ଏଥିଭତରେ ତେଜଣ ଜ୍ୟୋତପୁଞ୍ଜ ରାଜଗୁରୁ ଗୋସାଇଁଙ୍କ ଗର୍ବ ଭାଙ୍ଗିବାକୁ ତ ଈଶ୍ୱର ଅଗ୍ୟା ହେଲଣି । ଏକଦନକରେ ବୀରଭୁଙ୍ଗ ରାଜା ତାଙ୍କ ରାଣୀଙ୍କ ଘେନ ବହିଅଛନ୍ତି, ଏ ସମୟରେ ରାଜଗୁରୁ କଲ୍ୟାଣ କରବାକୁ ଗଲେ । ଗୋସାଇଁଙ୍କ ରାଜା ରାଣୀ ଦୁହେଁ ଆସନରୁ ଉଠି ନମସ୍କାର କରନ୍ତେ ରାଣୀଙ୍କ ସ୍ତନ ପ୍ରଦେଶରେ ଗୋସାଇଁଙ୍କ ଦୃଷ୍ଟି ପଡ଼ିଲ ।

ତାଙ୍କୁ ତ ଦଇବ ବାମ ହେଲାଣି, କଲ୍ୟାଣ କି କରିବେ କି, ରାଣୀଙ୍କ ଶୋକରେ ମୋହିତ ହୋଇ ବୋଇଲେ ।

ଏ ଯାଉଁ କୁଚ ଯୁଗଳ   କଟରେ ଧରି ଯେବେ କରନ୍ତି କୋଳ
ସ୍ୱର୍ଗକୁ ମଣନ୍ତି ଛଳ, ମୋ ଧନରେ ।

ଏ ପଦକ ବୋଲି ଦେଲେ, ଏ ସମୟରେ ଚେତା ହେଲା । ରାଜା ଚାଟକା ହୋଇ ଗୃହଁ ଛନ୍ତି, ରାଣୀ ପୁର ଭିତରକୁ ପଳାଇଲେ । ରାଜାହିଁ କିଛି ନ କହି ପିଟିକରି ବାହାରି ଗଲେ । ଗୋସାଇଁ ବଡ଼ ଭୟରେ ସେଠାରୁ ବାହାରି ଆସି ପାଲିଙ୍କିରେ ଚଢ଼ି ମଠକୁ ନ ଯାଇ ପୁରୁଷୋତ୍ତମ ଯିବି ବୋଲି ବାହାରି ଗଲେ, ଏକଥା ରାଜା ରାଣୀ ଗୋସାଇଁ ମାଏ ଜାଣନ୍ତି, ଆଉ କେହି ନ ଜାଣନ୍ତି, ପୁରୁଷୋତ୍ତମ ଯିବା ଶୁଣି ମଠରେ ଥିବା ବଇଷ୍ଣବମାନେ ସକଳ ସାମଗ୍ରୀମାନ ଘେନି ଗୋସାଇଁଙ୍କ ସଙ୍ଗେ ଗଲେ । ସେ ରାଜ୍ୟ ପାରହୋଇ ରାଏରଙ୍ଗ ରାଜ୍ୟ ସୀମାରେ ଦେଖିଲେ ଦିବ୍ୟ ପୁଷ୍କରଣୀଏ ଅଛି, ସେଠାରେ ଜ୍ୟୋତିପୁଞ୍ଜ ସ୍ନାନ ନିତ୍ୟକର୍ମ କଲେ । ସଙ୍ଗ ବଇଷ୍ଣବମାନେ ଆପଣା ଖିଆପିଆ ଚରଣ୍ଟରେ ଲାଗିଛନ୍ତି, ଗୋସାଇଁ ଅଲଗା ହୋଇ ବସି ପୂଜା କରୁଛନ୍ତି । ଏ ସମୟରେ ଚାରୁରୂପ ନାମେ ଏକ ଶୁଣ୍ଡୀ ସେ ଆସି ସେହିଠାରେ ସ୍ନାନ କରି ଗୋସାଇଁଙ୍କ ପାଖକୁ ଯାଇ ଦଣ୍ଡବତ କରନ୍ତେ ଜ୍ୟୋତିପୁଞ୍ଜ ପଚାରିଲେ ରେ ବାବୁ, ତୁ କି ଜାତି ଅଟୁ ? ଚାରୁରୂପ କହିଲା ମୁଁ ଦାରୁନିର୍ମାଣକାରୀ । ଗୋସାଇଁ କହିଲେ, ଉତ୍ତମରୂପେ ନିର୍ମାଣ କରିପାରୁ ଟିକି । ଚାରୁରୂପ କହିଲା, ସୁରବଳି ଭାଗମାନ ଯେମନ୍ତ ଘଟଣା ହୁଅଇ ସେ କି ଆମ୍ଭଙ୍କୁ ଅଗୋଚର ? ମୂଳଗ୍ରାହକ ଦେଖି ଅନୁରୂପ (୧) କରି ନିର୍ମାଣ କରିଦେଇଁ । ଗୋସାଇଁ

(୧) ଅନୁରୂପ—ପାଠାନ୍ତର ।

କୋଇଲେ, ଆମ୍ଭେ ସେବା କରିବା, ଉତ୍ତମରୂପେ କରିଦେବ କି ? ଶ୍ରୀରୂପ କହିଲା, ଏ ଗୋସାଇଁ ବୈଷ୍ଣବ, ଏହାଙ୍କର ଏ ଉପାସନା ମାର୍ଗ ଅଛି । ଏମନ୍ତ କହିବ କହିଲା, ତେବେ ସନ୍ଧ୍ୟାବେଳେ ଘେନି ଆସିବ । ଏହା କହି ଘରକୁ ଗଲା, ସନ୍ଧ୍ୟା ପ୍ରବେଶ ହୁଅନ୍ତେ ଉତ୍ତମ କୁମ୍ଭ ଗୋଟିକେ ବାଲୁ ପୂରାଇ ଛୀନବସନ ଗୋଟିକେ ବାନ୍ଧି ଗୋସାଇଁଙ୍କଠାକୁ ଘେନି ଅଇଲା । ଗୋସାଇଁ ଦେଖି କହିଲେ ଆଣିଛି କି ? ଶ୍ରୀରୂପ କହିଲା, ଆଜ୍ଞା ପ୍ରମାଣେ ଆଣିଛି, ଗୋସାଇଁ କହିଲେ, ତେବେ ଏଠାକୁ ଆଣ । ଏରୂପେ ଶ୍ରୀରୂପ ସେ କୁମ୍ଭ ନେଇ ଗୋସାଇଁଙ୍କ ପାଲିଙ୍କିରେ ଥୋଇଦେଲେ । ଗୋସାଇଁ ତାହା ଧରି ଫିଟାଇ ଦେଖିଲେ ଯେ ମଦ୍ୟ କୁମ୍ଭେ ପୂରିଛି । ଦୁର୍ଗନ୍ଧରେ ନାକ ଫାଟିଗଲା. ବୋଇଲେ ରେ ଚଣ୍ଡାଳ, ମୋତେ ପଢିତ କଲୁ ? ଏମନ୍ତ କହି ତା ଉପରକୁ କୁମ୍ଭ ଫିଙ୍ଗି ଦିଅନ୍ତେ ଶ୍ରୀରୂପ ଉପରେ ତାହା ବାଜି ଭାଙ୍ଗିଯିବାରୁ ଖପରା ଗଳିଯାଇ ରୁଧିର ବହିପଡିଲା । 'ବଇଷ୍ଣବ ମୋତେ ମାରି ପକାଇଲା ହୋ' ଏମନ୍ତ ବୋଲି ଡକା ପକାନ୍ତେ ସେ ଗ୍ରାମ ଲୋକମାନେ ଶୁଣି ଧାଇଁ ଅଇଲେ, ଶ୍ରୀରୂପ କହିଲା, ଆହେ ଏ ବଇଷ୍ଣବ ମୋତେ ମଦ ମାଗିଲା, ମୁଁ ଆଣିଦେଲି, ଏବେ ଦେଖା ବିନା ଦୋଷରେ ମୋତେ ମାରିପକାଇଲା । ଏ ହୁରି ଶୁଣି ସେ ନଗରରେ ଥିବା ସମସ୍ତ ଲୋକେ ରୁଣ୍ଡହୋଇ ଗୋସାଇଁଙ୍କ ଲୁଗାପଟା, କଂସା ବାସନ ସବୁ ଲୁଟ କରିନେଲେ, ମାଡ଼ ଡରେ ସଙ୍ଗ ବଇଷ୍ଣବମାନେ ଗୋଟି ଗୋଟି ହୋଇ ଏଣେତେଣେ ପଳାଇଲେ, ଗୋସାଇଁଙ୍କ ଧରି ନିଅନ୍ତେ ବାନ୍ତରେ କୁଟାଧରି ସବୁ ଛାଡ଼ି ଏକାକେ ପଳାଇଯାଇ ସେ ଗ୍ରାମ ମହାଅରଣ୍ୟ ଭିତରେ ଲୁଚି ରହିଲେ । ଆରଦିନ ବୁଲି ବୁଲି ଖର୍ବରୂପ ରାଜଗୁରୁ ହୋଇଥିବା ରାଘରଙ୍ଗ ଗଡ଼ରେ ବାହାରିଲେ, କ୍ଷୁଧାରେ ପେଟ ଜଳିଯାଉଛି, କହିଲେ ଏ ଭଜନମାଳାଟି ନେଇ କିଏ ଖୋଷାଇ କରନ୍ତା କି ।

ଏମନ୍ତେ ସେ ନଗ୍ର ଭିତରେ ପଶନ୍ତେ ଦେଖିଲେ ଚୂନ ଘରମାନ ସୁନ୍ଦର ଦିଶୁଛି । ସେ ବେଶ୍ୟା ସାହି ବୋଲି ନ ଜାଣନ୍ତି, ସେହି ବାଟେ ଯିବାବେଳକୁ ତେଣୁ ସୁନ୍ଦର ବେଶ୍ୟା ଜଣେ ଆସୁଛି, ତାକୁ ଦେଖି ବିଚାରିଲେ, କାଲି ତ ଏ ଦଶା, ଆଜି ଏହା ପାଖେ କିଏ ଦେଖିଲେ ମାରିବ ସିନା । ଏମନ୍ତେ ଭୟରେ ପଳାଇ ଯାଇଁ ଆଉ ବେଶ୍ୟାଟାଙ୍କ ଘରେ ପଶି ଗଲାବେଳକୁ ଏ ବେଶ୍ୟା ଡାକୁଛି, ଏ ମୋରଟି, ଏ ମୋରଟି, ଏହାଙ୍କୁ କେହି ନ ରଖି ବାହାର କରିଦିଅ ଯାହା ଘରେ ପଶିଲେ ସେ ତାଙ୍କୁ ଛାଡ଼ି ନ ଦେଲା । ଏମନ୍ତେ ଦୁଇ ବେଶ୍ୟା ଯାକ କଳିଗୋଳ ହୁଅନ୍ତେ ଜ୍ୟୋତିପୁଞ୍ଜ ବିଚାରିଲେ, ଏ ଜୀବନ କାହିଁକି ଅଛି; ଏଉତ୍ତାରୁ ପୁଣି ଆଉ କଉଁ ଭୋଗ କରିବ । ଏ ତ ମୋତେ ଛାଡ଼ି ଦେବେ ନାହିଁ, ଏହା କାହାକୁ କହିବ, ଏବେ ଏହିଠାରେ ରହିବାର ମୂଳ ହେଲା । ଏମନ୍ତ ବିଚାରି ପ୍ରଥମ ବେଶ୍ୟାକୁ କହିଲେ, ମୁଁ ତ ତୁମ୍ଭଠାରେ ରହିବାକୁ ଆସିଛି, ଆଉ କଳି ନୋହି ମୋତେ ରଖ, ଏହା ଶୁଣି ସେ ପ୍ରଥମ ବେଶ୍ୟା ତାଙ୍କୁ ନେଲା, ତା ସଙ୍ଗେ ରହି ଜ୍ୟୋତିପୁଞ୍ଜ ତାଠାରେ ମାତିଲେ, ମାଦଳ ବଜାଇ ତାକୁ ନଚାଉଥାନ୍ତି ।

ଏକ ଦିନକତେ ସେ ବେଶ୍ୟା ରାଜାଙ୍କ ଛାମୁକୁ ନାଟ କରିବାକୁ ବାହାରିଲା । ଜ୍ୟୋତିପୁଞ୍ଜ ମାଦଳ ଘେନି ତା ସଙ୍ଗେ ଯାଉଛନ୍ତି । ଏ ସମୟରେ ଖଞ୍ଜରୂପ ରାଜଗୁରୁ ପାଲିଙ୍କି ଚଢ଼ି ତେଣୁ ଆସୁଥିଲେ । ବାଟରେ ସେ ବେଶ୍ୟା ଜ୍ୟୋତିପୁଞ୍ଜ ତାଙ୍କୁ ଦେଖି ଦଣ୍ଡବତ କରି ଅଲଗା ହୋଇ ରହିବା ସମଏ ଖଞ୍ଜରୂପ ଜ୍ୟୋତିପୁଞ୍ଜ ଦୁହେଁ ଦୁହିଁଙ୍କେ ଚହ୍ନେ ଜ୍ୟୋତିପୁଞ୍ଜ ଖଞ୍ଜରୂପକୁ ଉପହାସ କଲା ଦିନ କଥା ହେଜି କେହି କାହାରିକୁ କିଛି ନ କହି ଅଦୃଷ୍ଟକୁ ମାନିଲେ ।

ମନମକୁଆ କହୁଛି ଆହେ ଗେ ସାଇଁ, ଏରୂପେ ମନ ନ ଥିଲା କଥା ଈଶ୍ୱର କରନ୍ତି । ତୁମ୍ଭେ କାହିଁକି ମୋତେ ଅନ୍ତର କରୁଛ । ଏହା ଶୁଣି

କର୍ମପୂର ବିଚାରିଲେ ଏ ତ ଉତ୍ତମ ଚାଇଗୁଡ଼ିଏ କହିଲା । ଏହାର କିଛି ଗିଆନ ଅଛି । ଏମନ୍ତେ ତାଠାରେ ବିଶ୍ୱାସ କରି ସଙ୍ଗେ ନେବାର ମୂଳ କଲେ । ଦୁଇ ଗୃହବାସୀ ସଙ୍ଗ ହୋଇ ଗଲେ । କର୍ମପୂରଙ୍କୁ ମନମକୁଆ ଉତ୍ତମରୂପେ ସେବା କରିବାର ତାଠାରେ ଅନ୍ତର ନ ରଖିଲେ । ତାଙ୍କଠାରେ ଶହେ ଟଙ୍କା ଥିବାର ନାପିତ ଜାଣିଲା । ଏକଦିନ ଏକ ଗ୍ରାମରେ ରହିଲେ । ନାପିତ ସେ ଗ୍ରାମରେ ଆଉ ଏକ ଠକ ଜଣକ ସଙ୍ଗେ ପ୍ରୀତି କରି ତାକୁ କହିଲା, ଏ ବ୍ରାହ୍ମଣଠାରେ ଟଙ୍କା ଅଛି, ତୁମ୍ଭେ ଉପାୟ କଲେ କିଛି ଟଙ୍କା ବାଣ୍ଟି କରି ନିଅନ୍ତାଇଁ । ଶଠ କହିଲା, କି ଉପାୟ କରିବ ତେବେ କହ । ନାପିତ କହିଲା, କାଲି ପ୍ରଭାତରୁ ଆମ୍ଭେ ଯିବୁଁ । ତୁମ୍ଭେ ମଦ୍ୟ କୁମ୍ଭ ଗୋଟିଏ ଲୁଗାଟିକରେ ବାନ୍ଧି ବାଟରେ ଥୋଇ ଲୁଚିକରି ବସିଥିବ । ଆମ୍ଭେ ସେ ବୋଝକୁ ଘେନି ଝଟନ୍ତେ ଦୂର ଗଲା ଉତ୍ତାରୁ ଗୋଡ଼ାଇ ଯାଇଁ ଆମ୍ଭଙ୍କୁ ଧରିବ, ବୋଲିବ ମୁଁ ମଦ୍ୟ କୁମ୍ଭ ଥୋଇ ବାହାରୁକୁ ଯାଇଥିଲି, ଆରେ ବ୍ରାହ୍ମଣ ମୋ ମଦ ପିଇଲୁ । ମୋର ପୁଣି ବୋଝକରେ ଶହେ ଟଙ୍କା ଥିଲା, ତାହା ଘେନି ପଳାଇଲୁ । ଭଲା ଚାଲ ରାଜାଙ୍କଠାକୁ ଯିବା । ଏରୂପେ ତୁମ୍ଭେ କହିଲେ, ମୁଁ ଟଙ୍କା ବାହାର କରି ଦିଅଇଁ ସିନା । ଟଙ୍କା ଦେଲା ଉତ୍ତାରୁ କହିବ ମୋତେ ଛାଡ଼ି ଦେଇ ଆସ । ଏତେବେଳେ ମୁଁ ତୁମ୍ଭ ସଙ୍ଗତେ ଆସିବି । ଏରୂପେ ସେ ନାପିତ ଠକ ସଙ୍ଗେ ବିଚାରି ଛିଣ୍ଡାଇଲା । ଆରଦିନ ପ୍ରଭାତରୁ ଠକ ସେହି-ରୂପେ ମଦ୍ୟ କୁମ୍ଭଟିଏ ଲୁଗାଟିକରେ ବାନ୍ଧି ବାଟରେ ଥୋଇ ଅନ୍ତର ହୋଇ ବସିଛି, ଏହି ସମୟରେ କର୍ମପୂର ନାପିତ ସେହି ବାଟରେ ଯାଆନ୍ତେ କର୍ମପୂର ସେ ବୋଝକୁ ଦେଖି ବୋଇଲେ ରେ ମନମକୁଆ, ଏହା କେ ଛାଡ଼ି ଗଲା କି ଆଉ କି କଥା ? ତହିଁକି ନାପିତ କହିଲା, ଏ ବୋଝକୁ କିଏ ଛାଡ଼ି ଗଲା ପରା । ଭଲା ଆମ୍ଭେ ନେଇ ଥିବା କି ?

ଯାହାର ଧନ ସେ ଯେବେ ବାଟରେ ଭେଟିବ ତେବେ ତାକୁ ଦେବା । କର୍ପୂର ବୋଇଲେ, ପରଧନ ଆମ୍ଭେ ଛୁଉଁ ନାହିଁ, ତୋ ମନକୁ ଆଇଲେ ନେଏ । ଏରୂପେ କହନ୍ତେ, ନାପିତ ସେ ଲୁଗାକୁ ଆପଣା ବୋକଚାରେ ପୂରାଇ ବାନ୍ଧିଲା । ଖଣ୍ଡେ ଦୂର ଗଲା ଉତ୍ତାରୁ ଠକ ଧାଇଁଲା । ଡାକ ଦେଉଛି ରେ ବ୍ରାହ୍ମଣ ଭଲେ ରହ ନୋହିଲେ ମାରିବି । ଏ ଡାକ ଶୁଣି କର୍ପୂର ତାଟକା ହୋଇ ରହିଲେ । ଠକ ତାଙ୍କ ପାଶରେ ପହୁଞ୍ଚି ବୋଇଲା ରେ ମନୁଆ ଗୋସାଇଁ, ମୋ ମଦ ପିଇଲୁ । ପୁଣି ମୋ ବୋକଚାରେ ଶହେ ଟଙ୍କା ଥିଲା ଏହା ଘେନି ପଳାଇଲୁ ? ଚାଲ ଦେଖି ରାଜାଙ୍କ ଛାମୁକୁ ଯିବା । ଆଜ ତୋତେ ଯେବେ ତମ ପଇତା ଦିଆଇବ ନାହିଁ । ଏହା କହି ନାପିତଠାରୁ ବୋକଚା ଛଡ଼ାଇ ମଦଘଡ଼ା ବାହାର କରି ଧରିଲା । ବୋଇଲା ଚାଲରେ ବ୍ରାହ୍ମଣ ଗାଁକୁ ଯିବା । ଏହା ଶୁଣି କର୍ପୂର ଠାରୁ ହୁଲୁଟାଏ ମାତ ଯାଉଛି । ଭୟରେ କିଛି ନ କହି ଧର୍ମଚିନ୍ତା କରୁଛନ୍ତି, ଠକ ତାଙ୍କ ହାତ ଧରି ହେଙ୍କନ୍ତେ, ବୋଇଲେ ରେ ମନମନୁଆ, ଏବେ କି ବୁଦ୍ଧି କରିବା ? ନାପିତ କହିଲା, ଏ ତ ଦଇବ ଦଣ୍ଡ, ଏଥିକୁ ମୁଁ କି କରିବ । ଏହା କହି ଠକ ପାଦ ଧରି ପକାଇ ବୋଇଲା ବାବୁ, ଆମ୍ଭେ ଦୋଷ କଲୁଁ, ତୁମ୍ଭେ ଏହା ସହ । ଆମ୍ଭଙ୍କ ସଂସାରେ ରଖ । ପଞ୍ଚାଶ ଟଙ୍କା ଦେଉଛୁ, ଏହା ନେଇ ତୁନି ହୋଇଯାଅ । ଏମନ୍ତ କହି ବୋକଚାରୁ ବାହାର କରି ପଞ୍ଚାଶ ଟଙ୍କା ଗଣି ଦେଲା । ବୋଇଲା ଆପଣ ବିଜେ କର । ଠକ ବୋଇଲା ଏ ଭୟ ବାଟରେ ମୁଁ କିରୂପେ ଏକାକେ ଯିବି ? ମୋତେ ଗ୍ରାମରେ ଛାଡ଼ି ଆସ । କର୍ପୂର କହିଲେ, ରେ ମନମନୁଆ ମୁଁ ଏଠାରେ ଅଛି, ତୁ ଯାଇଁ ତାକୁ ଛାଡ଼ି ଆସେ । ନାପିତ କହିଲା, ଗୋସାଇଁ ଏଠାରେ ଏକାକୀ କିରୂପେ ରହିବ ? ସେ ବୋଇଲେ ମୁଁ ବସିଛି, ତୁ ବେଗି

ଆସିବ । ସେଠାରୁ ନାପିତ ମୁଖ ବିରସ କରି ଠକ ସଙ୍ଗେ ବାହାରିଲା । ଏ ଦୁହେଁ ଖଟେନ୍ଦ୍ରପୁର ଯାଆନ୍ତେ କର୍ମପୁର ବିଚାରିଲେ, ଏକାକେ ଯିବା । ଏହାକୁ ଚିହ୍ନି ବସିଲେ କିଏ କିରୂପେ ଜାଣିଲା ବେଳେ (୧) ପତିତ ହୋଇଯିବ ପିନା । ମନମନୁଆ ହେତୁ ତ ଏ କର୍ମ ହେଲାଣି, ସେ ସଙ୍ଗେ ଥିଲେ କାଳେ ଅକାର୍ଯ୍ୟ କରିବ, ଏମନ୍ତ ବିଚାରି ତରସ୍ତ ହୋଇ ବାହାରିଗଲେ । ନାପିତ ଅବା କାହିଁକି ନେଉଥିବ କି ? ଏମନ୍ତେ ଦୁହେଁ ଠଙ୍କା ବାଣ୍ଟି ନେଇ ଯେଝା ଘରକୁ ଗଲେ ।

ଶଠ ପ୍ରୀତି ଯେ ଏହିପ୍ରକାର । କିଛି ଜଣା ନ ପଡ଼ଇ, ଦଗା ଦିଅଇ । ଏ ସକାଶୁଁ ଏ ପ୍ରୀତିରେ ବଡ଼ ଦୋଷ । ଏହା ନ କରିବ ।

ଦୁଷ୍ଟ ପ୍ରୀତି

ମୋହନାଙ୍ଗ ଏହା କହନ୍ତେ ଚଞ୍ଚଳାକ୍ଷୀ କହିଲା ତେବେ ଦୁଷ୍ଟପ୍ରୀତି କିରୂପେ କହିବା ହେଉ । ମୋହନାଙ୍ଗ କହିଲା, ସେ ଯେ କ୍ଷେତ୍ରପାଳ ନାମେ ଏକ ଭୂମିକ ଥିଲା । ସେ ଅତ୍ୟନ୍ତ ବଳବନ୍ତ ଅଟଇ । ତା ଧନୁରେ ଗୁଣ ଦେଇ ଆମଞ୍ଚନ କରିବାକୁ ସଂସାରେ କେହି ନ ଥିଲେ । ସେ ଶର ବିନ୍ଧିଲେ ମତ୍ତହସ୍ତୀ ପ୍ରାଣ ହରଇ । ସେ କ୍ଷେତ୍ରପାଳ ଅହିପୁର ନାମେ ପର୍ବତରେ ଘର କରି ଥାଏ । ସେ ବାଟରେ ଯିବା ଆସିବା ମହାଜନମାନଙ୍କଠାରୁ ଧନ ରତ୍ନ ଲୁଟ କରି ନେଇ ରାଜା ସମାନ ସମ୍ପଦ କରି ଥାଇ । ପଞ୍ଚାଶ ଲୋକ ଯାଉଥିଲେ ମୃଗ ପଲରେ ସିଂହ ପଶି ମନ୍ଥିଲା ପ୍ରାଏ ଲୁଟ କରଇ । ଏରୂପେ ଅନ୍ୟାୟ କରିବାରୁ ସେ ପଥ ନ ଚଳିଲା । ବାଣିଜ୍ୟ ବନ୍ଦ ହେବାରୁ ମହାଜନମାନେ ବଡ଼ ଦୁଃଖ ପାଇଲେ । କିଛି

(୧) ବୋଇଲେ—ପାଠାନ୍ତର ।

ଜନସ ନ ମିଳିବା ଯୋଗୁଁ ପ୍ରାଣୀମାନଙ୍କର କାର୍ଯ୍ୟ ଅଚଳ ହେଲା । ସେ ତ ମଧ୍ୟସ୍ଥାନ । ଯହିଁ ଦିଗରୁ ଆଇଲେ ସେହି ବାଟରେ ମିଳିବ । ଆନ ଦିଗରେ ଆତଯାତ ହେବାକୁ ସଜ ନୁହଇ । ଏମନ୍ତେ ସେ ବାଟେ ଗତାଗତ ହେବା ମହାଜନମାନେ ବସି ବିଚାର କଲେ, ଶୂଲ କ୍ଷେତ୍ରପାଳ ସଙ୍ଗେ ଆମ୍ଭେ ପ୍ରୀତି କରିବା, ନୋହିଲେ ଚଳି ପାରିବା ନାହିଁ । ଏମନ୍ତେ ଦଶବଂଶ ମହାଜନେ ସଙ୍ଗ ହୋଇ ତାଠାକୁ ଯାଇ କହିଲେ, ହେ କ୍ଷେତ୍ରପାଳ, ଆମ୍ଭେ ତୁମ୍ଭଠାରେ ମିଳିଲୁଁ, ତୁମ୍ଭେ ଯହିଁରୂପେ ବୋଲିବ, ସେରୂପେ ଧନ ଦେବୁଁ, ଆଉ ବାଟରେ ଆମ୍ଭ ଧନ ଲୁଟ କରିବ ନାହିଁ, ଏରୂପେ ନାନା ଉପହାର ଦ୍ରବ୍ୟମାନ ଦେଇ କ୍ଷେତ୍ରପାଳ ସଙ୍ଗେ ପ୍ରୀତି କଲେ, ସେ ଯହିଁରୂପେ କହଇ, ସେହିରୂପେ ଧନ ସାରଣା କରି ବାଣ୍ଟି ଦିଅନ୍ତି । ସେହି ଦିନୁ ସେ ବାଟରେ ନିର୍ଭୟରେ ଜଣେ ଦୁଇଜଣ ଆତଯାତ ହୋଇ କାରବାର କଲେ । କ୍ଷେତ୍ରପାଳଠାରେ ବେଳୁଁ ବେଳ ଅଧିକ ପ୍ରୀତି କରି ଅପୂର୍ବ ପଦାର୍ଥ ମିଳିଲେ ଆଗ ତାକୁ ଦେଇ ପଛେ ଖାଆନ୍ତି, ଭିତରେଁ ଇଷ୍ଟବନ୍ଧୁ ପ୍ରାଏ ତାଠାରେ ଭାବନା ରଖି ଥାଆନ୍ତି । ଏହାକୁ ଦୁଷ୍ଟ ପ୍ରୀତି କହି । କଲେ ଅକାର୍ଯ୍ୟ ହୁଅଇ ନ କଲେ ଚଳି ନ ପାରଇ, ଏ ଯେନ ଦୁଷ୍ଟଲୋକ ଥିବାଠାରେ ବାସ ନ କରିବ । ଯେବେ ଅନ୍ତର ହୋଇ ନ ପାରିବ ତେବେ ଉପର ମନରେ ପ୍ରୀତି ରଖିଥିବ, ଏ ଦୁଷ୍ଟପ୍ରୀତି ଅଟଇ ।

ନୀଚପ୍ରୀତି

ଏବେ ନୀଚ ପ୍ରୀତି ଯେରୂପେ ତାହା କହିବା ଶୁଣ । ଚନ୍ଦ୍ରଜ୍ୟୋତି ନାମେ ଏକ ରାଜହଂସ ଥିଲା ଯେ ସେ ଏକଦିନ-କରେ ମାନସସରୋବରରୁ ଗଙ୍ଗାକୁ ଆସୁଥିଲା । ବାଟରେ ଅସନ୍ତେ ଠାଏଁ ଦେଖିଲା ଏକ ଦିବ୍ୟ ପୁଷ୍କରିଣୀ ଅଛି । ବିଚାରିଲା ଏଠାରେ ମୃଣାଳ ଖାଇବି । ଏମନ୍ତେ ସେ

ଜଳରେ ପଶି ମୃଣାଳମାନ ଆହରଣ କରନ୍ତେ କୃଶପାଦ (୧) ନାମେ ଏକ ବକ ସେ ହଂସକୁ ଦେଖି ବିଚାର କରୁଛି ଏହା ଦେହ ଏଡ଼େ ପୃଥୁଳ କାହିଁକି ହେଲା, ମୁଁ କାହିଁକି ଏଡ଼େ ଦୁର୍ବଳ ହେଲି । ବର୍ଣ୍ଣରେ ତ ମୁଁ ଏହାଠାରୁ ଉଜ୍ଜ୍ୱଳ, ଚକ୍ଷୁହିଁ ତ ମୋହୋର ସୁନ୍ଦର, ପକ୍ଷମାନେ ଅତି ଉତ୍ତମ, କେବଳ ଅଣ୍ଟା ବେକ ପାଦ ଏମାନେ ଟିକିଏ ଟିକିଏ ସରୁ ସରୁ ବୋଲି ଚାଲିବା ବେଳକୁ ମାନୁ ନ ଥିବ । ମୋର ଯେବେ ଏହାପରି ଦେହ ମୋଟ ହେବ ତେବେ ଏହାଠାରୁଁ ପ୍ରତିସୁନ୍ଦର ହେବି, ବକମାନଙ୍କ ଉପରେ ରାଜା ପ୍ରାଏ ଦିଶିବି । ଏବେ ଏହା ସଙ୍ଗେ ପ୍ରୀତି କରି ଏ ଯାହା ଖାଉଛି ମୁଁ ତାହା ଖାଇବି । ଏମନ୍ତ ବିଚାରି ଡାକିଲା, ଅହେ ମରାଳବର ତୁମ୍ଭେ ଏଦିଗେ ଆସି ଜଳକେଳି କର, ତେଣେ ବ୍ୟାଧମାନେ ଫାଶ ବସାଇ ଥାନ୍ତି, ପକ୍ଷୀମାନଙ୍କୁ ଧରି ପ୍ରାଣ ନିଅନ୍ତି । ଏବେ ସତ୍ୱର ହୋଇ ଏଣିକି ଆସ । ଏହାଶୁଣି ଚନ୍ଦ୍ରଜ୍ୟୋତି ହଂସ କାତର ହେଲା । ବିଚାରିଲା ଏ ବକ ବଡ଼ ଦୟାଳୁ, ପ୍ରାଣୀ ଉପକାରୀ, ବଡ଼ ସଙ୍କଟରୁ ରକ୍ଷା କଲେ, ଏବେ ମୁଁ ଏହାଙ୍କ ସଙ୍ଗେ ପ୍ରୀତି କରିବି । ଏମନ୍ତ ବିଚାରି କୃଶପାଦ ବକ ନିକଟକୁ ଆସି କହିଲା, ଭୋ ମହାଭାଗ ବକରାଜ, ତୁମ୍ଭେ ବଡ଼ ଦୟାଳୁ, ମୋତେ ପ୍ରାଣଦାନ ଦେଲ, ଏସକାଶୁଁ ତୁମ୍ଭ ମୋ ପ୍ରୀତିପଣ ହେଲା, ଏଥିରେ ଅନ୍ୟ ନାହିଁ । ବକ କହିଲା, ଏ ତ ମୋର ଭାଗ୍ୟ କଥା, ମାତ୍ର ମୁଁ ଯାହା ପଚାରିବି ତାହା ନିର୍ମଳ କରି କହିବ । ଏହା ଶୁଣି ହଂସ ବୋଇଲା ପଚାରିବା ହେଉ । ବକ କହିଲା, ଆପଣ କି ଦ୍ରବ୍ୟ ଖାଅ, ମୋତେ ତାହା କହ ମୁଁ ଖାଇବି । ହଂସ କହିଲା, ଆମ୍ଭେ ଯାହା ଖାଉଁ ଏଠାରେ ସେ ପଦାର୍ଥମାନ କାହୁଁ ମିଳିବ ? କେବଳ ସୁରଗଙ୍ଗାରେ ସେ ଥାଏ । ଯେବେ ତୁମେ ଖାଇବାକୁ ଇଚ୍ଛା କଲ ତେବେ ମୁଁ ଆଣି

(୧) ଚଣପାଦ—ପାଠାନ୍ତର ।

ଦେବ । ଏମନ୍ତେ ବକ ସଙ୍ଗେ ପ୍ରୀତି କରି ହଂସ ମେଲାଣି ହୋଇ ସେଠାରୁ ଚଳିଲା । ଗଙ୍ଗାରେ ପ୍ରବେଶ ହୋଇ କଚ୍ଛନ୍ଦନ ବିହାର (୧) କରି ଭକ୍ଷ୍ୟ ପଦାର୍ଥମାନ ଥଣ୍ଟରେ ଧରି କୃଶପାଦ ବକଠାକୁ ଅଇଲା । ଦେଖିଲା ସେହି ପୁଷ୍କରଣୀରେ ବକ ମୀନ ଜଗିଛି, ହଂସ ଯାଇଁ ତା ପାଶେ ପ୍ରବେଶ ହୋଇ ମାନ୍ୟ କଲା । କହିଲା, ତୁମ୍ଭପାଇଁ ଭକ୍ଷ୍ୟ ପଦାର୍ଥମାନ ଆଣିଛି । ଏହା ପାନ କର । ଏମନ୍ତେ ଚଞ୍ଚୁରୁ କାଢ଼ି ତଳେ ଥୋଇ ଚହଲାଇ ଦେଲା :—

ଏ ମୃଣାଳ ରସ   ଏ ପୁଷ୍କର ରସ,
ଏ କୁମୁଦ କନ୍ଦ   ଏ କମଳ ମକରନ୍ଦ,
ଏ କନକ ପଙ୍କ   ଏ ମୋତି ରଜକ

ଏ ନାମମାନ ହଂସଠାରୁ ଶୁଣି ମହା ଆନନ୍ଦ ହେଲା କୃଶପାଦ ନାମେ ବକ ।

ଏମନ୍ତେ ହରଷ ହୋଇ ସେ ରସମାନ ଖାଇଲା, ବିଚାରିଲା, ଏଥର ମୁଁ ଅତି ପୃଥୁଳ ହେବି । ଏରୂପେ ହଂସ ପାଞ୍ଚ ସାତଥର ଆହାର ଆଣି ଦେଲା, ବକ ଔଷଧ ଖାଇଲା ପ୍ରାଏ ଖାଉଥାଏ । ଦିନକୁ ଦିନ ଦେହକୁ ଚାହିଁ ବିଚାରୁଥାଏ ମୁଁ ତ ମୋଟ ହେଲି ନାହିଁ । ହେ ଜନମାନେ ବିଚାର କର ବକ କି ହଂସ ପ୍ରାଏ ହୁଅନ୍ତା । ଯହୁଁ ଦେହ ନ ବଢ଼ିଲା, ବିଚାରିଲା ଏ ହଂସ ପ୍ରୀତିରୁ ମୋର କି କାର୍ଯ୍ୟ ଅଛି । କେବଳ ପଙ୍କ ପଥର ଧୂଳିଗୁଣ୍ଡାଏ ମାତ୍ର ଖାଇଲି । ଏତିକି ହେଲା ଯେ ହଂସ ଅଇଁଠା ଖାଇଲି, ଛୁଆଁ ରହିଲା । ବକମାନେ ଶୁଣିଲେ ନିନ୍ଦା କରିବେ, ଅଜାତି କରି ରଖିବେ, ଏବେ ହଂସକୁ ମୁଁ ଅଇଁଠା ଖୁଆଇଲେ ସିନା ହେବ । ଏମନ୍ତେ ହଂସ ଏକ ଦିନକରେ ପ୍ରବେଶ ହୋଇ ଥଣ୍ଟରୁ ଆହାର ତଳେ ରଖି ବକକୁ କୋଳ କଲା । ବକ କହିଲା, ହେ ମରାଳବର, ତୁମ୍ଭ ଦ୍ରବ୍ୟ ତ ମୁଁ

---

(୧) ବିହାର—ସାଠାଲର ।

ବହୁତ ଖାଇଲଣି । ତୁମ୍ଭଙ୍କୁ କିଛି ଖୁଆଇ ନ ପାରିଲି । ଏ ବଡ଼ ଅସୁନ୍ଦର ହୋଉଛି । ପ୍ରୀତି ଦୁଇଆଡ଼ୁ ହେଲେ ସିନା ସୁନ୍ଦର, ମୁଁ ଯାହା ଦେବି ତୁମ୍ଭେ ତାହା ପାନ କରିବ । ହଂସ ବୋଇଲା କାହିଁକି ନ ଖାଇବି, ତେବେ ଦିଅ । ବକ କହିଲା, ମୁଁ ଯାଇ ଆଣେ, ତୁମ୍ଭେ ଦଣ୍ଡେ ମାତ୍ର ବସ । ଏହା କହି ଯାଇଁ ଗାଡ଼ିଆଠାକୁ ପଶି ଗେଣ୍ଡା, ଶାମୁକା, ଭେକ, ଜୋକ, ମୀନ ଏରୂପେ ମାରି ତାହାଁ ଖଣ୍ଡେ ଖଣ୍ଡେ ଖାଇ ଆଉ ଖଣ୍ଡମାନ ଥଣ୍ଟରେ ଧରି ହଂସ ପାଖେ ପ୍ରବେଶ ହେଲା । ଥଣ୍ଟରୁ କାଢ଼ି ତଳେ ଥୋଇ କହିଲା, ଏହା ତେବେ ପାନ କର, ହଂସ ସେ ଦୁର୍ଗନ୍ଧକୁ କହିଲା, ଏହା ପାନ କରି ନ ପାରିବି ପକ୍ଷୀ, ବକ କହିଲା, ଏ ତ ଉତ୍ତମ ଦ୍ରବ୍ୟ, ମୋଠାରେ ଯେବେ ସୁଖ ଥିବ ତେବେ ଭୋଜନ କରିବ । ହଂସ ତ ମହା ସୁଜନ, ବକ କଥାରେ ବିଶ୍ୱାସ କରି ତାହାଁ ଖଣ୍ଡେ ଖଣ୍ଡେ [illegible] ଦିଅନ୍ତେ ପେଟରେ ପଡ଼ି ଦେହ ମନ୍ଥି ହେଲା । ହଂସ ବଡ଼ ବିକଳ ହୋଇ ବାନ୍ତି କରି ପକାଇଲା । ମୀନ ଦୁର୍ଗନ୍ଧରେ ଅନ୍ତ ଘାଣ୍ଟି ହେଉଛି, ବକକୁ ବୋଇଲା ମୋ ପ୍ରାଣ ଗଲା, ଏ ବିକଳ ସହି ନୋହିବ । ସେଠାରୁ ବକ କହିଲା, ମୁଁ ତୁମ୍ଭ ଅଇଁଠା ଖାଇଲି, ଏ ବକ କୁଳକୁ ବଡ଼ ଅସୁନ୍ଦର ହେଲା, ତୁମ୍ଭେ ମୋ ଅଇଁଠା ନ ଖାଇଲେ କିରୂପେ ଯାଆନ୍ତ ! ଏବେ ତୁମ୍ଭ ପ୍ରୀତିରୁଁ ମୋର କିଛି ଫଳ ନାହିଁ । ବକ ଅଇଁଠା କେଡ଼େ ସୁଆଦ ଏହା ତ ଜାଣିଲୁ ! ବକମାନେ ଅଇଲେ ଝୁମ୍ପି ପକାଇବେଟି ଏଠାରୁ ବେଗେ ପଳା । ଏହା ଶୁଣି ହଂସ କାତର ହୋଇ ପ୍ରାଣ ଭୟରେ ସେଠାରୁ ପଳାଇଲା ।

ଶୁଣ୍, ଏରୂପେ ନୀଚ ଲୋକ ସଙ୍ଗେ ପ୍ରୀତି କଲେ ଉତ୍ତମ ଲୋକ ବିପଦରେ ପଡ଼ଇ (୧), ଏ ଷକାଣୁଁ ନୀଚ ଲୋକ ସଙ୍ଗେ ପ୍ରୀତି ନ କରିବ ।

ଏହାକୁ ନୀଚପ୍ରୀତି କହି ।

---

(୧) ନାଶ ହୋଇ ଯାଇ—ପାଠାନ୍ତର ।

ଚଞ୍ଚଳାକ୍ଷୀ କହିଲା, ତେବେ ସହଜ ପ୍ରୀତି କିରୂପେ କହିବା ହୋଉ । ମୋହନାଙ୍ଗ ବୋଇଲା—ସେ ଯେ

ସହଜ ପ୍ରୀତି ଧର୍ମପାଳ ନାମେ ଏକ ରାଜ୍ୟ । ସେ ରାଜ୍ୟ ରାଜା ନାମ ଭୁଜବଳ । ରାଣୀଙ୍କ ନାମ ପଦ୍ମବାସୀ, ସେ ରାଣୀ ଜାତି ପଦ୍ମିନୀ । ଏମନ୍ତେ ସେ ରାଜାଙ୍କ ତୋଟା ପୁରରେ ଏକ ପୁଷ୍କରଣୀ ଥାଏ, ରାଣୀ ତହିଁରେ ନିତ୍ୟ ସ୍ନାନ କରନ୍ତି, ପୁଣି ତହିଁରେ ଶତଦଳ ପଦ୍ମ ଫୁଟିଥାଏ । ପାଞ୍ଚଗୋଟି ଭ୍ରମର ତହିଁରୁ ମକରନ୍ଦ ପାନ କରୁଥାଆନ୍ତି । ସେ ଭ୍ରମରଙ୍କ ନାମ ମଧୁମତ୍ତ, କେଳିକନ୍ଦ, ଗୁଞ୍ଜୁନାଦ, ଗନ୍ଧଲୋଲ, ଷଟ୍‌ପଦ । ଏରୂପେ ପାଞ୍ଚ ଭ୍ରମର ଦିବସେ ମଧୁରସ ପିଅନ୍ତି, ରାତ୍ର ସେ କମଳ କୋଳରେ ଶୁଅନ୍ତି । ରାଣୀ ସ୍ନାନ କଲାବେଳେ ତାଙ୍କ ମୁଖ ତ ପଦ୍ମ ପରି ଦିଶଇ ପୁଣି ସେହି ପ୍ରାଏ ବାସଇ, ଭ୍ରମରମାନେ ଝଙ୍କାର ନାଦ କରି ମୁଖରେ ବେଢ଼ିବାରୁ ରାଣୀ ବଡ଼ ବିମୁଖ ହୋଉଥାଆନ୍ତି । ତାଙ୍କ ନଖମାନ କଣ୍ଟା ପ୍ରାଏ ତୀକ୍ଷ୍ଣ ଅଟଇ, ମୁଖରେ ବସିବେ ଅବା ଆଖିକି ଛୁଆଁସିବେ, ଏହି ଭୟରେ ରାଣୀଙ୍କଠାରେ ଆଲଟ ଚାମର ପଡ଼ୁଥାଇ, ତଥାପି ଭ୍ରମରମାନେ ନ ମାନି ମୁଖବାସ ଲୋଭରେ ବସିଯାଉ ଥାଆନ୍ତି । ଏମନ୍ତେ ରାଣୀ ବଡ଼ କ୍ରୋଧରେ ଅନେକ ଉପାୟରେ ସେ ଭ୍ରମରମାନଙ୍କୁ ଧରାଇ ଫରୁଅରେ ମୁଦି ପାଞ୍ଚ ସାତ କୋଶରେ ଛାଡ଼ି ଅଇଲେ । ଆରଦିନ ରାଣୀଙ୍କ ସ୍ନାନ ବେଳକୁ ସେହି ଭ୍ରମର ଆସି ବେଢ଼ିଲେ । ରାଣୀ ବିଚାରିଲେ ଏ ଧରା ଭ୍ରମର ନୁହନ୍ତି, ଅନ୍ୟ ଭ୍ରମର ଆସିଥିବେ, ଏହା ଦେଖି ବୁଝିବା । ଏମନ୍ତେ ପୁଣି ସେ ଭ୍ରମରଙ୍କୁ ଧରାଇ ଅତି ସରୁ ଜରି ସୂତା ଚହ୍ନି ଦେଇ ତାଙ୍କୁ ନେଇ ଅରଣ୍ୟ ଭିତରେ ଛାଡ଼ି ଅଇଲେ, ଆରଦିନ ରାଣୀଙ୍କ ମାର୍ଜଣା ବେଳକୁ ସେହି ଭ୍ରମର ଆସି ବେଢ଼ିଲେ ।

ଶୁଣିଲୁ କ, ଏହାକୁ ସହଜ ପ୍ରୀଭ କହ, ଯେତେ ସଙ୍କଟ ପଡ଼ିଲେ ଛାଡ଼ି ନ ପାରଇ ।

ଏବେ କାର୍ଯ୍ୟ-ଘେନା-ପ୍ରୀତ ଯେରୂପେ ତାହା କହବା ଶୁଣ ।

କାର୍ଯ-ଘେନା-ପ୍ରୀତି

ଶଣଧର ନାମେ ଏକ କ୍ଷତ୍ରିୟ ଜଣେ ଥିଲା । ସେ ନନ୍ଦନୀ ନାମେ ଗାଈ ଗୋଟିଏ କିଣିଲା । ସେ ଗାଈ ନତ୍ୟାନ ବନସ୍ତରେ ଚର ଆସଇ । ଶଣଧର ତାକୁ ଘରେ ବାନ୍ଧୁଥାଏ । କେତେଦନ ଉତ୍ତାରୁ ନନ୍ଦନୀ ଗର୍ଭହୋଇ ସଂପୂର୍ଣ୍ଣ ମାସରେ ଏକ ବାଛୁର ଜନ୍ମ କଲା । ଦୁଇ ମାସ ଉତ୍ତାରୁ ତାକୁ ଶଣଧର ଦୋହନ କଲା ଯେ ପ୍ରଥମେ ଦୁଧ କୁଞ୍ଚାଏ ଲେଖାଏ ନତ୍ୟ ଦଅଇ । ଶଣଧର ସେ ଦୁଧ ଖାଇ ଆନନ୍ଦ ହୋଉଥାଇ । କଛି ଦନ ସରକ ତା'ଦେହ ବଳଷ୍ଠ ହେଲା । ମଧୁର ଲୋଭେ ସେ ଗାଈଠାରେ ବଡ଼ ସ୍ନେହ କଲା । ଦବ୍ୟ କୋମଳ ଘାସ ଆଣି ଦଅଇ । ଗୁହାଳକୁ ଚକ୍କଣ କର ସଜାଡ଼ିଲା । ଏରୂପେ ଯତ୍ନ କରବାରୁ ଦୁଧ ଦେଢ଼କୁଞ୍ଚା ଲେଖାଏଁ ଦେଲା । ତାହା ଦେଖି ଶଣଧର ଅନ୍ତ ଗାଢ଼ ଖୁଆଇଲା । ଘାସ ହିଁ ଅତ ଯତ୍ନ କର ଦଅଇ । ଘିଅ ଦୁଧ ଖାଇ ଅତ ଆନନ୍ଦ ହୋଉଥାଇ । କେତେଦନ ଅନ୍ତରେ ନନ୍ଦନୀ ଗର୍ଭ ହୁଅନ୍ତେ ସ୍ତନରୁ କ୍ଷୀର ଶୁଖିଲା । କ୍ରମେ ଦୁଧ ଊଣା ହୁଅନ୍ତେ ଘାସ ସରକ ନ ଦେଲା । ନନ୍ଦନୀ କାହିଁ ଅଛୁ, ସେ କ ଖାଉଛୁ ଏହା ମନେ ନ କରଇ । ଆହାର ନ ପାଇବାରୁ ଗାଈ ବଡ଼ ଦୁର୍ବଳ ହେଲା । ବନସ୍ତରେ ଚରବାକୁ ଘାସ ନ ପାଇଲା, ପାଣି ସରକ ପିଇବାକୁ ନ ମିଳଇ । ଯେବେ ଘରକୁ ଆସଇ ତେବେ ଶଣଧର ପିଟିକର ଘଉଡ଼ ଦଅଇ, ଏ ଓଳ ସେ ଓଳ ବୁଲ ଅଇଁଠା ପତର ଖାଇ ମରୁ ଥାଇ । ଏହା ଦେଖି ଶଣଧର ବୋଲଇ ଏ ଓଲେଇ ଗାଈକ ଖେଦ ଦଅ, ଏହାକୁ କାହିଁକ ବାଘ ଖାଉ ନାହିଁ ।

ଶୁଣିଲୁ ଟିକି, ଏରୂପେ କାର୍ଯ୍ୟ-ଘେନା-ପ୍ରୀତ । କାର୍ଯ୍ୟ ପାଉଥିବା ଯାକ ପ୍ରୀତ କରିଥିବ, କାର୍ଯ୍ୟ ସରିଲେ ଶତ୍ରୁ ପ୍ରାଏ ଅନ୍ତର କରିବ । ଏମନ୍ତ ପ୍ରୀତ ଉତ୍ତମ ନୋହିଇ ।

ଏବେ ପ୍ରବଳ-ଶଠ-ପ୍ରୀତ ଯେରୂପେ ତାହା କହିବା ଶୁଣ । ସେ

ପ୍ରବଳ-ଶଠ-ପ୍ରୀତ ।

ଯେ ହେମବତୀ ନାମେ ଏକ ନଗର । ସେ ନଗର ରାଜା ନାମ କେଳିଗୁପ୍ତ । ସେ ନଗରବାସୀ ମନୋହର ନାମେ ଏକ ବଣିଆ । ତାହାର ଖଞ୍ଜନୀ ନାମେ ଏକ କାନ୍ତା, ସେ ପୁଣି ଅତ୍ୟନ୍ତ ସୁନ୍ଦରୀ, ତାକୁ ଦେଖିଲେ ଯୋଗୀନ୍ଦ୍ରମାନଙ୍କ ମନ ଟଳିବ । ଏକ ଦିନ କେଳିଗୁପ୍ତ ରାଜା ନଗର ବିଜେ କରିବାବେଳେ ସେ ଖଞ୍ଜନୀକି ଦେଖିଲେ, ତା ରୂପରେ ମୋହିତ ହୋଇ ରତି ଇଚ୍ଛାରେ ବହୁତ ଯତ୍ନ କଲେ ଯେ ସେ କଦାପି ସହି ନ କଲା । ରାଜା ଅହର୍ନିଶିରେ ତାଠାରେ ଏକ ମନହୋଇ କିରୂପେ ତାକୁ ଭୋଗ କରିବେ ଏହି ଭାବନା କରୁଥାଆନ୍ତି । ଏକ ଦିନକରେ ସେ ବଣିଆ ମନୋହରକୁ ଡକାଇ ବହୁତ ଆଦରରେ କହିଲେ ତୁ ଆମ୍ଭ ଛାମୁରେ ଚାକର ହୋଇ ରହ । ଚାଙ୍ଗୁଡ଼ା ଘର ଆତଯାତ କରିବୁ, ତୋତେ ବଡ଼ ସୁଖ ଦେବା, ନିଶ୍ଚିନ୍ତରେ ରହିବୁ । ଆମ୍ଭେ ବଡ଼ ଅନୁରାଗ କଲୁଁ । ଚାଙ୍ଗୁଡ଼ା ଘର ଶାଢ଼ି ବାନ୍ଧେ । ଏହା ଶୁଣି ମନୋହର ବିଚାରିଲା ଏ ତ ମୋର ବଡ଼ ଭାଗ୍ୟ କଥା । ରାଜାଙ୍କ ଚାଙ୍ଗୁଡ଼ା ଘରେ ଅଧିକାରୀ ହେବି । ଏଥୁଁ ଅଧିକ କଉଁ କଥା ଅଛି । ଏମନ୍ତେ ଶାଢ଼ି ବାନ୍ଧିଲା । ଚାଙ୍ଗୁଡ଼ା ଘରେ ଥିବା ରତ୍ନ ଅଳଙ୍କାର ଦ୍ରବ୍ୟ ପାଟବସ୍ତ୍ରମାନ ଆତଯାତ କରୁ ଥାଇ । ରାଜା ତା ଉପରେ ବିଶ୍ୱାସ କରି ଥାଆନ୍ତି, ନାନା ହସରସ କଥାରେ ମେଳାପ କରି ଅନ୍ତର୍ଗତ କଥାମାନହିଁ କହନ୍ତି । ପୁଣି ଇଙ୍ଗିତରେ କହୁ ଥାଆନ୍ତି ଆମ୍ଭର ପାଞ୍ଚ ସାତ ବରଷ ହେଲା କାମ ବିକାର ନାହିଁ । ମନୋ-

ହର ଜାଣିବାକୁ ନପୁଂସକ ଆଚରଣ କରି ଥାଆନ୍ତି । ଏରୂପେ ଦୁଇ ଚାରି ମାସ ଯାଆନ୍ତେ ରାଜା ଗଉରୀବ୍ରତ କରିବାକୁ ଆରମ୍ଭ କଲେ । ତାହାଙ୍କର ଉପହାର ପଦାର୍ଥମାନ ଭିଆଣ ହେଲା । ମନୋହରକୁ ଏକାନ୍ତରେ କହିଲେ, ତୁ ଯେବେ ଗୋଟିଏ କଥା କରିବୁ ତେବେ ବ୍ରତ କରିବା । ସେ କହିଲା, ତେବେ ଆଗ୍ୟାଁ ହେଉ । ରାଜା କହିଲେ, ଅମ୍ଭର ପୁରୁଷ ପଣ ନ ଥିବାରୁ ଗଉରୀବ୍ରତ କରୁଛୁଁ । ପାଞ୍ଚ ରାତ୍ରି ଉନ୍ନିଦ୍ର ହୋଇ ପୂଜା କରିବା । ଏଥକୁ ପୁରୁଷ ଅଙ୍ଗ ସେ ଘରକୁ ନ ଯିବେ । ସ୍ତ୍ରୀ ଜଣେ ଦୀପ ତେଜୁଥିବ । ସେ ପୁଣି ବେଶ୍ୟା ବିଧବା ନୋହିବ, କୁଳ ସ୍ତ୍ରୀ ହୋଇଥିବ । ତା ପାଇଁ ନୂଆ ଅଳଙ୍କାର ନୂଆ ଶାଢ଼ୀ ପାଞ୍ଚଶ ଟଙ୍କାରେ ହୋଇଥିବ ଯେ ସେ ଅଳଙ୍କାର ଲଗାଇ ଶାଢ଼ୀ ପିନ୍ଧି ପୂଜା ପାଖରେ ବସି ଦୀପ ତେଜୁଥିବ । ପୂଜା ସରିଲାଠାରୁ ଠାକୁରାଣୀଙ୍କ ବନ୍ଦାପନା କରି ସେ ଶାଢ଼ୀ ଅଳଙ୍କାର ଘେନି ରାତ୍ରି ଦୁଇଘଡ଼ି ଥାଉଁ ତା ଘରକୁ ଯିବ । ଏହିରୂପେ ପାଞ୍ଚ ଦିନଯାକ ନୂଆ ଅଳଙ୍କାର ନୂଆ ଶାଢ଼ୀ ହେଉଥିବ । ଯଉଁ ଦିନ ଯେ ଆସିବ ସେହି ଦିନ ସେ ଏହିରୂପେ ନେଉଥିବ । ଏକଥା ତୁ ଘଟଣା କର । ଆନ ଲୋକକୁ ଏକଥା କୁହା ଯିବ ନାହିଁ । ଏତକ ଯେବେ କରି ପାରିବୁ ତେବେ ତୋ ସକାଶୁଁ ବ୍ରତ କରିବା । ମନୋହର କହିଲା ତେବେ ଯାଉଛି ବୁଝିବି । ଏମନ୍ତେ ଯାଇଁ ବୁଝନ୍ତେ ବଡ଼ ଦୁଃଖିତ ଜଣେ ଥିଲା ଯେ ସେ ସନମତ କଲା । ଏହା ଆସି ରାଜାଙ୍କୁ କହନ୍ତେ ସେହି ଦିନ ରାଜା ବ୍ରତ ପୂଜା କରି ବସିଲେ । ସେ ସ୍ତ୍ରୀକି ମନୋହର ଆଣି ନୂଆ ଅଳଙ୍କାର ନୂଆ ପାଟବସ୍ତ୍ର ଦେଲା । ସେ ତାହା ଭୂଷଣ ହୋଇ ପୂଜା ପାଖେ ବସି ଦୀପ ତେଜୁଥାଇ । ରାଜା ତାକୁ ମଧ୍ୟ ଭଲ କରି ନ ଚିହ୍ନାନ୍ତି । ରାତ୍ରି ଦୁଇଘଡ଼ି ଥାଉଁ ବନ୍ଦାପନା କରି ସେ ଭୂଷଣମାନ ଘେନି ଘରକୁ ଗଲା । ଏହା ମନୋହର ଗୁପ୍ତରେ ଦେଖୁଥାଇ । ଆରଦିନ ସେହି-

ନେଇ ତାକୁ ଆଣିଲା । ସେ ନୂଆ ଅଳଙ୍କାର ଭୂଷଣ ହୋଇ ନୂଆ ଶାଢ଼ୀ ପିନ୍ଧି ପୂଜାଠାରେ ଦୀପ ତେଜି ରାତ୍ରି ଥାଉଁ ଥାଉଁ ବନ୍ଦାପନା କରି ବାହାରିଗଲା । ଦ୍ୱିତୀୟ ଦିନ ରାଜା ଗଙ୍ଗଡ଼ା ଘରକୁ ଯାଇ ଉତ୍ତମ ରତ୍ନ ଅଳଙ୍କାରମାନ ଦିବ୍ୟ ପାଟବସ୍ତ୍ର ବାଛି ମନୋହରକୁ କହିଲେ, ଏମାନ ଆଜି ସେ ସ୍ତ୍ରୀକି ଦେବୁ । ଏହା ଶୁଣି ମନୋହର ବିଚାରିଲା, ଆଜି ମୋ କାନ୍ତା ଖଞ୍ଜଣୀକି ଆଣିବ ପରା । ତାକୁ ତ ଏ ଛୁଇଁବେ ନାହିଁ, ଅଲଭ୍ୟରେ ଅମୂଲ୍ୟ ଦ୍ରବ୍ୟମାନ ନେବ । ରାଜା ତ ତାକୁ ଚିହ୍ନି ନାହାନ୍ତି କେ ଅବା ଏହା ଜାଣୁଛି । ଏରୂପେ ଘରକୁ ଯାଇ ଖଞ୍ଜଣୀକି କହିଲା ଆଜି ତୋତେ ରାଜାଙ୍କ ପୂଜା ଦରଶନ କରାଇ ନେବ । ଏହା ଶୁଣି ଖଞ୍ଜଣୀ ବଡ଼ ଆନନ୍ଦ ହେଲା । ରାତ୍ର ପ୍ରବେଶ ହୁଅନ୍ତେ ଖଞ୍ଜଣୀକି ନେଇ ମନୋହର ନବରଠାକୁ ଗଲା । ରାଜା ତ ପୂଜାରେ ବସି-ଅଛନ୍ତି, ମନୋହର ସେ ବସ୍ତ୍ର ଅଲଂକାର ଆଣି ଖଞ୍ଜଣୀକି ଭୂଷଣ କରି ଦେଇ କହିଲା ତୁ ଯାଇଁ ରାଜାଙ୍କ ପୂଜାଘରେ ବସି ଦୀପ ଜାଳୁଁ ଥିବୁ ପୂଜା ସରିଲାଠାରୁ ଠାକୁରାଣୀଙ୍କି ବନ୍ଦାପନା କରି ବାହାରି ଆସିବୁ । ଏମନ୍ତ କହି ତାକୁ ପୂଜା ଘରକୁ ପଠାଇ ଦେଇ ଏଣେ ଗୁପ୍ତ ହୋଇ ରହିଛି । ଖଞ୍ଜଣୀ ସେ ଘର ଭିତରକୁ ଯାଆନ୍ତେ ଅଳ୍ପ ଚକ୍ଷ ପାଇଲା ପରି ରାଜା ପୂଜାରୁ ଉଠି ଆସି କୋଳ କରି ନେଇଗଲେ । ମନ ଅନୁରୂପେ (୧) ବିହାର (୨) କରି ମହା ଆନନ୍ଦ ହୋଉଅଛନ୍ତି । ମନୋହର ଏହା ଦେଖି ବିଚାରଇ, ଦଇବ ଘଟଣା ବଡ଼ ବଳୀଆର ତ ! ଏତେ-ବେଳେ କି ବୁଦ୍ଧି କରିବି । ଏହା ଅବା କାହାକୁ କହିବି । ଆପଣା ହାଥରେ ତ କରିଛି ଆଉ କେ ଭୋଗ କରିବ ।

---

(୧) ଅବରୂପେ—ପାଠାନ୍ତର ।

(୨) ବେହାର—ପାଠାନ୍ତର ।

ଏମନ୍ତେ ରାଜା ରାଜ୍ୟପାଟ ଖଞ୍ଜମୀଙ୍କ ଭୋଗକରି ରାଜ୍ୟ ପାଇବା ବେଳକୁ ଛାଡ଼ି ଦେଲେ । ଏ ଉତ୍ତାରୁ ମନୋହରକୁ ରାଜା କହିଲେ ତୋ ସେବା ଫଳ ଆମ୍ଭଙ୍କୁ ମିଳିଲା । ଏଥର ଆପଣା ବ୍ୟାପାର କରି ରହ । ଆଜଠାରୁ ତୋ ଗୃଜିଁର (୧) କାଠ ହେଲା । ଏରୂପେ ରାଜାଙ୍କଠାରୁ ଶୁଣି ମନ ଦୁଃଖରେ ମନୋହର ଖଞ୍ଜମୀଙ୍କ ଘେନି ପୁରକୁ ଅଇଲା । (୨)

ଏରୂପେ ଏହାକୁ ପ୍ରବଳ-ଶଠ-ପ୍ରୀତି କହି । ଏ ପ୍ରୀତି ଉତ୍ତମ ନୋହଇ ।

ଏହା ମୋହନାଙ୍ଗ କହନ୍ତେ ଚଞ୍ଚଳାକ୍ଷୀ ମହା ଆନନ୍ଦ ହେଲା । ଏରୂପେ କଥା ସରିଲା, ରାତ୍ର ପ୍ରକାଶ ହେଲା

---

(୧) ଗୃବେର—ପାଠାନ୍ତର ।

(୨) ଏହି ଗଳ୍ପର ଉପସଂହାର ଅଂଶରେ ପୂର୍ବ ସଂସ୍କରଣର ବର୍ଣ୍ଣନାରେ ମୂଳଗ୍ରନ୍ଥ ବର୍ଣ୍ଣନାଠାରୁ କିଛି ପାର୍ଥକ୍ୟ ଅଛି । ମୁଖବନ୍ଧ ଦେଖ ।

ଚତୁର ବିନୋଦ

ଟୀକା

ଗ୍ରନ୍ଥାରମ୍ଭରେ କବି ସର୍ବପ୍ରଥମେ ବିଘ୍ନରାଜ ଗଣେଶଙ୍କୁ ପ୍ରଣାମ କରି ତଦନନ୍ତର ସର୍ବପ୍ରକାର ଶୁଦ୍ଧି ନିମିତ୍ତ ଦେବାଧିଦେବ ମହାଦେବଙ୍କୁ ପ୍ରାର୍ଥନା କରିଅଛନ୍ତି । ତାହା ପରେ ସ୍ୱୀୟ ଅଭୀଷ୍ଟ ଦେବତା ଶ୍ରୀବିଷ୍ଣୁଙ୍କୁ ସ୍ମରଣ କରି ଗ୍ରନ୍ଥାରମ୍ଭ କରିଅଛନ୍ତି । ଏହି ରୀତିରୁ କବିଙ୍କର ଭକ୍ତିପ୍ରବଣତା ସୂଚିତ ହୁଏ ।

ପୂର୍ବ ସଂସ୍କରଣମାନଙ୍କରେ ପ୍ରଥମେ ଗଣେଶ ବନ୍ଦନାର ଉଲ୍ଲେଖ ନାହିଁ, ମାତ୍ର ଗ୍ରନ୍ଥକାରଙ୍କ ନିଜ ଗୃହରୁ ପ୍ରାପ୍ତ ଏବଂ ତାଙ୍କ ନାତିଙ୍କ ଦ୍ୱାରା ଲିଖିତ ପୋଥିରେ ସର୍ବପ୍ରଥମେ ଗଣେଶ ବନ୍ଦନା ଦେଖା ଯାଏ । ଏଣୁ ତାହା ଏ ସଂସ୍କରଣର ଆଦ୍ୟରେ ଦିଆ ଯାଇଅଛି ।

୧ ପୃଷ୍ଠା

କୁନ୍ଦାଳି......ପୁନାତୁ । ଯାହାଙ୍କର ଶରୀର କୁନ୍ଦପୁଷ୍ପସମୂହକୁ ଶୋଭାରେ ଜିଣିଅଛି ଏବଂ ସର୍ପସମୂହ ଦ୍ୱାରା ଭୂଷଣ ଅଟେ, ଯାହାଙ୍କର ପାଦ ଦେବତାମାନଙ୍କ ଦ୍ୱାରା ପୂଜିତ, ଯେ ଗଜଦନ୍ତ ଗଣେଶଙ୍କର ପିତା, ଚନ୍ଦ୍ର ଯାହାଙ୍କର ମସ୍ତକଭୂଷଣ ଏବଂ ଯେ କରୁଣାସାଗର ଏବଂ ଯାହାଙ୍କର ନାମ ଧନଞ୍ଜୟ—ସେହି ମହାଦେବ ଶିବ ଏହି ଅତିହୀନ ମନୋଦୁଃଖଗ୍ରସ୍ତ ଲୋକକୁ—ମୋତେ (କବିଙ୍କୁ)—ପବିତ୍ର କରନ୍ତୁ ।

ଶ୍ଳୋକଟିର ୩ୟ ପାଦରେ 'ଚନ୍ଦ୍ରାବତଂସ' ପରେ ବୋଧହୁଏ ଟିକିଏ ଛନ୍ଦଦୋଷ ଅଛି । ଯତିଭଙ୍ଗ ହେଉଥିବା ପରି ମନେହୁଏ । କବିଙ୍କର ମୂଳଲେଖା କଣ ଥିଲା ଜଣା ଯାଉନାହିଁ ।

ନାଗରୀ—ବ୍ରଜନାରୀ । ନଟବର ସୁନ୍ଦର—ସୁନ୍ଦର ନର୍ତ୍ତକଶ୍ରେଷ୍ଠ ବା ନର୍ତ୍ତକଶ୍ରେଷ୍ଠ ଓ ସୁନ୍ଦର । ଦେବ ପୁରନ୍ଦର—ଦେବେନ୍ଦ୍ର । ନୀରଦରୁଚିରଧର—ମେଘଶୋଭା ଧାରଣକାରୀ, ଘନଶ୍ୟାମ । ରମେଶର ଦେବ—ରମାବଲ୍ଲଭ, ଲକ୍ଷ୍ମୀକାନ୍ତ, ନାରାୟଣ । ଏକ କଥାଏ—ଗୋଟିଏ କଥା, ପ୍ରାଚୀନ ଓଡ଼ିଆରେ ଏକବଚନରେ ଦ୍ୱିତ୍ୱ ପ୍ରୟୋଗ ପ୍ରଚଳିତ ଥିଲା ।

ଶୁଣିମା ହୋଉ—ଶୁଣିବା ହେଉ (ପ୍ରାଚୀନ ପ୍ରୟୋଗ) ।

• ବୋଲି—ବୋଲନ୍ତି, ବୋଲିଯାଏ, (ପ୍ରାଚୀନ ପ୍ରୟୋଗ) ।

ମିଥ୍ୟାଗ୍ରନ୍ଥ........କଥେତ୍ୟଭିଧୀୟତେ ।

ନାନା କୌତୁକ ଓ ହାସ୍ୟାଦ ଦ୍ୱାରା ଅତ୍ୟନ୍ତ ମନୋହରଣକାରୀ ମିଥ୍ୟା ବିଷୟ-ରଚନା 'କଥା' ନାମରେ ଅଭିହିତ ହୁଏ ।

ମିଥ୍ୟା—କାଳ୍ପନିକ ବିଷୟ । ଦୀନକୃଷ୍ଣ ଦାସ କହିଅଛନ୍ତି—

'କବି ଯେ ସତ ମିଛ କରି କହନ୍ତି,
କବିତା ଯୁକ୍ତିରେ ମନ ମୋହନ୍ତି ।'

(ରସକଲ୍ଲୋଳ) ।

ସଂସ୍କୃତ ଅଳଙ୍କାରିକମାନେ ଗଦ୍ୟସାହିତ୍ୟକୁ କଥା ଓ ଆଖ୍ୟାୟିକା ନାମରେ ଦୁଇପ୍ରକାର ବିଭାଗ କରିଅଛନ୍ତି । 'କଥା' ସଂସ୍କୃତରେ କାବ୍ୟର ଅନ୍ତର୍ଗତ ।

ଚତୁର ବିନୋଦରେ ବ୍ୟବହୃତ ବ୍ୟକ୍ତି, ନଗର, ରାଜ୍ୟ ପ୍ରଭୃତିର ନାମସମୂହ ଅର୍ଥ-ସମ୍ବଳିତ ବୋଲି ମନେ ହୁଏ ।

୨ ପୃଷ୍ଠା

ରସାଳକାଞ୍ଚନ—ନାମକରଣରୁ ନଗରର ସୌଖ୍ୟ ଓ ସୌନ୍ଦର୍ଯ୍ୟ ସୂଚିତ ହେଉଅଛି ।

ଏକ ବଣିଜ ଜଣେ—ଜଣେ ବୈଶ୍ୟ } ପ୍ରାଚୀନ ଓଡ଼ିଆ ପ୍ରୟୋଗ, ଏକବଚନରେ ଦ୍ୱିତ୍ୱ ।
ଏକ ଧନକରେ—ଧନେ

ସ୍ନାହାନ—ସ୍ନାନ ଶବ୍ଦର ଅପଭ୍ରଂଶରେ ପ୍ରାଚୀନ କାଳରେ ସ୍ନାହାନ ଓ ସ୍ନାହାନ ପ୍ରୟୋଗ ଦେଖାଯାଏ ।

ଘଟି—ମଳି ଛଡ଼ାଇବା ନିମନ୍ତେ ଦେହରେ ଲେପନାର୍ଥ ଚୂର୍ଣ୍ଣ ବା ଲେପ ।

ଝୀନବାସ—ଝୀନ—କ୍ଷୀଣ—ସୂକ୍ଷ୍ମ ପଟ୍ଟବସ୍ତ୍ର । ଅଭରଣ ହୋଇ—ଭୂଷଣ ହୋଇ (ପ୍ରାଚୀନ ପ୍ରୟୋଗ) । ଟିକାଏ—ଗୋଟିଏ ଟିକା ।

ମୋହନାଙ୍ଗ ବୋଲି ସେ—ଯାହାର ନାମ ମୋହନାଙ୍ଗ ଏପରି ଯେ ସେ (ପ୍ରାଚୀନ ପ୍ରୟୋଗ) ଇଶ୍ୱର—ମହେଶ୍ୱର, ନାରାଭରଣନାମକ ଶିବ ।

ଯହିଁ—ଯେଉଁ । ପ୍ରାଚୀନ ଓଡ଼ିଆ ପୋଥିମାନଙ୍କରେ 'ଯହିଁ' ସ୍ଥଳରେ ହିନ୍ଦିଭାଷା ଅନୁରୂପ 'ଜହିଁ' ଶବ୍ଦ ମଧ୍ୟ ଲିଖିତ ହେଉଥିଲା । ତାର ବର୍ଣ୍ଣ—ଉଜ୍ଜ୍ୱଳ ନିର୍ମଳ ବର୍ଣ୍ଣ । ବାଣୀ ସୁଖ—ସୁଖପ୍ରଦ ବାଣୀ, କଥନ ଭଙ୍ଗିରୁ ଜାତ ସୁଖ । ଘଞ୍ଚ—ଘନ । ସଞ୍ଚ—

ସୁନ୍ଦର, ସଜ, fresh, ସଖ ଉଚ ସଖ କୁଚ—ସାନ୍ଦ୍ର ପୃଥୁଳ ସ୍ତନ । "କବରେ ଅବୃତ ସଖ ସଖ ସ୍ତନ ବଳି ଲଳିତ ।"—ରଧାନାଥ (ଉଷା) ।

ମାଳ ବଚ—ଗାଢ଼ କୃଷ୍ଣକେଶ । ମୃଦୁବଚ—ଧୀର କୋମଳ ବାଣୀ ।

୭ ପୃଷ୍ଠା

ଅନଙ୍ଗ ରଙ୍ଗରେ—କନ୍ଦର୍ପ ଖେଳାରେ । ତରଙ୍ଗ ହୋଇଛି—ଚଞ୍ଚଳ ହେଉଛି—ଏଠାରେ ଧର୍ମୀ—ତରଙ୍ଗର ଧର୍ମ—ଚଞ୍ଚଳ୍ୟ—ଗ୍ରହଣ କରେ ।

ଗହଣ (ଗ୍ରହଣ ବା ଗଣ ଶବ୍ଦଜ)ରେ—ସଜା ପ୍ରଭୃତଙ୍କ ସଙ୍ଗରେ । ବଞ୍ଚାଇ କହ୍ନ—ପ୍ରବଞ୍ଚନା କରି କହି, ଭିତର କଥା ଲୁଚାଇ ରଖି ଅନ୍ୟ ଭାବରେ କଥା କହି । ଅରେ—ପ୍ରାଚୀନ ଓଡ଼ିଆରେ 'ଅରେ ଓ ଅଗୋ'—ଉଭୟ ଶବ୍ଦ—ସ୍ତ୍ରୀ ସମ୍ବୋଧନରେ ବ୍ୟବହୃତ ହେଉଥିଲେ । କନ୍ଦର୍ପ ଅନ୍ଧାର ଘୋଟିବାରୁ—ଅନ୍ଧକାର ତୁଲ୍ୟ ଅତ୍ୟନ୍ତ କାମାବେଶ ହେବାରୁ । 'ଅତନୂଭମାନ୍ଧଜନ ନୟନ ବେନକ'—ବଦଗ୍ଧ ଚିନ୍ତାମଣି । ଦଏ—ଦେ (ପ୍ରାଚୀନ ପ୍ରୟୋଗ) । ନାଗି—ଲାଗି, ପାଇଁ; ବ୍ରଜନାଥ ଅନେକସ୍ଥ 'ଲ' ସ୍ଥାନରେ 'ନ' ବ୍ୟବହାର କରିଅଛନ୍ତି, ଯଥା; ନାଗି, ପଡ଼ି ନାଗିଲା, ଅଳସ ନାଗୁଛି, ନେଉଛି ଅସିଲା ଇତ୍ୟାଦି । ସନ୍ଧ୍ୟାକାଳେ—ଚିରଦନ (ପ୍ରାଚୀନ ପ୍ରୟୋଗ) ; ଗୁରୁତ୍ୱ ପ୍ରକାଶ ନମିତ୍ତ ଦ୍ୱିତ୍ୱ ।

ବନୟି ହୋଇ—ବନୀତ ଭାବରେ, (ପ୍ରାଚୀନ ପ୍ରୟୋଗ) । ହାଥ—ହାତ, (ପ୍ରାଚୀନ ପ୍ରୟୋଗ) । ଅଚମ୍ବିତ କଥା—ଅଧୁନାର ଅଚମ୍ବିତ କଥା । ପ୍ରାଚୀନ ଛନ୍ଦ 'ଅଚମ୍ବିତ' । ପ୍ରାଚୀନ ଛନ୍ଦରେ ମଧ୍ୟ ଏହାର ପ୍ରୟୋଗ ବରଳ । ଏହା ହନ୍ଦି 'ଅଚମ୍ଭା' ଶବ୍ଦଜ । 'ଅଚମ୍ବିତ' ପ୍ରାଚୀନ ଓଡ଼ିଆରେ ପ୍ରଯୁକ୍ତ ହେଉଥିଲେ ।

ଭାଷା ଦେବୁଁ—ବଚନ ଦେବୁଁ । Shall give her word. ଚଞ୍ଚଳାକ୍ଷୀଙ୍କ ସଙ୍ଗେ ଯେନ—ହ୍ରସ୍ୱ ବା ଦୀର୍ଘ ଇକାରାନ୍ତ ବଶେଷ୍ୟ ପରେ ଓଡ଼ିଆରେ ୬ଷ୍ଠୀ ବଭକ୍ତିର ରୂପ ସାଧାରଣତଃ କୁ ପରିବର୍ତ୍ତେ ଙ୍କ ହୁଏ । ମନ ରସିଲେ ନାହିଁ—ମନ ରସାଇଲେ ନାହିଁ ମନ ଲଗାଇଲେ ନାହିଁ ।

୪ ପୃଷ୍ଠା

ସୁଅଣି ହୋଇ ଅସୁଅଛୁ—ନବବଧୂ ପହଲି କରି ଶ୍ୱଶୁରାଳୟକୁ ଅସୁଅଛୁ । ଭ୍ରମର ଗଲେ ନଦ—ମୁଦ୍ରିତ ପଦ୍ମ ମଧ୍ୟସ୍ଥିତ ଭ୍ରମରକୁ ଲକ୍ଷ୍ୟକରି କବ କହୁଅଛନ୍ତି । ମୋହନାଙ୍କ ଯେ ସେ—(ପ୍ରାଚୀନ ପ୍ରୟୋଗ) । ଅଳ୍ପ ସରକ ଭୋଜନ କରି ନାହିଁ

ସବ ।—ଭୁଣ୍ଡରେ ଅନ୍ନ ମଧ୍ୟ ଛୁଇଁ ନାହିଁ ସବ । ମନେ ହୋଉଛ—ମନେ ହେଉଛ (ପ୍ରାଚୀନ ପ୍ରୟୋଗ) ।

ଏକାନ୍ତ ଘରରେ—ନିର୍ଜ୍ଜନ ଗୃହରେ । ଉଚ୍ଛନ୍ନରେ—ଉତ୍ସନ୍ନରେ, ଅଗସ୍ତ୍ୟରେ ।

୬ ପୃଷ୍ଠା

ସହର ନୂଆ—ଚଞ୍ଚଳ ନ ହୁଅ ।

'ଶାଉଗଠାରୁ ଏରୂପେ ମୁଃର......କ ଭେଭେ ଭେଉ ହେବ' ?—'କିଏ ନ ଜାଣଇ ସୁଖଠାରୁ ସୁଖ ଅଛାରେ ସୁଖ ଅଛ୍ଛ' ?—ରାଧାନାଥ । 'Man never is but always to be blest.'

ଅନାସ୍ଥ ହେବ—ଅନାସ୍ଥା ହେବ, ଅମୃତରେ ଅନାଦର ହେବ ।

ଅବଲା ନାରୀ—ମଢ ଶ୍ରେଷ୍ଠ୍ୟହୀନା ଦୁର୍ବଳା ସ୍ତ୍ରୀ ଜାତ । ବେଳକୁବେଳ ବଢ଼ଥାଇ - ବଢୁଥାଏ, (ପ୍ରାଚୀନ ପ୍ରୟୋଗ) । କୂଳ ସରକ ବୁଡ଼ାଇ—କୂଳ (କୁଳ) ପର୍ଯ୍ୟନ୍ତ ବୁଡ଼ାଏ । 'କୁଳଟା ପ୍ରାଏ କୁଳ ବୁଡ଼ାଇ, ବଢ଼ିଲେ ନଦୀ ପ୍ରବଳ ହୋଇ, (ରସକଲ୍ଲୋଳ) ।

ସୌଭାଗ୍ୟବ୍ରତ—ସୌଭାଗ୍ୟ ବୃଦ୍ଧି ନିମିତ୍ତ—ସ୍ତ୍ରୀମାନଙ୍କର ପାଳନୀୟ ବ୍ରତ ବିଶେଷ । 'ଶୃଣୁ ଦେବୀ ପ୍ରବକ୍ଷ୍ୟାମି ନାରୀଣାଂ ବ୍ରତମୀଦୃଶଂ, କର୍ତ୍ତବ୍ୟଂ ଚ ପ୍ରଯତ୍ନେନ ଯଦି ସୌଭାଗ୍ୟମିଚ୍ଛତ । ଜ୍ୟେଷ୍ଠେ ମାସି ତୃତୀୟା ଯା ହସ୍ତା ନକ୍ଷତ୍ର ସଂଯୁତା, ତତ୍ରାନୁଷ୍ଠାନ ମାତ୍ରେଣ ସର୍ବପାପୈଃ ପ୍ରମୁଚ୍ୟତେ । ଇତ ହସ୍ତା ନକ୍ଷତ୍ରଚିତ୍ୟାଂ ଜ୍ୟେଷ୍ଠଶୁକ୍ଳତୃତୀୟାୟାଂ, ଉମାମହେଶ୍ୱରୌ ବାଲୁକାକୃତୌ ପୂଜନୀୟୌ । + + + + + + । ବ୍ରତମାଦେ ସର୍ବିକାଗରଣସ୍ୟ ବର୍ତ୍ତିତତ୍ୱାତ୍ ଦେବେ ସୌଭାଗ୍ୟବ୍ରତଂ ପରେ ଇତ ଦେବାଗ୍ରେ ମାଧବାଯୁର୍ଯ୍ୟୋକ୍ତ । ....' (ପଣ୍ଡିତ ସର୍ବସ୍ୱ) ।

ଅପଣ........ରହ—ଅପଣ ରହନ୍ତୁ, କରନ୍ତୁ, ଇତ୍ୟାଦି ସ୍ଥଳରେ ଅପଣ ରହ, କର ଇତ୍ୟାଦି (ପ୍ରାଚୀନ ପ୍ରୟୋଗ) । ଉତ୍ତମ ହୋଉ ଭଲ କଥା, all right. ଗଙ୍ଗା ତଟକୁ ଗଲେ କି ତୃଷା ମାରି ପାରଇ ?—ଯେ ଗଙ୍ଗା କୂଳରେ ପହୁଞ୍ଚି ସାଇଲଣି ସେ କଅଣ ତୃଷାରେ ପ୍ରାଣ ହରାଇ ପାରେ ? Can thirst kill a man who has already reached the banks of the Ganges? ବର୍ତ୍ତନ—ମୂଲ, ଦରମା, ପାରଶ୍ରମିକ । କୋଟି ଇନ୍ଦ୍ରସମ୍ପଦ ଦଣ୍ଡ ନାହିଁ—କୋଟି ଇନ୍ଦ୍ରସମ୍ପଦ ତୁଳନା ହୋଇ ନ ପାରେ । ତୋ ମୁଖ ତୁଳନାରେ କୋଟି ଇନ୍ଦ୍ରସମ୍ପଦ ଅତି ତୁଚ୍ଛ ।

୬ ପୃଷ୍ଠା

ପୂର୍ବେ ସଙ୍କର୍ଷଣ ପଣ୍ଡା ...... ମୁଁ ତାହା ଶୁଣିଛି—ପୂର୍ବ ପ୍ରକାଶିତ ଚତୁରବିନୋଦରେ ଏ ସ୍ଥଳରେ ଅଛି, 'ଦିନେ ରାଜସଭାରେ ଚତୁରବିନୋଦ ବୋଲି ଜଣେ ପଣ୍ଡିତ ଏକ କଥା କହିଲେ, ତାହା ମୁଁ ଶୁଣିଅଛି ।' ମାତ୍ର କବିଙ୍କ ଗୃହରୁ ପ୍ରାପ୍ତ ପୋଥିରେ ଚତୁର ବିନୋଦ ନାମକ ପଣ୍ଡିତ ପରିବର୍ତ୍ତେ ଅଛି ସଙ୍କର୍ଷଣ ପଣ୍ଡା ନାମ । ପଣ୍ଡିତଙ୍କର ନାମ ଚତୁର ବିନୋଦ ନ ହୋଇ ସଙ୍କର୍ଷଣ ପଣ୍ଡା ହେବା ଅଧିକ ଯୁକ୍ତିଯୁକ୍ତ ଓ ସ୍ୱାଭାବିକ ମନେ ହୁଏ ।

ଚତୁର ବିନୋଦ—ଚାରିଗୋଟି ବିନୋଦ (Diversion) ର ସମାହାର ଯୋଗୁ ନାମକରଣ ହେଲେ 'ଚତୁର ବିନୋଦ' ପରିବର୍ତ୍ତେ 'ଚତୁର୍ବିନୋଦ' ହେବାର ଅଧିକ ସଙ୍ଗତ ବୋଲି କାହାରି କାହାରି ମତ, ମାତ୍ର ଓଡ଼ିଆରେ ହସନ୍ତ ବର୍ଣ୍ଣର ବ୍ୟବହାର ଅପେକ୍ଷାକୃତ ଆଧୁନିକ ଅଟେ, ଚାରିଅକ୍ଷର ମିଳନକୁ ଏବେ ସୁଦ୍ଧା ଓଡ଼ିଆରେ ଚତୁସକ୍ଷ କହନ୍ତି, ଚତୁରକ୍ଷ କହନ୍ତି ନାହିଁ । ସେହିପରି 'ଧୀକ ତୋ ଜୀବନ' ଇତ୍ୟାଦି ପ୍ରୟୋଗ ସାଧାରଣ ଗ୍ରାମ୍ୟ ସମାଜରେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଶୁଣାଯାଏ ; 'ଧୀକ୍ ତୋ ଜୀବନ', ସାଧାରଣତଃ ଏପରି କେହି କହନ୍ତି ନାହିଁ ।

ଏଣୁ ହାସ, ରସ, ଗୀତ ଓ ପ୍ରୀତି ବିନୋଦ କଥାମାନଙ୍କର ସମାହାରର ଓଡ଼ିଆରେ ନାମକରଣ ଚତୁର ବିନୋଦ ହେବାଦ୍ୱାରା କିଛି ମାତ୍ର ଭୁଲ ହୋଇ ନାହିଁ ।

ଅନ ଇଚ୍ଛା....ନ ତୁଟିବ ।—ଏକାଗ୍ରତା ନିମିତ୍ତ ଯାହା ଯାହା ଦରକାର ତାହା ଏଠାରେ ବର୍ଣ୍ଣିତ କରାଯାଇଅଛି । ଏଥିରେ ବ୍ରତ କାଳରେ ସଂଯମ ମଧ୍ୟ ପରୀକ୍ଷିତ ହେବ ।

କାହାରି କାହାରି ମତରେ ଏ ଗ୍ରନ୍ଥର ନୈତିକ ସ୍ୱର (moral tone) ନିମ୍ନସ୍ତରର ଅଟେ, ମାତ୍ର ଗ୍ରନ୍ଥାରମ୍ଭରେହିଁ ଯେଉଁ ରାଜପୁତ୍ରଙ୍କଠାରୁ ନୈତିକତା ପରୀକ୍ଷିତ ହେବାର କଥା ତାଙ୍କରି ମୁହଁରେ କବି କହିଅଛନ୍ତି, କଥା ଶୁଣିବା ବେଳେ ଅନ୍ୟାନ୍ୟ ସର୍ତ୍ତ ସହ, 'ଅନ ଇଚ୍ଛା ଘଡ଼ିବ,' 'ଚରିତ୍ର ନ ତୁଟିବ' ଏଥିରୁ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ବିରୁଦ୍ଧରେ ଗ୍ରନ୍ଥର ନୈତିକତା ବିରୁଦ୍ଧରେ କିଛି କହିବା ଅଯୌକ୍ତିକ ।

---

୭ ପୃଷ୍ଠା

ହାସବିନୋଦ

କେଳିନଃ—ଅଦ୍ଭୁତ ବା ଅନ୍ୟାୟ ବ୍ୟାପାର ଘଟିବା ସ୍ଥାନ ବା ନଗର ନାମ କେଳିନଃ କୁହାଯାଇଅଛି । ଅଙ୍ଗଧର—ପ୍ରଜାଙ୍କର ଶରୀର ପୀଡ଼ାଦାୟକ ବୋଲି ବୋଧହୁଏ ରାଜାର ନାମ ଅଙ୍ଗଧର ଦିଆଯାଇଅଛି । ପୁଣ୍ୟ ପ୍ରତାପ ବଳ ସକାଶରୁଁ—ବ୍ୟଙ୍ଗରେ ପାପର ପ୍ରାବଲ୍ୟ ହେତୁରୁ ଅର୍ଥରେ । ଧର୍ମବାରଣ ମନ୍ତ୍ରୀ—ଅଧାର୍ମିକ ମନ୍ତ୍ରୀ, କର୍ମଅନ୍ଧ ପୁରୋହିତ—ପୁରୋହିତ ଯେ ଶାସ୍ତ୍ର ଉପଦେଶ ଦିଅନ୍ତେ ସେ ଧର୍ମକର୍ମ ଜ୍ଞାନ-ଶୂନ୍ୟ । ରାଜଭଣ୍ଡାରକୁ ତଣ୍ଡୁଳ ପାଞ୍ଚଭାଗ ନେଇ ତାଙ୍କ ଖାଇବାକୁ ଭାଗେ ଦିଅନ୍ତି= ଅତି ଧର୍ମପରାୟଣ ରାଜ୍ୟ ! ରାଜାଙ୍କର ପୁଣ୍ୟ ପ୍ରତାପ କହି ନୁହେ । ପ୍ରଜାଙ୍କର ପ୍ରଧାନ ଉପାର୍ଜ୍ଜନ ଭିକ୍ଷାଲବ୍ଧ ତଣ୍ଡୁଳ । ତହିଁରୁ ଧର୍ମବାରଣ ମନ୍ତ୍ରୀ କର୍ମଅନ୍ଧ ପୁରୋହିତଙ୍କ ପ୍ରଦତ୍ତ ଶାସ୍ତ୍ର ଉପଦେଶ ପ୍ରକାରେ ହିନ୍ଦୁ ଶାସ୍ତ୍ରାନୁମୋଦିତ ରାଜପ୍ରାପ୍ୟ ଏକଷଷ୍ଠାଂଶ ପରିବର୍ତ୍ତେ ପ୍ରଜାଙ୍କୁ ତାଙ୍କର ଅର୍ଜ୍ଜିତ ଭିକ୍ଷା ଧନରୁ ଏକଷଷ୍ଠାଂଶ ମାତ୍ର ଦେଇ ବାକୀ ପଞ୍ଚଷଷ୍ଠାଂଶ ରାଜଭଣ୍ଡାରକୁ ପ୍ରେରଣ କରନ୍ତି !! ଭର୍ଜ୍ଜିତ କରି—ଭାଜି । ଲବଣ ଛାଲ ଦେଇ—ତିନି ଛାଲ ପରି ଲବଣ ଛାଲ ଦେଇ । କେଡ଼େ ସୁସ୍ୱାଦ ସେ ହୋଇ ନ ଥିବ ! ମାଳାଧରୀ—ମାଳ+ଅଧରୀ । ବିଚିତ୍ର ଦେଶର ରାଣୀଙ୍କର ବିଚିତ୍ର ନାମ । ଅଧରର ରକ୍ତବର୍ଣ୍ଣ ସୌନ୍ଦର୍ଯ୍ୟ ସୂଚକ, ଯଥା ବିମ୍ବାଧରୀ, ଯବାଧରୀ ଇତ୍ୟାଦି, ମାତ୍ର ଏହି ଅଦ୍ଭୁତ ଦେଶର ରୂପସୀ ରାଣୀଙ୍କର ଅଧର ମାଳ ଅର୍ଥାତ୍ ଘନକୃଷ୍ଣ । ସୌନ୍ଦର୍ଯ୍ୟର ପରାକାଷ୍ଠା ! ରମ୍ଭାବୃକ୍ଷ ଠାଣି—ନାରୀମାନଙ୍କର ଉରୁ ରମ୍ଭା ସଙ୍ଗେ ତୁଳନା କରି ସୌନ୍ଦର୍ଯ୍ୟ ପ୍ରକାଶ କରାଯାଏ, ମାତ୍ର ସମୁଦାୟ ଶରୀରର ଗଠନ ରମ୍ଭାବୃକ୍ଷ ସଙ୍ଗେ ତୁଳନା କରିବା ଦ୍ୱାରା ସେ ସ୍ତ୍ରୀଲୋକ ସ୍ତନଭରେ ନମ୍ରା ନ ହୋଇ ଲମ୍ବ ସରଳ ଗାତ୍ରୀ ବୋଲି ଜଣାପଡ଼େ । ଏଥିରୁ କେଡ଼େ ସୌନ୍ଦର୍ଯ୍ୟ ଫୁଟୁ ନ ଥିବ କି ! ଲମ୍ବ ଲମ୍ବ କୁଚ—ଶ୍ଳଥ ଯୌବନ ସୂଚକ । ଭାଲପଟ ଉଚ୍ଚ, ମନ୍ଦାରଫୁଲ ନେତ୍ର—ଅଲକ୍ଷଣ । ହାସ ସମାନ ଗାତ୍ର—ଶଙ୍ଖୀ (ଶଙ୍ଖବର୍ଣ୍ଣା) ସ୍ତ୍ରୀ । ଶଙ୍ଖ-ସୁନ୍ଦର ନାସା—ବଙ୍କ ନାସା । ମୟୂର କଣ୍ଠ ଭାଷା—କର୍କଶ ସ୍ୱର । ବିପୁଳ—ସ୍ଥୂଳ, ବିଶାଳ । ଗୁରୁ—ବ୍ୟଙ୍ଗରେ ଅସୁନ୍ଦର । ଢେଙ୍କ ନାଦ—ଉଚ୍ଚ ଶବ୍ଦ, ଦୁମ ଦୁମ ଗତି । ମୃଦଙ୍ଗ ମୋଟ କଟି—ସ୍ଥୂଳ କଟି । ବକ୍ଷ ଓ ନିତମ୍ବ ସ୍ଥୂଳ ହୋଇ କଟି ସୂକ୍ଷ୍ମ ହେବା ସୌନ୍ଦର୍ଯ୍ୟ ଲକ୍ଷଣ; ମାତ୍ର ଏ ରାଣୀର କଟି ମୃଦଙ୍ଗବତ୍ ଅର୍ଥାତ୍ ଉଭୟ ପ୍ରାନ୍ତ ସୂକ୍ଷ୍ମ କଟି ସ୍ଥୂଳ । ସୌନ୍ଦର୍ଯ୍ୟ ସୂଚକ !

ଦଶମାସ ଗର୍ଭ....ଗୋଟି ।—ଗର୍ଭବତୀ ସ୍ତ୍ରୀ ସ୍ଥୂଳ ଉଦର ହେବ, ମାତ୍ର ନୀଳାଧର ରାଣୀ ପରି ବନ୍ଧ୍ୟା ସ୍ତ୍ରୀର ସ୍ଥୂଳ ଉଦର ହେବା ଲକ୍ଷଣ ସ୍ପଷ୍ଟତା ବୁଝାଉଅଛି ।

ପିତୃଶ୍ରାଦ୍ଧ ଦିନ....ଅନ୍ନ ।—ପିତୃଶ୍ରାଦ୍ଧ ଦିନ ଅର୍ଥାତ୍ ଯେଉଁଦିନ ଉପବାସ ରହିବାର କଥା, ବର୍ଷ ମଧ୍ୟରେ ସେହି ଦିନକ ଏ ଗୁଣଧର ରାଜଦମ୍ପତୀ ଶାଅନ୍ତି ଉଦର ପୂର ଅନ୍ନ !

ପଢସାର—ଉଦରମୟ ରୋଗ ।

ପୂରି ଅମିଷ—ପଶୁ ମାଛ ମାଂସ । ବାସରେ—ଦୁର୍ଗନ୍ଧରେ ।

୮ ପୃଷ୍ଠା

ଚଉରାସି ଭୋଗ କରନ୍ତି—ଚଉରାଶି ନରକ ବା ବ୍ୟାଧି ଭୋଗ କରନ୍ତି । ଉଦର—ଉଦ୍ର, ପାଣିର ମେଞ୍ଚିପରି । "ବହୁତ ଦୋଷୁରୁ ଛପୁରୁ ଉଦର"—(କବିଙ୍କ ବଚକଣା—୨ୟ ଛନ୍ଦ) । ସେ ରାଜ୍ୟରେ ରାଜଜାମାତା ମଧ୍ୟ ଜଣେ ଅତି ଯୋଗ୍ୟ ବ୍ୟକ୍ତି—ଚଣ୍ଡରଙ୍କ ନାମରେ ଜଣେ କୁମ୍ଭକାର ! ଯାରେ ଗିଦଡ଼....ରାଜାର ଜୁଆଇଁ ।—ଯାର ପାଖରେ ବଇଆପରି ଲୋକ, ଧୀରଙ୍କୁ ଦେଖିଲେ ଯାରପଣ ଦେଖାଏ, ସାପ ପରି ମନ୍ତ୍ରର ଗତି କମ୍ବା ଯାରମାନଙ୍କ ମଧ୍ୟରେ (ଯାରପଣରେ) ବଇଆ, ଧୀରମାନଙ୍କ ମଧ୍ୟରେ ପାଗଳ (ବାଇ), ଥିରପଣରେ ସାପ ପରି ଚଞ୍ଚଳ, ଏହିପରି ସେ ଚଣ୍ଡରଙ୍କନାମା ରାଜାର କୁମ୍ଭକାର ଜାମାତା । ତା ସମାନେ—ତା ସମାନ—ପ୍ରାଚୀନ ପ୍ରୟୋଗ । ସେ ରାଜ୍ୟରେ ହାସ ଦେଖିବାକୁ ସ୍ୱପ୍ନ—ସେ ରାଜ୍ୟ ଲୋକମାନେ ଦୁଷ୍ଟ କମ୍ବା ଦୁଃଖକ୍ଲିଷ୍ଟ । ଚତୁର୍ଥ କାଳ—ବାର୍ଦ୍ଧକ୍ୟ ଅର୍ଥାତ୍ ସେ କୁମାର ଅତ୍ୟନ୍ତ ବୟୋବୃଦ୍ଧ ହୋଇଗଲା । କୋରଡ଼—କୋଟର, ଗଛର ଖୋଲ । ଗୋରଡ଼—ଶ୍ରେଷ୍ଠ ଗଛକୁ ଗୋରୁ ଆଦିଙ୍କଠାରୁ ରକ୍ଷା କରିବାପାଇଁ ବ୍ୟବହୃତ ବାଉଁଶଆଦିରେ ତିଆରି ଘୋରଡ଼ା । ଗାଡ଼, ବଲ, ବମ୍ୱର—ଗର୍ତ୍ତ ଭେଦ । ମୁଣା—ଥଳି । ଖମଣା—ଜମିରେ ଉପରୁ ପାଣି ପଡ଼ି ଯେଉଁ ବଡ଼ ଗହ୍ୱଡ଼ା କରି ଦେଇଥାଏ । ବେକା—ପିଅ ପ୍ରଭୃତି ରଖାଯିବା ଉପଯୋଗୀ ମୃତ୍‌ପାତ୍ର (ହାଣ୍ଡି, ସଡ଼ି) । ଠେକା କହେ ବେକାରେ, ଭୁ କଉ ମଣିଷରେ ଲେଖାରେ—ତଗ ।

ବଣା—ଲମ୍ବା ଅକାରର ମାଠିଆ ଜାତୀୟ ମୃତ୍‌ପାତ୍ର ।

ଦାଣ୍ଡି—ଅଣଓସାରିଆ ରାସ୍ତା ।

ଭଟ୍ଟି—ଢେଙ୍କିରେ କୁଟାଯିବା ପାଇଁ ଯେଉଁ ସଗର୍ତ୍ତ କାଷ୍ଠ ଖଣ୍ଡରେ ଧାନ ପ୍ରଭୃତି ଦିଆଯାଏ ।

ଦଣ୍ଡି—ତୁଳାଦଣ୍ଡ । କ୍ଷୁଦ୍ର ଘୋଟକର ଭୂମି ?

ମୂଷିକ ଗର୍ତ୍ତରୁ....ଭକ୍ଷଣି । ମୂଷା ଗାତରୁ ଅତି କନ୍ଦାକାର ବିଲେଇମୁହାଁ ଏକ ପୁରୁଷ ବାହାରିଲା, ତାହାର ନାମ ମାର୍ଜାରମୁଖା ।

୯ ପୃଷ୍ଠା

କୋଡ଼ି କୋଡ଼ି ହୋଇ କୋଡ଼ି—ବହୁ ସଂଖ୍ୟାରେ ସ୍ଥଳରେ ହାତ ବାଡ଼େଇ (ଅହଂକାର ବା ବୈଗୁଣ୍ୟ ସୂଚକ) ।

ଷଣ୍ଢାସୁର....ଭଉଣୀ—ପୁରୁଷ ଭଉଣୀ ହୋଇ ନ ପାରେ; ଅସଂବଦ୍ଧ ପ୍ରଳାପ । ସୋଦର—ବାପର ଭାଇ—ସୋଦର—ସହୋଦର—ନିଜ ବାପର ଭାଇ—ସାକ୍ଷାତ୍ ଖୁଡ଼ୁତା । ଅହୋରୂପମହୋଧ୍ୱନି—ଆପଣଙ୍କ ରୂପ ଓ ସ୍ୱର ଆଶ୍ଚର୍ଯ୍ୟଜନକ ! ଅମ୍ଭେ ତ....ନୋହୁ ।—ବ୍ରହ୍ମା—ସୃଷ୍ଟିର ଲୋକ ନ ହୋଇ ଅମ୍ଭେ ତ ଏକ ଅଦ୍ଭୁତ ଜୀବ । ନରମଳ—ନରଶ୍ରେଷ୍ଠ ପରିବର୍ତ୍ତେ ବ୍ୟଙ୍ଗରେ ନରମଳ । ରଞ୍ଜି ଅସୁଅଛି ନିଶ—କେତେକ ଲକ୍ଷଣଯୁକ୍ତା ପ୍ରୌଢ଼ା ସ୍ତ୍ରୀଙ୍କର ନିଶ ବାହାରିବାର ଦେଖାଯାଏ, ଏଥିରୁ ମଧ୍ୟ ବିଳାପମୁଖୀ ପ୍ରୌଢ଼ା ବୋଲି ସୂଚିତ ହୁଏ । ଶମ୍ଭୁଲିଙ୍ଗ—ସ୍ତନାଙ୍କୁର ଅର୍ଥରେ ଉଦ୍ଦିଷ୍ଟ । ଲମ୍ବାଲିଙ୍ଗ—ଦୋଳାୟମାନ ସ୍ତନ (ପନ କୁହେ) । ଲାଭି—ନାଭି । କବି, ପ୍ରାୟଶଃ 'ଲ' ସ୍ଥାନରେ 'ନ' ଓ 'ନ' ସ୍ଥାନରେ 'ଲ' ବ୍ୟବହାର କରିଅଛନ୍ତି, ଯଥା, ନାଗୁଆ, ପଡି ନାଗିଲା, ଅଳସ ନାଗୁଛି, ନେଉଟି ଅଇଲା, ନାହୋର (ଲାହୋର) Lahore., ଲଭି ଇତ୍ୟାଦି । ହୃଦୟ ତଟ ତ......ବକ୍ଷେ କରିଥିବେ—ହୁଏ ତ ବୟସ ବୃଦ୍ଧି ଯୋଗୁଁ ସ୍ତନ ଶିଥିଳ ହୋଇ ହୃଦୟ ଦେଶରେ ସ୍ତନର ଉନ୍ନତ ଅବସ୍ଥା ଆଉ ନାହିଁ, ନଚେତ୍ ପ୍ରଥମରୁ ସ୍ତନଦ୍ୱୟ ଅତି କ୍ଷୁଦ୍ର ଥିବାରୁ ପରିଦୃଶ୍ୟମାନ ନୁହେ (not perceptibles) ।

ପାଣିଲାଗି ହୋଉଛନ୍ତି—ଶୌଚ ହେଉଅଛନ୍ତି । ବହିର୍ଗମନ ପରେ କିଂବା ଅନ୍ୟ [illegible] କାର୍ଯ୍ୟ ପରେ ଶୌଚ ହେବା ବୁଝାଇ ପାରେ, କିଂବା କବି ଏଠାରେ ବିଳାପମୁଖୀର ଚରିତ୍ରଗତ ଦୋଷ ପ୍ରତି ଲକ୍ଷିତ କରି ବହୁତ ପାଣିଲାଗି ହେବାକଥା କହି ଥାଇପାରନ୍ତି । ଏହାପରେ ବ୍ୟବହୃତ 'ଘରେ ମଧ୍ୟ ଦଣ୍ଡେ ରହିବାର ନାହିଁ' କଥାରୁ ଏହାହିଁ ଅନୁମାନ କରାଯାଏ ।

୧୦ ପୃଷ୍ଠା

ଗତାସୁର୍ଭବ—ମରିଯାଅ । ସ୍ୱାମୀ ଜାମାତାଙ୍କୁ ଚମତ୍କାର କଲ୍ୟାଣ ! ଅହୋ ଭାଗ୍ୟଂ ମହୋଭାଗ୍ୟମ୍—ଅତି ସୌଭାଗ୍ୟ । ଅସ୍ୟ......ସ୍ଥିତଃ ?—ଏହି ଜାମାତା କେଉଁଠି

ଥିଲେ ? ବୁଢେଇ....ସ୍ଥିତଃ—ବୁଢ଼ ହୋଇଲେ ମୂଷା ଗାଡ଼ରେ ଥିଲେ । ତଦା.... ପ୍ରତିଗଚ୍ଛନ୍ତୁ—ତାହାହେଲେ ଏଥର ଜେମାଦେଇଙ୍କ ପାଖକୁ ଯାଆନ୍ତୁ । ଉଲଗ୍ନ ଶରୀରରେ ଭସ୍ମ ଲେପନ କରି— ଜେମାଙ୍କର ରୂପ ବର୍ଣ୍ଣ ବୟସର ତ ପଟାନ୍ତର ନାହିଁ । ତାହା ଉପରେ ନବୀନ ବରଙ୍କୁ ସମ୍ଭାଷଣ ପାଇଁ ଅନ୍ତଃ ନାନାପ୍ରକାରେ ବିଭୂଷଣ ହେବାର କଥା, ଏଣୁ ଚତୁର୍ଥକାଳ ପ୍ରାପ୍ତା ସୁନ୍ଦରୀ (!) କୁମାରୀ ବଳାପମୁଖୀ ନିଜର ସୁନ୍ଦରପଣ ବଢାଇବା ପାଇଁ ଅଙ୍ଗରୁ ସମସ୍ତ ପରିଚ୍ଛଦ ବାହାର କରି ଦେଇ ଏବଂ ଗାତ୍ରବର୍ଣ୍ଣ ବଢ଼ାଇବା ପାଇଁ ଭସ୍ମ ବିଲେପିତ ହୋଇ ବିଳାପ ଧ୍ୟାନ କରି ବସିଲେ ! ନୟନରେ ଲୋତକ ଜଳପୂର୍ଣ୍ଣ କରି ପ୍ରସନ୍ନ ହୋଇ—ଲୋକ ପ୍ରସନ୍ନ ହେଲେ ଚକ୍ଷୁ ତ ଲୋତକ ଜଳରେ ପୂର୍ଣ୍ଣ ହୋଇଯାଏ ! ଶ୍ମଶାନମଣ୍ଡନୀ—ଉଲ୍ଲଗ୍ନା ଓ ଭସ୍ମବିଭୂଷିତା ବାଳା ପ୍ରତି ଉପଯୁକ୍ତ ସମ୍ବୋଧନ ! ନିଷ୍ଫଳ ହୋଇ—ଫଳଟିଏ ହାତରେ ନ ଧରି । ପ୍ରାଚୀନ ଲୋକାଚାର ଅନୁସାରେ କୌଣସି ସମ୍ମାନାସ୍ପଦ ବ୍ୟକ୍ତିଙ୍କ ନିକଟକୁ ସାକ୍ଷାତ୍କାର ନିମିତ୍ତ ଯିବାକୁ ହେଲେ ହାତରେ କିଛି ଫଳ ପୁଷ୍ପଆଦି ଉପହାର ଥିବା ଆବଶ୍ୟକ ହେଉଥିଲା । ଦକ୍ଷିଣ ଓଡ଼ିଶାରେ ଏ ପ୍ରଥାର ପ୍ରଚଳନ ବର୍ତ୍ତମାନ ସୁଦ୍ଧା ଦେଖାଯାଏ । ପୁଷ୍ପବତୀ—ଋତୁମତୀ । ପାପ—ଲୋଟଣୀ ପାପ । ବଳାପମୁଖୀ ସ୍ତନ.....ପରି ଦଶିଲା—ଏହା ପିତୃଶ ଜନ ସୁଲଭ ବ୍ୟାପାର । ଏହା ହାସ ଜୁଗୁପ୍ସା ଜାତ ହେବାର କଥା, କିନ୍ତୁ ହାସ୍ୟର ରସରେ ଏହା ସମର୍ଥିତ ହୋଇପାରେ ।

୧୧ ପୃଷ୍ଠା

ହାଥ—ହାତ । ପ୍ରାଚୀନ ଓଡିଆରେ 'ହାଥ' ଶବ୍ଦ ବ୍ୟବହୃତ ହେଉଥିଲା । ଜାମ୍ବୁଫଳ—ଏଥିରୁ ବର୍ଣ୍ଣ ସୂଚିତ ହେଉଅଛି । ସଦ୍ବିତରମୁଖୀ—ପେଚାମୁହାଁ । ତୃଣ—ତୃଣ ବିଶେଷ, ଏଥିରେ ଘର ଛପର ଦଉଡ଼ି ଓ ଟୋପି ବୁଣା ହୁଏ । ବାସ—ଲୁଗା ।

ଦଉଡ଼ିରେ....ପିନ୍ଧାଇବି ସଖି—ମାର୍ଜାରମୁଖା କହୁଛି ବଳାପମୁଖୀ ପରି ଅତୁଳ୍ୟ ସୁନ୍ଦରୀ ଯେବେ ତାର କାନ୍ତା ହେବ ତେବେ ସେ ତାକୁ ନାନା ଅପୂର୍ବ ଅଳଙ୍କାରରେ ବିଭୂଷିତ କରିଦେବ, ସେହି ଅଳଙ୍କାରମାନଙ୍କର ତାଲିକା ଏଠାରେ ଦେଉଅଛି । ଅର୍ଥ ସରଳ, ଏଣୁ ବିଶେଷ ବ୍ୟାଖ୍ୟା ଦିଆଗଲା ନାହିଁ ।

୧୨ ପୃଷ୍ଠା

ତୁଳ ଦନ୍ତ ହସ୍ତୀଦନ୍ତ ପ୍ରାଏ ରହିଛି—ପହିଲୁ ତ ବଳାପମୁଖୀ ଅତି ବୟସ୍କା ଥିଲା, ସମ୍ଭବତଃ ଦାନ୍ତସବୁ ହଲି ଯାଇଥିଲା । ତାହା ଉପରେ ଏ ନିଷ୍ଠୁର ଖୋଦୋଡ଼ ଲାଗିବାରୁ

ଦୁଇପାଖର ଦୁଇ ଣଦନ୍ତ ଛଡ଼ା ଅଉସବୁ ଦାନ୍ତ ଝଡ଼ିପଡ଼ିଛି । ଏହା ସାଧାରଣ କଥା ଯେ ଣ-ଦନ୍ତମାନ ଅନ୍ୟାନ୍ୟ ଦନ୍ତଠାରୁ ଅଧିକ ମଜବୁତ । ତେଣୁ ତାହା ସ୍ଥାୟୀଦନ୍ତ ପ୍ରାଏ ରହିଛି । ଝିହ ଝିହ—ଗାଲ ।

ଗଣେଶ ମୂର୍ତ୍ତି ଧରିଛି—ଗଣେଶ ଏକଦନ୍ତ ହେଲେହେଁ ଗଣେଶଙ୍କୁ ଗଜଦନ୍ତ କହନ୍ତି । ବଳାପମୁଖୀ ଜଣ୍ଟର ଗୁପୋଡ଼ ଖାଇବା ପରେ ତାହାର ଗଜଦନ୍ତ ରହିବାରୁ ତାକୁ ଗଣେଶ ସଙ୍ଗେ ତୁଳନା କରାଯାଇଛି । ମୁଖ ତ ସିନ୍ଦୂରବର୍ଣ୍ଣ—ଭାଙ୍ଗିଥିବା ଦାନ୍ତର ରକ୍ତରେ ସିନ୍ଦୂରବର୍ଣ୍ଣ । ଦୁଇ ଦନ୍ତ ତ ହୋଇଛି—ଯୋଡ଼ିଏ ମାତ୍ର ଦାନ୍ତ ଅବଶିଷ୍ଟ ଅଛି । କେଶ ତ କଣ୍ଟା ଘାର ପରି—କେଶରେ କେବେ ତେଲ ଲାଗି ନ ଥିବାର ସୂଚିତ ହୁଏ । ଶିରମାନେ. . . . ପାଉଛନ୍ତି—ବୟସ ଯୋଗୁଁ ଶ୍ଲଥଚର୍ମ ହେତୁ ଶିରା ସବୁ ବାହାରି ପଡ଼ିଛନ୍ତି । ହୁଁ ହୁଁଅ—ଉଲ୍ଲୁକ, ବଡ଼ ପେଚ୍ଚ, ଗଡ଼ଜାତର ସ୍ୱଳିତର ପକ୍ଷୀ ବିଶେଷ, ସ୍ୱଳିରେ ହୁଳହୁଳି ପକାଇଲା ପରି, ବା ହୁଁ ହୁଁ ଅବ ଶବ୍ଦ କରି ବୋବାଏ । ଏହାର ଡାକ ଅଶୁଭସୂଚକ । ଅଭରଣ—ଅଳଂକାର, ଭୂଷଣ । ଅଣମୋହିନୀ—ଅଣ, କୁତ୍ସିତ ଜାତୀୟ ଲମ୍ପଟ ପୁରୁଷର ମୋହକାରିଣୀ, ଦୁଷ୍ଟରିତ୍ରା ସ୍ତ୍ରୀ । ଉଚିତ ବୋହିଲ—ଉଚିତ ନୁହଇ, ଉଚିତ ନୁହେ (ପ୍ରାଚୀନ ପ୍ରୟୋଗ) । ଉପସ୍ଥାଣ—ଉତ୍ପନ୍ନ, ପ୍ରଚୁର ।

୧୬ ପୃଷ୍ଠା

ଭୋଗ—ସମ୍ଭୋଗ, ରମଣ, ରମଣର ବିଭିନ୍ନ ରୀତି ଯଥା—ଚୁଟ୍ଟି, ଆଲିଙ୍ଗନ, ଚୁମ୍ବନ, ଅଧର ପାନ, କଣ୍ଠାଗ୍ରରେ ରସନା ଚାଳନ, ଓଷ୍ଠ ବା ଗଣ୍ଡଦେଶରେ ଦନ୍ତାଘାତ, ସ୍ତନରେ ନଖକ୍ଷତ, ଇତ୍ୟାଦି କବି ତାହାର ଉଦାହରଣ ଦେଉଅଛନ୍ତି । ମଶାଣି ଚେଁଆ ଚୁଟ୍ଟି—ଯେଉଁ ଚୁଟ୍ଟି ଶୁଣିଲେ ମଶାଣି ଭୂତ ମଧ୍ୟ ଚେଇଁ ଉଠିବ—କଠୋର କଟୁକ୍ତି (ଚୁଟ୍ଟିର ଉଦାହରଣ) ! (ମଶାଣି ଚଁଆଇବା—ଶ୍ମଶାନ ସାଧକମାନେ ତାନ୍ତ୍ରିକ ସାଧନରେ ମଶାଣିରେ ଭୂତକୁ ଉଜ୍ଜୀବିତ କରାଇବା) । କଣ୍ଟକ ଆଲିଙ୍ଗନ—କଣ୍ଟକକୁ ଆଲିଙ୍ଗନ କଲେ ଯେପରି ସୁଖକର, ବଳାପମୁଖୀର ଆଲିଙ୍ଗନ ତଦ୍ରୂପ । (ଆଲିଙ୍ଗନର ଉଦାହରଣ) ।

ମଡ଼ା ସଢ଼ା ଚୁମ୍ବନ—ବଳାପମୁଖୀ ପ୍ରତି ଚୁମ୍ବନ ମଧ୍ୟ ତଦ୍ରୂପ ମଧୁର (ଚୁମ୍ବନର ଉଦାହରଣ) ! ଲାଳ ରସପାନ—ସ୍ତ୍ରୀ ରଜପାନ (ଅଧର ପାନର ଉଦାହରଣ) ! ନାସିକା ଚଲା ରସନା—ଗୋରୁ ପ୍ରଭୃତି ପରି ଶିଙ୍ଘାଣି ଚାଟିବା (ରସନା ଚାଳନର ଉଦାହରଣ) ! ଘଣ୍ଟିକା ଲଗା ଦନ୍ତଘାତ—ଓଷ୍ଠ ବା ଗଣ୍ଡଦେଶ ପରିବର୍ତ୍ତେ ଗଳଦେଶରେ ଦନ୍ତଘାତ ! ହାଡ଼ଭୁଡ଼ା ନଖକ୍ଷତ—ସ୍ତନରେ ନଖକ୍ଷତ ପରିବର୍ତ୍ତେ କଠିନ ହାଡ଼ ଭେଦ କରି ନଖକ୍ଷତ !

ଘୋଟକ ସୁରତ—କଠୋର ରମଣ । ଘଡ଼ଘଡ଼ା ହାସ—କର୍କଶ ହାସ୍ୟ । କସୁକ ଘୋଡ଼ା ବେଶ—ଚକ୍ଷୁର ଅପ୍ରୀତିକର କୁରୂପ ବେଶ । ଢଳଢଳା ଚୁହାଣି—ନିର୍ଲଜ୍ଜ ଚୁହାଣି । ଘରଘଞ୍ଚ କହଣି—ଅଶ୍ଳୀଳ କଥାଳାପ । ଚଉସଠି ରସଭୋଗ—ଚଉସଠି ବାତ୍ସ୍ୟାୟନ ନରକ ଭୋଗ । କି ଘୃଣାୟ ଭୋଗ ! ନାୟକ ଷଣ୍ଢ—ନାୟକ ଶ୍ରେଷ୍ଠ, ପକ୍ଷାନ୍ତରେ ବ୍ୟଙ୍ଗାର୍ଥେ, ନପୁଂସକ ପୁରୁଷ ମଧ୍ୟ । ତୁମ୍ଭ ମୋ ପ୍ରୀତି....ଶେଷ ପାଉଛି—କବିଙ୍କର ଲକ୍ଷ୍ୟ ପରିଷ୍କାର ନୁହେ । ସମ୍ଭବତଃ ତାଙ୍କର ଉଦ୍ଦେଶ୍ୟ ମାର୍ଜାରମୁଖା ଓ ବଳାପମୁଖୀର ପ୍ରୀତି ଦେଖିବାକୁ ବ୍ରହ୍ମାଣ୍ଡଯାକ ରଙ୍କ ହୋଇଛନ୍ତି । ରଙ୍କ ପକ୍ଷରେ ଅସ୍ପୃଶ୍ୟ ବସ୍ତୁ ଯେପରି ଅତି ଘୃଣାୟ, ବ୍ରହ୍ମାଣ୍ଡଯାକ ପକ୍ଷରେ ଏ ଦୁହିଙ୍କ ବଡ଼ିକି ପ୍ରୀତି ମଧ୍ୟ ତଦ୍ରୂପ ! କଣ୍ଟୋଳ ଯକ୍ଷ—ଅତିଶୟ କୃପଣ । କାନ୍ତିକୁ ମାନ....କରମ ଭ୍ୟାଗୀ—ଏହି ଶ୍ରେଣୀର ଲୋକମାନେ ଅତି ଉଦାସୀ, ଏମାନଙ୍କ ମୁହଁରୁ ହସ ବାହାରିବା କଠିନ, ମାତ୍ର ଏମାନେ ମଧ୍ୟ ମାର୍ଜାରମୁଖା ଓ ବଳାପମୁଖୀଙ୍କ ପ୍ରୀତି କଥା ଶୁଣିଲେ ନ ହସି ରହିପାରିବେ ନାହିଁ । ଦନ୍ତପନ୍ତି ଦଶିବ—ହସିବେ ।

୧୪ ପୃଷ୍ଠା

ଥାମଯାଏ—ଅଚେତ ହୋଇଯାଏ । ମଣ୍ଡୂକ ଅଧଶ୍ଚ—ବେଙ୍ଗପରି ମେଲା ଓଠ ଯାହାର । ଶୋଭୁବନ—ସୌନ୍ଦର୍ଯ୍ୟ । କହୁଛଇଁ—(ମୁଁ) କହୁଛି । ନିବାଣ—ବିଚକ୍ଷଣ, ଶେଷ ପରିଣତି ପ୍ରାପ୍ତ, Expert. ମର୍କତ—ମରକତ, ହରିଦ୍‌ବର୍ଣ୍ଣ ମଣି ବିଶେଷ । ବିଦ୍ରୁମ—ରକ୍ତ ପ୍ରବାଳ । ପଦ୍ମରାଗ ରତନ—ରକ୍ତବର୍ଣ୍ଣ ମଣି ବିଶେଷ ଦ୍ୱାରା ଚିହ୍ନିତ । ରଜତ ଭୁଅ ବତା—cf ଅମ୍ବିକା ବିଳାସ ୩୧ଶ ଛାନ୍ଦ, ହାଟକ—ସ୍ୱର୍ଣ୍ଣ । ଘଟଣ—ସୁନ୍ଦର, ସୁଗଠିତ । ବୈଡୂର୍ଯ୍ୟ—କୃଷ୍ଣପୀତାଭମଣି ବିଶେଷ । ଉଗ—ଓଗ, Cross beam. ଅମ୍ବିକାବିଳାସର ପ୍ରଣେତାଙ୍କ ସମ୍ବନ୍ଧରେ ଆଲୋଚନା କଲାବେଳେ ମୁଁ ଲେଖିଥିଲି, 'କଟକ ଓ ବାଲେଶ୍ୱରର ମଧ୍ୟବର୍ତ୍ତୀ ସୀମାରୁ ପଶ୍ଚିମାଭିମୁଖରେ ଏକ ରେଖା ଟାଣିଲେ ଏହାର ଉତ୍ତରସ୍ଥ ସମସ୍ତ ଜିଲ୍ଲା ଓ ଗଡ଼ଜାତରେ ଓଗର ସ୍ଥଳରେ ଉଗର ବ୍ୟବହାର ଦେଖାଯାଏ (ସହକାର ୨୧ଶ ଭାଗ, ୮ମ ସଂଖ୍ୟା, ୭୧୬ ପୃଷ୍ଠା ଦ୍ରଷ୍ଟବ୍ୟ) । 'ଓଗ' ସ୍ଥଳରେ 'ଉଗ' ର ବ୍ୟବହାର ତାହାର ଆଉ ଗୋଟିଏ ଉଦାହରଣ । ଏହା ମଧ୍ୟ ଅମ୍ବିକାବିଳାସ ଉତ୍ତର ବନୋଦକାରଙ୍କ ଲିଖିତ ବୋଲି ସୂଚେ ।

ଘାଗରାର ଠିକିକଗ—ଓଗ ଶ୍ରେଣୀ ପ୍ରଭୃତିର ଗଣ୍ଡିକ ଗଣ୍ଡି ଯୋଡ଼ ଯାଗା-ମାନଙ୍କରେ ଘାସ ଠୁଳିବାଲ କଣ୍ଟା ମସ ଯାଇଅଛି କିମ୍ବା ପାଠାନ୍ତର 'ଘାସ ସାରଠିକସ'

ହୋଇପାରେ—ଅର୍ଥ, ଦୁଇଖଣ୍ଡ ଶ୍ରେଣୀ ପ୍ରସ୍ତରର ଯୋଡ଼ ଯାଗାକୁ ମଜବୁତ କରିବା-ପାଇଁ ଉପରେ ଯୋଡ଼ା ଯାଇଥିବା କ୍ଷୁଦ୍ର କାଷ୍ଠଖଣ୍ଡ । ସେପରି ଭାବରେ ଏଠାରେ ଶୀସ ବ୍ୟବହାର କରାଯାଇଥିଲା । ଚାନ୍ଦନୀ— ଚନ୍ଦୁଆ । ଉଦର—ଉଦ୍ର, ଉଦ୍ରାସନ, ମେଘ ଘର, (Portico)(୮ମ ପୃଷ୍ଠା ଟୀକା ଦେଖ), 'ବହୁତ ଦୋପୁଣ୍ଡ ଛପୁଣ୍ଡ ଉଦର' (କବିଙ୍କ ବିଚକ୍ଷଣା, ୨ୟ ଛାନ୍ଦ) । ତୋରଣା—ଖିଲଣ । ବାତାୟନ—ଝରକା । ଧରଣା—ଅଟକି ଯାଏ, ଲାଗିଯାଏ । ଉଣ୍ଡି—ଦୁର୍ଗ ପ୍ରାଚୀର ମଧ୍ୟରେ ବନ୍ଧୁକ ତୋପ ପ୍ରଭୃତି ପାଇଁ ଥିବା ଛିଦ୍ର ବା ଜଳା । କାଙ୍ଗୋଲି-କାଙ୍ଗୁଲି—ଉଣ୍ଡି ଉପରେ ବା ପ୍ରାଚୀରର ଅନ୍ୟ ଅଂଶରେ ଥିବା କାରୁକାର୍ଯ୍ୟ ବିଶେଷ । 'ଗଭୀର ଜଳୀ ପୂରି'; 'ମୁଗୁନି ପାଷାଣକାନ୍ତି, ଉଣ୍ଡି କାଙ୍ଗୁଲି ପନ୍ତି, ପନ୍ତି'—cf.e. 'ବ୍ରଜଜନମଣି, ପୂର୍ବରୁ ଜାଣି.... ଉଣ୍ଡି କାଙ୍ଗୁଲି ଅଛନ୍ତି ସାଜି......' ସମରତରଙ୍ଗ ୨ୟ ଛାନ୍ଦ, ୧ମ ପଦ । ୨. 'ପଣ୍ଡୁକାନ୍ତି ଅମ୍ବୁପୂର୍ଣ୍ଣ ଜଳୀ ଯେ ଧନ୍ୟ'; 'ଅଶ୍ମକାନ୍ତି ଜଳୀଗଡ଼ ଶ୍ରମ ବହୁତ'; 'ଅନୁରୂପେ ଉଣ୍ଡି ସ୍ଥାନମାନଙ୍କ କଲି', ଇତ୍ୟାଦି (ଅମ୍ବିକାବିଳାସ—୪୦ଶ ଛାନ୍ଦ) ।

୧୫ ପୃଷ୍ଠା

ସଉତ—ଅଶ୍ୱାରୋହୀ । ବଇରିଦଳଣ ବାନା—ଶତ୍ରୁ ବିଧ୍ୱଂସୀ ପତାକା । ଚତୁରଙ୍ଗ ବଳ—ହସ୍ତ୍ୟାରୋହୀ, ରଥାରୋହୀ, ଅଶ୍ୱାରୋହୀ ଓ ପଦାତିକ ଚାରି ପ୍ରକାର ସୈନ୍ୟ । କମଳା ମାତା—ଲକ୍ଷ୍ମୀଦେବୀ, ତେଣୁ ଧନ ସମ୍ପତ୍ତି । ବିବେକ—ବିବେକୀ । ଭୈରବ—ମହାଦେବଙ୍କର ଅଂଶ ବିଶେଷ ।

କି ବିଦ୍ୟାକୁ ଅଛି ପାରି—ପାରିଅଛି ; କି କି ବିଦ୍ୟାରେ ପାରଙ୍ଗମ ହୋଇଛି ?

୧୬ ପୃଷ୍ଠା

ନରିନ୍ଦ୍ର—ନରେନ୍ଦ୍ର ଶବ୍ଦର ଅପଭ୍ରଂଶ । ହାଥେ—ହାତରେ, (ପ୍ରାଚୀନ ପ୍ରୟୋଗ) । ଶୃଣୁ ଶୃଣୁ—ଶୁଣ ଶୁଣ । ସଥଂ ସଥଂ ଘୃତ—ସଂସ୍କୃତ ଶବ୍ଦର ବିକୃତ ଉଚ୍ଚାରଣ । ଅମ୍ଭ ମୁଖରେ ବେଇ—ଅମ୍ଭ ସଙ୍ଗେ ବାଦାନୁବାଦ କରିବାକୁ ଯୁଡ଼ି । ବେଧ ବିଦ୍ୟା—ବେଦ ବିଦ୍ୟାର ବିକୃତ ଉଚ୍ଚାରଣ । ଭାଣ୍ଡ ମଣ୍ଡନ—ଭାଣ୍ଡ ଶ୍ରେଷ୍ଠ । ଚଣ୍ଡ ନେହ—ସେ ଭାଣ୍ଡର ନାମ ।

୧୭ ପୃଷ୍ଠା

ନେଉଳ ଚିହାଁଣି—ମିଚି ମିଚି କରି ଚାହିଁ । ଉଆଁସ ନଶିର ଶଶୀ—ଉପହାସ ଛଳରେ କଥିତ । କରଜା—କଡ଼ା । ତରଡ଼ା—ତରଳ । ସଡ଼ପା—ଦୁର୍ବଳ, ଯେ

ଉତ୍ସବରେ କଥା କହେ । ଢ଼ାମଁଶା—ସୂଚାବତ୍ । ଫଣଫଣା—ନର୍ଲଜ୍ଜ, ବା, ଯେ ସବୁବେଳେ ମୁହଁ ଫଣ ଫଣ କରିଥାଏ । ଏ ସବୁରେ କବିଙ୍କର ଭାବ ଓ ଲକ୍ଷ୍ୟ ପରିଷ୍କାର ଜଣା ପଡ଼ୁନାହିଁ ।

ସଙ୍କର ବଂଶ—ବର୍ଣ୍ଣସଙ୍କର ଜାତ, Illegitimate. ମୁଣ୍ଡା କରିବେ—ମୁଣ୍ଡକାଟ କରିବେ, ବଂଶ ଲୋପ କରିବେ । ଗ୍ରସ୍ତ—ଗ୍ରାସ କରୁ । ତୋ ବଂଶକୁ......ଗ୍ରସ୍ତ—କାଳସର୍ପ ତୋର ବନ୍ଧୁବାନ୍ଧବ ସହିତେ ଗୋଟି ଗୋଟି କରି ସ୍ମରଣ କରି ତୋର ବଂଶକୁ ସବଂଶ ଗ୍ରାସ କରୁ । ବଙ୍କଟ ବେଙ୍କଟ ମଣ୍ଡୁକ ଗୁଣ୍ଡା—ଗୁଣ୍ଡବଙ୍କା କେଁ କେଁ ସ୍ୱର, ବେଙ୍ଗପାଟି ପରି ପାଟି । ଝାମ୍ପୁସ ମୁଣ୍ଡା—ତୈଳ ସମ୍ପର୍କ ଶୂନ୍ୟ ପାମ୍ପର ମୁଣ୍ଡିଆ । ଲୋହିତ ଇକ୍ଷଣ—ରକ୍ତଚକ୍ଷୁ । ଶୋହିତ ଅବୁ—ଅବୁ ବାଇ । ଚିହ୍ନେ—'ଗୁ ଚିହ୍ନ' ବା ଚିହ୍ନି ରଖ' ଏହାର ପ୍ରାଚୀନ ଓଡ଼ିଆ ପ୍ରୟୋଗ 'ଗୁ ଚିହ୍ନେ', ଯଥା, ଗୁ ଦଏ, ଗୁ ଅ' ସେ ଇତ୍ୟାଦି । ସାହାନ୍ତ ଖାଇ ଯେ......ପଣ୍ଡିତ ମଣ୍ଡାରେ—କବି ସମ୍ଭବତଃ ବଳଭଦ୍ର ଗୋସ୍ୱାମୀ ବ୍ରାହ୍ମଣଙ୍କୁ ଲକ୍ଷ୍ୟ କରିଛନ୍ତି । ଗୋସ୍ୱ ଅମ୍ବର ଗୋଷ୍ପସର୍ପ—ନାଗର ଅବ ଇଲ୍ ଜ:ଇଆ ଗୋସ୍ୱ ନୁହେ । ଗୋଷ୍ପସର୍ପ ଅର୍ଥାତ୍ ସମ୍ଭବତଃ ମାଟି ସହିତ ସଂପୃକ୍ତ ଏହି ଅର୍ଥ । ବଡ଼ ବ୍ୟାଘ୍ର—ବଡ଼ବେଗ, କୁଷ୍ଠବେଗ । ଉଡ଼ୁଁ ଦାମୋଡ଼ିଆ ଯୋଡ଼ି—ଦାମୁଡ଼ି ଓଠାଣୁଁ ଅର୍ଥାତ୍ ହଲ କରୁଁ । ପଡ଼ୁ ନାହିଁ ସନ୍ଧି—ସିନ୍ଧି ରସ୍ତ ବବର୍ଜିତ, ଅର୍ଥାତ୍ ନାଦାମୂର୍ଖ ।

୧୮ ପୃଷ୍ଠା

ଅମ୍ବର ବଗ୍ଭରେ......କୈବର୍ତ୍ତ କୁମ୍ଭାରେ—ବକ୍ତା ନିଜକୁ ବ୍ରାହ୍ମଣ ବୋଲି ପ୍ରକାଶ କରିଅଛନ୍ତି, ମାତ୍ର ତାଙ୍କର ବଗ୍ଭରେ ସଭାରେ ବ୍ରାହ୍ମଣମାନେ ବସିବା କଥା କହୁ ବାହାନ୍ତି, କହୁଛନ୍ତି ସଭାରେ ବସିଲେ କେଉଟ କୁମ୍ଭାରଅବ । ଏଥିରୁ ତାଙ୍କର କୌଳୀନ୍ୟ ପରିସ୍ଫୁଟ । ତା'ପରେ ଖାଦ୍ୟ ସାମଗ୍ରୀ ପ୍ରାରୁମ୍ଭି ଯୋଗୁଁ ବାଜାକାରମାନେ ସୁଦ୍ଧା ଗୁଡ଼ିକରି ପଳାଇଲେ ! ଶାଠ—ଶଠବଦ୍ୟ, ଠକପଣ, ଧୂର୍ତ୍ତତା । ପଲ୍ଲବିତ ଗଛ....କାଠ—ନବପଲ୍ଲବିତ ଗଛ ମଧ୍ୟ ଶୁଖିଯାଇ ଶୁଣ୍ଠା ହୋଇଯିବ । ପଣ୍ଡିତ ପଙ୍ଗାର—ପଣ୍ଡିତ କୁଳାଙ୍ଗାର । ପଦ୍ମଫୁଲ....ହୋଉ ତୋର—ପଦ୍ମଫୁଲ ସକାଳୁ ସୂର୍ଯ୍ୟୋଦୟରେ ଫୁଟି ସନ୍ଧ୍ୟାରେ ସୂର୍ଯ୍ୟାସ୍ତରେ ମଉଳିଯାଇ ପରି ଗୁ ଚିରସ୍ଥିର (!) ହୁଅ । ବ୍ୟାଘ୍ରବର୍ଦ୍ଧକ ଚୂଡ଼ାମଣି—ଯାହାର ହାତ ଲାଗିଲେ ବ୍ୟାଘ୍ର ବର୍ଦ୍ଧନ ହୁଏ ଏପରି ଯେଉଁ ବୈଦ୍ୟ ଚୂଡ଼ାମଣି । ବ୍ରାହ୍ମଣର ସହରର । ଖଣ୍ଡମଣ୍ଡକ ଫଣୀ—ବ୍ୟଙ୍ଗରେ ଶ୍ରେଷ୍ଠାର୍ଥେ ଫଣୀ ଶବ୍ଦ ବ୍ୟବହୃତ, ଅର୍ଥାତ୍ କୁଷ୍ଠ ଭକ୍ଷଣ ।

ବାଲୁକା ଶଯ୍ୟା —ଅନ୍ତିମକାଳରେ ପରପାର ଯାତ୍ରୀଙ୍କୁ ତୁଳସୀ ମୂଳରେ ବାଲୁକା ଶଯ୍ୟାରେ ଶୁଆନ୍ତି । ମୋ ହସ୍ତ....ଖଟ ଉପର—ଯେଉଁ ମଳୁଠାରେ ମୋ ହାତ ଲାଗେ ତାହାପାଇଁ ବାଲୁକା ଶଯ୍ୟା ଓ କୋକେଇ ଉପର ହୁଏ (ଏପରି ଅମୃତହସ୍ତ ସେ ବୈଦ୍ୟ !) ମଳର ମଳି—ମଳଦ୍ୱାରର ମଳି । ଝଡ଼େ—ଜୋର୍‌ରେ ।

୧୯ ପୃଷ୍ଠା

ଲଣ୍ଡ—କାନ୍ଧ । ଛକାଠି ହାତ ଓ କାନ୍ଧର ସଂଯୋଜକ ଅସ୍ଥି ଫଳକ, Shoulder blade. ପଛ ପଛ....ମାଉସୀରେ—ପିଉସାଙ୍କ ଦେହରେ ପିତ୍ତ ପ୍ରବଳ ହେବାରୁ ଏ ବ୍ୟାଘ୍ର ବର୍ଦ୍ଧନ ଚୂଡ଼ାମଣି ତହିଁର ଚିକିତ୍ସା କଲେ, ଫଳରେ ପିଉସା ଚିରକାଳ ପାଇଁ ନିଶ୍ଚଳ ହୋଇ ରହିଲେ ; ଅଉ ପଛ ପଛ ବୋଲି ଖେଦ କରି କାନ୍ଦିଲେ ପିଉସୀ ନୁହେ, ମାଉସୀ ! ବ୍ୟାଘ୍ର ବର୍ଦ୍ଧନଙ୍କ ମାଉସୀଙ୍କ ପଛ ଅଟନ୍ତି ତାଙ୍କ ପିଉସା ! ଭେଳି ସାରୁ—ଭେଳିଆ ସାରୁ, ଏକ ଶ୍ରେଣୀର ସାରୁ । ଅଖି ବାଟେ ବାତ (ପ୍ରାଣବାୟୁ) ଗଲା ଧଇଁସଇଁ ହୋଇ (ଚଞ୍ଚଳ, ଚଟପଟ) ।

୨୦ ପୃଷ୍ଠା

ଶନିଙ୍କି ଶୃଙ୍ଗାର, ଗୁରୁଙ୍କୁ ଅଙ୍ଗାର, ମଙ୍ଗଳଙ୍କୁ ଟେଳା, ରବିଙ୍କି ମୂଳା, ଚନ୍ଦ୍ରଙ୍କୁ ଭେକ, ଶୁକ୍ରଙ୍କୁ ଜୋକ, ବୁଧଙ୍କୁ ଚର୍ମ, ରାହୁଙ୍କୁ ପ୍ରେମ, କେତୁଙ୍କୁ ଗେଣ୍ଡା, ବ୍ରାହ୍ମଣିଅଙ୍କୁ କୁଣ୍ଡା, ଜଉତିଷକୁ ନେଉଳ, ପଣ୍ଡୁଆସିକୁ ଶେଉଳ, ଭଣ୍ଡାରିଆଙ୍କୁ ମୂତ୍ର—ଏ ସବୁରେ କବିଙ୍କର ଭାବ ଓ ଲକ୍ଷ୍ୟ ଠିକ୍ ଜଣାପଡ଼ୁ ନାହିଁ ।

ପୌର୍ଣ୍ଣମୀ ଉଆଁସ......ଙ୍କର ଭେଦ—ଏ ସବୁ ସ୍ଥଳରେ ମଧ୍ୟ କବିଙ୍କ ବ୍ୟବହୃତ ଶବ୍ଦର ଅର୍ଥ ହୃଦୟଙ୍ଗମ କରିବା କଷ୍ଟକର ।

ଏହି ଜ୍ୟୋତିଷ ଶିରୋମଣି ଯାହାଙ୍କର ପାଞ୍ଜି ଗଡ଼ି ବା କାଢ଼ିଅଛ ଦେଖନ୍ତି ତାଙ୍କର ଏତେଗୁଡ଼ିଏ ଯୋଗ ଘଟିଯାଏ—

କଙ୍କାଳ ଯୋଗ—କଙ୍କାଳ ସାର ହେବାର ଯୋଗ ।

ଚଉରାଶି ଭୋଗ—ନରକ ବା ବିବିଧ ରୋଗ ଭୋଗ ।

ଝିଟିକା ଲଗ୍ନ—ଏ ଜ୍ୟୋତିଷ ଲଗ୍ନ ଦେଖି ବପନ ସମୟ ସ୍ଥିର କରି ଦେଲେ ଶସ୍ୟ ସବୁ ପଙ୍ଗପାଳଅଛ ଇତି ଭୟରେ ନଷ୍ଟ ହୋଇଯାଏ (?)

ହସ୍ତ ପାଦୁକା ଭଗ୍ନ—ଲୋକର ହାତ ଗୋଡ଼ ଭାଙ୍ଗିଯାଏ ।

ମୃତବତ୍ସା ଗଡ଼ି—ଯେଉଁ ସ୍ତ୍ରୀ ପାଇଁ ସେ ଗଡ଼ି ପକାଏ ସେ ମୃତବତ୍ସା ହୁଏ ।

ନାସାଚ୍ଛେଦନ ନାଡ଼ି—ସେ ଯାହାର ନାଡ଼ି ଦେଖେ ତାହାର ନାସା ଛେଦନ ଯୋଗ ଘଟେ ନା ବାମ ଦକ୍ଷିଣ କୌଣସି ପୁଡ଼ାରେ ତାହାର ନିଶ୍ୱାସ ପଡ଼େ ନାହିଁ ।

ବିବାହେ ବିଧବା ଯୋଗ—ବିବାହ କାଳରେ ବିଧବା ଯୋଗ ଅନୁଷ୍ଠାନ କରିବାକୁ ପଡ଼େ, ଅର୍ଥାତ୍ ସେ ପାଞ୍ଜି ଦେଖିଲେ ବିବାହ ସମୟରେ କନ୍ୟା ବିଧବା ହୁଏ ।

ସପିଣ୍ଡ ଅନୁକୂଳ—ସପିଣ୍ଡଙ୍କ ସଙ୍ଗେ ଯାତ୍ରା, ମୃତ୍ୟୁ ।

ଶ୍ମଶାନର କବଳ—ଶ୍ମଶାନ ଗ୍ରାସ, ପ୍ରେତ ଗ୍ରାସ ।

ନାଡ଼ିଛଡ଼ା ଖୁର—ନାଡ଼ି ଛାଡ଼ି ଯିବାର ବେଳ, ଖୁର—ସମୟ । cf 'ସେ ଦିନ ବେଳର ଷଡ଼ଖୁର ହୁଏ ଭୋଗ'—ଲାବଣ୍ୟବତୀ ।

ପଡ଼ପଡ଼ିଆ ଗୁଣ୍ଡ—ପଡ଼ପଡ଼ି ଶବ୍ଦପର ଶବ୍ଦବିଶିଷ୍ଟ ଗୁଣ୍ଡ, ଅମଙ୍ଗଳ ସୂଚକ ।

ଶିଙ୍ଗାନାଶନ ନାଗର—ଯେଉଁ ନାଗର ବାଜିଲେ ଶିଙ୍ଗା ଛୁଟିଯାଏ ।

କଙ୍କାଳ ଯୋଗ......ଅଗର ।....ସ୍ଥଳରେ କହିଲେ ସେ ଜ୍ୟୋତିଷ ପ୍ରକାଶ କରୁଅଛି ଯେ ସେ ଯାହାର ପାଞ୍ଜି ଦେଖେ ତାହାର କପାଳ ଫାଟେ । ତାହାର ଦୁର୍ଦଶା ଘଟିଅଯେ । ଯଥା ସେ ଯାହାର ପାଞ୍ଜି ଦେଖେ ସେ କଙ୍କାଳ ସାର ହୋଇଯାଏ, ରଉରଣି—ଅର୍ଥାତ୍ ନରକ ବା ରୋଗ ଭୋଗ କରେ, ଯାହାର ଗଡ଼ି ପକାଏ ସେ ମୃତାବସ୍ଥା ହୁଏ, ବିବାହ କାର୍ଯ୍ୟ ବିଚାର କଲେ ସେ ସ୍ତ୍ରୀ ବିଧବା ହୁଏ, ଇତ୍ୟାଦି । ନାହୋର—ଲାହୋର, Lahore.

ତାସ ଦେଖିଲେ....କଥା ମିଛ ?—ଏଠାରେ ମଧ୍ୟ କବି ତାଙ୍କର ବ୍ୟଙ୍ଗୋକ୍ତି ପ୍ରୟୋଗର ଅଉ ଗୁଡ଼ିଏ ଉଦାହରଣ ଦେଇଅଛନ୍ତି ।

୨୧ ପୃଷ୍ଠା

ସପ୍ତାଙ୍ଗ—ଜ୍ୟୋତିଷର କଥା କୁହା ଯାଉଥିବା ଯୋଗୁଁ ସପ୍ତାଙ୍ଗ ବର୍ଣ୍ଣନା କରିବା ସ୍ୱାଭାବିକ । ପାଞ୍ଜିର ବାର, ତିଥି, ନକ୍ଷତ୍ର, ଚନ୍ଦ୍ର, ଯୋଗ, କରଣ ଓ ରବ୍ୟଂଶ ସମ୍ବନ୍ଧୀୟ ବିବରଣକୁ ସପ୍ତାଙ୍ଗ କୁହାଯାଏ । ସପ୍ତାଙ୍ଗ ଶ୍ରବଣ ଫଳ ଯଥା—

"ବାରେ ବ୍ୟାଧି ବିନାଶସ୍ୟାତ୍ତିଥିରାୟୁର୍ବିବର୍ଦ୍ଧିନୀ,
ନକ୍ଷତ୍ରେ ଧନମାପ୍ନୋତି ଚନ୍ଦ୍ରେ ସୌଭାଗ୍ୟମେବ ଚ,
ଯୋଗେ ଜନ୍ମବିବୃଦ୍ଧିସ୍ୟାତ୍କରଣେ ବନ୍ଧୁବର୍ଦ୍ଧନଂ,
ରବ୍ୟଂଶେ ପାପନାଶଶ୍ଚ ସପ୍ତାଙ୍ଗଂ ଶୃଣ୍ୱତାଂ ସତାଃ ।"

ଅଭ ଦବସ......ଭଣ୍ଡାଶ୍ଚ ସବୁ ବୁଡ଼ାଇଲ ।—କବଙ୍କର ବ୍ୟଙ୍ଗୋକ୍ତି ପ୍ରୟୋଗର ଅଉ ଗୋଟିଏ ଉଦାହରଣ । ଏଠାରେ ମଧ୍ୟ ଅର୍ଥ ସୁଗମ ନୁହେ ।

ଗାଏ—ମୋଟରେ Total । ସଡ଼ି—କାଳ ପରମାଣ, ବ୍ୟଙ୍ଗରେ କବ ମୃତ୍ୟୁପାଶ ଅର୍ଥରେ ସଡ଼ି ସହତ ଠେକ ଶବଦର ମଧ୍ୟ ପ୍ରୟୋଗ କରଥଛନ୍ତି । ଭେଟଣା ଯୋଗ—ଦେଖା ପ୍ରଭୃତଙ୍କ ସଙ୍ଗେ ହାବୁଡ଼ି ଯିବା ଯୋଗ । ଭେଟଣା ପଡ଼ିଯାଇ ଲୋକ ଚମକ କର ବସୁରିକା ଅଦରେ ମର ଯିବାର ଦେଖାଯାଇଛି ।

ଧନ.......ଯୋଗ ପଡ଼ୁଛି ।—ଅର୍ଥ ପରଷ୍କାର ନୁହେ ।

ଅଭ ମନୁଷ୍ୟମାନେ....କରବେ ପପ ।—ଅଭ ଯେଉଁ ଯୋଗ ପଡ଼ୁଛି ତହିଁରେ ଲୋକମାନେ ବଡ଼ କାର୍ଯ୍ୟ ତତ୍ପର ହେବେ—ଦନ ତୃତୀୟପ୍ରହର ପର୍ଯ୍ୟନ୍ତ ଶେଯରେ ଶୋଇ ଶୋଇ ସେଇଠାରେ ସ୍ନାନ କର ଅନ୍ନ ଧ୍ୱଂସ କରବେ ।

ମୂଲା ମୀନ....ଯୋଗରୁ ହୁଅଇ । ଜ୍ୟୋତଷ ମତରେ ମୂଲାନକ୍ଷତ୍ର ମୀନ ରାଶିରେ ଶନଙ୍କର ଶୁଭଦୃଷ୍ଟି ପଡ଼ିଲେ ଶୁଭଫଳ ହୁଏ । ଶନଙ୍କର କୁଦୃଷ୍ଟି ଯୋଗୁଁ ଜଳୋଦଶ୍ଚ ରୋଗ ହୁଏ ।

ଏ ସବୁରୁ ମନେହୁଏ କବଙ୍କର ଜ୍ୟୋତଷ ଶାସ୍ତ୍ରରେ ମଧ୍ୟ ଦଖଲ ଥିଲା ।

ମେଷ ବୃଷ....ଯାଉଅଛନ୍ତି । (ବ୍ୟଙ୍ଗାର୍ଥେ) ଉଭିଦ ଭୋଜୀ ଗୃହପାଳିତ ମେଷ ଓ ବୃଷ (ମେଣ୍ଢା ଓ ଷଣ୍ଢ) ରାଶି (ଗଦା, ଜଳ ଫସଲ) ଖାଇ ଯାଉଅଛନ୍ତି । ସ୍ୱତରାଂ ଗଦା ଅଭାବରୁ ଏ ବର୍ଷ ବଶେଷ ତେଲାଭାବ ହେବ ଏବଂ ଫଳରେ ବୈଦ୍ୟମାନେ ମୂଳ ପରୀକ୍ଷା କରବାକୁ ସୁଦ୍ଧା ତେଲ ଟିକିଏ ପାଇବେ ନାହିଁ । ଏଣୁ ରୋଗୀମାନେ ବହୁ କଷ୍ଟଭୋଗ କରବେ ।

କେବଳ ଏହି ଶୁକ୍ଳ......ଗିଳିବ ।—(ବ୍ୟଙ୍ଗାର୍ଥ) ଶୁକ୍ଳ ପକ୍ଷରେ ଅମାବସ୍ୟା ତଥିରେ (!) ସକାଳ ବେଳା ଦନ ନଅଘଡ଼ିଠାରେ ଚନ୍ଦ୍ରଗ୍ରହଣ ଲାଗିବାର ଅଛି । ସୂର୍ଯ୍ୟ ଡାନ୍ତପରି ବସିଲଣି—ଏଥିରୁ ଅନୁମାନ ହୁଏ ଦବସ ପ୍ରକାଶ ହେଲଣି ମାତ୍ର ତା ପରେ କୁହାଯାଉଛି ଚନ୍ଦ୍ରାଟେକି ପଡିଲାଣି (ରାତ ଥାଉଁ ଥାଉଁ ପାହାନ୍ତାରେ ଚନ୍ଦ୍ରାକୁଟା ଯାଏ) ସୂର୍ଯ୍ୟ ଚନ୍ଦ୍ରଙ୍କୁ ଗିଳିବ !

କୁମ୍ଭାର ଚକ.....ବୁଡ଼ାଇଲା ।—ଲକ୍ଷ୍ୟ ପରଷ୍କାର ନୁହେ ।

୨୨ ପୃଷ୍ଠା

କାଳକୁଣ୍ଡଳୀ - କାଳସର୍ପ । ସେ ନାଟେଭ ମଙ୍ଗଳଗ୍ରହ ବଂଶରେ ଜନ୍ମ । ତାହାର କାର୍ଯ୍ୟ ସବୁ ମଧ୍ୟ ମଙ୍ଗଳସୂଚକ—ଯଥା, ସେ ଏପର ଶୁଭହସ୍ତ ଯେ ସେ କାର୍ଯ୍ୟ କରୁଥିଲେ

ବବା'ହୁକାଳରେ ମୁଖାଗ୍ନି ଦେବାକୁ ପଡ଼େ, ବଦାପବା ବେଳେ ମୃତାଶୌଚରେ ଭକ୍ଷ୍ୟ ଅଭକ୍ଷ୍ୟ ଭୋଜନ କରିବାକୁ ପଡ଼େ, ସେ ନଖ କାଟିଲେ ମଣିବନ୍ଧ ପର୍ଯ୍ୟନ୍ତ କଟେ, କ୍ଷୌର ହେବା ଲୋକ ମଲି ମଲି ବୋଲି ରଡ଼ି ଛାଡେ । ତାର ଶିରରେ କାଠ ଚିରେ ଏବଂ କଣ୍ଠକୁଣୀରେ ମାଟି ଖୋଳେ । ଉଦର ହେବା—କ୍ଷୌର ହେବା, ବର୍ତ୍ତମାନ କେବଳ ସମ୍ବଲପୁର ଅଞ୍ଚଳରେ ଏହି ଅର୍ଥରେ 'ଉଦର ହେବା' ଶବ୍ଦ ବ୍ୟବହୃତ ହୁଏ । ଉଦର ହେଉଛି ଲୋକ—ଯେଉଁ ଲୋକ ତାହା ହାତରେ କ୍ଷୌର ହୁଏ ।

ସେ କାପେତ ଯେପରି ଶୁଭକର୍ମୀ ତାହାର ସ୍ତ୍ରୀ ମଧ୍ୟ ତହୁଁ ବଳି । ସେ ଯେଉଁଠାରେ ହୁଳହୁଳି ଦଏ ସେଠାରେ ମୃତ୍ୟୁ ନିଶ୍ଚିତ ଏବଂ ଯୋବା ସେଠାରୁ ଖଟ ଶେଯ ନିଏ । ଶୁଭସୂଚକ ପୂର୍ଣ୍ଣକୁମ୍ଭ ପରିବର୍ତ୍ତରେ ସେ ଅଶୁଭସୂଚକ ତୈଳକୁମ୍ଭ ସ୍ଥାପନ କରେ ।

ଶୁଷ୍କମାଂସ......ଲେଖଇ ।—ଅମଙ୍ଗଳ ଉଦ୍ଦେଶ୍ୟରେ ଶୁଷ୍କମାଂସ ଉପରେ ଚିତା ଭସ୍ମରେ ଲେଖାଲେଖି ତାନ୍ତ୍ରିକ ପ୍ରୟୋଗରେ କରାଯାଏ । ଏଥିରୁ ମନେହୁଏ କବିଙ୍କର ତାନ୍ତ୍ରିକ ପ୍ରୟୋଗ ବିଷୟରେ ମଧ୍ୟ ଜ୍ଞାନ ଥିଲା ।

୨୩ ପୃଷ୍ଠା

କାଫଡ ଚୂର୍ଣ୍ଣି....ପରମାତ୍ମାପ ଖଣ୍ଡଇ ।—ହୁଳି ଦେବା ବେଳେ ଛିଙ୍କିବା ଅଶୁଭସୂଚକ, ମାତ୍ର ଏ ନାପିତାଣୀ କାପଡ଼ ଚୂର୍ଣ୍ଣି ନାକରେ ଚୂର୍ଣ୍ଣି କରି ଫଳରେ ଛିଙ୍କି ଛିଙ୍କି ହୁଳି ଦଏ । ସେହିପରି ବେଢ଼ ମାରି (ଅର୍ଥାତ୍ କଚ୍ଛା ନ ମାରି । ପୂର୍ବକାଳରେ ଉତ୍କଳ ଦେଶରେ ସଧବା ସ୍ତ୍ରୀମାନେ ସଚରାଚର କଚ୍ଛା ମାରି ଲୁଗା ପିନ୍ଧୁଥିଲେ । ବିଧବାମାନଙ୍କ ପକ୍ଷେ ବେଢ଼ ମାରି ଅର୍ଥାତ୍ କଚ୍ଛା ନ ମାରି ଲୁଗା ପିନ୍ଧିବା ଚଳଣୀ) ଅର୍ଥାତ୍ ବିଧବାପରି ଲୁଗା ପିନ୍ଧି ହୁଳହୁଳି ଦଏ । ଏହା ଅଶୁଭସୂଚକ । ପୋଟିଁ—ପୋଡ଼ାଇ ପକାଇଁ, ମାଡ଼ିବସି ।

ଅମ୍ଭ ସେନ....ପଡ଼ିବଲେ ।—ଯମ ଧୀରିଭାବରେ ଚାଲିଛନ୍ତି । ଅମ୍ଭେମାନେ ବିବିଧ ଅଶୁଭ ଯୋଗ କାରଣ ହୋଇ ନାନା ମୃତ୍ୟୁ ଘଟାଇ ଦେଉଥିବାରୁ ଯମରାଜଙ୍କର ସ୍ୱୀୟ ଶକ୍ତି ପ୍ରୟୋଗ କରିବାର ଆବଶ୍ୟକତା ପଡ଼ୁ ନାହିଁ । The god of death has therefore become easy going.

ଅସ୍ଥିଖଣ୍ଡ ଚଢ଼ିଗଲେ—ବୋଧହୁଏ କଳାପମୁଖୀର କାନରେ ମାଂସ ଟିକିଏ ନ ଥିଲା । ଜୋକମାନେ ମାଂସଳ ସ୍ଥାନରେ ଲାଗି ସେଠାରୁ ରକ୍ତ ଶୋଷଣ କରନ୍ତି, ମାତ୍ର ଅସ୍ଥିମୟ ଯାଗାରେ କାହିଁକି ଲାଗିବେ । ଏହା ବ୍ୟଙ୍ଗ ପ୍ରୟୋଗ ମାତ୍ର । ସେ ହାସ ପ୍ରକାଶ ....ଅନ୍ଧାର ଦିଶଇ ।—କବି କଳ୍ପନାରେ ହାସକୁ ଧଳା ବୋଲି ଧରାଯାଏ ମାତ୍ର କଳାପମୁଖୀର ହାସରେ ଦିଗସବୁ ଅନ୍ଧକାର ହୋଇଉଠଇ ! ତେଣୁ କଳାପମୁଖୀକୁ ମଧ୍ୟ କବି କୁଳହାସୀ ବୋଲି ବର୍ଣ୍ଣନା କରିଅଛନ୍ତି । ସଞ୍ଚାରି କଲେ—ବାହାରିଲେ ।

୧୫ ପୃଷ୍ଠା

ରସବିନୋଦ କଥା

ଅର୍ଥେ—ଅର୍ଥତ୍ (ପ୍ରାଚୀନ ପ୍ରୟୋଗ) । ସାମ୍ୟ ହୁଅଇ ସିବା !—କନ୍ଦର୍ପ ଦୀପର ପ୍ରଜ୍ୱଳନଜନିତ ଉଷ୍ଣତାର ସମାନତା ବା ଶୀତଳତା ଅସିବ ।

ରସଃ....ଦ୍ୟୁତିମତଃ ।—ସଂସାରରେ ପ୍ରାଣିମାନଙ୍କର ପ୍ରାଣଠାରୁ ମଧ୍ୟ ରସ ଅଧିକ ସୁଖକର । ଛେଦନାର୍ହ ପଶୁ ମଧ୍ୟ ଯଦି ରସଜ୍ଞ ହୁଏ, ତେବେ ସେ ମଧ୍ୟ ସଂସାରରେ ଉତ୍କୃଷ୍ଟ ତନୁଧାରୀ । ଯେ ସର୍ବଦା ରସ ପ୍ରୟୋଗ କରେ (ଯେ ସର୍ବଦା ରସରସିଆ କଥା କହେ—ରସାଲାପୀ) ସେ ମୂର୍ଖ ହେଲେ ସୁଦ୍ଧା ଏ ସଂସାରରେ ଗୁଣବାନ୍ । ସେହି ହେତୁରୁ ରସ ସ୍ୱର୍ଗ ନର ନାଗାଦି ଲୋକଙ୍କର ପ୍ରିୟ ।

୧୬ ପୃଷ୍ଠା

ଛଡ଼ି ରହିଲା=ଲାଗି ରହିଲା । ଝୋଡ଼ାଇବା—(ହିନ୍ଦି ଝୋଷନା) ଝୋଷଇବା—ବଳପୂର୍ବକ ଆୟତ୍ତାଧୀନ କରିବା, to cheek, to control. cf ତାଜ ବାଜ ଝୋଡ଼ାଇ ଝୋଡ଼ାଇ ନୟଇ— ବିଚକ୍ଷଣା, ୨।୭ । କରିବା ଅସ୍ୟରେ—ଭଙ୍ଗରେ, in the attitude of. ଚଞ୍ଚଳ ନେତ୍ର ପଢରେ ଘୁହିଁ—ଚଞ୍ଚଳ ପଢରେ ଘୁହିଁ ।

ଅତନୁ ତୁର—କାମତୁର । ତେଣେ ହେମାଙ୍ଗୀ....ବାଉଳପରି ହେଉଛି—ସ୍ତ୍ରୀ ଲିଙ୍ଗରେ 'ବାଉଳୀ' ପରିବର୍ତ୍ତେ 'ବାଉଳ' ପ୍ରାଚୀନ ପ୍ରୟୋଗ ପ୍ରଚଳିତ । ତର୍କଣା—ଅନୁମାନ, କଳନା । ଠଉରଇବ—ଅନୁମାନ କରିବ । ସରିକି—ପର୍ଯ୍ୟନ୍ତ ।

୧୭ ପୃଷ୍ଠା

ତରଙ୍ଗ ନୟନ—କୁରଙ୍ଗ ତରଙ୍ଗ ନେତ୍ର । ଅଧରରଙ୍ଗ—ରକ୍ତଅଧର । ଅଳପ ହାସ ପ୍ରକାଶ କି ରଙ୍ଗ—ଲୀଳା । ଠଉରଇ ନ ପାରିଲେ—ଅନୁମାନ କରି ପାରିଲେ ନାହିଁ । ବଳବନ୍ତ—ବଳବାନ୍ (ପ୍ରାଚୀନ ପ୍ରୟୋଗ) । ରତିଏ ମାତ୍ର—ବିନ୍ଦୁମାତ୍ର, even to a grain. (କୁମାରୀ ଅଙ୍ଗ ସଙ୍ଗ) ରତି—ଆସକ୍ତି, ପ୍ରୀତି, ସୁଖ । ଅଗ୍ୟାନରେ—ଅଜ୍ଞାନରେ (ପ୍ରାଚୀନ ପ୍ରୟୋଗ) । କୁମାରୀ କି—'ଇ' ଓ 'ଈ' କାରାନ୍ତ ବିଶେଷ୍ୟ ପଦର ଦ୍ୱିତୀୟା ଏକବଚନରେ ବିଭକ୍ତିର ରୂପ 'କୁ' ସ୍ଥାନରେ 'କି' ହୁଏ । ଯଥା ଗୁଡ଼ି, ଚିଠା, ସ୍ୱାତୁ ।

୨୮ ପୃଷ୍ଠା

ପରୁଚିଛଡ଼ା......ମଣ୍ଡାଅସ୍ତର—ପ୍ରାଚୀନ ଉତ୍କଳରେ ପ୍ରଚଳିତ ସୁରସ ରସାଳ ରୁଚିକର ଖାଦ୍ୟାବଳୀର ଗୋଟିଏ କ୍ଷୁଦ୍ର ତାଲିକା କବି ଏଠାରେ ଦେଇ ଅଛନ୍ତି। ପଇ—ଅମ୍ଳ, ଦହି, ସୋରଷ, ମିଠା, ଲୁଣ, ଲଙ୍କାଆଦି ଦ୍ୱାରା ପ୍ରସ୍ତୁତ ସୁରୁଚିକର, ଚଟଣୀ ଜାତୀୟ ଖାଦ୍ୟ। ଜତ୍ୟା—ଜତ, ଜତ୍ମା ଶବ୍ଦର ପ୍ରାଚୀନ ପ୍ରୟୋଗ। ପଥ୍ୟପହଞ୍ଚା—ଯାହା ପଥ୍ୟକୁ ସହଜରେ ଉଦରସ୍ଥ କରାଇ ଦେବ। ପତରଚଟା—ଯାହା ଏପରି ସୁସ୍ୱାଦୁ ଯେ ପତର ପର୍ଯ୍ୟନ୍ତ ଚାଟିବାକୁ ମନହେବ।

ପଲକହରା—ଯାହାର ରୂପ ଏପରି ରୁଚିକର ଯେ ଦେଖିଲେ ପଲକ ପଡ଼ିବ ନାହିଁ। ଚିତ୍ତଚଞ୍ଚଳା—ମନକୁ ଯେ ଚଞ୍ଚଳ କରାଇ ଦେବ। ଚଞ୍ଚା—ଘୋଳ। ମରମ-ରସା ଶାକରା—ହୃଦୟ ପ୍ରୀତିକର ମଧୁରସ୍ମ ସ୍ୱାଦବିଶିଷ୍ଟ ବ୍ୟଞ୍ଜନ ବିଶେଷ। ନାସିକାହରା ମହୁର—ସୁଗନ୍ଧ ମାଛତରକାରୀ ବିଶେଷ, ଦିପରେ ବ୍ୟାପିଯାଏ, ଏଣୁ ନାସିକାହରା। କବଳଚରା କଡ଼ି—ସୁସ୍ୱାଦୁ ଦହିକଡ଼ି। କଟେଶ୍ୱରସ ପାଚଙ୍ଗ—ମନୋହର ସ୍ୱାଦୁବିଶିଷ୍ଟ ପାଚଙ୍ଗ ଫଳ। ଘଟଣରୂପ ଘଣ୍ଟ—ଚକ୍ଷୁ ପ୍ରୀତିକର ଘାଣ୍ଟ—ତରକାରୀ। କଙ୍କଟୀ—କାକୁଡ଼ି। ନାଡ଼ି ନାରିକେଳ—ନାଲି ନଡ଼ିଆ। ବୀଜପୁର—ଟଭା। ଏକ ବଦ୍ୟ ଜଣେ ଥିଲେ—ଜଣେ ବୈଦ୍ୟ ଥିଲେ, (ଏକ ଜଣେଥିଲେ—ପ୍ରାଚୀନ ପ୍ରୟୋଗ ରୀତି)।

୨୯ ପୃଷ୍ଠା

ନାକ ?—ପଗ ? । ଚତୁସ୍କ—ସଂସ୍କୃତ ଚତୁରକ୍ଷ, ଚତୁର୍+ଅକ୍ଷ। ପ୍ରାଚୀନ ଓଡ଼ିଆରେ ହସନ୍ତ ବର୍ଣ୍ଣର ପ୍ରଚଳନ ନ ଥିବାରୁ ଚତୁର୍+ଅକ୍ଷ=ଚତୁର+ଅକ୍ଷ=ଚତୁସ୍କ ହେବ, ଚତୁରକ୍ଷ ହେବ ନାହିଁ। ଏହି ଭାବରେ ଚତୁସ୍କ ଶବ୍ଦ ଓଡ଼ିଆରେ ଚିରକାଳ ପ୍ରଚଳିତ। ବର୍ତ୍ତମାନ ଏହା ଅଶୁଦ୍ଧ ଅଗ୍ରାହ୍ୟ ବୋଲି କୁହାଯାଇ ନ ପାରେ। ତଦ୍ରୂପ ଚିର ପ୍ରଚଳିତ 'ଉପରୋକ୍ତ' ଶବ୍ଦଟିକୁ ମଧ୍ୟ ବର୍ତ୍ତମାନ ଅଶୁଦ୍ଧ ବୋଲି କହିବା ଅନ୍ୟାୟ।

ଖେଦ୍ରା—ଖେଦଗ୍ରସ୍ତ, ଅଶ୍ରଦ୍ଧାନ୍ୱିତ। ଅବଧାନ କରିଥିଲେ—ମନ କଲେ, ମନ ଦେଲେ।

୩୦ ପୃଷ୍ଠା

କୃଷ୍ଣାଭିସାରୀ—ଯେଉଁ ନାରୀ କାନ୍ତକୁ ଭେଟିବା ନିମିତ୍ତ ଅନ୍ଧକାର ରାତ୍ରିରେ କୃଷ୍ଣ ବର୍ଣ୍ଣର ବେଶ ଭୂଷା ସଜ୍ଜିତ ହୋଇ ସଙ୍କେତ ସ୍ଥାନକୁ ଗମନ କରେ।

ଖଦ୍ୟୋତ—ଜୁଳୁଜୁଳିଆ ପୋକ । ନିଶାଚର—ପେଚା ଓ ଅନ୍ୟାନ୍ୟ ରାତ୍ରିଚର ଜୀବ ।

କନ୍ଦର୍ପ-କେଳି-କୁନ୍ଦ-ଅଳକ-ଚିତ୍ରରେ=ସିନ୍ଦୁର ଅଳକ ମଧ୍ୟରେ କମ୍ପା କନ୍ଦର୍ପ କେଳି ଯୁକ୍ତ ସୁନ୍ଦର ଅଳକ ମଧ୍ୟରେ । ଖିନ୍ନଭିନ୍ନ ଛିନ୍ନଭିନ୍ନ । ପଗ୍ୟାନ—ପଲ୍ଲାବ, (ପ୍ରାଚୀନ ପ୍ରୟୋଗ) । ଘୋଡାକୁ ଚଢାଇଲା ପରେ—ଲୁହ ଥିବାଇଲା ପରେ, ଅଟକାଇଲା ପରେ । ମତ୍ତନୃପକେ—ଏକ ମତ୍ତ ନୃପକୁ ।

୩୧ ପୃଷ୍ଠା

ବିଷାଦ ହେଲେ—ବିଷଣ୍ଣ ହେଲେ ଅର୍ଥରେ ପ୍ରାଚୀନ ଓଡ଼ିଆ ପ୍ରୟୋଗ । ଅବ—ଅପରେ । 'ଭକ୍ତିଜାବନ୍ତ ଭଦ୍ରବଦା'—ସେହିପ୍ରକାର ତାହା ନିଷ୍ପତ୍ତି ଜାଣନ୍ତ ଅର୍ଥାତ୍ ଗୁଣୀଙ୍କ ଗୁଣୀ ଚିହ୍ନେ, ଧୂଆଁ ପରକୁ ମୁଣି ଚିହ୍ନେ, କର୍ଦ୍ଦମର ମରମ କଥା ସେହି ସ୍ୱଭାବର ବାସ୍ତୁ ମାଳଙ୍କୁ ଜଣାପଡ଼ିଲା । ନାଗେ—ଲାଗି, ପାଇଁ । ପାଳଙ୍ଗ—ପୋଇଲା, ପାଳିତା ସ୍ତ୍ରୀ । ଏ ଶବ୍ଦଟି ଗଡ଼ଜାତ ସ୍ୱଜନପରମାନଙ୍କରେ ବିଶେଷଭାବରେ ବ୍ୟବହୃତ ହୁଏ । କୋଟ-ପାଳି—କୋଟପାଳ, କୋଟପାଳ ଶବ୍ଦଜ, ଶାନ୍ତିରକ୍ଷକ, ପୁଲିସ ।

୩୨ ପୃଷ୍ଠା

ବାହାର ଅବକାଶବେଳେ—ବାହାରକୁ ବଜେ ବାଳିବେଳେ, ବାହାର ଭ୍ରମଣ କରୁ ଥିଲାବେଳେ । ହାଥ—ହାତ (ପ୍ରାଚୀନ ପ୍ରୟୋଗ) ।

୩୩ ପୃଷ୍ଠା

ତଲାସ ହେଉ - ଖୋଜାଯାଉ । ଏକ ମହାଜନ ଜଣେ ଥିଲା—ଜଣେ ମହାଜନ ଥିଲା, (ପ୍ରାଚୀନ ପ୍ରୟୋଗ)। ଶେଠ—ଶ୍ରେଷ୍ଠୀ, ମହାଜନ ।

ମୋତି—ସାମୁଦ୍ରିକ ଜାତ ମଣି ବିଶେଷ । ମାଣିକ୍ୟ—ରକ୍ତବର୍ଣ୍ଣ ମଣି ବିଶେଷ ।

ବୈଦୂର୍ଯ୍ୟ—କୃଷ୍ଣପୀତାଭ ମଣି ବିଶେଷ । ବିଦ୍ରୁମ—ରକ୍ତପ୍ରବାଳ ।

ଗୋମେଦ—ରକ୍ତ ପୀତବର୍ଣ୍ଣ ମଣି ବିଶେଷ । ମରକତ—ହରିଦ୍ବର୍ଣ୍ଣ ମଣି ବିଶେଷ ।

କଣ୍ଠରେ ପାନ ବୋଲି ଦିଶଇ—କଣ୍ଠ ମଧ୍ୟ ଏତେ ଗୌରବର୍ଣ୍ଣ ଯେ ପାନ ଖାଇଲେ ତାହାର ରଙ୍ଗରେ କଣ୍ଠ ମଧ୍ୟ ବାହାରେ ରକ୍ତବର୍ଣ୍ଣ ଦେଖାଯାଏ । ଉକୁଟଇ—ଫୁଟେ, ଫୁଟେ । ପଇବାସ୍—ପରିଷ୍କାର, ପୋଇଲା । ଅଚମ୍ଭିତ—ଅଚମ୍ଭିତ, ୩୨ ପୃଷ୍ଠା ଟୀକା ଦେଖ ।

୩୪ ପୃଷ୍ଠା

ଚତୁଷ୍କ—ଘର ଚତ୍ୱର ମିଳନ, ୨୫ ପୃଷ୍ଠା ଟୀକା ଦେଖ । ଶଚିକି ସେ 'ଖେଡ଼ୁଛ?—ଇନ୍ଦ୍ରାଣୀଙ୍କୁ କେହି ଅପହରଣ କରି ଆଣିପାରୁ କି? ନିସ୍ତର୍ବ—ନିସ୍ତବ୍ଧ । ଅମୋଢ଼ ବାଣ—ଅମୋଘ ବାଣ, ଅବ୍ୟର୍ଥ ବାଣ । ନିବାଡ଼ୁଛି—ଯତ୍ନ କରି ନିର୍ମାଣ କରୁ-ଅଛି । ବସ୍ର ସମେ—ବସ୍ରର ସମୟରେ । ନେତ୍ର ଗଡରେ ରହି—ହୃଦୟ ଗଡରେ ଅକ୍ଷି ଚଳାଇ ରହି । ଚକ୍ଷୁ ପଡ଼ି....ନ ଦଶିଲା—ଅକ୍ଷି ଆଗରେ ସେହି ମୂର୍ତ୍ତି ଜ୍ୱଳନ୍ତ ହୋଇଥିବାରୁ ତାଙ୍କୁ ଅନ୍ୟକିଛି ଦେଖାଗଲା ନାହିଁ । ନାଗ୍ରଥ—ଗର୍ଭରଥ । ଏହି କଥା ସନ୍ଧି ପାଇ—ଏହି କଥାର ସନ୍ଧାନ ପାଇ । ଶହେ ସୁବର୍ଣ୍ଣ ଘେନି—ଏକଶତ ସ୍ୱର୍ଣ୍ଣ ମୁଦ୍ରା ଧରି । କାମମତ୍ତ ପୁରକୁ ବୋଲି ଗଲା—କାମମତ୍ତ ପୁର ପର୍ଯ୍ୟନ୍ତ ଗଲା, Went right up to the house of Kamamatta. ସତ୍ତ୍ୱ କଲେ—ସ୍ୱୀକାର କଲେ, ସମ୍ମତ ହେଲେ

୩୫ ପୃଷ୍ଠା

ନେତ୍ରଗଡରେ ରହି—ଚଞ୍ଚଳଗଡରେ ରହି । କେତେ ଅସେ—କେତେ ଅଶ୍ୱରେ । ପ୍ରକାରେ—ଆଶାରେ—ଦରରେ—ଅଭିଳାଷରେ । ଧଉଁଛି ଦୃଷ୍ଟ—ଯେଉଁଠି ଧରି, Old colloquial form. ଭରସା କରି କହ—ଭରସା ଦେଇ କହ । ତରଳ—କାମ ଆଶାରେ ଚଞ୍ଚଳ ।

୩୬ ପୃଷ୍ଠା

କାମ କୁସ—କନ୍ଦର୍ପର କୁକୁର । ନଭ୍ୟାନ—ଦୈନିକ ।

ବାଗୁଥ—ଗ୍ରଗୁଆ, ଯାହା ପ୍ରତିଦିନ ଯୋଗାଇ ଦିଆଯାଏ । ଭୋଟାଘର—ପ୍ରମୋଦ ଉଦ୍ୟାନ । ଦେଇମଣି—ଦେଇ ଶ୍ରେଷ୍ଠ, କରଣ ଓ ସାମନ୍ତ ଘର ମାନଙ୍କରେ ସ୍ତ୍ରୀମାନଙ୍କୁ ଦେଇ ବୋଲି ସମ୍ବୋଧନ କରାଯାଏ ।

୩୭ ପୃଷ୍ଠା

ସମ୍ମତ—ସମ୍ମତ, ସ୍ୱୀକାର । ଅଗ୍ୟାନ—ଅଜ୍ଞାନ (ପ୍ରାଚୀନ ପ୍ରୟୋଗ) । ମୋଦୁକୁଟିଏ—ମୋଦକଟିଏ, (ପ୍ରାଚୀନ ପ୍ରୟୋଗ, ଯଥା, ପାଞ୍ଚୁଟା ଦିନ, ଅଦ୍ଭୁତ ପଦାର୍ଥଟିଏ, ଔଷଧଟିଏ, ଇତ୍ୟାଦି) । ମୋଦକ ଅମଳ—ମୋଦକ ନିଶା ।

୩୮ ପୃଷ୍ଠା

ଘ୍ୟାନ—ଜ୍ଞାନ ।

୩୯ ପୃଷ୍ଠା

ଧ୍ୱନ—ଧ୍ୱନି । ଉଠିଲେ ପଡ଼ୁଛି—ଉଠିଲେ ପଡ଼ିଯାଉଛି । ସ୍ୱର ପ୍ରକାଶ ହୁଅନ୍ତେ—ସନ୍ଧି ପାହିବାରୁ । ଧ୍ୟାନ—ଜ୍ଞାନ ।

୪୦ ପୃଷ୍ଠା

ପଦ ବାଞ୍ଛାଇ କହିଲା—ପ୍ରବଞ୍ଚନା କରି କହିଲା, ବାହାନା କରି କହିଲା । ମୋହୁକୁଟିଏ—୩୩ ପୃଷ୍ଠା ଟୀକା ଦେଖ । ନାଗିଛୁ—ଲାଗିଛୁ, କବି ଶବ୍ଦର ଆରମ୍ଭରେ 'ଲ' ସ୍ଥାନରେ ପ୍ରାୟ ସବୁ ଯାଗାରେ 'ନ' ବ୍ୟବହାର କରିଅଛନ୍ତି ।

ବଡ଼ମ୍ବଣ—ହଟହଟା । ଔଷଧୁଟିଏ ୩୩ ପୃଷ୍ଠା ଟୀକାରେ ମୋଦକୁଟିଏ, ଦେଖ । ସନ୍ଧି ପ୍ରବେଶ ହୁଅନ୍ତେ—ସନ୍ଧି ଆସିବାରୁ ।

୪୧ ପୃଷ୍ଠା

ସ୍ୱର ପ୍ରକାଶ ହୁଅନ୍ତେ—ସନ୍ଧି ପାହିବାରୁ । ପଡ଼ି ନାଗିଲା—ପଡ଼ି ଲାଗିଲା, ୩୪ ପୃଷ୍ଠା ଟୀକାରେ 'ନାଗିଛୁ' ଶବ୍ଦ ଦେଖ । ପାଚିଲା ଡାଳିମ୍ବ ବୀଜ... .....ପଡ଼ା ବନ୍ଦ ହେଲା—ପାଚିଲା ଡାଳିମ୍ବ ମଞ୍ଜି ପାଇ ଶୁଆ ତାହା ଖାଇବାକୁ ଲାଗିବାରୁ ତାହାର ଗୀତ ପଢ଼ିବା ସୁତଃ ବନ୍ଦ ହୋଇଗଲା ।

ନାଗୁଛୁ—୩୪ ପୃଷ୍ଠା ଟୀକାରେ 'ନାଗିଛୁ' ଶବ୍ଦ ଦେଖ । ଅର ଘରକୁ—ଅର ଖଞ୍ଜାକୁ, ଅର ଘରସ୍ତକୁ ।

୪୨ ପୃଷ୍ଠା

ହଟି ବସି—ହଟ ଲଗାଇ ବସି । ବୁଝିବାର ଅଗ୍ୟାକୁ ଅସନ୍ତୁ - ବୁଝିବାକୁ ଯଥା ହେଉ ।

୪୩ ପୃଷ୍ଠା

ହୋଇ ଥାଇ ନା କି ? ହୋଇଥିବ ନାହିଁକି ? କାମଶାସ୍ତ୍ର—ବାତ୍ସ୍ୟାୟନ କାମସୂତ୍ର । ଉପଚାର—ପ୍ରୟୋଗ । ଚନ୍ଦନ କର୍ପୂର ରଜ—ଘଷା ଚନ୍ଦନରେ ଘୋଳା କର୍ପୂର ଟୁଳି । ଉଷୀର—ବେଣା ଚେର ।

ଶେଯ ଶୁଖି ଜଳି—ପଦ୍ମ ପତ୍ରର ଶେଯ ଶୁଖି ଜଳି ଗଲା । ଚନ୍ଦନ କର୍ପୂର ଧୂଳି—ଘଷା ଚନ୍ଦନ କର୍ପୂର ଶୁଖି କରି ଧୂଳି ହୋଇଗଲା । ତପ୍ତ ଶୀତଳ ନୀର—ଉଷୀର ବାସ-ପାଣି ତାତି ଗଲା । ଶିବ କବରେ କାତର—ଶିବ କବଚ ଗୁଣା ହେଲା ବେଳେ ଅଭୀଷ୍ଟ ପ୍ରାପ୍ତି ବଦଳରେ କାତର ହେଲା । ହାର ଦୁହେଁ ଫୁଟିଲା—କୋମଳ ମୁକୁତା ମାଳୀ

ସ୍ୱଚ୍ଛା ହୃଦରେ ଉଦିତ ହେଲା, ମୁକ୍ତାହାର ଚରିତ୍ର ଭାବରେ ପ୍ରକଟିଗଲା । "ହୃଦୟେ ସ୍ଫୁଟିତ ମୁକ୍ତାମାଳା ।" ଏସବୁ ଦେଖି ରସଜ୍ଞଙ୍କ ବୈଦ୍ୟ ସ୍ଥିର କଲେ ଏ ନିଶ୍ଚୟ ଚରିତ୍ରବ୍ୟାଧି ଅଟେ ।

୪୪ ପୃଷ୍ଠା

ଚପଟଣ—ଚଷମ । କୁନ୍ଦନ ସୁନା ପ୍ରତିମା—ବିଶୁଦ୍ଧ ସୁନାରେ ତିଆରି ପ୍ରତିମା, an image made of purefied gold. କମ୍ମା ଜଡ଼ଉବସା ସୁନାପ୍ରତିମା, a gold image set with Jewellery. ତୃତୀୟ ନୂଆ ଚନ୍ଦ୍ରମା—ଶୁକ୍ଳ ଦ୍ୱିତୀୟାର କ୍ଷୀଣ ଚନ୍ଦ୍ର ଦୁର୍ଲ୍ଲଭ ଅପୂର୍ବ ସୁନ୍ଦର ଅଟେ ।

ଶାଣସୁନ୍ଦର ମଣି—ଶାଣରେ ଘଷି ଉଜ୍ଜ୍ୱଳ ହୋଇଥିବା ମଣି ।

ସ୍ୱର୍ଣ୍ଣରେଖା ଜାଣି—କୃଷ୍ଣ କଷଟିର କୃଷ୍ଣବର୍ଣ୍ଣ ଭୂମି ଉପରେ ସ୍ୱର୍ଣ୍ଣରେଖା ମଧ୍ୟ ଅତ୍ୟନ୍ତ ସୁନ୍ଦର । ଏ କୁମାରୀ ମଧ୍ୟ ତଦ୍ରୂପ ସୁନ୍ଦରୀ ଅଟେ ।

ନୟନପକ୍ଷୀପାଶ—ଯାହାର ନୟନ ଯୁବାଜନ ମନବିହଙ୍ଗ ପକ୍ଷରେ ପାଶ ସ୍ୱରୂପ ଅଟେ ।

ଯୁବା ମୋହନ ବେଶ—ଯାହାର ବେଶ ଯୁବାଜନ ମୋହକାରୀ ଅଟେ ।

ଯୋଗୀନ୍ଦ୍ର ମନ ଶାଙ୍କୋଳି—ଯେଉଁ ନାରୀ ଯୋଗୀଜନ ମନ ପକ୍ଷରେ ଶାଙ୍କୋଳି ପରି ଅର୍ଥାତ୍ ଯୋଗୀଜନ ମନକୁ ମଧ୍ୟ ବାନ୍ଧି ପାରେ ।

୪୫ ପୃଷ୍ଠା

ଗ୍ୟାନ—ଜ୍ଞାନ । ହାଥ—ହାତ, (ପ୍ରାଚୀନ ପ୍ରୟୋଗ) ।

ଜଳ ତପ୍ତ ହୋଇଯାଉଛି—ତପ୍ତ ହୋଇ ଯାଉଛି ।

ତକସ୍ଥ—ଟକସା । ଏ ଜଳ ନେଉଥିଲଁ—ନେଉଛୁଁ ।

ତାହାର ଅଙ୍ଗ ଲଗି ପାଣିଏ—ତାହାର ଅଙ୍ଗରେ ଲଗା ଯାଇଥିବା ପାଣି ଏହା ଅଟେ ।

୭୬ ପୃଷ୍ଠା

ଏହାକୁ ତ ଦେବତା ଅପ୍ତ ନଷ୍ଟ ରଖି ନାହିଁ—ଶୋଭା, ଚଙ୍ଗଲୀଳା । ଦେବତା ଏହାର ଖଣ୍ଡମାତ୍ର ସୌନ୍ଦର୍ଯ୍ୟ ରଖି ନାହାନ୍ତି । ଥାନ ମୁଦ୍ରା—ଅକ୍ଷି ଓ କାନର ମଧ୍ୟବର୍ତ୍ତୀ ସ୍ଥାନ । ନଶିଲା—ଘୃଣି କର ଖାଲ କର ଦେଲା ।

୪୭ ପୃଷ୍ଠା

ଅଣ୍ଟିରୁ—ଲୁଗା ଭଙ୍ଗ ଭିତରୁ, from the fold made in the wearing cloth. ହାଥ—ହାତ (ପ୍ରାଚୀନ ପ୍ରୟୋଗ)। ଅଗ୍ୟାନ—ଅଜ୍ଞାନ।

ହାନ୍ଦୋଲା—ସବାରି। ଝର—ପାଣି ସୁଅ।

୪୮ ପୃଷ୍ଠା

ସନ୍ଧେ ପ୍ରବେଶ ହୁଅନ୍ତେ—ସନ୍ଧି ଅସିବାରୁ। ହାନୋଲ—ସବାରି। ହାଥେ—ହାତରେ (ପ୍ରାଚୀନ ପ୍ରୟୋଗ)।

୪୯ ପୃଷ୍ଠା

ସନ୍ଧ ଶେଷ ହୋଇଯାଇ ଥାଇନଥ—ସନ୍ଧେ ଶେଷ ହୋଇଯିବ ନାହିଁ କି? ସନ୍ଧି ଶେଷ ହୋଇଯିବ ପର।

ସମ୍ଭାବନା—ଭବିଷ୍ୟତ ପାଇଁ ଆଶା।

---

୫୦ ପୃଷ୍ଠା

ନୀତି ବିନୋଦ

ନୀତିର୍ବିତ୍ତ......ଲୋକସ୍ୟାଭ୍ୟୁଦୟେ ।—ନୀତି ଧନ ବଢ଼ାଏ, ଗୁଣ ପ୍ରଦାନ କରେ ଏବଂ ଐଶ୍ୱର୍ଯ୍ୟ ପ୍ରଦାନ କରେ । ସଂସାରକୁ ଆନନ୍ଦ ପ୍ରଦାନ କରେ ଓ ଯଶ, ସୁଖ ସମ୍ପଦ, ପାଣ୍ଡିତ୍ୟ ଓ କୀର୍ତ୍ତି ପ୍ରଦାନ କରେ । ଭଲମନ୍ଦ କାର୍ଯ୍ୟାକାର୍ଯ୍ୟ ବିଚାର କରିବାରେ ଯୋଗାଏ ବା ସାହାଯ୍ୟ କରେ । ନୀତି ରାଜାଙ୍କର ଭୂଷଣ ଅଟେ । ଅତଏବ ହେ ପଣ୍ଡିତମାନେ ତ୍ରିଭୁବନର ସନ୍ତୋଷ ନିମିତ୍ତ ନୀତିକୁ ଭଜନ କର ଅର୍ଥାତ୍ ଅବଲମ୍ବନ କର ବା ପାଳନ କର ।

ଯେ ରାଜାଙ୍କ......ଅଦ୍ୱିତୀୟ ଅଟନ୍ତି ।—ଯେ (ଯେ ରାଜା) ରାଜାଙ୍କ ଧର୍ମକର୍ମ ......(ରାଜ ବିହିତ ଧର୍ମକର୍ମାଦି ଗୁଣମାନଙ୍କରେ) ଅଦ୍ୱିତୀୟ ଅଟନ୍ତି । ପ୍ରକଟ ହୋଇ—ପ୍ରକାଶ ପାଇ । ଏକ ବ୍ରାହ୍ମଣ ଜଣେ ଥିଲା—ଜଣେ ବ୍ରାହ୍ମଣ ଥିଲେ (ପ୍ରାଚୀନ ପ୍ରୟୋଗ) । ବେଦ ପାରାୟଣ କରିବା ନିମିତ୍ତ—ବେଦ ପାଠ କରିବା ନିମିତ୍ତ ।

୫୧ ପୃଷ୍ଠା

ସହ୍ରରେ—ସହ୍ର ଭିତରେ ।

ଉଣ୍ଟିଲ ଟୁଣ୍ଟିଲ ହୋଉଛନ୍ତି—ଡୁବୁ ଡୁବୁ ହେଉଛନ୍ତି । ଦେହ ସମ୍ଭାଳି—ଦେହରେ ପରିଧାନ ବସ୍ତ୍ରାଦି ସଜାଡ଼ି, ଦେହକୁ ସଂଯତ କରି । ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି—ସ୍ତ୍ରୀ ସ୍ୱାଧୀନତା ପାଇବାର ଯୋଗ୍ୟ ନୁହେ ।

୫୨ ପୃଷ୍ଠା

ଅଷ୍ଟଦିକ୍ ପାଳ—ସୂର୍ଯ୍ୟ, ଶୁକ୍ର, ମଙ୍ଗଳ, ରାହୁ, ଶନି, ସୋମ, ବୁଧ ଓ ବୃହସ୍ପତି । ମତାନ୍ତରେ, ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ବାୟୁ, କୁବେର, ଓ ମହାଦେବଙ୍କୁ ଅଗ୍ନି ଆଦି କ୍ରମରେ ଅଷ୍ଟଦିକ୍ ପାଳ ।

ଘରକୁ ନେଇ—ନିଜ ଗୃହକୁ ନେଇ । ଏକ ବ୍ରାହ୍ମଣ ଜଣେ—ଜଣେ ବ୍ରାହ୍ମଣ, (ପ୍ରାଚୀନ ପ୍ରୟୋଗ) । ଚରଭାର୍ଥ ରଖିଲେ—ନିଜର ଦୈନିକ ପ୍ରୟୋଜନ ପୂରଣ କରି—କରିବାରେ ଚରଭାର୍ଥ ଚଳାଉ ଥିଲେ—ସଜ୍ଜନସଙ୍ଗ, ୨୦ । ଏହା ମୂଳ କର—ଏହାକୁ ଦୃଢ଼ଭାବରେ ଗ୍ରହଣ କର ବା ବିଶ୍ୱାସ କର ।

୫୩ ପୃଷ୍ଠା

ସିଂହ ବୃହସ୍ପତି — ଏ ଗ୍ରନ୍ଥରୁ ଦେଖାଯାଏ ଆଜକୁ ତିନିଶତ ବର୍ଷ ତଳେ ସୁଦ୍ଧା ସିଂହ ବୃହସ୍ପତିରେ ବିବାହ ଶାସ୍ତ୍ର ସିଦ୍ଧ ବୋଲି ବିବେଚିତ ହେଉ ନ ଥିଲା ।

ସମ୍ଭାର ତିଆର କର — ବିବାହ ସାମଗ୍ରୀ ତିଆର କର । ବିପ୍ର ଲଗ୍ନ ପ୍ରମାଣ କରି- ଅଛି — ଲଗ୍ନ ସ୍ଥିର କରିଅଛି । ରାଜାଙ୍କ ପଣ ଦେଖି — ତାଙ୍କୁ କନ୍ୟା ପ୍ରଦାନ ନ କଲେ ରାଜାଙ୍କ ନିକଟରେ ନାଲିସ କରିବ କହିଥିଲା । ଦୁହେଁ ତ ଗର୍ହିତ ନ୍ୟାୟ — ଉଭୟ ସଂକଳ୍ପ — ପିତାର ପ୍ରସ୍ତାବ ଗୋପ କଦମ୍ବ ସଙ୍ଗେ କନ୍ୟାର ବିବାହ ଦେବା ଓ ମାତାର ପ୍ରସ୍ତାବ ଚକ୍ରପାଣି ସଙ୍ଗେ କନ୍ୟାର ବିବାହ ଦେବା, ଏ ଉଭୟ ପ୍ରସ୍ତାବ ଗର୍ହିତ — ନିନ୍ଦନୀୟ କିବା ଏହାର ସମାଧାନ ଅଭ୍ୟାସ ସାପେକ୍ଷ । ଅଗ୍ୟା — ଆଜ୍ଞା । ଯାହାର କନ୍ୟା ପ୍ରବର୍ତ୍ତିବ — ଉଚିତ ହେବ, ପାଇବାର ଉପଯୁକ୍ତ ବିବେଚିତ ହେବ । ତ୍ରିବେଦୀ — ଦ୍ୱିବେଦୀ । ଷଡ଼ାଙ୍ଗୀ ଷଟ୍‌ପାଠି । ଚକ୍ରବର୍ତ୍ତୀ — ବର୍ତ୍ତମାନ ଉତ୍କଳ ବ୍ରାହ୍ମଣମାନଙ୍କ ମଧ୍ୟରେ ଚକ୍ରବର୍ତ୍ତୀ ପଦବୀ ପ୍ରାୟ ଦେଖାଯାଏ ନାହିଁ ।

୫୪ ପୃଷ୍ଠା

ସଦସ — ସଦସ୍ୟ, ସଭାପଣ୍ଡିତ । ବାଜପେଇ — ବାଜପେୟୀ ।

ପ୍ରସାର — ବିସ୍ତୃତ । ଗୁହାରିଆ ବାହ୍ମଣ — ଡାକୁଆ ବ୍ରାହ୍ମଣ ? (ଯେ ଗୁହାରି କରିଅଛି ଏପରି ବ୍ରାହ୍ମଣ ? ଏଠାରେ ଗୋପକଦମ୍ବ ଓ ଚକ୍ରପାଣି ?) ଯଥାନୁରୂପେ — ଯାହାର ଆସନ ପରେ ଯେ ବସିବାର କଥା ସେହିପରି ଭାବରେ । ମୋର ପ୍ରାପତି ! ମୋର ପ୍ରାପ୍ୟଟି ! ସେ କହନ୍ତେ ସିନା — ସେମାନଙ୍କର କହିବା ଉଚିତ ସିନା ।

୫୫ ପୃଷ୍ଠା

ହାଥରୁ — ହାତରୁ, (ପ୍ରାଚୀନ ପ୍ରୟୋଗ) ।

....ନାମେ ବଣିୟ ଜଣେ ସେ — ....ନାମକ ଜଣେ ବୈଶ୍ୟ, (ପ୍ରାଚୀନ ପ୍ରୟୋଗଯୁକ୍ତ) ମୁଦ୍ରାଗଣ୍ଠି — ଝୁଲି, ଥଳି । ଶର ସନ୍ଧନ୍ତେ — ଶର ସନ୍ଧାନ କରନ୍ତେ, ଧନୁରେ ଶର ବସାଇବାରୁ । ନଟବର — ନାଟୁଆ ଶ୍ରେଷ୍ଠ । ତୁମ୍ଭେ ମୋର ଅତି ପ୍ରୀତ — ପ୍ରଣୟାସ୍ପଦ, (ବିଧେୟ ବିଶେଷଣ ସ୍ଥାନରେ ବିଶେଷ୍ୟର ପ୍ରୟୋଗ — ପ୍ରାଚୀନ ପ୍ରୟୋଗ) କଣମାଛିକା — ଘର କୋଣରେ ହାତ ପାଇବା ଉଚ୍ଚରେ ସନ୍ନିହିତ ଦୁଇ କାନ୍ଥକୁ ସଂଯୋଗ କରିଇ କାଠ ପଟା, କାଠି ଓ ମାଟି ପ୍ରଭୃତି ଦ୍ୱାରା ପ୍ରସ୍ତୁତ ଛୋଟ ଛୋଟ ଜିନିଷ ପତ୍ର ରଖିବାର ସ୍ଥାନ ।

୫୬ ପୃଷ୍ଠା

କଟୁଆଳି—କଟୁଆଳ, କୋଟ୍ଟପାଳ ଶବ୍ଦଜ, ଶାନ୍ତିରକ୍ଷକ, ପୁଲିସ । ଅଟ୍ଟ ମନ୍ଦିର—ମେରଦା ଘର । ଛଣ ଘରକୁ ଅଗ୍ନି ଭୟରୁ ରକ୍ଷା କରିବା ପାଇଁ ଉପର ଛାତ ତଳେ ଓ କାନ୍ଥ ଉପରେ ପଟା ଓ ମାଟି ଆଦି ଦ୍ୱାରା ଆଉ ଏକପ୍ରସ୍ଥ ଛାତ କରାଗଲେ ସେ ଘରକୁ ଅଟ୍ଟ ଘର ବୋଲାଯାଏ ।

ତଳ ଦିନ—ପୂର୍ବ ଦିନ, (ପ୍ରାଚୀନ ପ୍ରୟୋଗ), ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ପ୍ରାନ୍ତରେ 'ପୂର୍ବ ଦିନରେ' ବା 'କାଲି ଦିନ ପୂର୍ବରେ' ଏହି ଅର୍ଥରେ 'ତଳ ଦିନ' ଶବ୍ଦର ବ୍ୟବହାର ଦେଖାଯାଏ ।

ଗମ୍ଭୀର ଘର—ଭିତର ବଖରା । ପୂର୍ବକାଳରେ ଅନେକ ସ୍ଥଳରେ ବିଶେଷତଃ ଅଟ୍ଟ ଘରମାନଙ୍କରେ ଦୁଇ ସନ୍ନିହିତ ବଖରାର ପ୍ରତ୍ୟେକର ବାଟ ବାହାରକୁ ନ ଥାଇ ଗୋଟିଏ ବଖରାର ବାଟ ବାହାର ବାରନ୍ଦାକୁ ଓ ଅନ୍ୟ ବଖରାର ବାଟ ପ୍ରଥମ ବଖରାକୁ ଥାଇ ଭିତର ବଖରାରେ ଆଲୋକ ପ୍ରବେଶ କରିବା ପାଇଁ କେବଳ ଝରକା କିମ୍ବା କ୍ଷୁଦ୍ର ଗବାକ୍ଷ ରଖା ଯାଉଥିଲା । ଏପରି ସ୍ଥଳେ ଭିତର ବଖରାକୁ ଗମ୍ଭୀର ଓ ବାହାର ବଖରାକୁ ଚଉକ ବୋଲି କୁହାଯାଏ ।

ସମ୍ଭାବନା କରି—ସମ୍ବର୍ଦ୍ଧନା କରି, ସମ୍ଭ୍ରମରେ ଡାକି । ହାଥ—ହାତ (ପ୍ରାଚୀନ ପ୍ରୟୋଗ) । ଗବାକ୍ଷପୁଡ଼ା—କ୍ଷୁଦ୍ର ବାତାୟନ, ଗୋରୁ ଆଖିପରି କ୍ଷୁଦ୍ର ରନ୍ଧ୍ର ।

୫୭ ପୃଷ୍ଠା

କଟୁଆଳି—୧୭ ପୃଷ୍ଠା ଟୀକା ଦେଖ ।

ସନ୍ଦେଶ—ସମାଚାର, ସମ୍ବାଦ । ଅଡ଼ଙ୍ଗ—ଶ୍ରେଷ୍ଠ ପେଣ୍ଡା । ସାଇଁଟି ରଖିଲା—ଗୋଟାଇ ରଖିଲା । ହାଥେ—ହାତରେ (ପ୍ରାଚୀନ ପ୍ରୟୋଗ) ।

ଦେଇ ଥିଲଇଁ—ଦେଇଥିଲି । ପଇଲା—ଆସିଲା (ଆଜିକାଲି କେବଳ ବ୍ରାହ୍ମଣ ମାନଙ୍କ ମଧ୍ୟରେ ଏହାର ବ୍ୟବହାର ପ୍ରଚଳିତ) ।

୫୮ ପୃଷ୍ଠା

ଆଶଙ୍କା କରି—ସନ୍ଦେହ କରି । ଅବକାଶରେ—ନିର୍ଜନରେ, ଏଡ଼ କାସେଲ ବେଳେ କରୂପେ <u>ନେବାର</u> ଘୁଞ୍ଚି ବସିଲେ ଏକାନ୍ତ ନେବା କଥା, The question how he came by the ornaments of royal house hold.

ଅକୃତ—ଅକରଣୀୟ (ପ୍ରାଚୀନ ପ୍ରୟୋଗ) । ଏ ଅମ ପ୍ରାଣକୁ ପାଷ୍ଟ ପାରଇ—ଏ ଲୋକ ମୋ ଜୀବନ ବିରୁଦ୍ଧରେ ପାଞ୍ଚ କରିପାରେ, ଷଡ଼ଯନ୍ତ୍ର କରିପାରେ । ତା ମୁଖ କଳି

ଗଗନ—ଆକାଶରେ ତା ମୁଣ୍ଡ ବଳା ପଡ଼ି ଗଲାଣି । ଠପରଭଣ୍ଡ—ଯୋଗାଇଲ, ଫାଟଲ ।
ବିଣାସ ଶ୍ଳୋକ—ବିଣାସ୍ୱୀ ଶ୍ଳୋକ । ଅର୍ଘ୍ୟ—ଅଞ୍ଜଳି । ହୃଦ୍ୟା—ହୃଦ୍ୟା ଦୋଷ ।

୫୯ ପୃଷ୍ଠା

ଜନକଣ ମିଳିତା ହୋଇଥାନ୍ତି—ମିଳିତା ପାଶରେ ଆବଦ୍ଧ ହୋଇଥାନ୍ତି (ପ୍ରାଚୀନ ପ୍ରୟୋଗ) । ଷ୍ଟମସମାନ ମାମା – ଅହଂକାରୀ । ଏମନ୍ତ ପ୍ରୀତିବନ୍ତ....ଥାଆନ୍ତି ।—ସେମାନଙ୍କ ଭିତରେ ଏପରି ଘନିଷ୍ଠ ପ୍ରୀତି ଥାଏ ଯେ ତାହା କ୍ଷୀର ନୀର ପରି ଅଭେଦ, ବଜ୍ର ପରି ଦୃଢ଼, ଚନ୍ଦ୍ର ପରି ନିର୍ମଳ ଏବଂ ଅମୃତ ପରି ମଧୁର ।

୬୦ ପୃଷ୍ଠା

ଶତଦଳ ଅରବିନ୍ଦ—ଶତଦଳ ପଦ୍ମ । ମନୋହର ସ୍ୱଜ—ଋତୁରାଜ ବସନ୍ତ ।

୬୧ ପୃଷ୍ଠା

ମନ୍ତ୍ରୀପୁତ୍ର ଆପଣା ପାଦରେ ଗିଣ୍ଡ କୁଅପଗୋଟି କାଟିଲେ । ହାଥ—ହାତ, (ପ୍ରାଚୀନ ପ୍ରୟୋଗ) ।

୬୨ ପୃଷ୍ଠା

ଓଲଗି—ମୁଣ୍ଡିଆ ମାରି, ପ୍ରଣାମ କରି । ଦେବପତି—ଇନ୍ଦ୍ର ।

୬୩ ପୃଷ୍ଠା

କଞ୍ଜ—ପଦ୍ମ । ଦ୍ୱିଜରାଜ—ଚନ୍ଦ୍ର । ହାଥ—ହାତ (ପ୍ରାଚୀନ ପ୍ରୟୋଗ) ।

୬୪ ପୃଷ୍ଠା

ଚାରି ବେଦ—ଋକ, ସାମ, ଯଜୁ, ଅଥର୍ବ । ଛଅ ଶାସ୍ତ୍ର—ଷଡ଼୍‌ଦର୍ଶନ । ନ୍ୟାୟ (ଗୌତମ), ସାଂଖ୍ୟ (କପିଳ) ପାତଞ୍ଜଳ (ପତଞ୍ଜଳି), ବୈଶେଷିକ (କଣାଦ) ପୂର୍ବ ମୀମାଂସା (ଜୈମିନି), ଓ ଉତ୍ତର ମୀମାଂସା ବା ବେଦାନ୍ତ (ବ୍ୟାସ) କିବା ଧର୍ମ, ଅର୍ଥ, କାମ, ମୋକ୍ଷ, ଲୋକ ଓ ତତ୍ତ୍ୱ ବିଷୟକ ଶାସ୍ତ୍ର ।

ନଅ ବ୍ୟାକରଣ—ମାହେଶ୍ୱର, ଐନ୍ଦ୍ର, ଚାନ୍ଦ୍ର, କାଶକୃତ୍ସ୍ନ, ଅପିଶାଳି, ଶାକଟାୟନ, ପାଣିନି, ଅମର ଓ ଜୈନେନ୍ଦ୍ର ।

ଅଷ୍ଟାଦଶ ପୁରାଣ—ବ୍ରାହ୍ମ୍ୟ, ପାଦ୍ମ୍ୟ, ବୈଷ୍ଣବ, ଶୈବ, ଭାଗବତ, ନାରଦୀୟ, ମାର୍କଣ୍ଡେୟ, ଆଗ୍ନେୟ, ଭବିଷ୍ୟ, ବ୍ରହ୍ମବୈବର୍ତ୍ତ, ଲିଙ୍ଗ, ବାରାହ, ସ୍କାନ୍ଦ, ବାମନ, କୌର୍ମ, ମାତ୍ସ୍ୟ, ଗାରୁଡ, ଓ ବ୍ରହ୍ମାଣ୍ଡ ପୁରାଣ ।

ପାଠତତ୍ତ୍ୱ—Science of education ?

(ଏଠାରେ ବର୍ଣ୍ଣିତ ଅନେକ ଶାସ୍ତ୍ରର ନାମ ନୂଆ ସଂସ୍କରଣରେ ନାହିଁ) ଏକ କଥାଏ—ଘୋଟିଏ କଥା, (ପ୍ରାଚୀନ ପ୍ରୟୋଗ) ।

ଫରକ୍ କର—ଖୋଲା ଖୋଲି ଭାବରେ, ପରିଷ୍କାର ଭାବରେ, openly.

୭୬ ପୃଷ୍ଠା

ଚନ୍ଦ୍ରଶାଳା—ଚନ୍ଦ୍ରଶାଳା, ପ୍ରାସାଦ ଉପରସ୍ଥ ବହିର୍ଦୃଶ୍ୟ ଦେଖିବା ପାଇଁ ନିର୍ମିତ ଉନ୍ମୁକ୍ତ ଗୃହ । ଅଚଳ ସମାନ ମେରୁ—ବିଶାଳ ବୃକ୍ଷ ? ବୋହିତଅଳ—ବୋଇତରେ ବେପାର କରେ ଯେ । ସାଧବ—ବଣିକ । ନାଉରୀମାନଙ୍କୁ ଘଣାଇ ପଠାଇଲେ—ନାଉରୀମାନଙ୍କୁ ଡକାଇଲେ ।

୭୭ ପୃଷ୍ଠା

ସଞ୍ଚାର—ଛିଦ୍ର । ଠାବର ନ ପାଇଲେ—ସନ୍ଧାନ ପାଇଲେ ନାହିଁ, ଠାବରେଇ ପାରିଲେ ନାହିଁ । କେଉଁଠି ଅଛନ୍ତି—କେଉଁଠି ଅଛନ୍ତି, କେଉଁ ଅଛନ୍ତି । ପଠିଅଇଁ ଥିଲେ—ପଠାଇଥିଲେ । କ୍ଷୀଣପକ୍ଷ—କୃଷ୍ଣପକ୍ଷ, କଳଙ୍କ ।

୭୮ ପୃଷ୍ଠା

ଦ୍ଵନ୍ଦ ଉପୁଜିଲା—କଳହ ଜାତ ହେଲା । କହୁଥିଲେ—କହୁଥାଇଁ, କହୁଅଛନ୍ତି । ବାହୁଡ଼—ବାହର ।

୭୯ ପୃଷ୍ଠା

ଧର୍ମ ସୂକ୍ଷ୍ମ ପ୍ରମାଣେ—ସୂକ୍ଷ୍ମଧର୍ମ ବିଚାରରେ । ଧର୍ମସ୍ୟ ସୂକ୍ଷ୍ମା ଗତିଃ । ଏହା ସମସ୍ତଙ୍କ ସମ୍ମତରେ କହିଲେ—ସମସ୍ତେ ଏକମତ ହୋଇ ଏହା କହିଲେ ।

ସଂବାଦ—ସମାଚାର, ବୃତ୍ତାନ୍ତ, ବିବରଣ । ନିମନ୍ତ—ସ୍ୱାର୍ଥ, interest ବିଟ—ଦାବୀ, ସମ୍ପର୍କ, interest of ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ, ପୃ ୭୦ ଷ୍ଠା, ବଏବାମା—'ଏଥି ଘମ୍ୱର ଅଗେ ଦେଛେ ବିଟ ନାହିଁ । ବିଟ କଲେ ଦୁଃଖ' ।

ଚରିତ—ବିବରଣ, ଘଟଣା ? ସହକ—ପର୍ଯ୍ୟନ୍ତ ।

୭୬ ପୃଷ୍ଠା

ସ୍ୱୟଂ ବରଣ—ସ୍ୱୟଂବର ବିବାହ ।

ଅବନ ହେଲା—ଅବନତ ହେଲା ।

୭୦ ପୃଷ୍ଠା

ପ୍ରୀତି ବିନୋଦ

ପ୍ରୀତିଃ ସର୍ବ....ସ୍ତ୍ରିଷୁ ଲୋକେଷୁ ଚ ।—ପ୍ରୀତି ସଜ୍ଜନଠାରେ ଆଶ୍ରୟୀ ହେଲେ ସମସ୍ତ ଦେବତାଙ୍କୁ ମୋହିତ କରେ । ନୀଚ ଲୋକକୁ ଆଶ୍ରୟ କଲେ ଅମଙ୍ଗଳ କରେ । ଦୁଷ୍ଟ ବ୍ୟକ୍ତି ଆଶ୍ରୟରେ ତାହା ଦୁଃଖ ଦାନ କରେ । ଶଠଗତ ହେଲେ ଏ ସଂସାରରେ କଷ୍ଟରୁ କଷ୍ଟତର ଅବସ୍ଥା ପ୍ରଦାନ କରେ ଏବ ଧୀରଙ୍କୁ ଆଶ୍ରୟ କଲେ ମଙ୍ଗଳ କରେ । ତେଣୁ ଅମଙ୍ଗଳଜନକ ପ୍ରୀତି ସ୍ତ୍ରୀମାନଙ୍କଠାରେ ଓ ଲୋକରେ ମଧ୍ୟ କର ନାହିଁ ।

ଶଠ ପ୍ରୀତି

ଏକା ପ୍ରକାର ନୁହଇ—ଏକ ପ୍ରକାରର ନୁହେ, ବହୁଳ ପ୍ରକାର ଅଛି । ଶଠ ପ୍ରୀତି—ହିତୋପଦେଶର ମୃଗ କାକ ଶୃଗାଳ କଥାର ଦୃଷ୍ଟାବଲମ୍ବନରେ ଲିଖିତ-ପଦ୍ୟ ମନେହୁଏ । ବସା—ସାମୟିକ ବିଶ୍ରାମ ସ୍ଥଳ; Stage, resting place.

୭୧ ପୃଷ୍ଠା

ମୋର ପୂର୍ବଭାଗ୍ୟ ଦଶିଲା—ମୋର ପୂର୍ବ ଭାଗ୍ୟ ଦେଖାଗଲା । ପରତେ-ପ୍ରତ୍ୟୟ ଅଗ୍ୟାଁତ—ଅଜ୍ଞାତ, ଅଜଣା । ବିଡ଼ମ୍ବଣ—ବିପଦ, ହଟହଟା । ଅଜାଣ—ଅଜଣା । ପ୍ରଭାତ ରବିରଙ୍ଗ—ବାଳାର୍କର ମନୋହର ରକ୍ତବର୍ଣ୍ଣ ଅଧିକ କ୍ଷଣ ରହେ ନାହିଁ । ଭୋକ-ଆତୁର ବ୍ରତ—ଯେ ଭୋକ ସମ୍ଭାଳି ନ ପାରେ ସେ କୌଣସି ବ୍ରତ ଉପବାସ କରିପାରିବ ନାହିଁ । ଲୋଭୀ....ସତ—ଯେଉଁ ଲୋକ ଲୋଭୀ ସେ ତାହାର କଥାର ସତ୍ୟତା ରକ୍ଷା କରିପାରିବା କଷ୍ଟକର । ମୂର୍ଖ ନାୟକ ଛାତ୍ର—ଯେଉଁ ଶିକ୍ଷକ ନିଜେ ମୂର୍ଖ ତାହାର ଶିଷ୍ୟ ଆଉ କଣ ହେବ । ଅମ୍ବାତୁଆ ନାଚ—ବାତଗ୍ରସ୍ତ ବ୍ୟକ୍ତି ନାଚିଲେ ସେ ମଧ୍ୟ ଲୋକ-ହସା ହୁଏ । କୃପଣ ଜନ ଭୋଗ—ବ୍ୟୟକୁଣ୍ଠବ୍ୟକ୍ତି କି ଭୋଗ କରିବ ? ମୁଣ୍ଡବୋହିଆ-ପାଗ—ଯେ ମୁଣ୍ଡରେ ବୋଝ ବୋହିବ ତାର ମୁଣ୍ଡରେ ପାଗ ବାନ୍ଧିବାରେ କି ଫଳ । ସଦାଋଣିଆ ରୋଷ—ଯେ ଚିରଋଣୀ ସେ ପୁଣି କି ରୋଷ କରିବ । ନଈକୂଳିଆ ବାସ—ନଦୀକୂଳ ବାସରେ ବସବାସ ବନ୍ୟା ପ୍ଲାବନ ଭୟ ଥାଏ । ଅମଲଖିଆ—ନିଶାଖିଆ । ବିଧବାବାସ୍ତ୍ର ବେଶ—ଅର୍ଥହୀନ, ମୂଲ୍ୟହୀନ, । ଦାନ୍ତୁଆ ମୁଖୀ ହାସ—ବତିଶ ଦେଖାଯିବ । ବୃଦ୍ଧ ନାୟକ ବାଳା—ବୃଦ୍ଧ ସ୍ୱାମୀର ଯୁବତୀ ସ୍ତ୍ରୀ । ଦରିଦ୍ରଘରଅ ଲୀଳା—ହାସ୍ୟାସ୍ପଦ । ଲାଣା ସେବକକୋପ—ମୂଲ୍ୟହୀନ । ପୁରୁଣା ଚୂଣ ଲେପ—ସହଜରେ ଛାଡ଼ିଯିବ ।

ସିଂହଦୁଆର ଭେଳି—ଅମଙ୍ଗଳ କର । ଗୁହାଳ ପାଖ ବନ୍ଧା—ସବୁବେଳେ ଗୋରୁ ଦ୍ୱାରା ନଷ୍ଟହେବ । କପଟୀ ମିତ୍ର ପ୍ରୀତି—ଅନ୍ତରଙ୍ଗତା ଶୂନ୍ୟ, ତେଣୁ ବୃଥା ।

୭୩ ପୃଷ୍ଠା

ବାଟ ଚଢ଼ାଇ ବସା—ରାସ୍ତା ଉପରେ ଯଦି ଚଢ଼ାଇ ବସା କରିଥାଏ, ତେବେ ସବୁବେଳେ ପଥିକ ବା ବାଳକାଦିଙ୍କ ଦ୍ୱାରା ଅଶାନ୍ତ ହେବାର ଭୟଥାଏ, । ଅପାକ ହେଲେ—ଶାନ୍ତି ନ ହେଲେ । ମନେ ନ ଥିଲି ସୁଖ—ଯେଉଁ ସୁଖକଥା କେବେ ଭାବି ନଥିବ ଏପରି ସୁଖ ।

ଗଦ—ଗାମୁଛା, ରାଜାଙ୍କୁ ଦେଲେ ଜଣେ ସେବକ ଖଣ୍ଡେ ଶ୍ରେଷ୍ଠ ଲୁଗା କୁଣ୍ଡେଇ ହାତରେ ଧରି ରହିଥାଏ । ରାଜାଙ୍କୁ ପ୍ରଭୃତି ଉଚ୍ଚ ରାଜକର୍ମଚାରୀଙ୍କୁ ମଧ୍ୟ ଏହି ମର୍ଯ୍ୟାଦା ଦିଆଯାଇପାରେ । ପେଚ୍ଛ—ମୟୂର ପୁଚ୍ଛ । ପିଚ୍ଛ ଚାମର—ମୟୂର ପୁଚ୍ଛ ନିର୍ମିତ ଚାମର । ବାଂଶରୀ—ବଂଶୀ ।

୭୪ ପୃଷ୍ଠା

ଭୁଞ୍ଜୁଥିଲି—ଭୋଗ କରୁଛି । ଦୁହେଁ ଦୁହିଁଙ୍କ ପରି ରୂପ—ପରସ୍ପରର ଭାଗ୍ୟ ପରି-ବର୍ତ୍ତିତ ହେଉ, ଜ୍ୟୋତିପୁଞ୍ଜ ଶଙ୍ଖରୂପର ଭାଗ୍ୟ ପାଉ ଏବଂ ଶଙ୍ଖ ରୂପ ଜ୍ୟୋତି ପୁଞ୍ଜର ଭାଗ୍ୟ ପାଉ । ବିମୁଖ—ପରାଙ୍ମୁଖ, ନିସ୍ପୃହ, ଅପ୍ରସନ୍ନ, ଦୁଃଖିତ । କେଉଁଠିଆସି—ନେଉଛି ଆସି ।

୭୫ ପୃଷ୍ଠା

ମୃତ୍ୟୁ ମନୁଷ—ମୃତମନୁଷ୍ୟ ।

କେବେ—କୌଣସି କାଳେ । ସମ୍ମୁଖ—ସଦୟ । କହୁଛି ରେ ବାବା ପେଟ.. ....ଗଣ୍ଡକର ।—ଭନ୍ତୀକୁ ଦେଖି ତାକୁ କଣ କହିବ ବୋଲି ଶଙ୍ଖରୂପ ଚିନ୍ତାକୁଳ ହେଲା ମାତ୍ର ତାକୁ ତ ଭଗବାନ ସହାୟ ହୋଇ ଅଛନ୍ତି ସେ ନିଜ କଥା କହିଲା ଯେ ପେଟ ବଡ଼ କଷ୍ଟ ଦେଉଅଛି (ଏଣୁ ଏ ଶ୍ମଶାନ ଭୂମି ମଧ୍ୟ ଖାଇପକାଇଲି) । ଭନ୍ତୀ ବୁଝିଲା ମହାପୁରୁଷ ତା ନିଜ କଥା ଜାଣି କହିଲେ ସେ ପେଟବ୍ୟଥା ରୋଗରେ କଷ୍ଟ ପାଉଅଛି । ଏହା ଭାବି ଭନ୍ତୀ ଅତ୍ୟନ୍ତ କୃତଜ୍ଞ ଚିତ୍ତରେ କହିଲା ମୋ ଦୁଃଖ କଷ୍ଟ ତ ଜାଣି ସାରିଲଣି ଏବେ ମୋତେ ତହିଁରୁ ଉଦ୍ଧାର କର ।

ଅନ୍ୟାନ୍ୟ ଦର୍ଶକଙ୍କର ମଧ୍ୟ ସେହିକଥା । କନ୍ୟାବାପ ଦୁହିଁଙ୍କୁ ଶଙ୍ଖ ରୂପ କହିଲା, 'ଉଦର, କେ ବାହୁ ମୁ ଦଉଡ଼ିତ୍" ଅର୍ଥାତ୍ ଉଦର କଥାରେ ଦଉଡ଼ୁଛ । ସେମାନେ

ବୁଝିଲେ ମହାପୁରୁଷ କହିଲେ ଯେ, ତୁମେମାନେ ଉଦର କଥାରେ ଅର୍ଥାତ୍ ବନ୍ଧ୍ୟା ଦୋଷ ପ୍ରତିକାର ପାଇଁ ଦଉଡ଼ୁଛ । ଏବଂ ସେମାନେ ମହାପୁରୁଷଙ୍କୁ ସେଥିରୁ ଉଦ୍ଧାର କରିବା ପାଇଁ ପ୍ରାର୍ଥନା କଲେ ।

୭୬ ପୃଷ୍ଠା ।

ମନ୍ତ୍ରୀପୁଅର ଘୋଡ଼ାର ପେଟ ବେଦନା ବିଷୟରେ ମଧ୍ୟ ଠିକ ସେହିକଥା । ଶଙ୍କରୂପ ବୟସ୍ୟଙ୍କ ଏଥର ନିଷ୍ଟୟ ଭ୍ରାନ୍ତ ହୋଇଯିବ, ଏବଂ ବିକଳରେ କହି ପକାଇଲେ 'ସବ ସଙ୍କଟ ଜାନକୀରମନ ହରେ' ଅର୍ଥାତ୍ ଏଥର ରାହି ମଧୁସୂଦନ । ମନ୍ତ୍ରୀପୁଅ ତାକୁ ବୁଝିଲେ ମହାପୁରୁଷ କହୁଛନ୍ତି ଘୋଡ଼ାର ଯେପରି ବେଦନା ହୋଇଅଛି ସେଥିରେ ଭଗବାନଙ୍କ ଛଡ଼ା ଅନ୍ୟ କେହି ରକ୍ଷକ ନାହିଁ ତେଣୁ ସେ କହିଲେ ଏ ସଙ୍କଟ ଜାନକୀରମନ ହରଣ କରନ୍ତୁ । ମନ୍ତ୍ରୀପୁଅ ବୟସ୍ୟଙ୍କ ମହାଶକ୍ତିମାନ୍ ନ ହୋଇଥିଲେ ଏପରି କଥା କେହି କହି ପାରନ୍ତା ନାହିଁ ।

ସାଧବର କଥା ମଧ୍ୟ ସେହିପରି । ମୁଦା—କୌଣସି ଐଶ୍ୱର୍ଯ୍ୟବାନ୍ (ଶକ୍ତିମାନ) ବ୍ୟକ୍ତିଙ୍କ ଐଶ୍ୱର୍ଯ୍ୟ ପରୀକ୍ଷା କରିବା ପାଇଁ ଲୋକେ ହାତ ମୁଠାରେ କୌଣସି ଜିନିଷ ମୁଦି କରି ଧରି ହାତରେ କଣ ଅଛି ବୋଲି ତାଙ୍କୁ ପଚାରନ୍ତି । ହାତରେ ମୁଦା ହୋଇଥିବା ଜିନିଷକୁ ମୁଦା ବୋଲାଯାଏ । ସାଧବ ହାତରେ ମୁକ୍ତାହାର ଧରି କଣ ଅଛି ବୋଲି ପଚାରିଲେ, ଶଙ୍କରୂପ କହିବାର କଥା 'ଏଥର ତମପାଶରେ ହାରିଲି' ମାତ୍ର ସାଧବ ତାକୁ ବୁଝିଲେ ତମର ତହିଁରେ ହାର ଅଛି' ।

ବେଶାଇର ଗୁଲ—ବେଶାଇ ସାମଗ୍ରୀ । ବଡ଼ା—ପାଦର ଅଳଙ୍କାର ବିଶେଷ । ତାମ୍ବୁଲ ବଡ଼ଅବଟା—ଭଙ୍ଗାପାନ ପାଇଁ ବଟା । କୁସୁମ୍ବା ଘୋଟା—ଗଞ୍ଜେଇ ଘୋଟିବାର ଯାଗା, କେ ମୋହନା ଗଞ୍ଜା ଝଟଇ—ଗଞ୍ଜାଇ ଚିଲମ ଭିଅରି କରି ଯୋଗାଇ ଦେଉଛ, ତମାଖୁ ବଡ଼ା—ଧୂଆଁପତ୍ର ବଡ଼ା ।

୭୭ ପୃଷ୍ଠା ।

କଲି ଉଡ଼କା—ଉଡ଼ାଣ ଚୁକା । ସହନ—ମାର୍କିନ ଲୁଗା । କୁଷ୍ଠୀ—କୁଷ୍ଠ ରୋଗଗ୍ରସ୍ତ । କାମଲୀ—କାମଳ ରୋଗଗ୍ରସ୍ତ । ବମନ୍ଥା—ଅଳ୍ପଃସାର ଦୈନ୍ୟ—ଦୁର୍ବଳ । ରୋଦଗ୍ରୀ—ଜଳୋଦର ରୋଗଗ୍ରସ୍ତ । ଏକୁଅ ପାଳି—ପାଳିଜ୍ୱରଗ୍ରସ୍ତ । ଦୈତ୍ୟ-ପାଗୋଳି—ଦୈତ୍ୟଗ୍ରସ୍ତ, ପାଗଲ ? ଅଗଛଟା—ଧନୁଷ୍ଟଙ୍କାର ବା ମୁଣ୍ଡବୁଲା ରୋଗୀ ? ବାର୍ଦ୍ଧ-ମବ ରୋଗୀ ? କମଳଖିଆ—ଘୋଷିଭୁଟା ? ହଜଣୀ ? କାନକୁଟୁସ୍ସ—କାନରେ କାଚ କୁଟୁରୁ ପୋକ ଥିବା ରୋଗୀ ।

ତୁଲଣା—ଟୀଥକୁ ଅପର ଡାକ, ତୁର୍ଲାଲିଭା ଶବଙ୍କ । 'ଧାଇଁଲେ ଶଙ୍ଖ.... ନଚଅ ମାନ ଥୋଇ' ।—ଏହି ସବୁରୁ ମନେ ହୁଏ ପ୍ରାୟ ତୁଇଶତ ବର୍ଷତଳେ ଗ୍ରନ୍ଥକାରଙ୍କ ସମୟରେ ମଧ୍ୟ ଉତ୍କଳର ସାମାଜିକ ଜୀବନରେ ଗ୍ରାମ୍ୟ ସରଳ ବିଶ୍ୱାସ ପଦରେ ଅଜିକାଲି ଠାରୁ ବିଶେଷ ପାର୍ଥକ୍ୟ ନଥିଲା । ଅର୍ଘ୍ୟା—ଅଙ୍କା ।

୭୮ ପୃଷ୍ଠା ।

ନିଜ ଅମ୍ଭ ମେଲି କଥା କହି ଦେଇ ଯାଏ—ଯଦି ଅମ ମେଲି କଥା କହି ଦିଏ ବା କହି ଦେବ ବା କହି ଦେଇ ଥାଏ ।

(ମନେହୁଏ କବି ଏହା କଥା ସରିତ୍ ସାଗରରୁ ଗ୍ରହଣ କରି ଥାଇ ପାରନ୍ତି ।)

ପାଦ ଗଛରେ—ପଦବୃକ୍ଷରେ । ଗୋସାଇଁ ନିଜ....କହିଦେଇ ଥାଇ ।—ଗୋସାଇଁ ଅମ ମେଲିକଥା କହିଦେଇଛନ୍ତି କି ବା କହିଦେବେ କି ?

୭୯ ପୃଷ୍ଠା ।

ଖାତିର ଜମା—(ଅରବି—ଖାତିର + ପାରଶୀ—ଜମା) ନିଶ୍ଚିନ୍ତି, ଦିଲ ଜମଇ । ମନବୋଧ, ସନ୍ତୋଷ, Statisfaction of mind regarding—. ଦିଅନ ହାତରେ କଅଫୁଲ ଥିଲା ଅଉ ରଜା ହାତଯୋଡ଼ି କହିଲେ ମହାପୁରୁଷ କିଛି ହୁକୁମ କରନ୍ତୁ ଯେପରି ମନ ଖୁସି ହୋଇ ଯିବ । ଖଦିରୂପ ଏହା ଶୁଣି ମନେ ମନେ ହାହି ହାହି ତାଙ୍କ ଗୁଡ଼ି ଶେଷ-ଶରଣ ଧର୍ମ୍ମ ସ୍ମରଣ କରି ଭୟରେ ରଜାଙ୍କ ଅଡ଼କୁ ନ ଚାହିଁ ମେଲିଅ ଦୁଇ ଜଣ ଥିବା ଦିଗକୁ ଚାହିଁ କହିଲେ 'ରଜାକୁ ମାରି ଇଚ୍ଛା ତୁମ୍ଭର, ଦିଅନ ହିଁ ଯହିଁ କଅ ବଉର' । ଏଥିର ଅର୍ଥ ବିଭିନ୍ନ ଲୋକ ବିଭିନ୍ନ ପ୍ରକାରେ ବୁଝିଲେ, ଖଦିରୂପର କହିବାର ଉଦ୍ଦେଶ୍ୟ—ରାଜକୁମାର ମୋତେ ରଖ ମାରି ଏଥର ତମର ଇଚ୍ଛା ଅଉ ଦିଅନ ଯେମିତ ଇଚ୍ଛା ବା ବଉର କରନ୍ତୁ' । ରଜା ଓ ଦିଅନ ବୁଝିଲେ ମହାପୁରୁଷ କହୁଛନ୍ତି 'ରଜା କୁମାର ପ୍ରାପ୍ତି ଇଚ୍ଛା କରୁଛନ୍ତି ଏବଂ ଦିଅନଙ୍କ ହାତରେ କଅ ଫୁଲ ଅଛି' । ମେଲିଅମାନଙ୍କ ଅଡକୁ ଚାହିଁ କହୁଥିବାରୁ ସେମାନେ ବୁଝିଲେ ମହାପୁରୁଷ ସେମାନଙ୍କୁ କହୁଛନ୍ତି 'ରଜାଙ୍କୁ ମାରିବାକୁ ତମମାନଙ୍କର ଇଚ୍ଛା ।'

ରଜା ଓ ଦିଅନ ନିଜ ମନ କଥା ମହାପୁରୁଷ କହିଦେଲେ ଭାବି ତାଙ୍କ ପାଦ ତଳେ ପଡ଼ିଲେ । ତାହା ଦେଖି ମେଲିଅ ଦୁଇଜଣ ଭାବିଲେ ମହାପୁରୁଷଙ୍କ କହି ଦେବା ମତେ ରଜା ଅମ ମେଳି କଥା ବୁଝି ସାରିଲେଣି, ଏଣୁ ସେ ଦୁଇଜଣ ଭୟରେ ଥରି ଥରି କହିଲେ 'ଅମେ ଦୁଇଜଣଙ୍କ ଛଡ଼ା ଅନ୍ତୁରି ଅନେକେ ମଧ୍ୟ ଏ ମେଲିରେ ଅଛନ୍ତି,

ସେମାନେ ତେଣେ ବସିଛନ୍ତି, ତାଙ୍କୁ ଧରାଇ ଆଣନ୍ତୁ ।’ ରାଜା ଏ କଥା ଶୁଣି ଚମତ୍କୃତ ହେଲେ ଓ ସମସ୍ତ ମେଳିଆଙ୍କୁ ଧରାଇ ଆଣି ଦଣ୍ଡ ଦେଲେ । ଶଙ୍ଖରୂପର ଭାଗ୍ୟ ଫେରିଗଲା । ରାଜା ତାଠାରୁ ମନ୍ତ୍ର ନେଇ ତାଙ୍କୁ ରାଜଗୁରୁ କଲେ ।

୮୧ ପୃଷ୍ଠା

ଦାରୁ ନିର୍ମାଣକାରୀ—ଜଗନ୍ନାଥ ମୂର୍ତ୍ତି ନିର୍ମାଣକାରୀ, ଅନ୍ୟପକ୍ଷେ ମଦ୍ୟ ପ୍ରସ୍ତୁତକାରୀ । ସୁରବଳି ଭାଗ—ଦେବତାମାନଙ୍କ ଅବୟବର ଅନୁପାତକ ମାପ, ଅନ୍ୟପକ୍ଷେ ମଦ୍ୟର ଉପକରଣ ସବୁର ଅନୁପାତକ ମାପ । ଅନୁରୂପକରି—ଅନୁସାରେ । ଗ୍ରାହକ ଦେଖି ତଦନୁରୂପ ପ୍ରସ୍ତୁତ କରାଯାଏ । ଗ୍ରାହକ ଉଚ୍ଚ ଦରର ହେଲେ, ଅଧିକ ମୂଲ୍ୟ ମିଳିବାର ଆଶା ଥିଲେ ତାହାପାଇଁ ତଦନୁରୂପ ପ୍ରସ୍ତୁତ କରାଯାଏ । ଯାହାଠାରୁ ଅଧିକ ମୂଲ୍ୟ ମିଳିବାର ଆଶା ନାହିଁ ତାହାପାଇଁ କମ୍ଦରର ଜିନିଷ କରି ଦିଆଯାଏ ।

୮୨ ପୃଷ୍ଠା

ସେବା କରିବା—ଜ୍ୟୋତିପୁଞ୍ଜ କହିଲେ ଆମ୍ଭେ ଦେବ ସେବା କରୁଁ, ତଦ୍ରୂପ ଶୁଣି ବୁଝିଲେ ସେ କହିଲେ ସେ ମଧ୍ୟ ସେବା କରିବେ । ଦେବୀପୁତ୍ର—ଶାକ୍ତ, ତାନ୍ତ୍ରିକ, ସୁରାସକ୍ତ । ଉପାସନାମାର୍ଗ—ତନ୍ତ୍ରାର ପ୍ରଣାଳୀ, ବାମାଚାର ମାର୍ଗ । କ୍ଷୀଣ ବସନ—ସୂକ୍ଷ୍ମ ବସ୍ତ୍ର । ଅର୍ଘ୍ୟ—ଅଞ୍ଜଳି ।

୮୩ ପୃଷ୍ଠା

ମନେ ନ ଥିଲା କଥା—ଯେଉଁ କଥା ଘଟିବ ବୋଲି କେହି କେବେ ଭାବି ନ ଥାଏ, ସେପରି କଥା ।

ଅନ୍ତର ନ ରଖିଲେ—ପାର୍ଥକ୍ୟ ରଖିଲେ ନାହିଁ, ସନ୍ଦେହ ରଖିଲେ ନାହିଁ, ନିଜର ଲୋକ ବୋଲି ଭାବି ମିଳିମିଶି ଚଳିଲେ ।

ବାହାରକୁ ଯାଇଥିଲି—ବହିର୍ଦ୍ଦେଶ ଯାଇଥିଲି, had been to answer the call of nature. ନିଅନ୍ତାଇଁ—ନିଅନ୍ତେ । ବାହାର କରି ଦିଅଇଁ—ବାହାର କରି ଦେବ ।

୮୪ ପୃଷ୍ଠା

ତାଟକା ହୋଇ—ଅବା କାବା ହୋଇ, କିଂକର୍ତ୍ତବ୍ୟବିମୂଢ଼ ହୋଇ, Became nunplussed ହାଥ—ହାତ, (ପ୍ରାଚୀନ ପ୍ରୟୋଗ) । ଅପଣେ

କର—ଅପଣ ସଙ୍ଗେ ଦ୍ୱିତୀୟ ପୁରୁଷ ଏକ ବଚନର କ୍ରିୟାର ବ୍ୟବହାର, ପ୍ରାଚୀନ-ପ୍ରୟୋଗ । ଯଥା -ଅପଣ ବଢ଼େଇକର, ଅପଣ କହ, ଅପଣ କ ଦ୍ରବ୍ୟ ଖାଅ ଇତ୍ୟାଦି ।

ତୁ ଯାଇଁ....ଘଡ଼ି ଅଛେ ।—ତୁ ଦେ, ତୁ ଅଛେ ଇତ୍ୟାଦି ପ୍ରାଚୀନ ପ୍ରୟୋଗ ।

୮୫ ପୃଷ୍ଠା

ଉରସ୍ତ—ବସ୍ତ । ନେଉଛିବ—ଲେଉଛିବ ।

ଦୁଷ୍ଟ ପ୍ରୀତି

ଅମଣ୍ଡନ କରିବାକୁ—ଆକର୍ଷଣ କରିବାକୁ, ଟାଣିବାକୁ । ସେ ପଥ ନ ଚଳିଲା—ସେ ବାଟରେ କେହି ଗଲେ ନାହିଁ, ସେ ବାଟ ବନ୍ଦ ହୋଇଗଲା । ପଥ ଚଳିବା ପ୍ରୟୋଗଟି କବିଙ୍କର ବଡ଼ ପ୍ରିୟ । ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ ମଧ୍ୟ ଏହାର ପ୍ରୟୋଗ କରିଅଛନ୍ତି । ଯଥା

'ଅସ୍ତ୍ରନ ଚଳିଲା ହେଲେ ପଣ୍ଡିକ ବାହାର' । ଅମ୍ବିକା ବିଳାସ, ୩୧ । ୩ । 'ବଣିବାରର ଗଲା ବାଟ ପଡ଼ନ ଯେ' । ବରଷଣା, '୭ । 'କ୍ରମେ ଶେଷ ହେଲା ବରଷା କାଳ, ପଥହିଁ ଚଳିଲା ଶୁଖନ୍ତେ ଜଳ । ' ସମର ତରଙ୍ଗ, ୧ । ୨୭ ।

୮୬ ପୃଷ୍ଠା

ଅଭଯାଚ ହେବାକୁ—ଅସ ଯାଅ ହେବାକୁ । ସଚ—ସ୍ୱଧା ।

ସାରଣା କରି—ବାଣ୍ଟିକରି, ଭାଗକରି, ମାଗଣ କରି, having subscirbed ?

୮୭ ପୃଷ୍ଠା

ନୀଚ ପ୍ରୀତି

ଏହାଠାରୁ ପ୍ରତି—ଏହାଠାରୁ ବା ଏହାପ୍ରତି (ପ୍ରାଚୀନ ପ୍ରୟୋଗ ଯଥା ତାକୁପ୍ରତି ଏଟା ବେଶୀ ସୁନ୍ଦର ଦଶୁଛି) ।

ତୁମ୍ଭ ମୋ ପ୍ରୀତିପଣ ହେଲା—ପ୍ରୀତିହେଲା । ମିତ୍ରତା ହେଲା ।

୮୮ ପୃଷ୍ଠା

କାର୍ଯ୍ୟ—କାର୍ଯ୍ୟ ।

କୁତ୍ସା—ଅପବାଦ ।

୯୦ ପୃଷ୍ଠା

ସହଜ ପ୍ରୀତି

ସେ ଶ୍ରେଣୀ ଜାତ ପଦ୍ମିନୀ—ସେ ପଦ୍ମିନୀ ଜାତୀୟା ସ୍ତ୍ରୀ । ପଦ୍ମିନୀ ସ୍ତ୍ରୀ ଯଥା—

ଭବତି କମଲନେତ୍ରା ନାସିକା କ୍ଷୁଦ୍ରରନ୍ଧ୍ରା
ଅବିରଳ କୁଚଯୁଗ୍ମା ଚାରୁକେଶୀ କୃଶାଙ୍ଗୀ
ମୃଦୁବଚନ ସୁଶୀଲା ଗୀତ ବାଦ୍ୟାନୁରକ୍ତା
ସକଲ ତନୁ ସୁବେଶା ପଦ୍ମିନୀ ପଦ୍ମଗନ୍ଧା
—ରତି ମଞ୍ଜରୀ ।

ମାଜଣା—ମାର୍ଜନା, ସ୍ନାନ ।

୯୧ ପୃଷ୍ଠା

କାର୍ଯ୍ୟଧେନା ପ୍ରୀତି

ନିତ୍ୟାନି—ନିତ, ପ୍ରତିଦିନ । ସଂପୂର୍ଣ୍ଣ ମାସରେ—ଠିକ ସମୟରେ । କୁଣ୍ଡାଏ—ପାଏ, ଅଳ୍ପ ପରିମାଣ । ମଧୁର ଲୋଭେ—ଦୁଗ୍ଧର ମିଷ୍ଟତା ଲୋଭରେ ।

ଓଲେଇ—ଉଚ୍ଛୃଙ୍ଖଳା, ଉଦ୍ଦାମ ଶବ୍ଦକ ।

୯୨ ପୃଷ୍ଠା

ପ୍ରବଳ ଶଠ ପ୍ରୀତି

ସହିବ କଷ୍ଟ—ସମ୍ଭବ ହେଉ ନାହିଁ । ଗୁଙ୍ଗଡା ଘର—ଗନ୍ତାଘର, ଭଣ୍ଡାରଘର । ଅଡଯାତ କରିବୁ—ବ୍ୟବହାର କରିବୁ, ଦଅନିଆ କରିବୁ, ଚଳାଇବୁ ।

ଗୁଙ୍ଗଡ଼ାଘର ଶାଢ଼ୀ ବାନ୍ଧେ—ସକୋଡ଼ାରେ ପ୍ରାଚୀନ କାଳର ପ୍ରଥା ଅନୁସାରେ କୌଣସି କର୍ମଚାରୀର ପ୍ରଥମ ନିଯୁକ୍ତି ବେଳେ ତାକୁ କୌଣସି ଲିଖିତ ନିଯୁକ୍ତି ପତ୍ର ଦେବା ପରିବର୍ତ୍ତେ ତାହା ମୁଣ୍ଡରେ ଗଣ୍ଡିଏ ଶାଢ଼ୀ ବାନ୍ଧି ଦିଆଯାଏ ଓ ଅନ୍ୟାନ୍ୟ ଆନୁଷ୍ଠାନିକ ପ୍ରଥା ପାଳନ କରାଯାଏ ।

ମେଳାପ କର—ଘନିଷ୍ଠ ଭାବରେ ମିଳିକରି ।

୯୩ ପୃଷ୍ଠା

ସହସ୍ର ବ୍ରତ—ବ୍ରତ ବିଶେଷ । ସ୍ତ୍ରୀଙ୍କ ଅବଶ୍ୟ ପାଳନୀୟ ହେଲେହେଁ ପୁରୁଷମାନେ ମଧ୍ୟ ପାଳନ କରନ୍ତି । ପାଞ୍ଚ ପୃଷ୍ଠାର ଟୀକା ଦେଖ ।

ବିଧାଣ—ବିଧାନ, ରଚନା, ନିର୍ମାଣ ।

ଅଚ୍ୟା—ଅଜ୍ଞ, ଅଦେଶ ।

୯୪ ପୃଷ୍ଠା

ଦୁଃଖିତ ଜଣେ—ଦୁଃଖୀ ଜଣେ (ପ୍ରାଚୀନ ପ୍ରୟୋଗ) । ଭୂଷଣ ହୋଇ—ଭୂଷିତ ହୋଇ । ଭୂଷଣମାନ - ଅଳଙ୍କାର ମାନ । ଅଲଭ୍ୟରେ—ସହଜରେ, ଯେପରି ଲାଭ ନ ହେବାର କଥା, ଯେପରି ନ ପାଇବାର କଥା ସେହିପରି ସ୍ଥଳରେ ।

୯୫ ପୃଷ୍ଠା

ବ୍ୟାପାର—ବେପାର, ବ୍ୟବସାୟ । ସର୍ବପ୍ରକାଶ ହେଲା—ସବୁ ଶେଷହେଲା, ପ୍ରକଟ ହେଲା ।

Printed at the Orissa Mission Press, Cuttack, by Rev. E. R. Lazarus.